# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୭/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 7/2023 Page 16 ₹ 7.00

୪୯ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 313 ମୂଲ୍ୟ₹୭/-





# ସିଡବ୍ଲ୍ୟୁସି ରିପୋର୍ଟକୁ ଅଣଦେଖା ମହଙ୍ଗା ପଡ଼ିଲା

ନୂଆଦିଲ୍ଲୀ,୬।୧୦(ପି.ଟି.)

ସିକିମ୍‌ରେ ବାଦଲଫଟା ବର୍ଷା ସାଙ୍ଗକୁ ହିମ ହ୍ରଦ ମାଡ଼ିଆସିବାରୁ ଅଚାନକ ବନ୍ୟା ଆସି ୭ ଯବାନଙ୍କ ସମେତ ଅନ୍ୟୂନ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ହଜାର ହଜାର ଲୋକ ଫସିରହିଥିବାରୁ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟାର ୩ ଦିନ ପରେ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଛି। ତିସ୍ତା ନଦୀରୁ ପାଣି କମିବା ପରେ ୨୨ ମୃତଦେହ ମିଳିଲାଣି। ଲାଚେନ ଏବଂ ଲାଚୁଙ୍ଗରେ ପ୍ରାୟ ୩,୦୦୦ ଲୋକ ଅଟକି ରହିଛନ୍ତି। ସେଠାକୁ ମୋଟରସାଇକେଲରେ ଯାଇଥିବା ୩,୧୫୦ ଜଣ ବନ୍ୟା ଯୋଗୁ ଫସିରହିଛନ୍ତି। ସ୍ଥଳସେନା ଓ ବାୟୁସେନା ହେଲିକପ୍ଟର ଯୋଗେ ସେମାନଙ୍କୁ ଉଦ୍ଧାର କରାଯିବ ବୋଲି ସିକିମ୍ ମୁଖ୍ୟ ସଚିବ ବିଜୟ ଭୂଷଣ ପାଠକ କହିଛନ୍ତି। ଆଉ ଏକ ଗ୍ଲେସିୟର ହ୍ରଦ ଭୁଶୁଡ଼ିବା ଆଶଙ୍କା ଥିବାରୁ ପର୍ଯ୍ୟଟକମାନେ ବର୍ତ୍ତମାନ ପାଇଁ ସିକିମ ନ ଆସିବାକୁ ପରାମର୍ଶ ଦିଆଯାଇଛି। ପୂର୍ବ ସରକାର ସମୟରେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଚୁଙ୍ଗଥାଙ୍ଗ ଡ୍ୟାମ୍ ଭାଙ୍ଗିଲା ବୋଲି ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତାମାଙ୍ଗ କହିଛନ୍ତି।

ଗ୍ଲେସିୟର ହ୍ରଦ ଉଚ୍ଛୁଳି ସିକିମ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିବା ସମ୍ଭାବନା ସମ୍ପର୍କରେ ଅତୀତରେ ଅନେକ ଗବେଷଣା କରାଯାଇଥିଲା। ୨୦୧୫ରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଦ୍ୱାରା କରାଯାଇଥିବା ଅଧ୍ୟୟନରେ ତିସ୍ତା ନଦୀ ଉପରେ ନିର୍ମିତ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତି ବିପଦ ଥିବା ରାଜ୍ୟ ସରକାରଙ୍କୁ ସ୍ପଷ୍ଟ ଭାବେ ସତର୍କ କରିଦିଆଯାଇଥିଲା। ବନ୍ଧ ଭାଙ୍ଗି ଲୋନାକ ହ୍ରଦର ଗଚ୍ଛିତ ଜଳ ମାଡ଼ିଆସିବାରୁ ଗତ ୪ ତାରିଖରେ ତିସ୍ତା ନଦୀ ଅବବାହିକାରେ ହଠାତ୍ ଜଳସ୍ତର ଅତ୍ୟଧିକ ବଢ଼ିଯାଇଥିଲା। ଫଳରେ ଅଚାନକ ବନ୍ୟାରେ ମାଙ୍ଗନ, ଗାଙ୍ଗଟକ୍, ପକ୍ୟୋଙ୍ଗ ଏବଂ ନାମଚି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ରିପୋର୍ଟ ଅନୁଯାୟୀ ୭ ଯବାନଙ୍କ ସମେତ ୨୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୩ ନିଖୋଜ ଅଛନ୍ତି। ହିମ ହ୍ରଦ ମାଡ଼ିଆସିବାରୁ ତିସ୍ତା ନଦୀରେ ୧,୨୦୦ ମେଗାୱାଟ୍ ଜଳବିଦ୍ୟୁତ୍ ପ୍ରକଳ୍ପର ମୁଖ୍ୟ ଅଙ୍ଗ ଚୁଙ୍ଗଥାଙ୍ଗ୍ ଡ୍ୟାମ୍ ଭାଙ୍ଗିଯାଇଥିଲା। ସିଡବ୍ଲ୍ୟୁସି ରିପୋର୍ଟରେ ହିମ ହ୍ରଦ ବନ୍ୟା ତିସ୍ତା ଅବବାହିକା ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ବିପଦ ବୋଲି କୁହାଯାଇଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରିଥିଲେ। ଉକ୍ତ ହ୍ରଦ ସେକେଣ୍ଡ ପ୍ରତି ୬,୨୧୦ ଘନମିଟର ଜଳ ଛାଡ଼ିବ, ଯାହା ଦୁଇ ଘଣ୍ଟା ମଧ୍ୟରେ ଚୁଙ୍ଗଥାଙ୍ଗ ଓ ତିସ୍ତା-୩ ପ୍ରୋଜେକ୍ଟରେ ପହଞ୍ଚିପାରିବ ବୋଲି ରିପୋର୍ଟରେ କୁହାଯାଇଥିଲା। ଏହା ହେଲେ ତିସ୍ତା ନଦୀ ଜଳସ୍ତର ୪.୪୫ ମିଟର ବଢ଼ିଯିବା ସମ୍ଭାବନା ଥିବା ରିପୋର୍ଟରେ ସତର୍କ କରିଦିଆଯାଇଥିଲା। ରିପୋର୍ଟ ଆଧାରରେ ଜଳବିଦ୍ୟୁତ୍ ପ୍ରକଳ୍ପ କର୍ତ୍ତୃପକ୍ଷ ହ୍ରଦ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଏହା ଯେପରି ନ ଭାଙ୍ଗିବ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାର ଥିଲା। ଅଚାନକ ବନ୍ୟାଜନିତ ସ୍ଥିତିର ମୁକାବିଲା ପାଇଁ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓରକୁ ବିକଶିତ କରିବା ଲାଗି ରିପୋର୍ଟରେ ସୁପାରିସ କରାଯାଇଥିଲା। ବାରମ୍ବାର ସତର୍କ କରାଇବା ସତ୍ତ୍ୱେ କର୍ତ୍ତୃପକ୍ଷ ଆଗୁଆ ବ୍ୟବସ୍ଥା କରିବାରେ ବିଫଳ ହେଲେ ବୋଲି ବିଶେଷଜ୍ଞମାନେ କହିଛନ୍ତି।



**ସିକିମ୍ ବନ୍ୟା**

- ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି
- ତିସ୍ତାରୁ ମିଳିଲାଣି ୨୨ ମୃତଦେହ
- ନିମ୍ନମାନର ଡ୍ୟାମ୍‌କୁ ଦାୟୀ କଲେ ମୁଖ୍ୟମନ୍ତ୍ରୀ

## ସଞ୍ଜୟ ସିଂଙ୍କ ୨ ସହଯୋଗୀଙ୍କୁ ଇଡି ସମନ

ନୂଆଦିଲ୍ଲୀ,୬।୧୦(ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂଙ୍କ ଦୁଇ ସହଯୋଗୀଙ୍କୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ସର୍ବେଶ ମିଶ୍ରା ଏବଂ ବିବେକ ତ୍ୟାଗୀଙ୍କୁ ଇଡି କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ କୁହାଯାଇଛି। ତଦନ୍ତ ସମୟରେ ଇଡି ହାତରେ ଲାଗିଥିବା ତଥ୍ୟ ପ୍ରମାଣ ଉପରେ ମିଶ୍ରା ଓ ତ୍ୟାଗୀଙ୍କୁ ପ୍ରଶ୍ନ କରାଯିବ। ସେମାନଙ୍କୁ ସଞ୍ଜୟ ସିଂଙ୍କ ସହ ମୁହାଁମୁହିଁ ଜେରା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ତଦନ୍ତକାରୀ ସଂସ୍ଥା ସେମାନଙ୍କ ବୟାନ ରେକର୍ଡ କରିବ। ସଞ୍ଜୟଙ୍କୁ ବୁଧବାର ଗିରଫ କରାଯାଇଥିବାବେଳେ ଦିଲ୍ଲୀର ଏକ ଅଦାଲତ ତାଙ୍କୁ ୫ ଦିନିଆ ଇଡି ରିମାଣ୍ଡରେ ପଠାଇଛନ୍ତି। ରାଜ୍ୟ ସଭା ସଦସ୍ୟ ସଞ୍ଜୟଙ୍କୁ ଅଭିଯୁକ୍ତ ବ୍ୟବସାୟୀ ଦିନେଶ ଆରୋରା ଦୁଇଥରରେ ୨ କୋଟି ଟଙ୍କା ଦେଇଥିବା ଇଡି ଅଭିଯୋଗ କରିଥିବାବେଳେ ଏଏପି ନେତା ଏହାକୁ ଖଣ୍ଡନ କରିଛନ୍ତି।

## ସଂକ୍ଷେପରେ

### ଭାରତରୁ କୂଟନୀତିଜ୍ଞଙ୍କୁ ସ୍ଥାନାନ୍ତର କଲା କାନାଡା

**ନୂଆଦିଲ୍ଲୀ,୬।୧୦:** ଖଲିସ୍ତାନୀ ନେତା ହରଦୀପ୍ ସିଂ ନିଜ୍ଜର ହତ୍ୟା ଘଟଣାରେ ଭାରତ ସମ୍ପୃକ୍ତ ଥିବା କାନାଡା ଅଭିଯୋଗ କରିବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ବିବାଦ ଶୀର୍ଷରେ ପହଞ୍ଚିଛି। କାନାଡା ନୂଆଦିଲ୍ଲୀରେ ଥିବା ତା'ର କୂଟନୀତିଜ୍ଞମାନଙ୍କୁ ମାଲେସିଆ କିମ୍ବା ସିଙ୍ଗାପୁର ସ୍ଥାନାନ୍ତର କରିଦେଇଛି। ନୂଆଦିଲ୍ଲୀ ପୂର୍ବରୁ ଅଧିକାଂଶ ଭାରତୀୟ କୂଟନୀତିଜ୍ଞଙ୍କୁ କାନାଡାରୁ ପ୍ରତ୍ୟାହାର କରି ଆଣିବା ସହ ସେମାନେ କୂଟନୀତିଜ୍ଞ ହ୍ରାସ କରିବାକୁ ସଙ୍କେତ ଦେଇଥିଲା। କାନାଡା କୂଟନୀତିଜ୍ଞମାନେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଥିବାରୁ ସେମାନଙ୍କ ସଂଖ୍ୟା କମିବା ଆବଶ୍ୟକ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଥିଲା। ଦିଲ୍ଲୀ ବାହାରେ ନିୟୋଜିତ ଅଧିକାଂଶ କାନାଡା କୂଟନୀତିଜ୍ଞଙ୍କୁ କୁଆଲାଲମ୍ପୁର କିମ୍ବା ସିଙ୍ଗାପୁର ନିଆଯାଇଥିବା ସେଠାର ଗଣମାଧ୍ୟମ ପ୍ରକାଶ କରିଛି।

### ନିର୍ବାଚନକୁ ହିଂସାମୁକ୍ତ କରିବାକୁ ସିଇସିଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୬।୧୦(ପି.ଟି.):** ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନ (ସିଇସି) ରାଜୀବ କୁମାର ଶୁକ୍ରବାର ପର୍ଯ୍ୟବେକ୍ଷକମାନଙ୍କ ସହ ବୈଠକ କରିଥିଲେ। ଅର୍ଥବଳକୁ ଠିକ୍ ଭାବେ ନିୟନ୍ତ୍ରଣ କରିବା ସହ ନିର୍ବାଚନ ଯେପରି ହିଂସାମୁକ୍ତ ହେବ, ତାହା ସୁନିଶ୍ଚିତ କରିବା ଲାଗି ସିଇସି ପର୍ଯ୍ୟବେକ୍ଷକମାନଙ୍କୁ କହିଛନ୍ତି। ପୋଲିସ, ସାଧାରଣ ଓ ବ୍ୟୟ ପର୍ଯ୍ୟବେକ୍ଷକମାନଙ୍କ ଦିବସବ୍ୟାପୀ ବୈଠକରେ ଆଦର୍ଶ ଆଚରଣ ବିଧିର ସଫଳ କାର୍ଯ୍ୟକାରିତା, ନିର୍ବାଚନ ପ୍ରଚାରକୁ ଅର୍ଥ ଓ ବାହୁବଳ ଯେପରି ପ୍ରଭାବିତ ନ କରେ, ସେଥିପାଇଁ ରଣକୌଶଳ ଆପଣାଇବା ଉପରେ ଜୋର୍ ଦିଆଯାଇଥିଲା। ଆଗାମୀ ନଭେମ୍ବର-ଡିସେମ୍ବରରେ ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା ଓ ମିଜୋରାମରେ ନିର୍ବାଚନ ହୋଇପାରେ।

### ଭାରତୀୟ ବଂଶୋଦ୍ଭବ ଦମ୍ପତି, ୨ ପିଲାଙ୍କ ସନ୍ଦେହଜନକ ମୃତ୍ୟୁ

**ନ୍ୟୁୟର୍କ,୬।୧୦(ପି.ଟି.):** ଆମେରିକାର ନ୍ୟୁଜର୍ସିସ୍ଥିତ ଘରୁ ଭାରତୀୟ ବଂଶୋଦ୍ଭବ ଦମ୍ପତି ଓ ସେମାନଙ୍କ ଦୁଇ ପିଲାଙ୍କ ମୃତଦେହ ମିଳିଛି। ହତ୍ୟା ସନ୍ଦେହ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ବୁଧବାର ଅପରାହ୍ନ ୪ଟା ୩୦ରେ ତେଜପ୍ରତାପ ସିଂ (୪୩) ଓ ସୋନାଲ ପରିହାର(୪୨)ଙ୍କ ସମେତ ସେମାନଙ୍କ ୧୦ ବର୍ଷ ଓ ୬ ବର୍ଷର ଦୁଇ ପୁଅଙ୍କ ମୃତଦେହ ସେମାନଙ୍କ ପ୍ଲେନ୍‌ସ୍‌ବୋରୋ ଘରୁ ମିଳିଥିଲା।

### ଶିକ୍ଷକଙ୍କୁ ଗୁଳିକଲେ ଛାତ୍ର

**ଲକ୍ଷ୍ନୌ,୬।୧୦:** ଉତ୍ତରପ୍ରଦେଶର ଆଗ୍ରାରେ ଦୁଇ ଛାତ୍ର ସେମାନଙ୍କ ଶିକ୍ଷକଙ୍କ ଗୋଡ଼କୁ ଗୁଳି ଚଳାଇବା ସହ ଏହାର ଭିଡିଓ ରେକର୍ଡ କରିଛନ୍ତି, ଯେଉଁଥିରେ ସେମାନେ ନିଜକୁ 'ଗ୍ୟାଙ୍ଗଷ୍ଟର'ର ପରିଚୟ ଦେଇଛନ୍ତି। ଭାଇରାଲ ଭିଡିଓରେ ସମ୍ପୃକ୍ତ ଛାତ୍ର ଶିକ୍ଷକଙ୍କୁ ଆଉ ୩୯ ଥର ଗୁଳି କରିବା ଲାଗି ଧମକ ଦେଇଛନ୍ତି। ସୁମିତ୍ ନାମକ ଉକ୍ତ ଶିକ୍ଷକ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପୋଲିସ ଅଭିଯୁକ୍ତ ଛାତ୍ରଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଛାତ୍ରଦ୍ୱୟ ୬ ମାସ ପରେ ଫେରି ଶିକ୍ଷକଙ୍କୁ ଗୁଳିକରିବେ ବୋଲି ଭିଡିଓରେ କହିଥିଲେ। ଶିକ୍ଷକଙ୍କୁ ୪୦ ଥର ଗୁଳି କରିବାର ଅଛି। ଆଉ ୩୯ ଥର ବାକି ରହିଲା ବୋଲି ଗିରଫ ଛାତ୍ର ଭିଡିଓରେ କହିଥିବା ଶୁଣିବାକୁ ମିଳିଛି।

## ମୁମ୍ବାଇ ବିଲ୍ଡିଂରେ ନିଆଁ: ୭ ମୃତ, ୬୦ ଆହତ



ମୁମ୍ବାଇ,୬।୧୦(ପି.ଟି.)

ମୁମ୍ବାଇର ଗୋରେଗାଁଓ ଅଞ୍ଚଳରେ ଥିବା ଏକ ଆବାସିକ ଅଟ୍ଟାଳିକାରେ ଶୁକ୍ରବାର ଭୋର ସମୟରେ ନିଆଁଲାଗି ୨ ଶିଶୁଙ୍କ ସମେତ ୭ ଜଣ ପ୍ରାଣ ହରାଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଉକ୍ତ ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ଅଗ୍ନି ନିର୍ବାପନ ବ୍ୟବସ୍ଥା ନ ଥିଲା ବୋଲି ମୁମ୍ବାଇର ଫାୟାର ବ୍ରିଗେଡ୍ ମୁଖ୍ୟ କହିଛନ୍ତି। ୭ ମହଲା ବିଶିଷ୍ଟ ବିଲ୍ଡିଂରୁ ୩୦ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକମାନଙ୍କ ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଆହତମାନଙ୍କୁ ସରକାରୀ ଖର୍ଚ୍ଚରେ ଚିକିତ୍ସା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗୋରେଗାଁଓ ୱେଷ୍ଟର ଉନ୍ନତ ନଗରଠାରେ ଥିବା 'ଜୟ ଭବାନୀ ଏସ୍‌ଆର୍‌ଏ ବିଲ୍ଡିଂ'ରେ ରାତି ୩ଟାରେ ନିଆଁ ଲାଗିଥିଲା। ନିଆଁରେ ପୋଡ଼ିହୋଇ ଆହତ ୬୮ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ଘଟିଥିଲା।

**ନ୍ୟୁଜ୍‌କ୍ଲିକ୍ ଚଢ଼ାଉ**

## ଭାରତ ବିରୋଧୀ ପ୍ରଚାର ପାଇଁ ଚାଇନାରୁ ଆସୁଥିଲା ପାଣ୍ଠି

ନୂଆଦିଲ୍ଲୀ,୬।୧୦

ନ୍ୟୁଜ୍‌କ୍ଲିକ୍ ପୋର୍ଟାଲ ବିରୋଧରେ ଦିଲ୍ଲୀ ପୋଲିସ ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏରେ ଏତଲା ଦାଏର କରିଛି। ଏତଲା ଅନୁଯାୟୀ ଚାଇନାର ଟେଲିକମ୍ ବ୍ୟବସାୟୀ ଭାରତରେ ହଜାର ହଜାର ସେଲ୍ କମ୍ପାନୀ ଚଳାଇଛନ୍ତି। ଦେଶର ସାର୍ବଭୌମତ୍ୱ ପ୍ରତି ବ୍ୟାଘାତ ସୃଷ୍ଟି କରିବା ସହ ଭାରତକୁ ନିନ୍ଦିତ କରିବା ଲାଗି ଚାଇନାରୁ ଉକ୍ତ ସେଲ୍ କମ୍ପାନୀଗୁଡ଼ିକ ଜରିଆରେ ପାଣ୍ଠି ଆସୁଛି। ଭାରତ ବିରୋଧରେ ପ୍ରଚାର ଉଦ୍ଦେଶ୍ୟରେ ଟଙ୍କା ଦେଇ ଖବର ପ୍ରସାରଣ କରାଯାଉଛି। ଏଥିରେ ଭାରତର ଘରୋଇ ନୀତି, ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମାଲୋଚନା କରାଯାଉଛି। ନ୍ୟୁଜ୍‌କ୍ଲିକ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରବୀର ପୁରକାୟସ୍ଥ ପିଏଡିଏସ୍ ସହ ମିଶି ୨୦୧୯ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ଅଭିଯୋଗ ହୋଇଛି।

## ଭର୍ଚୁଆଲ ଶୁଣାଣିକୁ ହାଇକୋର୍ଟ ମନା କରିପାରିବେନି: ସିଜେଆଇ

ନୂଆଦିଲ୍ଲୀ,୬।୧୦



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

ଦେଶର ସମସ୍ତ ହାଇକୋର୍ଟ ଭର୍ଚୁଆଲ ଶୁଣାଣି ଜାରି ରଖିବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର କହିବା ସହ ପ୍ରତ୍ୟେକ ବିଚାରପତି ପ୍ରଯୁକ୍ତିରେ ଦକ୍ଷ ହେବାକୁ ଦୋହରାଇଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଶୁଣାଣି ପାଇଁ ଭିଡିଓ କନ୍‌ଫରେନ୍ସ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିଥିବା ଅଭିଯୋଗ ସମ୍ପର୍କିତ ପିଟିଶନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ମତ ଦେଇଛନ୍ତି। କୌଣସି ହାଇକୋର୍ଟ ଭର୍ଚୁଆଲ ଶୁଣାଣିକୁ ମନା କରିପାରିବେ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଏହି ପ୍ରସଙ୍ଗ ଉପରେ ପୂର୍ବରୁ ଶୁଣାଣି ବେଳେ ସୁପ୍ରିମକୋର୍ଟ ଦେଶର ସମସ୍ତ ହାଇକୋର୍ଟ ଓ ଟ୍ରିବ୍ୟୁନାଲଗୁଡ଼ିକୁ ନୋଟିସ୍ ଜାରି କରିଥିଲେ। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ଜଣେ ବିଚାରପତି ପ୍ରଯୁକ୍ତିରେ ଦକ୍ଷ କି ନୁହନ୍ତି, ତାହା ପ୍ରସଙ୍ଗ ନୁହେଁ। ଦେଶର ବିଚାରପତି ହେବାକୁ ହେଲେ ପ୍ରଯୁକ୍ତି ଅନୁକୂଳ ହେବାକୁ ପଡ଼ିବ। ଯଦି ହୋଇ ନ ଥାନ୍ତି, ତେବେ ପ୍ରଯୁକ୍ତିରେ ପର୍ଯ୍ୟାପ୍ତ ତାଲିମ ନେବାକୁ ହେବ। ସୁପ୍ରିମକୋର୍ଟର ଯେଉଁ ବିଚାରପତି ସ୍ୱତନ୍ତ୍ର କେନ୍ଦ୍ରରେ ତାଲିମ ନେଉଛନ୍ତି, ସେମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରଯୁକ୍ତି ଏକ ବିକଳ୍ପ ନୁହେଁ ବରଂ ଅତ୍ୟାବଶ୍ୟକ ବୋଲି ସିଜେଆଇ କହିବା ସହ ବମ୍ବେ ହାଇକୋର୍ଟଙ୍କ ବ୍ୟାପାରକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ବିଖଣ୍ଡିତ ଫଙ୍କଶନାଲ ସ୍କ୍ରିନ୍ କିପରି ପରିଚାଳନା କରୁଛନ୍ତି। ହାଇବ୍ରିଡ୍ ଶୁଣାଣି ସୁବିଧା ବିନା ସେମାନେ କିପରି କାମ ଚଳାଉଛନ୍ତି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ।

## ମଧ୍ୟପ୍ରଦେଶ, ରାଜସ୍ଥାନ ସରକାରଙ୍କୁ ନୋଟିସ

ନୂଆଦିଲ୍ଲୀ,୬।୧୦(ପି.ଟି.)

**ନିର୍ବାଚନ ପୂର୍ବରୁ ମାଗଣା ଉପହାର**

ବିଧାନସଭା ନିର୍ବାଚନ ପୂର୍ବରୁ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭୋଟରମାନଙ୍କୁ ମାଗଣା ଉପହାର ବଣ୍ଟାଯାଉଥିବା ଅଭିଯୋଗରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି ଅବସରରେ ଉପରୋକ୍ତ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଉକ୍ତ ପିଆଇଏଲ୍ ଉପରେ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ଭାରତର ରିଜର୍ଭ ବ୍ୟାଙ୍କକୁ ମଧ୍ୟ ନୋଟିସ୍ ଜାରି କରିଛନ୍ତି। ୨ ରାଜ୍ୟ ସରକାର ଭୋଟରମାନଙ୍କୁ ପ୍ରଲୋଭିତ କରିବା ଲାଗି ଟିକସଦାତାମାନଙ୍କ ଅର୍ଥର ଦୁରୁପଯୋଗ କରୁଥିବା ନେଇ ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଥିଲା। ନିର୍ବାଚନ ପୂର୍ବରୁ ସରକାର ଟଙ୍କା ବାଣ୍ଟିବାଠାରୁ ଆଉ ଦୁଃଖର କଥା କିଛି ନାହିଁ ବୋଲି ଆବେଦନକାରୀଙ୍କ ଓକିଲ କହିଛନ୍ତି। ପ୍ରତିଥର ନିର୍ବାଚନ ପୂର୍ବରୁ ଏଭଳି ହେଉଛି ଓ ତାହାର ପରୋକ୍ଷ ବୋଝ କରଦାତାମାନଙ୍କ ଉପରେ ପଡୁଛି। ଏହା ଉପରେ ସୁପ୍ରିମକୋର୍ଟ ନୋଟିସ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସମ୍ପୃକ୍ତ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜାତିଗତ ସର୍ଭେ ତଥ୍ୟ ପ୍ରକାଶନରେ ରୋକ ଲଗାଇଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୬।୧୦(ପି.ଟି.)



ବିହାର ସରକାର ଜାତିଗତ ସର୍ଭେ ତଥ୍ୟ ପ୍ରକାଶ କରିଥିବାରୁ ସୁପ୍ରିମକୋର୍ଟ ଶୁକ୍ରବାର ଏନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ଜାତି ଜନଗଣନା ସମ୍ପର୍କିତ ଅଧିକ ତଥ୍ୟ ପ୍ରକାଶ କରିବା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଜାତି ଜନଗଣନା କରିବା କ୍ଷମତା ରାଜ୍ୟ ସରକାରଙ୍କର ଅଛି କି ନାହିଁ, ତାହା ଅଦାଲତ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ବିହାରରେ ଜାତି ଜନଗଣନାକୁ ପାଟନା ହାଇକୋର୍ଟ ଅନୁମତି ଦେଇଥିଲେ। ହାଇକୋର୍ଟଙ୍କ ଅଗଷ୍ଟ ୧ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ଏନେଇ ବିହାର ସରକାରଙ୍କୁ ନୋଟିସ୍ ଜାରି କରିବା ସହ ପରବର୍ତ୍ତୀ ଶୁଣାଣି ୨୦୨୪ ଜାନୁୟାରୀକୁ ଧାର୍ଯ୍ୟ କରିଛନ୍ତି। ସ୍ଥଗିତାଦେଶ ପୂର୍ବରୁ ରାଜ୍ୟ ସରକାର କେତେକ ତଥ୍ୟ ପ୍ରକାଶ କରିଦେଇଥିବାରୁ ପରବର୍ତ୍ତୀ ତଥ୍ୟ ପ୍ରକାଶନ ଉପରେ ସମ୍ପୂର୍ଣ୍ଣ ସ୍ଥଗିତାଦେଶ ଲଗାଇବା ପାଇଁ ଆବେଦନକାରୀମାନେ କରିଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ନୀତିଗତ ନିଷ୍ପତ୍ତି ନେବାରେ ଆମେ ସରକାରଙ୍କୁ ଅଟକାଇ ପାରିବୁ ନାହିଁ। ରାଜ୍ୟ ସରକାରଙ୍କ ଜାତିଗତ ସର୍ଭେ କରିବା କ୍ଷମତା ଅଛି କି ନାହିଁ, ଅନୁଧ୍ୟାନ କରିବୁ ବୋଲି ଖଣ୍ଡପୀଠ କହିଥିଲେ।

ଅନ୍ୟପକ୍ଷରେ ବିହାର ସରକାର କାହିଁକି ତଥ୍ୟ ପ୍ରକାଶ କଲେ ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅପରାଜିତା ସିଂ କହିଥିଲେ, ଏହି ମାମଲାରେ ଗୋପନୀୟତାର ଉଲ୍ଲଂଘନ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଭୁଲ୍ ଥିବା ସେ ଦର୍ଶାଇଥିଲେ। ବେଆଇନ ଭାବେ ତଥ୍ୟ ସଂଗ୍ରହ କରାଯାଇଥିବାରୁ ଏହାକୁ ସରକାର ଯୋଜନା ପ୍ରସ୍ତୁତିରେ ଲଗାଇପାରିବେ ନାହିଁ ବୋଲି ସିଂ କହିଥିଲେ। ତେବେ ଜାତିଗତ ସର୍ଭେରେ କୌଣସି ବ୍ୟକ୍ତିଙ୍କ ନାଁ ପ୍ରକାଶ ପାଇ ନ ଥିବାରୁ ଏହାକୁ ଗୋପନୀୟତାର ଉଲ୍ଲଂଘନ କହିବା ଠିକ୍ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୭/୨୦୨୩ | Bhubaneswar, Saturday, October 7/2023 | ପୃଷ୍ଠା-୧



## ଫିଜିକ୍ସରେ ଅମିତାଭଙ୍କ ଲାଗିଥିଲା ବ୍ୟାକ୍

ଗ୍ରାଜୁଏଶନରେ ଫିଜିକ୍ସକୁ ଅନର୍ସ ବାଛିଥିବା ଅମିତାଭ ବଚ୍ଚନଙ୍କ ଉକ୍ତ ବିଷୟରେ ବ୍ୟାକ୍ ଲାଗିଥିବା ସେ ଏକ କାର୍ଯ୍ୟକ୍ରମରେ କହିଛନ୍ତି।

୧୧

୧୨

## ସୌଦ ଶକିଲ ଶ୍ରେଷ୍ଠ

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ପାକିସ୍ତାନର ସୌଦ ଶକିଲ।



# ଲୋକ ସଭା ନିର୍ବାଚନ ଲଢ଼ିବି

## ଇଣ୍ଡିଆ ମେଣ୍ଟ ପ୍ରକୃତ ଚ୍ୟାଲେଞ୍ଜ: ଧର୍ମେନ୍ଦ୍ର



ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରୁ ଲୋକ ସଭା ନିର୍ବାଚନ ଲଢ଼ିବି। ଏଥିଲାଗି ଅନୁମତି ଦେବା ପାଇଁ ଦଳ ପାଖରେ ଅନୁରୋଧ କରିଥିବା ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେବା ଅବସରରେ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଆଗାମୀ ନିର୍ବାଚନ ଲାଗି ବିରୋଧୀ 'ଇଣ୍ଡିଆ' ମେଣ୍ଟ ପ୍ରକୃତ ଚ୍ୟାଲେଞ୍ଜ। ହେଲେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦେଶ ପାଇଁ ଯେପରି ତୃତୀୟ ଥର ଲାଗି ସେବା କରିବେ ତାକୁ ସୁନିଶ୍ଚିତ କରିବା ହେଉଛି ଭାଜପାର ମୁଖ୍ୟ ଏଜେଣ୍ଡା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପିଏମ୍‌ଓରେ ଖାରେ

# ସ୍ୱର୍ଣ୍ଣ ସହ ଭାରତକୁ ଅଲିମ୍ପିକ୍ସ ଯୋଗ୍ୟତା

## ଏସିଆନ ଗେମ୍ସ ପୁରୁଷ ହକି

**ହାଙ୍ଗଝୋ, ୬।୧୦**

ଏସିଆନ ଗେମ୍ସର ହକି ଇଭେଣ୍ଟରୁ ଭାରତ ପାଇଁ ଆସିଛି ବଡ଼ ଖବର। ଶୁକ୍ରବାର ଅନୁଷ୍ଠିତ ପୁରୁଷ ହକି ଫାଇନାଲରେ ଭାରତ ୫-୧ ଗୋଲରେ ଗତଥରର ଚାମ୍ପିୟନ ଜାପାନକୁ ହରାଇ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଏଥିସହ ଭାରତୀୟ ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଭାରତ ଶେଷଥର ପାଇଁ ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଅର୍ଥାତ୍ ୯ ବର୍ଷ ବ୍ୟବଧାନରେ ଭାରତକୁ ପୁଣି ସ୍ୱର୍ଣ୍ଣିମ ସଫଳତା ମିଳିଛି। ଏହାକୁ ମିଶାଇ ଏସିଆଡ୍‌ରେ ଭାରତ ମୋଟ ଚତୁର୍ଥ ଥର ପାଇଁ ସ୍ୱର୍ଣ୍ଣ ପଦକ ପାଇଛି। ୨୦୧୪ ବ୍ୟତୀତ ୧୯୬୬ ଓ ୧୯୯୮ ମସିହାରେ ମଧ୍ୟ ଭାରତୀୟ ଦଳ ସ୍ୱର୍ଣ୍ଣ ବିଜୟୀ ହୋଇଥିଲା।

ଭାରତୀୟ ହକି ଦଳର ସଦସ୍ୟଭାବେ ଓଡ଼ିଶାର ଅମିତ ରୋହିଦାସ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅର୍ଥାତ୍ ଚଳିତ ଏସିଆନ ଗେମ୍ସରେ ଦ୍ୱିତୀୟ ଓଡ଼ିଆ ଭାବେ ସେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋରେ ☞ପୃଷ୍ଠା-୨



ଏସିଆନ୍ ଗେମ୍ସରେ ଜାପାନକୁ ୫-୧ ଗୋଲରେ ହରାଇବା ପରେ ପୁରୁଷ ହକି ଭାରତୀୟ ଖେଳାଳିମାନେ ସେଲ୍‌ଫି ନେଉଛନ୍ତି।

## ପ୍ରତ୍ୟେକ ହକି ଖେଳାଳିଙ୍କୁ ମିଳିବ ୫ ଲକ୍ଷ

**ଭୁବନେଶ୍ୱର,୬।୧୦(ଅନିଲ ଦାସ)**

ଚାଇନାରେ ଅନୁଷ୍ଠିତ ୧୯ତମ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ହକି ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ

### ଭାରତୀୟ ହକି ଟିମ୍ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଖେଳାଳି ଏବଂ ଦଳର ଅନ୍ୟ ସହଯୋଗୀଙ୍କ ପାଇଁ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଛନ୍ତି। ପଦକ ଗ୍ରହଣ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ଭିଡିଓ କଲ୍ ମାଧ୍ୟମରେ ଟିମ୍‌ର ଖେଳାଳିମାନଙ୍କ ସହିତ କଥା ହୋଇ ଏହି ବିଜୟ ପାଇଁ ବ୍ୟକ୍ତିଗତ ଭାବେ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତୀୟ ହକି ଦଳକୁ ହୃଦୟରୁ ଅଭିନନ୍ଦନ ଜଣାଉଛି। ☞ପୃଷ୍ଠା-୨

# ନର୍ଗିସ୍‌ଙ୍କୁ ନୋବେଲ ଶାନ୍ତି

**ଓସଲୋ,୬।୧୦**



ନର୍ଗିସ୍ ମହମ୍ମଦି

ମହିଳାମାନଙ୍କ ଅଧିକାର, ଗଣତନ୍ତ୍ର ପାଇଁ ଅଭିଯାନ ଚଳାଇବା ସହ ବହୁବର୍ଷ ଧରି ଇରାନରେ ମୃତ୍ୟୁଦଣ୍ଡ ବିରୋଧରେ ଲଢ଼େଇ କରୁଥିବା ଅଧିକାର କର୍ମୀ ନର୍ଗିସ୍ ମହମ୍ମଦି ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଶାନ୍ତି ପାଇଁ ନୋବେଲ ପାଇବାରେ ସେ ୧୯ତମ ମହିଳା। ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଲଢ଼େଇ କରି ତାଙ୍କୁ ଅନେକଥର ଜେଲ ଯିବାକୁ ପଡ଼ିଛି। ମହିଳା ଅଧିକାର, ମାନବାଧିକାର ଏବଂ ସମସ୍ତଙ୍କ ପାଇଁ ସ୍ୱାଧୀନତା ନିମନ୍ତେ ସଂଘର୍ଷ କରିଆସୁଥିବା ନର୍ଗିସ୍‌ଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ନରୱେର ନୋବେଲ କମିଟି ନିଷ୍ପତ୍ତି ନେଇଛି। ଡିସେମ୍ବର ୧୦ରେ ତାଙ୍କୁ ପରସ୍କାର ବାବଦରେ ୧୧ ନିୟୁତ ସୁଇଡିସ୍ କ୍ରାଉନ୍ (ପାଖାପାଖି ୧ ନିୟୁତ ଡଲାର) ମିଳିବ। ନର୍ଗିସ ଏକାଧାରରେ ଜଣେ ମାନବାଧିକାର ପ୍ରବକ୍ତା ଏବଂ ସ୍ୱାଧୀନତା ସଂଗ୍ରାମୀ। ଇରାନରେ ☞ପୃଷ୍ଠା-୨

# ଭଉଣୀଙ୍କୁ ଗୁଳିକରି ହତ୍ୟା

**କେନ୍ଦୁଝର,୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ହରିଚନ୍ଦନପୁର ବ୍ଲକ୍ ସୋମଗିରି ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଚିକିତ୍ସା ପାଇଁ ଟଙ୍କା ନ ଦେବାରୁ ଜଣେ ଭାଇ ତାଙ୍କ ଭଉଣୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ମୃତା ହେଲେ ମାଳତୀ ବାରିକ (୩୨)। ଘଟଣା ପରେ ଅଭିଯୁକ୍ତ ଭାଇ ପ୍ରସନ୍ନ ବାରିକ(୩୫) ଥାନାରେ ଆତ୍ମସମର୍ପଣ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇ ତଦନ୍ତ ଚାଲିଥିବା କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗଡୁ କହିଛନ୍ତି।

ସୂଚନା ଅନୁଯାୟୀ, ପ୍ରସନ୍ନ ଏକ କମ୍ପାନୀରେ ଗନ୍‌ମ୍ୟାନ ଭାବେ କାର୍ଯ୍ୟ କରନ୍ତି। ଘରେ ସ୍ତ୍ରୀ ଓ ଅବିବାହିତ ଭଉଣୀ ମାଳତୀ ରହୁନ୍ତି। ମା'ବାପାଙ୍କ ମୃତ୍ୟୁ ପରେ ସେ ☞ପୃଷ୍ଠା-୨






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟିକି ଟିକି ଟିକି**
**ଆଖିଠାରି ଦେଲେ ପାଣିକି ଯିବି**
**ଉଆଶାଳ ତଳେ ଥିବି।**

ଆଲୋକ ସନ୍ଧାନରେ ଯେମିତି କୀଟ ଉଡିଯାଏ ଅନେକ ଦୂର, ଠିକ୍ ସେମିତି ସୁଗନ୍ଧିତ ଫୁଲରୁ ମହୁ ଶୋଷିବା ପାଇଁ ଉଡ଼ିଆସନ୍ତି ଭଅଁର। ଇସାରାରେ ମଧ୍ୟ ପ୍ରେମ ନଇ ସୁଅ ଉଚ୍ଛୁଳି ଉଠେ। ଠରାଠରି ପ୍ରେମ ବା ଲୁଚାଛପା ପ୍ରେମ କରୁଥିବା ପ୍ରେମୀଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଠେଙ୍ଗାର ଭାଇ ମୁଷଳ**
**ବାଜି ବାଟେ କୁଶଳ।**

ବେଳେବେଳେ କୌଣସି କାମ ହାସଲ କରିବା ପାଇଁ ଠାପୁଆ ବ୍ୟକ୍ତିଙ୍କୁ ଆକଟ ବା ନାଲି ଆଖି ଦେଖାଇବାକୁ ପଡିଥାଏ। ତେବେ ଠେଙ୍ଗା ଓ ମୁଷଳ ଭୟରେ ସବୁ କାମ ସିଦ୍ଧ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ରେପୋ ରେଟ୍ ୬.୫%ରେ ଅପରିବର୍ତ୍ତିତ

ମୁମ୍ବାଇ,୬।୧୦(ପି.ଟି.)

ଦେଶରେ ମୁଦ୍ରାସ୍ଫୀତି ଏବଂ ଋଣ ବାବଦ ମାସିକ କିସ୍ତି (ଇଏମ୍ଆଇ) ଉପରେ ସିଧା ପ୍ରଭାବ ପକାଉଥିବା ରେପୋ ରେଟ୍‌କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଲଗାତର ୪ର୍ଥ ଥର ପାଇଁ ୬.୫%ରେ ଅପରିବର୍ତ୍ତିତ ରଖିଛି। ଏନେଇ ଶୁକ୍ରବାର ଆର୍‌ବିଆଇର ଦ୍ୱିମାସିକ ମୁଦ୍ରା ନୀତି ସମିତି (ଏମ୍‌ପିସି) ବୈଠକରେ ସର୍ବସମ୍ମତି ଭାବେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେବ ବୋଲି କୁହାଯାଉଛି। ରେପୋ ରେଟ୍ ବୃଦ୍ଧି ହେଲେ ଋଣ ଇଏମ୍ଆଇ ପରିମାଣ କିମ୍ବା ଅବଧି ବଢ଼ିଥାଏ। ଏହା ଅପରିବର୍ତ୍ତିତ ରହିଥିବାରୁ ଋଣଗ୍ରହୀତାମାନଙ୍କୁ ଆଶ୍ୱସ୍ତି ମିଳିଛି। କିନ୍ତୁ ଶସ୍ତା ଇଏମ୍ଆଇ ପାଇଁ ଋଣଗ୍ରହୀତାମାନଙ୍କୁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ ବୋଲି ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସୂଚନାଥାଉ କି, ଖାଉଟି ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି (ସିପିଆଇ) ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ବିଆଇ ୨୦୨୨ ମେ ମାସଠାରୁ ରେପୋ ରେଟ୍ ଲଗାତର ୬ଥରରେ ମୋଟ ୨୫୦ ବେସିସ୍ ପଏଣ୍ଟ ବୃଦ୍ଧି ଘଟାଇଥିଲା। ଏଥିଯୋଗୁ ବ୍ୟାଙ୍କଗୁଡ଼ିକ ଋଣ ସୁଧହାର ୪% ଯାଏ ବଢ଼ାଇଥିଲେ, ଯାହାକି ଋଣ ଗ୍ରହୀତାମାନଙ୍କୁ ବଡ଼ଧରଣର ଆର୍ଥିକ ବୋଝ ସହିବାକୁ ପଡୁଛି।

### କ'ଣ କହିଲେ ଆର୍‌ବିଆଇ ଗଭର୍ନର

- ଶସ୍ତା ଇଏମ୍ଆଇ ପାଇଁ କରିବାକୁ ପଡ଼ିବ ଅପେକ୍ଷା
- ୨୦୨୩-୨୪ର ଅଭିବୃଦ୍ଧି ଆକଳନ ୬.୫% ରହିବ
- ବୃଦ୍ଧିପାଉଥିବା ପର୍ସନାଲ ଲୋନ୍ ଉପରେ ବ୍ୟାଙ୍କଗୁଡ଼ିକ ନଜର ରଖନ୍ତୁ

ଆର୍‌ବିଆଇ ଗର୍ଭନର ଦାସ କହିଛନ୍ତି, ଏମ୍‌ପିସି ମୁଦ୍ରାସ୍ଫୀତି ଉପରେ ନଜର ରଖିବ ଏବଂ ଏହାକୁ ଧାର୍ଯ୍ୟ ସହନଶୀଳ ସ୍ତର (୨%ରୁ ୬%) ମଧ୍ୟରେ ସୀମିତ ରଖିବାକୁ ପ୍ରତିଶ୍ରୁତିବଦ୍ଧ। ଉଲ୍ଲେଖଥାଉ କି ମୁଦ୍ରାସ୍ଫୀତିକୁ ୪ ପ୍ରତିଶତରେ ରଖିବା ପାଇଁ ଆର୍‌ବିଆଇକୁ ସରକାର ଦାୟିତ୍ୱ ଦେଇଛନ୍ତି, ଯେଉଁଥିରେ ୨% ହ୍ରାସ କିମ୍ବା ବୃଦ୍ଧି ଘଟିପାରେ। ଅର୍ଥାତ୍ ମୁଦ୍ରାସ୍ଫୀତିର ସହନଶୀଳ ସ୍ତର ୨%ରୁ ୬% ମଧ୍ୟରେ ଧାର୍ଯ୍ୟ ହୋଇଛି। କିନ୍ତୁ ଗତ ଅଗଷ୍ଟରେ ମୁଦ୍ରାସ୍ଫୀତି ୬.୮୩% ରହିଥିଲା। ସେପ୍ଟେମ୍ବରର ମୁଦ୍ରାସ୍ଫୀତି ହାର ଆସନ୍ତା ସପ୍ତାହରେ ଜଣାପଡ଼ିବ। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଅଭିବୃଦ୍ଧି (ଜିଡିପି) ଆକଳନ ୬.୫ ପ୍ରତିଶତରେ ରଖାଯାଇଥିବା ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି। ଆର୍ଥିକ ସ୍ଥିରତା ବଜାୟ ରଖିବା ଉପରେ କେନ୍ଦ୍ରୀୟ ବ୍ୟାଙ୍କର ଧ୍ୟାନ ରହିଛି। ବ୍ୟାଙ୍କ ଏବଂ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ (ଏନ୍‌ବିଏଫ୍‌ସି)ଗୁଡ଼ିକ ଆଭ୍ୟନ୍ତରୀଣ ମନିଟରିଂ ସିଷ୍ଟମ୍‌କୁ ମଜଭୁତ କରିବା ଉଚିତ। ବର୍ତ୍ତମାନ ପର୍ସନାଲ ଲୋନ୍ (ବ୍ୟକ୍ତିଗତ ଋଣ)ର ବୃଦ୍ଧି ପାଉଥିବାବେଳେ ଏହାଉପରେ ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିଗୁଡ଼ିକ ନଜର ରଖିବା ଆବଶ୍ୟକ ବୋଲି ଦାସ କହିଛନ୍ତି। ଦେଶରେ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ଯଥା କ୍ରେଡିଟ୍ କାର୍ଡ ସମେତ ବ୍ୟକ୍ତିଗତ, କ୍ଷୁଦ୍ର ବ୍ୟବସାୟିକ, ମାଇକ୍ରୋ ଫାଇନାନ୍ସ ଋଣକୁ ଆର୍‌ବିଆଇ ଗତ ଏପ୍ରିଲ ଚିନ୍ତା ପ୍ରକଟ କରିଥିଲା। ଏନେଇ ସତର୍କ ରହିବାକୁ ଋଣଦାତା ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସିଗୁଡ଼ିକୁ କେନ୍ଦ୍ରୀୟ ବ୍ୟାଙ୍କ ଚେତାବନୀ ଦେଇଥିଲା। ଏବେ ପୁଣି ପର୍ସନାଲ ଋଣ ପ୍ରଦାନ ଉପରେ ନଜର ରଖିବାକୁ କହିଛି। ସେହିପରି ଡାଲି ଫସଲ ହ୍ରାସ ଯୋଗୁ ଦରବୃଦ୍ଧି ଆଶଙ୍କା ରହିଛି। ଯୋଗାଣରେ ଚାପ ପଡ଼ିବା ଯୋଗୁ ଜୁଲାଇରୁ ଅଗଷ୍ଟ ପର୍ଯ୍ୟନ୍ତ ଦରବୃଦ୍ଧି ଘଟିଛି। ଆଗାମୀ ଦିନରେ ଦର ହ୍ରାସ ପାଇବା ଆଶା କରାଯାଉଛି ବୋଲି ଦାସ କହିବା ସହ ସେପ୍ଟେମ୍ବର ୨୯ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୫୮,୬୯୦ କୋଟି ଡଲାର ଥିବା ସେ ସୂଚନା ଦେଇଛନ୍ତି।

# ୧୧ରେ ଅବସରପ୍ରାପ୍ତ କର୍ମଚାରୀଙ୍କ ମହାସମାବେଶ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ଆସନ୍ତା ୧୧ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମହାସମାବେଶ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ସବୁ ଜିଲାରେ ଥିବା ଶତାଧିକ ଶାଖା ସଂଘର ରାଜ୍ୟ ପେନ୍‌ସନରମାନେ ସାମିଲ ହେବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବ। ଏନେଇ ମହାସଂଘ ପକ୍ଷରୁ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୮୦ବର୍ଷ ବୟସ ବଦଳରେ ୬୫ ବର୍ଷରୁ ଅତିରିକ୍ତ ପେନ୍‌ସନ ଲାଗୁ କରିବା, ମୋ ବସ୍ ଭଳି ଅନ୍ୟ ବସ୍‌ଗୁଡ଼ିକରେ ବରିଷ୍ଠ ନାଗରିକଙ୍କ ପାଇଁ ରିହାତି, ରେଳଯାତ୍ରାରେ ରିହାତି ପ୍ରଦାନ ଲାଗି ଦାବି ହୋଇଛି। ଏଥିସହ ନୂଆ ପେନ୍‌ସନ ଯୋଜନା ବାତିଲ କରି ପୁରୁଣା ପେନସନ ଯୋଜନା ଲାଗୁ କରିବା ଆଦି ୯ ଦଫା ଦାବି ସମ୍ପର୍କରେ ସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାସ, ଉପାଧ୍ୟକ୍ଷ ଦ୍ୱାରିକାନାଥ ମହାନ୍ତି, ଯୁଗ୍ମ ସମ୍ପାଦକ ସୁଦର୍ଶନ ପ୍ରଧାନ, ଓ ମୁଖ୍ୟ ସଂଯୋଜକ ସୁବୋଧ କୁମାର ରାୟ ପ୍ରମୁଖ ଦାବି ଉପସ୍ଥାପନ କରିବା ସହ ଏ ସମ୍ପର୍କରେ କହିଥିଲେ।

# ସ୍ତନ କର୍କଟ ଭଲ କରିବ ନିମ୍ବପତ୍ର

ଭୁବନେଶ୍ୱର, ୬।୧୦(ଅସମାପିକା ସାହୁ)



### ଆଇଏଲ୍ଏସ୍ ବୈଜ୍ଞାନିକ ନୂଆ ଗବେଷଣା

ନିମ୍ବପତ୍ର ସ୍ତନ କର୍କଟ ବା ବ୍ରେଷ୍ଟ କ୍ୟାନ୍‌ସରକୁ ମୂଳପୋଛ କରିପାରିବ। କ୍ୟାନ୍‌ସର ଷ୍ଟେମ୍ ସେଲ୍‌କୁ ନିମ୍ବପତ୍ରରୁ ପ୍ରସ୍ତୁତ ଔଷଧ ମାରିଦେବ। ନିମ୍ବପତ୍ରରେ ଥିବା ନିମ୍ବୋଲାଇଡ୍‌ର ଏଭଳି ଗୁଣ ଥିବା ନେଇ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍ଏସ୍) ଭୁବନେଶ୍ୱର ଦାବି କରିଛି। ନିକଟରେ ଆଇଏଲ୍ଏସ୍ ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ନିମ୍ବପତ୍ରରେ ଥିବା ଫାଇଟୋକେମିକାଲ୍ ନିମ୍ବୋଲାଇଡ୍ ଉପରେ ଗବେଷଣା କରି ଏଭଳି ତଥ୍ୟ ହାସଲ କରିଛନ୍ତି। ଏ ନେଇ ଆନ୍ତର୍ଜାତିକ ଗବେଷଣା ପତ୍ରିକା ମଲିକୁଲାର ଥେରାପି ନ୍ୟୁକ୍ଲିକ୍ ଏସିଡ୍‌ସରେ ତଥ୍ୟ ଭିତ୍ତିକ ଗବେଷଣା ପ୍ରକାଶିତ ପାଇଛି। ଏପରିକି ସବୁଠୁ ବିପଦପୂର୍ଣ୍ଣ ଟ୍ରିପଲ ନେଗେଟିଭ ବ୍ରେଷ୍ଟ କ୍ୟାନ୍‌ସରକୁ ନିମ୍ବୋଲାଇଡ୍ ମୂଳ ପୋଛ କରିବାର କ୍ଷମତା ରଖୁଛି, ଯାହା ପ୍ରି-କ୍ଲିନିକାଲ ଟ୍ରାଏଲରେ ମୂଷା ଓ ଜେବ୍ରା ଫିସ୍ ଉପରେ ପ୍ରୟୋଗରୁ ଏହା ପ୍ରମାଣିତ ହୋଇଛି। ଏବେ କ୍ୟାନସରର ଚିକିତ୍ସା ଲାଗି କେମୋଥେରାପି ବ୍ୟବସ୍ଥା ରହିଛି। କେମୋଥେରାପି କ୍ୟାନ୍‌ସର ସେଲ୍ ସହ ଶରୀରର ସାଧାରଣ ସେଲ୍‌କୁ ମଧ୍ୟ ନଷ୍ଟ କରିଥାଏ। କିନ୍ତୁ ଆଇଏଲ୍ଏସ୍ ଭୁବନେଶ୍ୱର ବୈଜ୍ଞାନିକମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ନିମ୍ବପତ୍ରରେ ଥିବା ନିମ୍ବୋଲାଇଡ୍ କେବଳ କ୍ୟାନସର ସେଲ୍‌କୁ ହିଁ ନଷ୍ଟ କରୁଛି। ଏମିତିକି ନିମ୍ବୋଲାଇଡ୍ ସ୍ତନ କର୍କଟ ସହ ଶରୀରର ଅନ୍ୟ ଅଂଶରେ ଦେଖାଦେଉଥିବା କ୍ୟାନସର ସେଲ୍‌କୁ ଭଲ କରିପାରୁଥିବା ଗବେଷଣାରୁ ସ୍ପଷ୍ଟ ହୋଇଛି। ଆଇଏଲ୍ଏସ୍ ଭୁବନେଶ୍ୱର ସ୍ତନ କର୍କଟ ଚିକିତ୍ସା ଲାଗି କେମୋଥେରାପି ସହ ନିମ୍ବୋଲାଇଡ ବ୍ୟବହାର ଉପରେ ଅଧିକ ଗବେଷଣା ଜାରି ରଖିଥିବା ସୂଚନା ଦିଆଯାଇଛି।

# ଓଡ଼ିଶାରେ ଆରମ୍ଭ ହେବ 'ୱାନ୍ ହେଲ୍‌ଥ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୬।୧୦
(ଅସମାପିକା ସାହୁ)

ଓଡ଼ିଶାରେ ୱାନ୍ ହେଲ୍‌ଥ କାର୍ଯ୍ୟକ୍ରମ ଆରମ୍ଭ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) ଦ୍ୱାରା ପ୍ରସ୍ତାବିତ ଏହି କାର୍ଯ୍ୟକ୍ରମକୁ ପାଇଲଟ ପ୍ରକଳ୍ପ ଆଧାରରେ ଓଡ଼ିଶାରେ କାର୍ଯ୍ୟକାରୀ କରାଯିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ଅଧୀନରେ ଜୁନୋଟିକ ଡିଜିଜ୍ ଅର୍ଥାତ୍ ଆନ୍ଥ୍ରାକ୍ସ, ରାବିଜ୍, ସ୍କ୍ରବ୍ ଟାଇଫସ, ନିପା ଭାଇରସ ଭଳି ପଶୁଠାରୁ ମଣିଷ ଶରୀରକୁ ଆସୁଥିବା ରୋଗର ମିଳିତ ମୁକାବିଲା କରାଯିବ। ସ୍ୱାସ୍ଥ୍ୟ ବିଭାଗ ସହିତ ପଶୁ ସମ୍ପଦ, କୃଷି ଓ ବନ୍ୟପ୍ରାଣୀ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ଜୁନୋଟିକ ଡିଜିଜ୍ ପାଇଁ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଏବଂ ଜିଲାସ୍ତରୀୟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ହେବ। ଏଥିପାଇଁ ଏକ କୋଅର୍ଡିନେଶନ କମିଟି ଗଠନ ହେବ। କେଉଁ ଜିଲାରେ କେଉଁ ଜୁନୋଟିକ ରୋଗ ଅଧିକ ହେଉଛି ତାହାର ମ୍ୟାପିଂ କରାଯିବ। ଏତଦ୍ ବ୍ୟତୀତ ରାଜ୍ୟରେ ଜୁନୋଟିକ ରୋଗ ପରୀକ୍ଷା ଲାଗି ସେଣ୍ଟିନାଲ ଲାବରେଟୋରି ଓ ମେଡିକାଲ କଲେଜ ଲାବରେଟୋରିଗୁଡ଼ିକୁ ଅଧିକ ସଶକ୍ତ କରାଯିବ। ଓଡ଼ିଶା ସମେତ ୪ ରାଜ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ଗତ କିଛିଦିନ ହେବ ରାଜ୍ୟରେ ଦ୍ରୁତଗତିରେ ସ୍କ୍ରବ୍ ଟାଇଫସ୍ ରୋଗ ମାଡ଼ିଚାଲିଛି। ପ୍ରଥମେ କେବଳ ସୁନ୍ଦରଗଡ଼, ବଲାଙ୍ଗୀରରେ ଏହା ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ସମଗ୍ର ଓଡ଼ିଶାକୁ ବ୍ୟାପି ଗଲାଣି। ଏଥିରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ମଧ୍ୟାହ୍ନ ଭୋଜନ ପାଚିକାଙ୍କ ବିକ୍ଷୋଭ ସମାବେଶ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

ବିଜୁ ଶ୍ରମିକ ସାମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ବିକ୍ଷୋଭ ସମାବେଶ କରାଯାଇଛି। ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ହଜାର ହଜାର ପାଚକ ପାଚିକା ଦାବି ପୂରଣରେ ବିଳମ୍ବ ହେଉଥିବାରୁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ପାଚକ ପାଚିକାଙ୍କ ଦରମା ୧ହଜାର ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ମାତ୍ର ସେମାନଙ୍କୁ ୧୪୦୦ ଟଙ୍କା ମିଳୁଛି। ତେଣୁ ସରକାରଙ୍କ ଘୋଷିତ ସର୍ବନିମ୍ନ ୩୩୩ ଟଙ୍କା ଦୈନିକ ମଜୁରି ଲାଗୁ କରାଯାଉ। ସେହିପରି ସମସ୍ତଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ଚିକିତ୍ସା ଭତ୍ତା, ଜୀବନ ବୀମା, ଭବିଷ୍ୟନିଧି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଅବସର ପରେ ପେନସନ ଲାଗୁ, ପ୍ରତ୍ୟେକ ମାସ ପ୍ରଥମ ସପ୍ତାହରେ ଦରମା ପ୍ରଦାନ ସହ ଖରାଛୁଟିରେ ଦରମା ଦେବାକୁ ଦାବି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...



ଭିଡିଓ କଲ୍ ମାଧ୍ୟମରେ ଭାରତୀୟ ହକି ଟିମ୍ ଖେଳାଳିଙ୍କୁ ଅଭିନନ୍ଦନ ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ୍।

### ପ୍ରତ୍ୟେକ ହକି ....

ସେମାନଙ୍କ ଉତ୍ସର୍ଗୀକୃତ ଅବଦାନ ଓ କଠିନ ପରିଶ୍ରମ ପ୍ରମାଣ କରିଛି ଯେ ହକି ହେଉଛି ଦେଶର ପ୍ରକୃତ ଖେଳ। ଏହା ଜାତୀୟବୋଧ ଉତ୍ସାହକୁ ଆହୁରି ବୃଦ୍ଧି କରିଛି। ଆସନ୍ତା ବର୍ଷ ପ୍ୟାରିସରେ ହେବାକୁ ଥିବା ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳ ସର୍ବୋତ୍କୃଷ୍ଟ ପ୍ରସ୍ତୁତି କରିବାକୁ ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ହକି ଟିମ୍‌ର ଖେଳାଳିମାନେ ଚାମ୍ପିୟନ ଭାବେ ସମଗ୍ର ଟୁର୍ନାମେଣ୍ଟରେ ପ୍ରଦର୍ଶନ କରିଛନ୍ତି । ଏହି ସମୟରେ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ରହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ହକି ଟିମ୍ ୨୦୧୪ରେ ପାକିସ୍ତାନକୁ ହରାଇ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ୯ ବର୍ଷ ଅପେକ୍ଷା ପରେ ପୁଣି ଥରେ ଦଳ ସ୍ୱର୍ଣ୍ଣିମ ଇତିହାସ ରଚନା କରିଛି। ୨୦୧୮ରୁ ଓଡ଼ିଶା ଭାରତୀୟ ହକି ଟିମ୍‌ର ପ୍ରାୟୋଜକ ହୋଇଥିବା ବେଳେ ଦୁଇଟି ବିଶ୍ୱକପ୍ ଟୁର୍ନାମେଣ୍ଟ ପାଇଁ ସହାୟତା କରି ଆସିଛି।

## ପ୍ରଥମ ପୃଷ୍ଠାରୁ...

### ସ୍ୱର୍ଣ୍ଣ ସହ ...

କିଶୋର କୁମାର ଜେନା ରୌପ୍ୟ ପଦକ ଅର୍ଜନ କରିଥିଲେ। ଏବେ ହକିରେ ସ୍ୱର୍ଣ୍ଣ ପଦକ ଜିତି ଅମିତ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ନିକଟ ଅତୀତରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ଉତ୍ସାହଜନକ ରହିଥିଲେ ମଧ୍ୟ ଭାରତ ଗତଥରର ଚାମ୍ପିୟନ ଜାପାନକୁ ହାଲୁକାଭାବେ ନେଇ ନ ଥିଲା। ତେବେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଭାରତ ଫାଇଦାରେ ରହିଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୫ତମ ମିନିଟରେ ମନପ୍ରୀତ ସିଂ ଏକ ଗୋଲ ଦେଇ ଭାରତକୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତର ଆକ୍ରମଣ ଅଧିକ ଶାଣିତ ହୋଇଥିଲା। ୩୨ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂ ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପକାଇଥିଲେ। ୩୬ତମ ମିନିଟରେ ଓଡ଼ିଶାର ଅମିତ ରୋହିଦାସ ଏକ ଗୋଲ ସ୍କୋର କରି ଏହାକୁ ୩-୦ରେ ପରିଣତ କରିଥିଲେ। ତୃତୀୟ ତଥା ଅନ୍ତିମ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲା। ୪୮ତମ ମିନିଟରେ ଅଭିଷେକ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ଆଗେଇ ନେଇଥିଲେ। ୫୧ତମ ମିନିଟରେ ପେନାଲ୍ଟି କର୍ନରରୁ ଜାପାନର ସେରେନ ଟନକା ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ମ୍ୟାଚ ଶେଷ ହେବାର ଅଳ୍ପକିଛି କ୍ଷଣ ପୂର୍ବରୁ ଅର୍ଥାତ୍ ୫୯ତମ ମିନିଟରେ ହରମନପ୍ରୀତ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲଟି ସ୍କୋର କରି ନିଜ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍‌ରେ ଚାଇନାକୁ ୨-୧ ଗୋଲରେ ହରାଇ ଦକ୍ଷିଣ କୋରିଆ ବ୍ରୋଞ୍ଜ ପଦକ ହାସଲ କରିଛି।

### ହକି ସଫଳତା ପଛରେ ଓଡ଼ିଶାର ଅବଦାନ

ଭାରତୀୟ ହକି ଦଳର ସଫଳତା ପଛରେ ଓଡ଼ିଶାର ଅବଦାନ ରହିଛି। ଭାରତୀୟ ହକି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବାବେଳେ ୨୦୧୮ରେ ସହାୟତାର ହାତ ବଢ଼ାଇଥିଲେ ଓଡ଼ିଶା ସରକାର। ଅର୍ଥାତ୍ ଓଡ଼ିଶା ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ସମେତ ଅନେକ କ୍ରୀଡ଼ାକୁ ପ୍ରୋତ୍ସାହିତ କରି ଆସୁଛନ୍ତି। ଫଳରେ ଓଡ଼ିଶା ଏକ କ୍ରୀଡ଼ା ହବ୍‌ରେ ପରିଣତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ବିଭିନ୍ନ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହୋଇଛି। ରାଉରକେଲାରେ ସର୍ବବୃହତ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ ହୋଇଛି। ହକି ବିଶ୍ୱକପ୍ ସମେତ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଏଠାରେ ଆୟୋଜନ ହେଉଛି। ୨୦୩୩ ପର୍ଯ୍ୟନ୍ତ ଓଡ଼ିଶା ଜାତୀୟ ହକି ଦଳର ପ୍ରାୟୋଜକ ରହିଛି। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଯୋଗୁ ଭାରତୀୟ ପୁରୁଷ ହକି ଦଳ ଯେ ଏବେ ପ୍ରଥମଥର ପାଇଁ ସଫଳତା ପାଇଛି ତା ନୁହେଁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଦଳ ଦୀର୍ଘ ୪୧ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା।

### ଭଉଣୀଙ୍କୁ ...

ଭଉଣୀଙ୍କ ଦେଖାଶୁଣା କରୁଥିଲେ। ସେ ଯାହା ରୋଜଗାର କରୁଥିଲେ, ସ୍ତ୍ରୀ ଓ ଭଉଣୀଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ। କିଛି ଦିନ ହେବ ଘରୋଇ କଳହକୁ ନେଇ ତାଙ୍କ ସ୍ତ୍ରୀ ବାପଘରକୁ ଚାଲିଯାଇଛନ୍ତି। ପ୍ରସନ୍ନଙ୍କ ଦେହ ଖରାପ ଥିବାରୁ ଭଉଣୀ ମାଳତୀ ତାଙ୍କ ସେବା କରୁଥିଲେ। ପ୍ରସନ୍ନ ଘରୋଇ ସମସ୍ୟା ସହିତ ଅସୁସ୍ଥତା କାରଣରୁ ମାନସିକ ଅଶାନ୍ତି ଓ ଦୁଶ୍ଚିନ୍ତାରେ ରହୁଥିଲେ। ଶୁକ୍ରବାର ସକାଳେ ଚିକିତ୍ସା ପାଇଁ ଭଉଣୀଙ୍କୁ ଟଙ୍କା ମାଗିଥିଲେ । ତେବେ ସେ ଟଙ୍କା ନ ଦେବାରୁ ଉତ୍ତ୍ୟକ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଭଉଣୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶବ୍ଦ ଏ ଏବଂ ମାଳତୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ଧାଇଁ ଆସିଥିଲେ। ଗୁଳିଟି କାନ୍ଧ ତଳେ ବାଜିଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମାଳତୀ ତଳେ ପଡ଼ିଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଅର୍ଜୁନ ପରିଡ଼ା ପଡ଼ୋଶୀଙ୍କ ସହାୟତାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟାଳୟସ୍ଥିତ ଧରଣୀଧର ମେଡିକାଲ କଲେଜ ଓ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡା. ଉମାକାନ୍ତ ମୁଣ୍ଡା ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୪୩/୨୩)ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଭିନାଶ ପରିଡ଼ା ସୂଚନା ଦେଇଛନ୍ତି।

### ଲୋକ ସଭା ନିର୍ବାଚନ ...

ଭାଜପା ଏବଂ ଏନ୍‌ଡିଏ କୌଣସି ନିର୍ବାଚନକୁ ଖାମଖିଆଲି ଭାବେ ନେଉ ନ ଥିବାରୁ ତାହା ଇଣ୍ଡିଆ ମେଣ୍ଟ ବାସ୍ତବ ଚ୍ୟାଲେଞ୍ଜ ବୋଲି ଚିନ୍ତା କରୁଛନ୍ତି। ସେ ଲୋକ ସଭା ନିର୍ବାଚନ ଲଢିବା ପାଇଁ ଇଚ୍ଛା ରଖିଥିବା ନେଇ ଦଳୀୟ ସ୍ତରରେ ଜଣାଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ମହିଳା ସଂରକ୍ଷଣ ବିଲ୍ ଆଣି ମହିଳାମାନଙ୍କ ରାଜନୈତିକ ଅଧିକାରକୁ ସୁନିଶ୍ଚିତ କରିଛନ୍ତି। କଂଗ୍ରେସ ମହିଳା ସଂରକ୍ଷଣ ବିଲ୍ ଆଣିବା କ୍ଷେତ୍ରରେ କୌଣସି ପ୍ରକାର ଦୃଢ଼ ଇଚ୍ଛାଶକ୍ତି ଦେଖାଇ ନ ଥିଲା। ଆଜି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଶରେ ଜାତିଗତ ଜନଗଣନା କରିବାକୁ ଯେଉଁ ଦାବି କରିଛନ୍ତି ସେ ଓ ତାଙ୍କ ପାରିବାରିକ ଦଳ ଓବିସି ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀ ଲୋକଙ୍କ ଲାଗି ୭୫ ବର୍ଷ ଭିତରେ କ'ଣ କରିଛନ୍ତି ତା'ର ଉତ୍ତର ରଖନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ନର୍ଗିସ୍‌ଙ୍କୁ ନୋବେଲ...

ମାନବାଧିକାର, ସ୍ୱାଧୀନତା ଏବଂ ଗଣତନ୍ତ୍ର ପାଇଁ ତାଙ୍କର ନିର୍ଭୀକ ଲଢ଼େଇକୁ ସମ୍ମାନ ସ୍ୱରୂପ ସର୍ବୋଚ୍ଚ ପୁରସ୍କାରରେ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ନୋବେଲ କମିଟି କହିଛି। ବିଶ୍ୱରେ ମହିଳାମାନଙ୍କ ଅଧିକାରର ସର୍ବାଧିକ ଉଲ୍ଲଂଘନ ହେଉଥିବା ଇରାନରେ ନର୍ଗିସ୍ ଅନ୍ୟତମ ପ୍ରମୁଖ ମାନବାଧିକାର କର୍ମୀ। ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ଲାଗି ତାଙ୍କୁ ୧୩ ଥର ଗିରଫ କରାଯିବା ସହ ୫ ଥରରେ ମୋଟ ୩୧ ବର୍ଷ ଜେଲଦଣ୍ଡ ଦିଆଯାଇଛି। ଏଥିସହ ୧୫୪ ଥର ଚାବୁକ୍ ମାଡ଼ କରାଯାଇଛି। ଦେଶ ବିରୋଧୀ ପ୍ରଚାର ଅଭିଯୋଗରେ ଏବେ ସେ ତେହେରାନ୍ ଜେଲ୍‌ରେ ସଜା କାଟୁଛନ୍ତି। ନର୍ଗିସ୍ 'ଡିଫେଣ୍ଡର୍ସ ଅଫ୍ ହ୍ୟୁମାନ ରାଇଟ୍ସ ସେଣ୍ଟର' ନାମକ ଏନ୍‌ଜିଓର ଉପମୁଖ୍ୟ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପ୍ରାପ୍ତି ଘଟିପାରେ। ପରିବାରରେ କଳହ, ଅଶାନ୍ତି ଦେଖାଦେଇପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** - ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ଅଭାବ, ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ। ଅନ୍ୟମାନଙ୍କୁ ଭଲରେ ରଖିବାକୁ ଚେଷ୍ଟା କଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡି ଦେବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କିଛି ମୂଲ୍ୟବାନ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ମିଥୁନ** - ଅର୍ଥ ସଂକଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପୂରଣ କରିପାରିବେ। ବୟସ୍କ ବ୍ୟକ୍ତିମାନେ ସାହାଯ୍ୟ ପୂର୍ବକ ସହାନୁଭୂତି ପ୍ରକାଶ କରିବେ। ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ଧନ ହାନି ଘଟିବାର ପୂର୍ବସୂଚନା ରହିଛି। ଜମିଜମା କାରବାର କିମ୍ବା କୌଣସି ଚୁକ୍ତିପତ୍ର ସମ୍ପାଦନ କରିବା ପାଇଁ ପ୍ରକୃଷ୍ଟ ଦିନ।

**କର୍କଟ** - ପରିସ୍ଥିତି ପ୍ରତି ସଚେତନ ହୋଇ କାମ କରିବା ଦ୍ୱାରା ଶ୍ରମ ଲାଘବ ହୋଇପାରିବ। ପ୍ରଥମାବସ୍ଥାରେ ଅସୁବିଧା ଭଳି ମନେହେଲେ ମଧ୍ୟ ପରକ୍ଷଣରେ ବହୁତ ସୁବିଧା ଉପଭୋଗ କରିପାରିବେ। ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ସିଂହ** - ଆପଣଙ୍କ ସ୍ପଷ୍ଟବାଦିତା ଓ କାର୍ଯ୍ୟ ହାସଲର କଳା କୌଶଳକୁ ବନ୍ଧୁ ପ୍ରଶଂସା କରିପାରନ୍ତି। ପାରିବାରିକ ବିଷମତା ନେଇ ଚିନ୍ତିତ ଥିଲେ ମଧ୍ୟ ପ୍ରକାଶ କରିପାରିବେ ନାହିଁ। ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**କନ୍ୟା** - ଅଟକି ରହିଥିବା କାମ ପୂରାଦମରେ କଲେ ମଧ୍ୟ ନିର୍ଦ୍ଦିଷ୍ଟ ସମୟରେ ସାରିପାରିବେ ନାହିଁ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାଙ୍ଗଠନିକ କ୍ଷେତ୍ରରେ କିଛି ନୂତନ ଦିଗ୍‌ଦର୍ଶନ ଦେଇ ପ୍ରିୟଭାଜନ ହେବେ। ବ୍ୟବସାୟ, ପରିବହନ, ଜମିଜମା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ବଢ଼ିପାରେ।

**ତୁଳା** - ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। ଯେତେ ରାଗିଥିଲେ ମଧ୍ୟ ବନ୍ଧୁଙ୍କ ସାମ୍ନାରେ କିଛି କଡ଼ା କଥା କହିପାରିବେ ନାହିଁ। ସରକାରୀ କାମରେ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ। ପାନ ମସଲା, ତେଜରାତି ଦୋକାନ, ହୋଟେଲ ବ୍ୟବସାୟରୁ ଆଜି ଭଲ ବେପାର ହେବ।

**ବିଛା** - ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସି ପାରିବ ନାହିଁ। କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ କ'ଣ ହେଲା ଏଣୁତେଣୁ ଗୁଡ଼ାଏ ବେକାର କଥାରେ ମନ ଅଶାନ୍ତ ରହିବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆତ୍ମୀୟମାନେ ପରୋକ୍ଷ ଭାବରେ ବିରୁଦ୍ଧାଚରଣ କରିବାର ସମ୍ଭାବନା ରହିଛି।

**ଧନୁ** - ଆଜି ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତ୍ତେଜିତ ରହିପାରେ। ଘରେ ଅଶାନ୍ତିର ବାତାବରଣ ଏବଂ କର୍ମକ୍ଷେତ୍ରରେ କଳହକୁ ଏଡି ହେବନି। ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମ କରି ଫେରିପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

**ମକର** - ବିଳମ୍ବିତ ସମୟରେ ଅଭିଳାଷ ପୂରଣ ହେବ ତଥାପି ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସ୍ଥାନ ପାଇବ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ରୋଗ ଶଯ୍ୟାରେ ପଡ଼ିଥିବା ନିକଟ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** - ଘର କାମ ଛାଡ଼ି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ ହେବେ। ଅସାବଧାନତାବଶତଃ କାରଣରୁ ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟିକ ଦିଗରୁ ଦିନଟି ଭଲ କିନ୍ତୁ ସମ୍ପୂର୍ଣ୍ଣ ସନ୍ତୋଷଜନକ ହେବନାହିଁ।

**ମୀନ** - ଯୋଜନାନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କଲେ ମଧ୍ୟ କିଛି ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିପାରେ। ପଡ଼ୋଶୀ ଈର୍ଷାପରାୟଣ ହୋଇ ପରୋକ୍ଷଭାବରେ ସମାଲୋଚନା କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ଚିନ୍ତା କରିବାକୁ ପଡ଼ିପାରେ। ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସି ହେବେ।

ଆଜି ଆଶ୍ୱିନ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ, ଶନିବାର, ଅକ୍ଟୋବର ୭ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୬ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୭ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ।




# ‘ରାଜ୍ୟକୁ ଉତ୍ସର୍ଗୀକୃତ ହେଲିକପ୍ଟର ଦିଆଯାଉ’

## ମାଓବାଦୀ ଦମନ ସମ୍ପର୍କିତ ଜାତୀୟ ବୈଠକରେ ଓଡ଼ିଶାର ଦାବି

ଭୁବନେଶ୍ୱର,୬।୧୦(ସୁନିତ୍ ମିଶ୍ର)



ଓଡ଼ିଶାରେ ମାଓବାଦୀ ସମସ୍ୟାର ମୁକାବିଲା ନିମନ୍ତେ ଭାରତ ସରକାରଙ୍କ ସହାୟତା ପାଇଁ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ଅର୍ଥମନ୍ତ୍ରୀ କିଛି ସମସ୍ୟା ଉପରେ ଭାରତ ସରକାରଙ୍କ ଧ୍ୟାନ ଆକର୍ଷଣ କରି କହିଛନ୍ତି, ବିଭିନ୍ନ ଯୋଜନାରେ ମୋବାଇଲ ଟାୱାର ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ଶୀଘ୍ର କାର୍ଯ୍ୟ ଶେଷ ହେବା ଦରକାର। ସେନାର ଯାତାୟାତ, ଆଗ ପୋଷ୍ଟର ରକ୍ଷଣାବେକ୍ଷଣ ଏବଂ ମାଓବାଦୀଙ୍କ ସହ ସଂଘର୍ଷ ଭଳି ଜରୁରୀ ପରିସ୍ଥିତିରେ ମୁକାବିଲା ନିମନ୍ତେ ସୁରକ୍ଷା ବାହିନୀ ପାଇଁ ନିରବଚ୍ଛିନ୍ନ ହେଲିକପ୍ଟର ସେବା ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ତେଣୁ ରାଜ୍ୟକୁ ଏଥିଲାଗି ଏକ ଉତ୍ସର୍ଗୀକୃତ ହେଲିକପ୍ଟର ପ୍ରଦାନ କରିବାକୁ ନୂଆଦିଲ୍ଲୀଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାଓବାଦୀ ଦମନ ସମ୍ପର୍କିତ ଜାତୀୟ ବୈଠକରେ ଆରୁଖ ଦାବି କରିଛନ୍ତି।

ମନ୍ତ୍ରୀ ଆରୁଖ ଆହୁରି କହିଛନ୍ତି, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସକ୍ରିୟ ଓ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥା ଏବଂ ଆଦିବାସୀ ଅଞ୍ଚଳର ସାମଗ୍ରିକ ବିକାଶ ଆମ ରାଜ୍ୟର ଆଭିମୁଖ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ଉପରେ ସର୍ବଦା ଗୁରୁତ୍ୱାରୋପ କରି ଆସିଛନ୍ତି। ମାଓବାଦୀ ସମସ୍ୟାର ମୂଳୋତ୍ପାଟନ ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ସଂସ୍ଥା ଓ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ସମନ୍ୱୟ ରକ୍ଷାକରି ନିଷ୍ଠାପର ଭାବେ ପ୍ରୟାସ ଜାରି ରଖିବେ। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଓ ବଳିଷ୍ଠ ନେତୃତ୍ୱରେ ଓଡ଼ିଶା ବାମପନ୍ଥୀ ଉଗ୍ରବାଦର ମୁକାବିଲା କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟ ସରକାରଙ୍କ ଜନକୈନ୍ଦ୍ରିକ ନୀତି ଏବଂ ବିକାଶମୂଳକ ପଦକ୍ଷେପ ଯୋଗୁ ଅଧିକାଂଶ ପ୍ରଭାବିତ ଅଞ୍ଚଳର ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିପାରିଛି। ମାଓବାଦୀଙ୍କ ପ୍ରଭାବ କ୍ଷେତ୍ର ୨୧ଟି ଜିଲାରୁ ୧୦ଟି ଜିଲାକୁ ହ୍ରାସ ପାଇଛି, ହିଂସାର ତୀବ୍ରତା କମିପାରିଛି। ଦଶନ୍ଧି ଦଶନ୍ଧି ଧରି ମାଓବାଦୀଙ୍କ ଗଡ଼ ଥିବା ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳକୁ ସୁରକ୍ଷା ବଳ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଓ ଆଧିପତ୍ୟକୁ ଆଣିପାରିଛି। ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଦ୍ୱାରା ଏହି ଅଞ୍ଚଳ ସାମାଜିକ-ଅର୍ଥନୈତିକ-ରାଜନୈତିକ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛି। ଗୁରୁପ୍ରିୟା ସେତୁ ନିର୍ମାଣ ଏହି ଅଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଓ ଜୀବିକାରେ ଆଖିଦୃଶିଆ ପରିବର୍ତ୍ତନ ଆଣିପାରିଛି ବୋଲି ସେ କହିଛନ୍ତି। ପାଠପଢ଼ାର ସୁବିଧା ପାଇଁ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ୭ ହଜାରରୁ ଅଧିକ ସ୍ମାର୍ଟଫୋନ ବଣ୍ଟନ କରାଯାଇଛି। ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ଓ ପାରାମେଡିକାଲ ସଂଖ୍ୟାକୁ ସମ୍ପ୍ରସାରିତ କରାଯିବା ସହ ବୋଟ୍ ଆମ୍ବୁଲାନ୍ସ ଏବଂ ଜଳ ଆମ୍ବୁଲାନ୍ସ ବ୍ୟବସ୍ଥା ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଏହି ବୈଠକରେ ଅର୍ଥମନ୍ତ୍ରୀ ଆରୁଖ ଯୋଗଦେଇଥିବା ବେଳେ ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଯୋଗଦେଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଓଡ଼ିଶାର ମାଓବାଦୀ ଦମନ କାର୍ଯ୍ୟକଳାପ ଉପରେ ସନ୍ତୋଷ ବ୍ୟକ୍ତ କରିବା ସହ ଆସନ୍ତା ବର୍ଷ ସମଗ୍ର ଦେଶରୁ ବାମପନ୍ଥୀ ଉଗ୍ରବାଦର ମୂଳୋତ୍ପାଟନ କରାଯିବ ଏବଂ ରାଜ୍ୟ ସରକାରଙ୍କୁ ଏଥିନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିବା ସୂଚନା ଦିଆଯାଇଛି।

# ଖଣି ପୋଖରୀରେ ବୁଡ଼ି ଯୁବକ ମୃତ

## ସେଲ୍‌ଫି ନେବା ହେଲା କାଳ

- ଉଦ୍ଧାର ପାଇଲେ ଜଣେ ଯୁବତୀ
- କଟକଣା ଜାରିକଲା ପ୍ରଶାସନ

ଖୋର୍ଦ୍ଧା,୬।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ବଡ଼ସାଉଁଳି ପାହାଡ଼ (ଶ୍ରୀମନ୍ଦିର ପ୍ରଶାସନ ରେକର୍ଡ ଅନୁସାରେ ଟାଙ୍ଗୁରୀ-୧) ଖଣି ପୋଖରୀରେ ଶୁକ୍ରବାର ଅପରାହ୍ଣରେ ସେଲ୍‌ଫି ନେବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ସିଡିଏ ଅଞ୍ଚଳର ଆଶୁତୋଷ ବେହେରା (୨୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, କଟକ ଅଞ୍ଚଳର ୬ଜଣ ଯୁବତୀ ଯୁବକ ଏହି ପାହାଡ଼ ବୁଲିବାକୁ ଆସିଥିଲେ। ସେଠାରେ ମିଳିମିଶି ରିଲ୍ସ କରିଥିଲେ। ପରେ ଏକାଠି ହୋଇ ଖଣି ପୋଖରୀ ନିକଟରେ ସେଲ୍‌ଫି ନେଉଥିଲେ। ଏହି ସମୟରେ ହଠାତ୍ ଆଶୁତୋଷ ଓ ଜଣେ ଯୁବତୀଙ୍କ ଗୋଡ଼ ଖସିଯିବାରୁ ଉଭୟ ଖଣି ପୋଖରୀରେ ପଡ଼ିଯାଇଥିଲେ। ସମ୍ପୃକ୍ତ ଯୁବତୀ ବୁଡ଼ିଯାଉଥିବାବେଳେ ଅନ୍ୟମାନେ ତାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ବେଳେ ଆଶୁତୋଷଙ୍କୁ ବଞ୍ଚାଇପାରି ନ ଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ଏବଂ ଓଡ୍ରାଫ୍ ଟିମ୍ ପହଞ୍ଚି ଖୋଜାଖୋଜି କରିଥିଲେ। ଏକ ଘଣ୍ଟାର ପରିଶ୍ରମ ପରେ ଆଶୁତୋଷଙ୍କ ମୃତଦେହ ମିଳିଥିଲା। ସେଠାରେ ସଦର ଥାନା ଆଇଆଇସି କାହ୍ନୁଚରଣ ସ୍ୱାଇଁ ଏବଂ ତହସିଲଦାର ବିଭାସ ପାଣିଗ୍ରାହୀ ସଦଳବଳ ପହଞ୍ଚିଥିଲେ। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ଉକ୍ତ ପାହାଡ଼ ନିକଟରେ ବୁଲାବୁଲି ଉପରେ କଟକଣା ଜାରି କରାଯାଇଛି।


ପୋଖରୀରୁ ଉଦ୍ଧାର ଯୁବକଙ୍କୁ ନିଆଯାଉଛି।

ପ୍ରକାଶ ଯେ, ଉକ୍ତ ଅଞ୍ଚଳରେ ପାହାଡ଼ ଖୋଳାହେବା ଫଳରେ ବିରାଟ ଗାତ ସୃଷ୍ଟି ହୋଇ ପାଣି ଜମି କୃତ୍ରିମ ହ୍ରଦ ପାଲଟିଛି। ଏହି ଖଣି ପୋଖରୀରେ ଚାରିପଟେ ପାହାଡ଼ ରହିଥିବାବେଳେ ତଳେ ଶିଉଳି ଲଟା, ଅନାବନା ଗଛଲତା ପାଣିରେ ପଡ଼ି ସୂର୍ଯ୍ୟକିରଣ ପ୍ରଭାବରେ ନୀଳବର୍ଣ୍ଣ ଦେଖାଯାଏ। ଚାରିପଟେ ପାହାଡ଼ଘେରା ମଧ୍ୟରେ ଥିବା ଏହି ଅଞ୍ଚଳ ଯୁବତୀ ଯୁବକଙ୍କ ପାଇଁ ରିଲ୍ସ ଓ ସେଲ୍‌ଫି ପଏଣ୍ଟ ପାଲଟିଥିଲା। ଏପରିକି କେତେଜଣ ଯୁବକ ଏହାକୁ ଲଦାଖ ସହ ତୁଳନା କରି ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିବା ଯୋଗୁ ଏହି ସ୍ଥାନର ଗୁରୁତ୍ୱ ବଢ଼ିବା ସହ ଚର୍ଚ୍ଚାକୁ ଆସିଥିଲା। ଧୀରେ ଧୀରେ ଏଠାକୁ ଲୋକଙ୍କ ଆଗମନ ବଢ଼ିଥିଲା। ବିପଦସଙ୍କୁଳ ସ୍ଥାନରେ ଯୁବତୀ, ଯୁବକ, ପ୍ରେମୀଯୁଗଳ ସେଲ୍‌ଫି ନେବା ଓ ରିଲ୍ସ କରିବା ପାଇଁ ଭିଡ଼ ହେବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିଲା। ଏହାସତ୍ତ୍ୱେ ଅନେକେ ତାହାକୁ ମାନୁ ନ ଥିଲେ।

ଉଲ୍ଲେଖଯୋଗ୍ୟ, ଏକାଧିକ ପାହାଡ଼ରୁ ବେଆଇନ ଭାବେ ଖଣିଖନନ କରିବା ପରେ ମାଫିଆମାନେ ଏହାକୁ ଛାଡ଼ି ଦେଉଛନ୍ତି। ଦୀର୍ଘଦିନ ଖଣିରେ ପାଣି ଜମିବା ଫଳରେ ଏଭଳି ସ୍ଥିତି ଉପୁଜୁଛି। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ତାପଙ୍ଗ ଅଞ୍ଚଳରେ ସୃଷ୍ଟି ହୋଇଥିବା ବେଆଇନ ଖଣି ଓ କୃତ୍ରିମ ହ୍ରଦ ପୋତିବା ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏକ ଅଭିଯୋଗ ଶୁଣାଣି କରି ଶ୍ରୀମନ୍ଦିର ପ୍ରଶାସନ ୧୨ କୋଟି ଟଙ୍କା ଖୋର୍ଦ୍ଧା ଜିଲା ପ୍ରଶାସନକୁ ଦେବା ପାଇଁ ୨୦୨୨ ଅକ୍ଟୋବରରେ ନିର୍ଦ୍ଦେଶ ଦେଇଥିଲେ।

# ଏନ୍‌ଏସ୍‌ଡି ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୬।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)/ଚାନ୍ଦବାଲି
(ଅଶୋକ ପଣ୍ଡା/କିଶାନ ପାତ୍ର)

ଓଡ଼ିଆ ପୁଅ ତଥା ଅଭିନେତା ଚିତ୍ତରଞ୍ଜନ ତ୍ରିପାଠୀ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି) ଦିଲ୍ଲୀର ନିର୍ଦ୍ଦେଶକ ହୋଇଛନ୍ତି। ଏନେଇ ଗୁରୁବାର ଘୋଷଣା କରାଯାଇଥିବାବେଳେ ଶୁକ୍ରବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଏନ୍‌ଏସ୍‌ଡିର ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ପ୍ରଥମ ଓଡ଼ିଆ ଭାବେ ଚିତ୍ତରଞ୍ଜନଙ୍କୁ ଏହି ଦାୟିତ୍ୱ ମିଳିଛି। ତାଙ୍କ ଘର ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ବାଲିଗାଁରେ। ସେ କେବଳ ଜଣେ ଅଭିନେତା ନୁହନ୍ତି, ସିନେ ନିର୍ଦ୍ଦେଶକ, ଲେଖକ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ମଧ୍ୟ ଓଡ଼ିଆ ଏବଂ ହିନ୍ଦୀ ଫିଲ୍ମରେ କାମ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଧଉଳି ଏକ୍ସପ୍ରେସ୍, ମୁଖ୍ୟମନ୍ତ୍ରୀ, ନେଟ୍‌ଫ୍ଲିକ୍ସରେ ପ୍ରସାରିତ


ଚିତ୍ତରଞ୍ଜନ ତ୍ରିପାଠୀ

ୱେବ୍‌ସିରିଜ୍ ସାକ୍ରେଡ୍ ଗେମ୍ସ, ହିନ୍ଦୀ ଫିଲ୍ମ ତେରା ମେରା ଟେଢା ମେଢ଼ା, ଇନ୍ଦୁ କି ଯୱାନି, ଛପକ୍, ଏ ମନ୍‌ସୁନ୍ ଡେଟ୍, ସିରିଜ୍ ଝୋଲାଛାପ୍ ଭଳି ଅନେକ ଫିଲ୍ମ, ୱେବ୍‌ସିରିଜ୍‌ରେ ଦମ୍‌ଦାର ଅଭିନୟ କରିଛନ୍ତି। ସେ ଏନ୍‌ଏସ୍‌ଡିର ଜଣେ ପୁରାତନ ଛାତ୍ର। ତେବେ ନିଜେ ପଢ଼ୁଥିବା ଏହି ଜାତୀୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱ ମିଳିଥିବାରୁ ଚିତ୍ତରଞ୍ଜନଙ୍କୁ ଓଡ଼ିଆ ସିନେଜଗତ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସିକିମ୍‌ରେ ଫସି ରହିଛନ୍ତି ନୀଳଗିରିର ସତ୍ୟସୁନ୍ଦର

## ଉଦ୍ଧାର ପାଇଁ ଆକୁଳ ନିବେଦନ

ନୀଳଗିରି,୬।୧୦(ପ୍ରଶାନ୍ତ ବିଶ୍ୱାଳ)

ସିକିମରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଫସି ରହିଛନ୍ତି ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଯୁବ ଇଞ୍ଜିନିୟର ସତ୍ୟସୁନ୍ଦର ବାରିକ। ତାଙ୍କ ସହ ବିଭିନ୍ନ ରାଜ୍ୟର ଆଉ ୭ଜଣ ଯୁବକ ଷ୍ଟାଫ୍ କ୍ୱାର୍ଟର୍ସରେ ଫସି ରହିଛନ୍ତି। ଚାରିଆଡେ ଖାଲି ପାଣି ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଭୋକ ଉପାସରେ ରହିଥିବା ସତ୍ୟସୁନ୍ଦର ତାଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ସେ ଆକୁଳ ନିବେଦନ କରିଛନ୍ତି।

ନୀଳଗିରି ଏନଏସି ଅଧୀନ ୧୩ନଂ. ୱାର୍ଡ ଗୋପୀନାଥପୁର ଗ୍ରାମର ସତ୍ୟସୁନ୍ଦର ସିକିମ୍ ନାମଥଙ୍ଗ ଇଲାକାର ଝୁଲୁଙ୍ଗେ ବ୍ଲକର ଝୁଲୁଙ୍ଗେର ଏକ ପ୍ଲାଷ୍ଟୋ ଓର୍କ କମ୍ପାନୀରେ କାର୍ଯ୍ୟ କରନ୍ତି। ଉକ୍ତ କମ୍ପାନୀଠାରୁ ମାତ୍ର ୧୫୦ ମିଟର ଦୂରରେ ହୋଇଛି ଏହି ପ୍ରଳୟଙ୍କରୀ ବନ୍ୟା। ସେମାନେ ଷ୍ଟାଫ୍ କ୍ୱାର୍ଟର୍ସରେ ରହିଥିବା ବେଳେ ଜଳବନ୍ଦୀ ଯୋଗୁ ବାହାରକୁ ବାହାରିବା ସମ୍ଭବ ହେଉନାହିଁ। ଖାଦ୍ୟପଦାର୍ଥ ସରିଲାଣି। ଏନେଇ ପରିବାର ଲୋକେ ଚିନ୍ତାରେ ରହିଥିବା ବେଳେ ପୂଜାର୍ଚ୍ଚନା ଆରମ୍ଭ କରିଦେଇଛନ୍ତି। ସତ୍ୟସୁନ୍ଦର ତୁରନ୍ତ ଉଦ୍ଧାର ଲାଗି ରାଜ୍ୟ ସରକାର ଓ ବାଲେଶ୍ୱର ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି। ତାଙ୍କ ମାମୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରି ତାଙ୍କ ଭଣଜାଙ୍କ ସମେତ ଅନ୍ୟ ସହଯୋଗୀଙ୍କୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ତେବେ ଏମ୍‌ପି ଷଡ଼ଙ୍ଗୀ ଖୁବ୍‌ଶୀଘ୍ର ସେମାନଙ୍କୁ ଉଦ୍ଧାର କରାଯିବାର ପ୍ରତିଶ୍ରୁତି ଦେଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।


ସିକିମ୍‌ରେ ଫସି ରହିଥିବା ଯୁବକମାନେ।

# ବିଧାୟକ ପ୍ରତାପ ଜେନାଙ୍କୁ ସମନ ଜାରି ନିର୍ଦ୍ଦେଶ

## ମାହାଙ୍ଗା ଡବଲ ମର୍ଡର ମାମଲା

କଟକ,୬।୧୦ (କାର୍ତ୍ତିକ ସାହୁ)

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କୁ ସ୍ପେଶାଲ ମେସେଞ୍ଜର ମାଧ୍ୟମରେ ସାଲେପୁର ଜେଏମ୍‌ଏଫ୍‌ସି ସମନ ଜାରି କରିଛନ୍ତି। ଆସନ୍ତା ୩୧ ତାରିଖରେ ବିଧାୟକ ଜେନା କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ମୃତ କୁଳମଣି ବରାଳଙ୍କ ପୁତ୍ର ରଞ୍ଜିତ କୁମାର ବରାଳ ସ୍ପେଶାଲ ମେସେଞ୍ଜର ମାଧ୍ୟମରେ ମାମଲାର ୧୩ ନମ୍ବର ଅଭିଯୁକ୍ତ ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସମନ ପଠାଇବା ଲାଗି ଅଦାଲତରେ ଗତ ୩୦ ତାରିଖରେ ଆବେଦନ କରିଥିଲେ। ଅଦାଲତ ଏହି ଆବେଦନର ବିଚାର କରି ଏଥିପାଇଁ ୭୫୦ ଟଙ୍କା ଦାଖଲ କରିବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି।

# ଇଷ୍ଟ କୋଷ୍ଟ ରେଲ୍‌ୱେ ଜିଏମ୍ କାର୍ଯ୍ୟାଳୟ ଘେରିଲେ ସଫେଇ କର୍ମଚାରୀ

ଭୁବନେଶ୍ୱର,୬।୧୦
(ଅନୁରାଧା ମହାରଣା)

ମାସକୁ ୨୬ ଦିନ କାମ, ଇପିଏଫ୍ ସହ ଇଏସ୍‌ଆଇ ଲାଗୁ, ସଫେଇ କର୍ମଚାରୀଙ୍କ ଲାଗି ବିଶ୍ରାମଗୃହ, ଗ୍ରାଚ୍ୟୁଇଟି ପ୍ରଦାନ ଓ ଠିକ ବୋନସ ପ୍ରଦାନ ପାଇଁ ଏଆଇସିସିଟିୟୁ ସହବନ୍ଧିତ ଇଷ୍ଟ କୋଷ୍ଟ ସଫେଇ କର୍ମଚାରୀ ସଂଘ ଦାବି କରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସଫେଇ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ବାହାରି ଜିଏମ୍ ଅଫିସ ଘେରାଉ କରିବା ସହ ଧାରଣା ଦେଇଥିଲେ। ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡାଙ୍କ ନେତୃତ୍ୱରେ ବଂଶୀଧର ପରିଡା, ବିଜୟ ବେହେରା, ଶଙ୍କର ନାଏକଙ୍କ ସହ ୪ଜଣିଆ ପ୍ରତିନିଧି ମଣ୍ଡଳୀ ଡିଜିଏମ୍‌ଙ୍କୁ ଭେଟି ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଦାବି ସଂକ୍ରାନ୍ତ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଫେଇ କର୍ମଚାରୀମାନେ କହିଛନ୍ତି।



ଚନ୍ଦ୍ରଶେଖରପୁରସ୍ଥିତ ଇଷ୍ଟକୋଷ୍ଟ ରେଲ୍‌ୱେର ଜିଏମ୍ ଅଫିସ୍ ଆଗରେ ସଫେଇ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।



ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୭ ଅକ୍ଟୋବର, ୨୦୨୩

"ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। –ଶ୍ରୀମା



# ପିଏମ୍‌ଓରେ ଖାରେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କ୍ୟାବିନେଟର ନିଯୁକ୍ତି କମିଟି (ଏସିସି) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶଦାତା ଭାବେ ଅମିତ୍ ଖାରେଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିଛି। ପ୍ରଧାନମନ୍ତ୍ରୀଙ୍କ ପାଳି ଶେଷ ହେବାକୁ ଥିବା ମେ ୨୦୨୪ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଘଟଣାକ୍ରମରେ ଖାରେ ଖୁବ୍ ଶୀଘ୍ର ଏହି ପଦବୀରେ ପହଞ୍ଚିପାରିଥିଲେ। ସେପ୍ଟେମ୍ବର ୨୦୨୧ରେ ଉଚ୍ଚଶିକ୍ଷା ସଚିବ ଭାବରେ ଅବସର ଗ୍ରହଣ କରିବାର ମାତ୍ର ଦୁଇ ସପ୍ତାହ ପରେ ପ୍ରଥମେ ସେ ୨ ବର୍ଷ ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କର ଉଲ୍ଲେଖନୀୟ କ୍ୟାରିୟର ଯୋଗୁ ସରକାରଙ୍କ ସର୍ବୋଚ୍ଚ ସ୍ତର ତାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିଥିଲା ଓ ଏହି ନିଯୁକ୍ତି ତାହାର ଏକ ଉଦାହରଣ। ଏଥିସହ ଉଚ୍ଚଶିକ୍ଷା ସଚିବ ଭାବରେ କାର୍ଯ୍ୟ କରୁଥିବାବେଳେ ଖାରେ ସୂଚନା ଏବଂ ପ୍ରସାରଣର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ତାଙ୍କୁ ଏକ ବର୍ଷରୁ ଅଧିକ ସମୟ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ସହିତ ସମନ୍ୱୟ ରକ୍ଷା କରିବାର ଅପୂର୍ବ ସୁଯୋଗ ପ୍ରଦାନ କରିଥିଲା। ଖାରେଙ୍କ କାର୍ଯ୍ୟକାଳର ବୃଦ୍ଧି ଅନେକ ବିଷୟ ସୂଚିତ କରେ। ଏହା ସରକାରଙ୍କ ମଧ୍ୟରେ ନିରନ୍ତରତା ଏବଂ ସ୍ଥିରତା ପାଇଁ ଏକ ପ୍ରତିବଦ୍ଧତାର ସଙ୍କେତ ଦିଏ, ରାଜ୍ୟ ବ୍ୟବସ୍ଥାର ପରିଚାଳନାରେ ଅଭିଜ୍ଞତା ଏବଂ ଆନୁଷ୍ଠାନିକ ସ୍ମୃତିର ଗୁରୁତ୍ୱ ଉପରେ ଧ୍ୟାନ ଦିଏ। ନିଃସନ୍ଦେହ ଯେ, ଦୁଇଟି ବିଭାଗର ଦାୟିତ୍ୱରେ ଥିବା ସମୟରେ ଖାରେଙ୍କ ପାରଦର୍ଶିତା ଏବଂ ପିଏମ୍‌ଓ ସହିତ ଘନିଷ୍ଠତା ଏବକାର କାର୍ଯ୍ୟକାଳ ବୃଦ୍ଧିକୁ ସୁନିଶ୍ଚିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

### ପରିବର୍ତ୍ତନ ପାଇଁ ପ୍ରସ୍ତୁତ

ଅନୌପଚାରିକ ଭାବେ ଲୋକଙ୍କ ମଧ୍ୟରେ ଘୂରି ବୁଲୁଥିବା ଖବରକୁ ଯଦି ବିଶ୍ୱାସ କରାଯାଏ ତେବେ ସମ୍ଭବତଃ କୁହାଯାଇପାରେ ଯେ, ବିହାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ରାଜବିନ୍ଦର ସିଂ ଭଟ୍ଟି କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ କିମ୍ବା କେନ୍ଦ୍ରୀୟ ପୋଲିସ ସଂଗଠନରେ ଏକ ମହାନିର୍ଦ୍ଦେଶକ (ଡିଜି) ପଦବୀ ହାସଲ କରିବା ପାଇଁ ସତର୍କତାର ସହ ଅନ୍ୱେଷଣ କରୁଛନ୍ତି। ଉଲ୍ଲେଖନୀୟ ଯେ, ଡିସେମ୍ବର ୨୦୨୨ରେ ଭଟ୍ଟି ଡିଜିପି ହେଲାବେଳେ ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ତଥା ଦିଲ୍ଲୀର ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ମୁଖ୍ୟ ଭିଜିଲାନ୍ସ ଅଫିସର (ସିଭିଓ) ଭାବେ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକାଳ ମଧ୍ୟରେ ତାଙ୍କର ଏକ ତ୍ରୁଟିଶୂନ୍ୟ ରେକର୍ଡ ରହିଛି। ତେବେ ରାଜ୍ୟରେ ଡିଜିପି ହେବାର ଏକ ବର୍ଷ ମଧ୍ୟରେ କେନ୍ଦ୍ରୀୟ ନିଯୁକ୍ତି ପାଇବାକୁ ତାଙ୍କର ଇଚ୍ଛାକୁ ନେଇ ଯାହା କଳ୍ପନା କରାଯାଉଛି ତାହା ଉପରେ ପ୍ରଶ୍ନ ଉଠିଛି ଓ ଏକ ସମ୍ଭାବନା ବି ବଢ଼ିଛି। ସୂତ୍ରରୁ ପ୍ରକାଶ, ବିହାର କ୍ୟାଡରର କେତେଜଣ ବରିଷ୍ଠ ଅଧିକାରୀ ବିଶ୍ୱାସ କରନ୍ତି ଯେ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭାଜପା ହାତ ଛାଡ଼ିବା ପରେ ଭଟ୍ଟି ରାଜ୍ୟର ପରିବର୍ତ୍ତିତ ସ୍ଥିତିକୁ ଠିକ୍ ବାଟରେ ନେବା ଲାଗି ସଂଘର୍ଷ କରୁଥାଇପାରନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ବିହାରରେ ବିଶେଷକରି ଆଶା ଓ ଆହ୍ୱାନରେ ପରିପୂର୍ଣ୍ଣ ଆର୍‌ଜେଡି–ଜେଡିୟୁ ସରକାରରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଏକ କଷ୍ଟକର ଦାୟିତ୍ୱ ହୋଇପାରେ। ତେଣୁ ଭଟ୍ଟି କେନ୍ଦ୍ରରେ ଅଧିକ ଶାନ୍ତିପୂର୍ଣ୍ଣ କାର୍ଯ୍ୟ କରିବାକୁ ଉତ୍ସୁକ କି? କୌତୂହଳର ବିଷୟ, ସିଆଇଏସଏଫ୍‌ରେ ଏକ ନୂତନ ଡିଜି ନିଯୁକ୍ତ କରିବାରେ ଅଧିକ ବିଳମ୍ବ ହେବା ହିଁ ଏବକାର କଳ୍ପନାଜଳ୍ପନାର କାରଣ ହୋଇଛି। ବିହାରରୁ କେନ୍ଦ୍ରକୁ ଭଟ୍ଟିଙ୍କ ସମ୍ଭାବ୍ୟ ପରିବର୍ତ୍ତନ ଯଦି ବାସ୍ତବରୂପ ନିଏ ତେବେ ତାହାକୁ ଆଗ୍ରହର ସହ ନିରୀକ୍ଷଣ କରାଯିବ।

### କଡ଼ା ବାର୍ତ୍ତା

ସଚ୍ଚୋଟତା ଅଭାବ ଏବଂ ଅପାରଗତା ଆଧାରରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଇଏଏସ୍ ଅଧିକାରୀ ରିଙ୍କୁ ଡୁଗ୍ଗାଙ୍କୁ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ନିଷ୍ପତ୍ତି ପ୍ରାୟ ଦୁଇମାସ ପୂର୍ବରୁ ଘୋଷଣା କରାଯାଇଥିଲା। କୌତୂହଳର ବିଷୟ ହେଉଛି, ସରକାର କହିଛନ୍ତି ଯେ ଏହି ପଦକ୍ଷେପ ଡୁଗ୍ଗା ଏବଂ ତାଙ୍କ ସ୍ୱାମୀ ଆଇଏଏସ୍ ଅଧିକାରୀ ସଞ୍ଜୟ ଖୀରୱାରଙ୍କ ବିବାଦୀୟ ଘଟଣା ସହିତ କିଛି ସମ୍ପର୍କ ନାହିଁ। ଗତ ବର୍ଷ ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ସେମାନଙ୍କ କୁକୁର ଚଲାବୁଲା କରିବା ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ନେଇ ଏହି ଦମ୍ପତିଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା। ଷ୍ଟାଡିୟମରେ ଥିବା ସୁବିଧାସୁଯୋଗର ଅପବ୍ୟବହାର ଅଭିଯୋଗରେ ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ସେତେବେଳେ ଦିଲ୍ଲୀ ସରକାରରେ କାର୍ଯ୍ୟ କରୁଥିବା ଏହି ଦମ୍ପତିଙ୍କୁ ବଦଳି କରିଥିଲେ। ଏହି ଅଧ୍ୟାୟ ପରେ ଖୀରୱାରଙ୍କୁ ଲଦାଖକୁ ସ୍ଥାନାନ୍ତର କରାଯିବା ସହ ଡୁଗ୍ଗାଙ୍କୁ ଅରୁଣାଚଳ ପ୍ରଦେଶରେ ପୁନଃନିଯୁକ୍ତ କରାଯାଇଥିଲା। ଅବସର ପାଇଁ ସରକାରୀ ନିର୍ଦ୍ଦେଶ ଏମ୍‌ଏଚ୍‌ଏରୁ ଦିଆଯାଇଥିଲା। କାରଣ ଡୁଗ୍ଗା ୧୯୯୪ ବ୍ୟାଚ୍ ଏଜିଏମୟୁଟି କ୍ୟାଡର ଅଧିକାରୀ ହୋଇଥିବାରୁ ସେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପରିବର୍ତ୍ତେ ଗୃହ ମନ୍ତ୍ରଣାଳୟର ଅଧୀନରେ ରହିଥିଲେ। ଲୋକ ସଭାରେ ପ୍ରକାଶ ପାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ବିଗତ ୩ ବର୍ଷ ମଧ୍ୟରେ ୧୨୨ ଅଧିକାରୀଙ୍କୁ ବାଧ୍ୟତାମୂଳକ ଭାବେ ଅବସର ଦିଆଯାଇଛି। ଡୁଗ୍ଗାଙ୍କ ଘଟଣା କର୍ତ୍ତବ୍ୟର ସୀମା ଟପୁଥିବା ବାବୁମାନଙ୍କ ପାଇଁ ଏକ ସତର୍କ ଘଣ୍ଟି। ପଦବୀ ଏବଂ କ୍ଷମତାର ଅପବ୍ୟବହାର କରୁଥିବା ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବାରେ ଡୁଗ୍ଗାଙ୍କ ଘଟଣା ଏକ କଡ଼ା ବାର୍ତ୍ତା।

Email: dilipcherian@gmail.com

# ସେ ବାସ୍ତବରେ ଥିଲେ ସବୁଜ ବିପ୍ଳବର ଜନକ



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

କିଛିଦିନ ତଳେ ଆମେ ପ୍ରଫେସର ଏମ୍. ଏସ୍. ସ୍ୱାମୀନାଥନଙ୍କୁ ହରାଇଛୁ। କୃଷି ବିଜ୍ଞାନରେ ବିପ୍ଳବ ଆଣିଥିବା ଜଣେ ଦୂରଦର୍ଶୀଙ୍କୁ ଆମ ଦେଶ ହରାଇଛି। ଭାରତ ପାଇଁ ତାଙ୍କର ଅବଦାନ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରଫେସର ଏମ୍.ଏସ୍. ସ୍ୱାମୀନାଥନ ଭାରତକୁ ଭଲ ପାଉଥିଲେ। ସେ ଚାହୁଁଥିଲେ, ଆମ ଦେଶ ସମୃଦ୍ଧ ହେଉ, ବିଶେଷକରି ଆମ କୃଷକମାନେ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରନ୍ତୁ। ଶିକ୍ଷାଗତ ଦୃଷ୍ଟିରୁ ସେ ଯେକୌଣସି କ୍ୟାରିୟର ବାଛି ପାରିଥାନ୍ତେ, କିନ୍ତୁ ୧୯୪୩ ମସିହାର ବଙ୍ଗ ଦୁର୍ଭିକ୍ଷ ଦେଖି ସେ ଏତେ ପ୍ରଭାବିତ ହୋଇଥିଲେ ଯେ କୃଷି କ୍ଷେତ୍ରରେ ଅଧ୍ୟୟନ ପାଇଁ ପଣ କରିଥିଲେ।

ଖୁବ୍ କମ୍ ବୟସରେ, ସେ ଡକ୍ଟର ନର୍ମାନ ବୋର୍ଲାଗଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ତାଙ୍କ କାର୍ଯ୍ୟକୁ ଅତି ବିସ୍ତୃତ ଭାବରେ ଅନୁସରଣ କରିଥିଲେ। ୧୯୫୦ ଦଶକରେ ସ୍ୱାମୀନାଥନଙ୍କୁ ଆମେରିକାରେ ଅଧ୍ୟାପକ ପଦବୀ ପାଇଁ ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ସେ ଭାରତରେ ଏବଂ ଭାରତ ପାଇଁ କାମ କରିବାକୁ ଚାହୁଁଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ।

ମୁଁ ଚାହୁଁଛି ଯେ, ଆପଣମାନେ ସମସ୍ତେ ସେହି ଆହ୍ୱାନପୂର୍ଣ୍ଣ ପରିସ୍ଥିତି ବିଷୟରେ ଚିନ୍ତା କରନ୍ତୁ, ଯେଉଁଥିରେ ପ୍ରଫେସର ସ୍ୱାମୀନାଥନ ଦୃଢ଼ ଭାବରେ ଠିଆ ହୋଇଥିଲେ ଏବଂ ଆମ ଦେଶକୁ ଆତ୍ମନିର୍ଭରଶୀଳତା ଓ ଆତ୍ମବିଶ୍ୱାସର ମାର୍ଗରେ ଆଗେଇ ନେଇଥିଲେ। ସ୍ୱାଧୀନତା ପରଠାରୁ ପ୍ରଥମ ଦୁଇ ଦଶନ୍ଧି ମଧ୍ୟରେ ଆମେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଥିଲୁ ଏବଂ ସେଥିମଧ୍ୟରୁ ଗୋଟିଏ ଥିଲା ଖାଦ୍ୟ ଅଭାବ। ୧୯୬୦ ଦଶକର ପ୍ରାରମ୍ଭରେ ଭାରତ ଦୁର୍ଭିକ୍ଷର ଅଶୁଭ ଛାୟା ସହ ସଂଘର୍ଷ କରୁଥିଲା ଏବଂ ସେତେବେଳେ ପ୍ରଫେସର ସ୍ୱାମୀନାଥନଙ୍କ ଅତୁଳନୀୟ ପ୍ରତିବଦ୍ଧତା ଓ ଦୂରଦୃଷ୍ଟି କୃଷି କ୍ଷେତ୍ରରେ ସମୃଦ୍ଧିର ଏକ ନୂଆ ଯୁଗ ଆରମ୍ଭ କରିଥିଲା। କୃଷି ଏବଂ ଗହମ ପ୍ରଜନନ ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସେ ଅଗ୍ରଣୀ ଗବେଷଣା କାର୍ଯ୍ୟ କରିଥିଲେ। ଫଳରେ ଦେଶରେ ଗହମ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଲା ଏବଂ ଭାରତ ଖାଦ୍ୟ ଅଭାବୀ ଦେଶରୁ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ରରେ ପରିଣତ ହୋଇଥିଲା। ଏହି ବିରାଟ ଉପଲବ୍ଧି ପାଇଁ ତାଙ୍କୁ ସମ୍ମାନର ସହ 'ଭାରତୀୟ ସବୁଜ ବିପ୍ଳବର ଜନକ' ବୋଲି କୁହାଯାଏ।

ସବୁଜ ବିପ୍ଳବ ଭାରତର 'କ୍ୟାନ୍ ଡୁ ସ୍ପିରିଟ'(କରିପାରିବାର ଇଚ୍ଛାଶକ୍ତି)ର ଏକ ଝଲକ ପ୍ରଦାନ କରିଥିଲା – ଯଦି ଆମ ଆଗରେ ୧୦୦ କୋଟି ଆହ୍ୱାନ ରହିଛି ତା'ହେଲେ ସେହି ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବା ପାଇଁ ନବସୃଜନର ଜ୍ୟୋତି ସହିତ ଆମ ପାଖରେ ୧୦୦ କୋଟି ମସ୍ତିଷ୍କ ମଧ୍ୟ ଅଛି। ସବୁଜ ବିପ୍ଳବ ଆରମ୍ଭ ହେବାର ପାଞ୍ଚ ଦଶନ୍ଧି ପରେ ଭାରତୀୟ କୃଷି ଅଧିକ ଆଧୁନିକ ଓ ପ୍ରଗତିଶୀଳ ହୋଇପାରିଛି। କିନ୍ତୁ ପ୍ରଫେସର ସ୍ୱାମୀନାଥନ ଯେଉଁ ମୂଳଦୁଆ ପ୍ରତିଷ୍ଠା କରିଯାଇଛନ୍ତି, ତାହା କେବେ ବି ଭୁଲିହେବ ନାହିଁ।

ବର୍ଷ ବର୍ଷ ଧରି ସେ ଆଳୁ ଫସଲକୁ ପ୍ରଭାବିତ କରୁଥିବା ପରଜୀବୀଙ୍କ ମୁକାବିଲା ଦିଗରେ ଅଗ୍ରଣୀ ଗବେଷଣା କରିଥିଲେ। ତାଙ୍କର ଗବେଷଣା ମଧ୍ୟ ଆଳୁ ଫସଲକୁ ଥଣ୍ଡା ପାଗ ସହ୍ୟ କରିବାରେ ସକ୍ଷମ କରିଥିଲା। ଆଜି ସାରା ବିଶ୍ୱ ମିଲେଟ ବା ଶ୍ରୀଅନ୍ନକୁ 'ସୁପର ଫୁଡ୍' ବୋଲି କହୁଛି, କିନ୍ତୁ ପ୍ରଫେସର ସ୍ୱାମୀନାଥନ ୧୯୯୦ ମସିହାରୁ ମିଲେଟ ଚାଷ ଓ ଏହାର ଉପଯୋଗ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।



ପ୍ରଫେସର ସ୍ୱାମୀନାଥନଙ୍କ ସହ ମୁଁ ବ୍ୟକ୍ତିଗତ ଭାବେ ଅନେକ ଥର ମିଶିଛି। ୨୦୦୧ରେ ମୁଁ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆମ ସମ୍ପର୍କ ଆରମ୍ଭ ହୋଇଥିଲା। ସେହି ସମୟରେ ଗୁଜରାଟ ନିଜର କୃଷି ଦକ୍ଷତା ପାଇଁ ସେତେ ପରିଚିତ ନଥିଲା। କ୍ରମାଗତ ମରୁଡ଼ି, ବାତ୍ୟା ଓ ଭୂମିକମ୍ପ ଯୋଗୁ ରାଜ୍ୟର ବିକାଶଧାରା ପ୍ରଭାବିତ ହୋଇଥିଲା। ଆମେ ଆରମ୍ଭ କରିଥିବା ଅନେକ ଯୋଜନା ମଧ୍ୟରୁ ଗୋଟିଏ ଥିଲା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଯାହା ମାଟିକୁ ଭଲ ଭାବରେ ବୁଝିବାରେ ଏବଂ ଯଦି ସମସ୍ୟା ସୃଷ୍ଟି ହୁଏ ତେବେ ତାହାର ସମାଧାନ କରିବାରେ ଆମକୁ ସକ୍ଷମ କରିଥିଲା। ଏହି ଯୋଜନା ପରିପ୍ରେକ୍ଷୀରେ ମୁଁ ପ୍ରଫେସର ସ୍ୱାମୀନାଥନଙ୍କୁ ଭେଟିଥିଲି। ସେ ଏହି ଯୋଜନାକୁ ପ୍ରଶଂସା କରିବା ସହ ଏଥିପାଇଁ ନିଜର ମୂଲ୍ୟବାନ ମତାମତ ମଧ୍ୟ ପ୍ରଦାନ କରିଥିଲେ। ଏହି ଯୋଜନାକୁ ନେଇ ସନ୍ଦେହ ଥିବା ଲୋକଙ୍କୁ ବୁଝାଇବାରେ ତାଙ୍କର ସମର୍ଥନ ଯଥେଷ୍ଟ ଥିଲା, ଯାହାକି ପରବର୍ତ୍ତୀ ସମୟରେ ଗୁଜରାଟରେ କୃଷିର ସଫଳତା ପାଇଁ କ୍ଷେତ୍ର ପ୍ରସ୍ତୁତ କଲା।

ମୋର ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ଏବଂ ଯେତେବେଳେ ମୁଁ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ନେଇଥିଲି ସେତେବେଳେ ମଧ୍ୟ ଆମର କଥାବାର୍ତ୍ତା ଜାରି ରହିଥିଲା। ମୁଁ ୨୦୧୬ରେ ଅନ୍ତର୍ଜାତୀୟ କୃଷି–ଜୈବବିବିଧତା କଂଗ୍ରେସରେ ତାଙ୍କୁ ଭେଟିଥିଲି ଏବଂ ପରବର୍ଷ ୨୦୧୭ରେ ମୁଁ ତାଙ୍କ ଦ୍ୱାରା ଲିଖିତ ଏକ ଦୁଇ ଭାଗ ବିଶିଷ୍ଟ ପୁସ୍ତକ ଶୃଙ୍ଖଳାକୁ ଉନ୍ମୋଚନ କରିଥିଲି।

'କୁରାଲ'ରେ କୃଷକମାନଙ୍କୁ ଏକ କେନ୍ଦ୍ରବିନ୍ଦୁ ଭାବରେ ବର୍ଣ୍ଣନା କରାଯାଇଛି, ଯାହା ବିଶ୍ୱକୁ ଏକାଠି ରଖିଥାଏ। ଏହାର କାରଣ ହେଉଛି କୃଷକମାନେ ହିଁ ସମସ୍ତଙ୍କୁ ବଞ୍ଚାଇ ରଖିଥାନ୍ତି। ପ୍ରଫେସର ସ୍ୱାମୀନାଥନ ଏହି ନୀତିକୁ ଭଲ ଭାବରେ ବୁଝିଥିଲେ। ଅନେକ ଲୋକ ତାଙ୍କୁ 'କୃଷି ବୈଜ୍ଞାନିକ' ବୋଲି କୁହନ୍ତି। କିନ୍ତୁ ମୁଁ ସବୁବେଳେ ବିଶ୍ୱାସ କରିଆସିଛି ଯେ ତାଙ୍କ ବ୍ୟକ୍ତିତ୍ୱର ପରିସର ଏହାଠାରୁ ଆହୁରି ଅଧିକ ଥିଲା। ପ୍ରକୃତରେ ସେ 'କିଷାନ ବୈଜ୍ଞାନିକ'– ଚାଷୀଙ୍କ ବୈଜ୍ଞାନିକ ଥିଲେ। ତାଙ୍କ ହୃଦୟ ଜଣେ ଚାଷୀଙ୍କ ଭଳି ଥିଲା। ତାଙ୍କ କୃତିର ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷ ମଧ୍ୟରେ ସୀମିତ ନାହିଁ; ଏହା ପରୀକ୍ଷାଗାର ବାହାରେ, ଫାର୍ମ ଏବଂ ଚାଷ ଜମିରେ ପ୍ରଭାବ ବିସ୍ତାର କରିଛି। ତାଙ୍କର କାର୍ଯ୍ୟ ବୈଜ୍ଞାନିକ ଜ୍ଞାନ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ହ୍ରାସ କରିପାରିଛି। ସେ ଦୀର୍ଘସ୍ଥାୟୀ କୃଷି ପାଇଁ ନିରନ୍ତର ସମର୍ଥନ କରୁଥିଲେ ଏବଂ ମାନବ ସମାଜର ଉନ୍ନତି ଓ ପରିବେଶର ସ୍ଥାୟିତ୍ୱ ମଧ୍ୟରେ ସୂକ୍ଷ୍ମ ସନ୍ତୁଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କର ଆଉ ଗୋଟିଏ ଗୁଣ ବିଷୟରେ ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହୁଁଛି, କ୍ଷୁଦ୍ର ଚାଷୀମାନଙ୍କ ଜୀବନରେ ଉନ୍ନତି ଆଣିବା ଏବଂ ସେମାନେ ମଧ୍ୟ ଯେପରି ନୂଆ ଉଦ୍ଭାବନର ଫଳ ଉପଭୋଗ କରିପାରିବେ ତା'ଉପରେ ପ୍ରଫେସର ସ୍ୱାମୀନାଥନ ବିଶେଷ ଗୁରୁତ୍ୱ ଦେଉଥିଲେ। ମହିଳା ଚାଷୀଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ସେ ବିଶେଷ ଭାବରେ ଆଗ୍ରହୀ ଥିଲେ।

ପ୍ରଫେସର ଏମ୍ ଏସ୍ ସ୍ୱାମୀନାଥନଙ୍କ ବ୍ୟକ୍ତିତ୍ୱର ଆଉ ଏକ ଦିଗ ଅଛି ଯାହା ଉଲ୍ଲେଖନୀୟ – ସେ ନୂତନ ଉଦ୍ଭାବନ ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ଜଣେ ଆଦର୍ଶ ଭାବରେ ଠିଆ ହୋଇଛନ୍ତି। ୧୯୮୭ ମସିହାରେ ସେ ବିଶ୍ୱ ଖାଦ୍ୟ ପୁରସ୍କାର ପାଇଥିଲେ ଏବଂ ସେ ଥିଲେ ଏହି ସମ୍ମାନଜନକ ପୁରସ୍କାରର ପ୍ରଥମ ବିଜେତା। ପ୍ରଫେସର ସ୍ୱାମୀନାଥନ ଏହି ପୁରସ୍କାର ରାଶିକୁ ଏକ ଅଣଲାଭକାରୀ ଗବେଷଣା ଫାଉଣ୍ଡେଶନ ପ୍ରତିଷ୍ଠା କରିବାରେ ବ୍ୟବହାର କରିଥିଲେ। ଆଜି ପର୍ଯ୍ୟନ୍ତ ଏହା ବିଭିନ୍ନ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରୁଛି। ସେ ଅଗଣିତ ବ୍ୟକ୍ତିତ୍ୱଙ୍କୁ ଅନୁପ୍ରାଣିତ କରିଛନ୍ତି ଏବଂ ସେମାନଙ୍କ ଭିତରେ ଅଧ୍ୟୟନ ଏବଂ ଉଦ୍ଭାବନ ପ୍ରତି ଆଗ୍ରହ ସୃଷ୍ଟି କରିଛନ୍ତି। ଦ୍ରୁତ ଗତିରେ ପରିବର୍ତ୍ତିତ ଦୁନିଆରେ ତାଙ୍କ ଜୀବନ ଆମକୁ ଜ୍ଞାନ, ମାର୍ଗଦର୍ଶନ ଏବଂ ଉଦ୍ଭାବନରେ ରହିଥିବା ଦୃଢ଼ ସାମର୍ଥ୍ୟ ବିଷୟରେ ସ୍ମରଣ କରାଇ ଦେଇଥାଏ। ସେ ଜଣେ ଅନୁଷ୍ଠାନ ନିର୍ମାତା ମଧ୍ୟ ଥିଲେ। ସେ ଏମିତି ଅନେକ ଅନୁଷ୍ଠାନ ନିର୍ମାଣ କରିଛନ୍ତି, ଯେଉଁଠି ବ୍ୟାପକ ଗବେଷଣା କରାଯାଉଛି। ମାନିଲାସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବରେ ସେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କର ପ୍ରୟାସ ଯୋଗୁ ୨୦୧୮ରେ ବାରାଣସୀରେ ଦକ୍ଷିଣ ଏସିଆ ଆଞ୍ଚଳିକ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଖୋଲାଯାଇଥିଲା।

ଡକ୍ଟର ସ୍ୱାମୀନାଥନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ମୁଁ ପୁଣି ଥରେ 'କୁରାଲ'ର ଉଦାହରଣ ଦେବି। ସେଥିରେ ଲେଖାଯାଇଛି, ''କୌଣସି ଯୋଜନା ପ୍ରସ୍ତୁତ କରୁଥିବା ବ୍ୟକ୍ତିର ମନୋବଳ ଦୃଢ଼ ଥିଲେ, ସେ ଯାହା ପାଇବାକୁ ଚାହୁଁଛନ୍ତି ଏବଂ ଯେପରି ଉପାୟରେ ପାଇବାକୁ ଚାହୁଁଛନ୍ତି ତାହା ସେ ନିଶ୍ଚିତ ଭାବେ ପାଇବେ।'' ଡକ୍ଟର ସ୍ୱାମୀନାଥନ ଏପରି ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ ଯିଏକି ନିଜ ଜୀବନର ଆଦ୍ୟଭାଗରେ କୃଷିକୁ ସୁଦୃଢ଼ କରିବାକୁ ଏବଂ କୃଷକଙ୍କ ସେବା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏହାକୁ ଅତ୍ୟନ୍ତ ଅଭିନବ ଢଙ୍ଗରେ ଏବଂ ଉତ୍ସାହର ସହ କରିଥିଲେ। ଡ. ସ୍ୱାମୀନାଥନଙ୍କ ଅବଦାନ ଆମକୁ କୃଷି ଉଦ୍ଭାବନ ଏବଂ ଦୀର୍ଘସ୍ଥାୟିତ୍ୱ ପଥରେ ଆଗକୁ ବଢ଼ିବା ସମୟରେ ଅନୁପ୍ରାଣିତ କରିବା ସହ ମାର୍ଗଦର୍ଶନ ଦେବା ଜାରି ରଖିଛି। ଚାଷୀଙ୍କ ହିତ ପାଇଁ କାମ କରିବା, ବୈଜ୍ଞାନିକ ଉଦ୍ଭାବନର ପରିଣାମକୁ ଆମର ବିସ୍ତାରିତ କୃଷି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଅଭିବୃଦ୍ଧି, ଦୀର୍ଘସ୍ଥାୟିତ୍ୱ ଓ ସମୃଦ୍ଧିକୁ ପ୍ରୋତ୍ସାହନ ଦେବା ଲାଗି ତାଙ୍କର ପ୍ରିୟ ସିଦ୍ଧାନ୍ତ ପ୍ରତି ଆମେ ଆମର ପ୍ରତିବଦ୍ଧତାକୁ ଦୋହରାଇବା ଉଚିତ।

# ଜୀବନ ଓ ଶାକାହାର



ଡା. ଉମେଶ ଚନ୍ଦ୍ର ପାତ୍ର

ନୀରୋଗ ଶରୀର ମାଧ୍ୟମରେ ସୁଖଶାନ୍ତିଭରା ଜୀବନଯାପନ ପାଇଁ ଖାଦ୍ୟର ଉପାଦେୟତା ବିଷୟରେ ଭାରତୀୟ ପୁରାଣ ଶାସ୍ତ୍ରରେ ମାର୍ଗଦର୍ଶନର ତଥ୍ୟ ରହିଛି। ମନୁଷ୍ୟ ଜୀବନ କ୍ଷଣସ୍ଥାୟୀ। କେତେବେଳେ କାହାର ଜୀବନ ପ୍ରଦୀପ ନିର୍ବାପିତ ହୋଇଯିବ ତାହା କହିହେବ ନାହିଁ। ସେଥିପାଇଁ ମନୁଷ୍ୟ ଜୀବନକୁ ପାଣିଫୋଟକା ସହ ତୁଳନା କରାଯାଇଛି। ତଥାପି ଯେତେଦିନ ଏ ସଂସାରରେ ବଞ୍ଚିଥିବା ଏ ଶରୀରକୁ ସୁସ୍ଥ ରଖିବା ପାଇଁ ଯତ୍ନବାନ୍ ହେବା। କାରଣ ଏ ସଂସାର ସାଗରକୁ ସୁରୁଖୁରୁରେ ପାରହେବା ପାଇଁ ଶରୀର ଏକମାତ୍ର ମାଧ୍ୟମ। ଗଭୀର ତରଙ୍ଗାୟିତ ସମୁଦ୍ରକୁ ପାରହେବା ପାଇଁ ଏକ ନିଖୁଣ ପୋତର ଆବଶ୍ୟକତା ଥିଲା ପରି ନାନା ଝଡ଼ଝଞ୍ଜା ମଧ୍ୟଦେଇ ଗତି କରୁଥିବା ଅମୂଲ୍ୟ ମାନବ ଜୀବନକୁ ସୁରୁଖୁରୁରେ ଚଳାଇନେବା ଲାଗି ଏକ ସୁସ୍ଥ ଶରୀର ଆବଶ୍ୟକ। ଜାହାଜରେ ଛିଦ୍ର ଥିଲେ ଗଭୀର ସମୁଦ୍ର ମଧ୍ୟରେ ଜାହାଜଟି ବୁଡ଼ିଗଲା ପରି ରୋଗାକ୍ରାନ୍ତ ଶରୀର ଅସମୟରେ ମୃତ୍ୟୁବରଣ କରେ। ମାନବ ଶରୀର ସହଜରେ ନାନା ପ୍ରକାର ରୋଗବ୍ୟାଧିରେ ଆକ୍ରାନ୍ତ ହୋଇ ଦୁର୍ବଳ ଓ ଅକର୍ମଣ୍ୟ ହେବା ଯୋଗୁ ଅନ୍ୟମାନଙ୍କ ପାଇଁ ବୋଝ ହୋଇଥାଏ। ଗୋଟିଏ ସୁସ୍ଥ ଶରୀର ଅନ୍ୟମାନଙ୍କ ପାଇଁ ବୋଝ ହେଉ ନ ଥିବାରୁ ଉତ୍ତମ ସ୍ୱାସ୍ଥ୍ୟକୁ ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅଭିହିତ କରାଯାଇଛି। ସରଳ ଜୀବନଯାତ୍ରାର ପ୍ରଣାଳୀ ଅବଲମ୍ବନ, ଶାରୀରିକ ବ୍ୟାୟାମ ଓ ଖାଦ୍ୟ ଉପରେ ନିୟନ୍ତ୍ରଣ ରଖିପାରିଲେ ଶରୀର ସୁସ୍ଥ ରହେ।

ଶାସ୍ତ୍ରରେ ଉଲ୍ଲେଖ ରହିଛି, ଯେପରି ଖାଦ୍ୟ ସେପରି ମନ। ଖାଦ୍ୟର ପ୍ରକାର ଭେଦ ଏକାଗ୍ରତାକୁ ନିୟନ୍ତ୍ରିତ କରେ। ଖାଦ୍ୟ ପରିମାଣ ଓ ଗୁଣାତ୍ମକମାନ ଆତ୍ମସଂଯମର ହ୍ରାସ ବୃଦ୍ଧିକୁ ନିୟନ୍ତ୍ରିତ କରେ। ମନୁଷ୍ୟ କିନ୍ତୁ ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖେନାହିଁ। ଖାଦ୍ୟ ସମ୍ବନ୍ଧରେ ଗାଆଁମାନଙ୍କରେ ଗୋଟିଏ ଲୋକପ୍ରିୟ ସତର୍କବାଣୀ ହେଲା 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଧାଇଁଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ ଓ ଖାଇ ଖାଇଲେ ଯମର ଭେଟ'। ଶାସ୍ତ୍ରରେ ଖାଦ୍ୟକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଏହି ୩ ଭାଗରେ ବିଭକ୍ତ କରାଯାଇଛି। ବିଭିନ୍ନ ଖାଦ୍ୟ ମନୁଷ୍ୟର ଦେହ ଓ ମନରେ ଭିନ୍ନ ଭିନ୍ନ ଅବସ୍ଥା ସୃଷ୍ଟି କରିଥାଏ। ସାତ୍ତ୍ୱିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟି ନ କରି ମନକୁ ନିଶ୍ଚଳ ରଖେ। ରାଜସିକ ଖାଦ୍ୟ ମନରେ ଭାବପ୍ରବଣତା ସୃଷ୍ଟିକରେ ଓ ତାମସିକ ଖାଦ୍ୟ ମନରେ ଉତ୍ତେଜନା, କ୍ରୋଧ, ପ୍ରତିହିଂସା, କାମୁକତା ଆଦି ଦୁର୍ଗୁଣ ସୃଷ୍ଟିକରେ। ଆଧ୍ୟାତ୍ମିକ ମାର୍ଗକୁ ପସନ୍ଦ କରୁଥିବା ବ୍ୟକ୍ତିମାନେ ସର୍ବଦା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ଶାନ୍ତ, ଶିଷ୍ଟ, ନିଶ୍ଚଳ ଓ ପବିତ୍ର ରହେ।



ଖାଦ୍ୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇ ଚିନ୍ତାଧାରାକୁ ମଧ୍ୟ ନିୟନ୍ତ୍ରିତକରେ। ଶାକାହାର ଖାଦ୍ୟ ସାତ୍ତ୍ୱିକ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବୋତ୍କୃଷ୍ଟ। ପାଶ୍ଚାତ୍ୟ ଦେଶଗୁଡ଼ିକରେ କଞ୍ଚା ପରିବାପତ୍ର, ଅଧାସିଝା ପରିବା କିମ୍ବା ମସଲା ଦିଆ ନ ଯାଇ ସିଝା ହୋଇଥିବା ପରିବାପତ୍ର ଖାଇଥାଆନ୍ତି। ବେଶି ସିଝିଗଲେ ଖାଦ୍ୟପ୍ରାଣ ନଷ୍ଟ ହୋଇଯାଏ। ଆମ ଦେଶରେ ବ୍ୟଞ୍ଜନର ସ୍ୱାଦ ବଢ଼ାଇବା ପାଇଁ ଓ ଆକର୍ଷଣୀୟ ଦେଖାଯିବା ପାଇଁ ଦିଆଯାଉଥିବା ମସଲାଯୁକ୍ତ ତରକାରିକୁ ସେମାନେ ପସନ୍ଦ କରନ୍ତି ନାହିଁ। କାରଣ ଏହି ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ। ସୀମିତ ପରିମାଣର ଶ୍ୱେତସାର, ପୁଷ୍ଟିସାର ଓ ଅଳ୍ପ ସ୍ନେହସାର ଖାଦ୍ୟ ଖାଇବା ଉଚିତ। ଗୋଟିଏ ଉପାଦେୟ ଲୋକକଥା ପ୍ରଚଳିତ ଅଛି : ତା'ହେଲା ଦିନରେ ଥରେ ଆହାର ଗ୍ରହଣ କରନ୍ତି ଯୋଗୀ, ଦୁଇଥର ଭୋଗୀ ଓ ତିନିଥର ରୋଗୀ। ଆବଶ୍ୟକତା ଅନୁଯାୟୀ ସୀମିତ ଆହାର ଗ୍ରହଣକରି ଯୋଗୀମାନେ ଦୀର୍ଘଜୀବୀ ହେଉଥିଲେ। ଅତ୍ୟଧିକ ପରିମାଣରେ ବାରମ୍ବାର ଖାଦ୍ୟ ଖାଇ ଅକାଳମୃତ୍ୟୁ ବରଣକରିବା ଲୋକଙ୍କର ବହୁ ଦୃଷ୍ଟାନ୍ତ ଅଛି। ସ୍ୱାସ୍ଥ୍ୟ ଭଲ ରହିବା ପାଇଁ ମଝିରେ ମଝିରେ ଉପବାସ ରହିବା ଦରକାର। ଏହାଦ୍ୱାରା ପାକ ଯନ୍ତ୍ର ବିଶ୍ରାମ ପାଏ।

**ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**
**ମୋ– ୯୪୩୭୦୫୧୯୫୭**

## ଏଇ ଭାରତରେ

ଧାନ ଲାଇବ୍ରେରି କଥା କେବେ ଶୁଣିଛନ୍ତି? ହଁ, ଏମିତିକା ଲାଇବ୍ରେରି କରିଛନ୍ତି ଆସାମର ୪୧ ବର୍ଷୀୟ କୃଷକ ମୋହନ ଚନ୍ଦ୍ର ବୋର୍‌ହା। ସେ ଏହାର ନାମ ରଖିଛନ୍ତି ଅନ୍ନପୂର୍ଣ୍ଣା ଧାନ ଲାଇବ୍ରେରି। ପିତାଙ୍କ ଦେହାନ୍ତ ପରେ ଧାନ ବିହନ ସଂରକ୍ଷଣ ଲାଗି ସେ ଏହି ଲାଇବ୍ରେରି ପ୍ରତିଷ୍ଠା କରିଛନ୍ତି। ଏବେ ସୁଦ୍ଧା ମୋହନ ୫୦୦ରୁ ଅଧିକ କିସମ ଧାନ ବିହନ ଲାଇବ୍ରେରିରେ ସାଇତି ରଖିଛନ୍ତି। ସେ ବିହନ ସଂରକ୍ଷଣ ସହ ସେଗୁଡ଼ିକୁ ମାଗଣାରେ ଚାଷୀମାନଙ୍କୁ ଯୋଗାଇ ଦେଉଛନ୍ତି। ମୋହନ ୧୫ ବର୍ଷ ପୂର୍ବେ ଏହି ଧାନ ଲାଇବ୍ରେରି କରିଥିଲେ। ସେବେଠାରୁ ସେ ଆସାମର ବିଭିନ୍ନ ଫାର୍ମ ଓ ଭିନ୍ନ ଭିନ୍ନ ସ୍ଥାନରୁ କୃଷକମାନଙ୍କଠାରୁ ବିହନ ସଂଗ୍ରହ କରିଛନ୍ତି। ଏଥିମଧ୍ୟରେ ସୁଗନ୍ଧିତ, ବନ୍ୟା ପ୍ରତିରୋଧକ, କଳା ଓ ପାହାଡ଼ି ଧାନ ଆଦି ରହିଛି। ୧୫ ବର୍ଷ ହେଲା ମୋହନ ନିଜ ପକେଟରୁ ଖର୍ଚ୍ଚ କରି ଏହି ଲାଇବ୍ରେରି ପରିଚାଳନା କରୁଛନ୍ତି। ନିଜେ ମଧ୍ୟ ପ୍ରତ୍ୟେକ କିସମ ଚାଷ କରି ଅଧିକ ବିହନ ଉତ୍ପାଦନ କରୁଛନ୍ତି, ଯାହାଦ୍ୱାରା କୃଷକଙ୍କୁ ମାଗଣାରେ ଯୋଗାଇ ଦେବା ସମ୍ଭବ ହୋଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅକ୍ଟୋବର ୧୯୯୮

- ଦକ୍ଷିଣ କଶ୍ମୀରଠାରୁ ୩୯ କିମି ଦୂରବର୍ତ୍ତୀ ଖଲିଲ ରୋଡ୍‌ଠାରେ କାର୍ ମଧ୍ୟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟି ୨ ମହିଳା ଓ ୫ ପିଲାଙ୍କ ସମେତ ୧୨ ମୃତ।
- ମ୍ୟାଚ୍ ଫିକ୍ସିଂ ଓ ଲାଞ୍ଚ ଯାଚିବା ଅଭିଯୋଗକୁ ନେଇ ଅଷ୍ଟ୍ରେଲିଆ କ୍ରିକେଟ ଦଳର ଅଧିନାୟକ ମାର୍କ ଟେଲର ଓ ବ୍ୟାଟ୍ସମ୍ୟାନ୍ ମାର୍କ ୱ ପାକ୍ କୋର୍ଟରେ ହଜାର।

## ଚିରନ୍ତନୀ

''କିଏ ପଥ କିଏ ତୋର
ବିପଥ ନାହିଁଟି ଏଥି ଜଣା
ହୁଡି ନାହିଁ ଜୀବନରେ
କହ କିଏ ନୋହେ ବାଟବଣା ?
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 1 | 8 | | 6 | |
| | | | 3 | | 4 | | | |
| | | | | | | | 3 | |
| 8 | 3 | | 5 | | | | 4 | |
| 4 | | 2 | | | | | | |
| | | | | | | 9 | 1 | |
| | 2 | | | 3 | | | | |
| | | 7 | | | 5 | | | |
| 3 | 1 | 6 | | | | | 9 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 8 | 6 | 7 | 1 | 5 | 2 | 9 |
| 5 | 1 | 2 | 4 | 9 | 8 | 7 | 3 | 6 |
| 9 | 6 | 7 | 3 | 2 | 5 | 8 | 4 | 1 |
| 1 | 5 | 4 | 8 | 6 | 2 | 9 | 7 | 3 |
| 8 | 9 | 6 | 7 | 4 | 3 | 1 | 5 | 2 |
| 2 | 7 | 3 | 5 | 1 | 9 | 6 | 8 | 4 |
| 7 | 2 | 9 | 1 | 8 | 4 | 3 | 6 | 5 |
| 6 | 4 | 5 | 9 | 3 | 7 | 2 | 1 | 8 |
| 3 | 8 | 1 | 2 | 5 | 6 | 4 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମର ମୂଲ୍ୟବୋଧ ରହୁ

ଗଣତନ୍ତ୍ର ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁଦାୟିତ୍ୱ ରହିଛି। ଦେଶର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ବହୁ ଘଟଣା, ଦୁର୍ଘଟଣା, ରାଜନୈତିକ ଓ ଚାଞ୍ଚଲ୍ୟକର ଖବର ପ୍ରତିଦିନ ଉପସ୍ଥାପିତ କରିଥାଆନ୍ତି। ଚଳନ୍ତି ଘଟଣା ସମ୍ପର୍କରେ ବହୁ ବିଶିଷ୍ଟ ସାମ୍ବାଦିକ ବିଭିନ୍ନ ରାଜନେତାଙ୍କ ଠାରୁ ମତାମତ ଗ୍ରହଣ କରିଥାନ୍ତି। ଦେଶର ବୃହତ ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ମହଲରେ ଆଲୋଚନା ହୋଇଥାଏ। ଅନେକ ବିତର୍କରେ ଭାଗନେଇ ନେତାମାନେ ନିଜର ମତାମତ ଉପସ୍ଥାପିତ କରିଥାନ୍ତି। ଏଥିରେ କିଛି ଦର୍ଶକ ଓ ପାଠକ ଅସନ୍ତୁଷ୍ଟ ହେଉଥିବା ବେଳେ କେତେକ ସନ୍ତୁଷ୍ଟତା ପ୍ରକାଶ କରିଥାନ୍ତି। ନିକଟରେ ଏକ ସର୍ବଭାରତୀୟ ଦଳ ଟିଭି କାର୍ଯ୍ୟକ୍ରମରେ ଭାଗ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଆଉ ଉକ୍ତ ଚାନେଲର କୌଣସି କାର୍ଯ୍ୟକ୍ରମରେ ଭାଗ ନ ନେବା ପାଇଁ ନିଷ୍ପତ୍ତି ନେଇଛି। ଗଣତନ୍ତ୍ର ରାଷ୍ଟ୍ରରେ ସବୁଦଳ ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ପାଇଛନ୍ତି। ଦେଶର ପ୍ରକୃତ ଚିତ୍ର ଉପସ୍ଥାପନ କରିବା ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକମାନଙ୍କର ଧର୍ମ। କିନ୍ତୁ କେତେକ ଚ୍ୟାନେଲ ଏକଦର୍ଶୀ ହୋଇ ଖବର ପରିବେଷଣ ସଙ୍ଗେ ସଙ୍ଗେ ଏକ ନିର୍ଦ୍ଦିଷ୍ଟ ଦଳର ହାତବାରିଶି ହେଉଥିବାର ଲକ୍ଷ୍ୟ କରାଯାଉଛି। ସାମ୍ବାଦିକତାର ମୂଲ୍ୟବୋଧ ସୁରକ୍ଷା ପାଇଁ ଦଳମତ ନିର୍ବିଶେଷରେ ସହଯୋଗ କଲେ ଗଣତନ୍ତ୍ର ସଫଳ ହୋଇପାରିବ।

**ନିର୍ମଳ ଚନ୍ଦ୍ର ସାମଲ, ସାମାଜିକ କର୍ମୀ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
**ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ**

# ଗଣତନ୍ତ୍ର ଏବେ ରଣତନ୍ତ୍ର ପାଲଟିଛି




ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଶୁକ୍ରବାର ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରଣଜିତ ପ୍ରଧାନ, ସମ୍ମାନିତ ଅତିଥି ଦେବାଶିଷ ମହାନ୍ତି, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ବିଚାରକ ମଞ୍ଜୁଲିକା ନାୟକ ଓ ଆଦିତ୍ୟ ମେହେରଙ୍କ ଗହଣରେ ବିଜେତା ଛାତ୍ରୀଛାତ୍ର(ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଢେଙ୍କାନାଳ,୬।୧୦ (ରତନ ନାୟାର)

ଗଣତନ୍ତ୍ର ଏବେ ରଣତନ୍ତ୍ର, ଜଣତନ୍ତ୍ର ଓ ଭୋଗତନ୍ତ୍ରରେ ପରିଣତ ହେଲାଣି। ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ "ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି" ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଣଜିତ ପ୍ରଧାନ ଏହା କହିଛନ୍ତି। ଗଣମାଧ୍ୟମ ଓ ଯୁବପିଢ଼ି ଚାହିଁଲେ ସମାଜରେ ଦେଖାଦେଇଥିବା ଏହି ନୈତିକ ଅଧୋପତନରେ ସୁଧାର ଆଣିପାରିବେ। ବକ୍ତୃତା ପ୍ରତିଯୋଗିତାର ବିଷୟବସ୍ତୁ ଏକ ତ୍ରିଭୁଜ ଭଳି। ପରସ୍ପର ପରିପୂରକ ରହିଥିବାରୁ ସବୁ ଦିଗରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଅଧ୍ୟକ୍ଷ କହିଛନ୍ତି, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅବଦାନ ଯୋଗୁ ଆଜି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ବ୍ୟାପକ ହୋଇପାରିଛି। ପଞ୍ଜାବ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନରେ ନାନକ ଭବନକୁ ଏଠାରେ ପ୍ରତିଷ୍ଠା କରିବାରେ ତାଙ୍କର ଭୂମିକା ରହିଥିବାରୁ ସେ ଚିରସ୍ମରଣୀୟ। ସମ୍ମାନିତ ଅତିଥି ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଡ. ଦେବାଶିଷ ମହାନ୍ତି କହିଛନ୍ତି, ଗଣତନ୍ତ୍ରକୁ କେବଳ ଗଣମାଧ୍ୟମ ଓ ଯୁବପିଢ଼ି ହିଁ ବଞ୍ଚାଇପାରିବେ। ଧରିତ୍ରୀ ପକ୍ଷରୁ ହେଉଥିବା ଏହି ଉଦ୍ୟମକୁ ସେ ପ୍ରଶଂସା କରିବା ସହିତ ଶୁଭକାମନା କରିଥିଲେ।

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଧରିତ୍ରୀ ନିଷ୍ପେଷିତ ଓ ପଛୁଆ ଲୋକଙ୍କ ସ୍ୱର ଭାବେ ରହିଆସିଛି। ଏପରିକି ଯେତେବେଳେ ନ୍ୟାୟପାଳିକାର ଦୋଷ ଦୁର୍ବଳତା ବିଷୟରେ କେହି କିଛି କହିବାକୁ ସାହସ କରୁ ନ ଥିଲେ, ସେତେବେଳେ ଧରିତ୍ରୀ ଏହାର ବିଫଳତାକୁ ଦର୍ଶାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏବେ ବ୍ୟବସ୍ଥା ଗଣମାଧ୍ୟମକୁ ମଧ୍ୟ ଛାଡୁନାହିଁ। ପ୍ରଶ୍ନ ପଚାରିବାର ଅଧିକାର ହେଉଛି ମଣିଷର ଜନ୍ମଗତ ଅଧିକାର। ତାହାକୁ ପୂରଣ କରେ ଗଣମାଧ୍ୟମ ଏବଂ ସୁଯୋଗ ସୃଷ୍ଟି କରେ ଗଣତନ୍ତ୍ର। ଏହାକୁ ବୁଝିବା ହେଉଛି ଯୁବପିଢ଼ିଙ୍କ କାମ। ଧରିତ୍ରୀର ୫୦ ବର୍ଷ ପାଳନ ପରିପ୍ରେକ୍ଷୀରେ ରାଜ୍ୟର ପ୍ରତ୍ୟେକ ଜିଲାରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ପିଲାମାନଙ୍କ ମନ ଭିତରେ କ'ଣ ରହିଛି, ତାହା ପ୍ରକାଶ କରିବାର ସୁଯୋଗ ସୃଷ୍ଟି କରାଯାଇଛି। ଆଜିର ଅର୍ଥନୀତି, ରାଜନୀତି ଓ ସାମାଜିକ ସ୍ଥିତି, ଦେଶ, ମାଟି ବିଷୟରେ ଯୁବପିଢ଼ି କ'ଣ ଭାବୁଛନ୍ତି ସେମାନେ କହିବା ଦରକାର ବୋଲି ସତପଥୀ କହିଛନ୍ତି।

ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ମଞ୍ଜୁଲିକା ନାୟକ ଓ ଇଂଲିଶ ବିଭାଗ ଅଧ୍ୟାପକ ଆଦିତ୍ୟ ମେହେର ବିଚାରକ ଭାବେ ରହିଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ପ୍ରତିଯୋଗିତାରେ ୧୮ ଜଣ ଭାଗ ନେଇଥିଲେ। ଯୁକ୍ତ୨ ରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟରେ ଏହି ବିଷୟବସ୍ତୁ ନେଇ ଉତ୍ସାହ ଦେଖା ଦେଇଥିଲା। ଏଥିରେ ୪ଜଣ ବିଦ୍ୟାର୍ଥୀ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମ ସ୍ଥାନରେ ସ୍ନାତକୋତ୍ତର ଓଡ଼ିଆ ବିଭାଗର ଦ୍ୱିତୀୟବର୍ଷ ଛାତ୍ର ବିକାଶ ପ୍ରଧାନ, ଦ୍ୱିତୀୟରେ ଯୁକ୍ତ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ର ଦେବଦତ୍ତ ପୁହାଣ ଏବଂ ତୃତୀୟରେ ଯୁଗ୍ମ ଭାବେ ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରୀତିଛନ୍ଦା ପୃଷ୍ଟି ଓ ଯୁକ୍ତ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ସ୍ୱୟଂ ସତ୍ୟଶ୍ରୀ ନାୟକ ରହିଛନ୍ତି। ଏମାନଙ୍କୁ ଧରିତ୍ରୀର ଜିଲାସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ।

କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମହାବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଧରିତ୍ରୀର ଢେଙ୍କାନାଳ ଜିଲା ପ୍ରତିନିଧି ରତନ ନାୟାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭୁବନ ବ୍ଲକ ପ୍ରତିନିଧି ବିପିନ ବିହାରୀ ସେଠୀ, ଧରିତ୍ରୀ ଜିଲା କାର୍ଯ୍ୟାଳୟର କର୍ମଚାରୀ ପ୍ରଳୟ ଦାସ, ଫଟୋ ଖବରଦାତା ମାନସ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## କ'ଣ କୁହନ୍ତି ବିଜେତା



ଆମ ମନରେ ଯେ ପର୍ଯ୍ୟନ୍ତ ସ୍ୱାର୍ଥର ଭାବନା ଥିବ, ସେତେବେଳ ଯାଏ ଜାତି ନନ୍ଦିଘୋଷକୁ ଆଗେଇ ପାରିବା ନାହିଁ। ଆପଣ କେତେ ଜଣଙ୍କୁ ପ୍ରଶ୍ନ ପଚାରି ପାରୁଛନ୍ତି ତାହା ହେଉଛି ଗଣତନ୍ତ୍ର। ପ୍ରଶ୍ନ ପଚାରି ନ ପାରିଲେ ଆପଣ ଗଣତନ୍ତ୍ରର ସ୍ୱାଦ ପାଇପାରି ନାହାନ୍ତି ବୋଲି ଧରିନେବାକୁ ହେବ। ଗଣମାଧ୍ୟମ ଏବେ ଦ୍ୱନ୍ଦ୍ୱାତ୍ମକ ଅବସ୍ଥାରେ ରହିଛି। ରାଜନୀତିର ଚାପ ଯୋଗୁ ଏଭଳି ହୋଇଛି। ତେଣୁ ଯୁବପିଢ଼ି ଏହାକୁ ଭଲଭାବେ ବୁଝିବାର ସମୟ ଆସିଛି।

- ବିକାଶ ପ୍ରଧାନ (ପ୍ରଥମ ବିଜେତା)



ଗଣତନ୍ତ୍ର ହେଉଛି ଗଣମାନଙ୍କ ତନ୍ତ୍ର। ଯଦି ଏବେ ଗଣତନ୍ତ୍ର ଭୁଲ୍‌ରେ ଚାଲିଛି, ତା' ପଛର କାରଣ ଆମେ। କାରଣ ଆଜି ଭଲ ନେତାଙ୍କୁ ଲୋକେ ଭୋଟ ଦେଉନାହାନ୍ତି। ତେଣୁ ଗଣମାଧ୍ୟମ ଆମ ପାଇଁ କହିବ। ସେଥିପାଇଁ ଯୁବପିଢ଼ି ସଜାଗ ହେବା ଦରକାର।

- ଦେବଦତ୍ତ ପୁହାଣ (ଦ୍ୱିତୀୟ ବିଜେତା)



ଗଣତନ୍ତ୍ର ହେଉଛି ବିଶ୍ୱର ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା। ଏହା ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ। କିନ୍ତୁ ସେଥିରେ ଦୋଷତ୍ରୁଟି ଦେଖା ଦେଉଛି। ବିଧାନପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାକୁ ଛାଡିଦେଲେ ଗଣମାଧ୍ୟମର ଭୂମିକା ସମାଜରେ ଗୁରୁତ୍ୱପୂର୍ଣ୍ଣ ରହିଛି। ତେଣୁ ଯୁବପିଢ଼ି ଶାରୀରିକ ଓ ମାନସିକ ଦୃଷ୍ଟିରୁ ସୁସ୍ଥ ରହିଲେ ଗଣତନ୍ତ୍ର ସୁଦୃଢ଼ ହେବ।

- ପ୍ରୀତିଛନ୍ଦା ପୃଷ୍ଟି (ଯୁଗ୍ମ ତୃତୀୟ ବିଜେତା)



ସୋସିଆଲ ମିଡିଆ ଦ୍ୱାରା ଏବେ ଯୁବପିଢ଼ି କଳୁଷିତ ହେଉଛନ୍ତି। ଏକ ଉନ୍ନତମାନର ଦେଶ ଓ ସମାଜ ଗଠନ ପାଇଁ ଯୁବପିଢ଼ିଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ରର ମହତ୍ତ୍ୱ ନ ବୁଝିଲେ ଆମେ ଆଗକୁ ବଢ଼ିପାରିବା ନାହିଁ। ତେଣୁ ଯୁବପିଢ଼ି ବର୍ତ୍ତମାନର ସ୍ଥିତିକୁ ଦେଖି ପଦକ୍ଷେପ ନେବା ଉଚିତ।

- ସ୍ୱୟଂ ସତ୍ୟଶ୍ରୀ ନାୟକ (ଯୁଗ୍ମ ତୃତୀୟ ବିଜେତା)

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଅନ୍ୱେଷା କିରଣ ସାହୁ


ଅର୍ଚ୍ଚନା ବାରିକ


ବିଜୟଲକ୍ଷ୍ମୀ ସାହୁ


ବିଶ୍ୱ ବନ୍ଦିତା ଭୋଇ


ଜ୍ୟୋତିର୍ମୟୀ ପାତ୍ର


ଲିଟିଲ ପ୍ରଧାନ


ପ୍ରୀତିସ୍ମିତା ଦାଶ


ପ୍ରିୟଙ୍କା ବିହାରୀ


ରଣଜିତ ନାୟକ


ସୀମରନ ପଟ୍ଟନାୟକ


ସୋନାଲି ମହାଭୋଇ


ସୌମ୍ୟା ସ୍ୱରୂପ ରାଉତ


ସୁଜିତ କୁମାର ଦେବତା


ଟୁଲୁରାମ ନାଗ

# ମୃତକଙ୍କ ସ୍ୱାମୀଙ୍କୁ ଜେରା କଲା ପୋଲିସ

**ଆସିଷ୍ଟାଣ୍ଟ କଲେକ୍ଟର ମୃତ୍ୟୁ ମାମଲା**

ରାଉରକେଲା,୬।୧୦ (ସଙ୍ଗୀତା ଜେନା)

ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ମୃତ୍ୟୁ ମାମଲାରେ ଶୁକ୍ରବାର ମଧ୍ୟାହ୍ନରେ ପୋଲିସ ମୃତକଙ୍କ ସ୍ୱାମୀ ସୁଶିଲ ଟପ୍ପୋଙ୍କୁ ଜେରା କରିଛି। ଏହି ମାମଲାରେ ପୋଲିସ ତାଙ୍କୁ ଘଣ୍ଟାଏ କାଳ ପଚରାଉଚୁରା କରିଥିଲା। ଉଭୟଙ୍କ ବୈବାହିକ ଜୀବନ, ପାରିବାରିକ ସମ୍ବନ୍ଧ ଓ ଅନ୍ୟ ପ୍ରସଙ୍ଗ ସମ୍ପର୍କରେ ସୁଶିଲଙ୍କୁ ପ୍ରଶ୍ନ କରାଯାଇଥିଲା ବୋଲି ଜଣାପଡିଛି। ଏହି ମାମଲାର ତଦନ୍ତ କରୁଥିବା ଡିଏସ୍‌ପି ବନିତା ମାଝୀ କହିଛନ୍ତି, ମିଞ୍ଜଙ୍କ ସ୍ୱାମୀ ଛତିଶଗଡ଼ରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୨୦୨୦ରେ ସୁଶିଲ ଓ ସୁସ୍ମିତାଙ୍କ ବିବାହ ହୋଇଥିବା ବେଳେ ୨୦୨୧ରେ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ପରେ ସୁସ୍ମିତା ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିଲେ। ଗତ ସେପ୍ଟେମ୍ବର ୧୬ ତାରିଖରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ବିବାହ ବିଚ୍ଛେଦରେ ତାଙ୍କ ସ୍ୱାମୀଙ୍କ ଇଚ୍ଛା ନ ଥିଲା ବୋଲି ଡିଏସ୍‌ପି ମାଝୀ କହିଥିଲେ।

# ପଥର ବୋଝେଇ ଡମ୍ଫର ଜବତ

ସୋର, ୬।୧୦ (ଜନ୍ମେଜୟ ମିଶ୍ର)

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବରଫକଳ ଛକ ନିକଟରୁ ଚଢ଼ାଉ କରି ଏକ ବେଆଇନ ପଥର ବୋଝେଇ ଡମ୍ଫରକୁ ସୋର ପୋଲିସ ଜବତ କରିବା ସହିତ ଡ୍ରାଇଭରଙ୍କୁ ଗିରଫ କରିଛି। ଶୁକ୍ରବାର ସକାଳେ ପୋଲିସ ବରଫକଳ ଛକ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ବାଗୁଡ଼ି ଖାଦାନରୁ ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ଏକ ଡମ୍ଫରକୁ ଯାଞ୍ଚ କରିଥିଲେ। ଥାନାରେ ମାମଲା(ନଂ. ୬୫୭/୨୩) ରୁଜୁ ହୋଇ ଅଟକ ଡ୍ରାଇଭର ରାଜେନ୍ଦ୍ରଙ୍କୁ ଗିରଫ କରାଯାଇଛି।

# ନଦୀପଠାରୁ ମଇଁଷିକୁ ଟାଣିନେଲା କୁମ୍ଭୀର

ଚାନ୍ଦବାଲି,୬।୧୦ (ଅଶୋକ ପଣ୍ଡା/କିଶାନ ପାତ୍ର)

ଭଦ୍ରକ ଜିଲା ଆରଡ଼ି ନିକଟସ୍ଥ ଷାଠିବାଙ୍କୁଡ଼ା ଗାଁ ପାଖରେ ବୈତରଣୀ ନଦୀପଠାରୁ ଶୁକ୍ରବାର ପୂର୍ବାହ୍ନରେ ଏକ ମଇଁଷିକୁ ଝାମ୍ପି ନେଇଛି କୁମ୍ଭୀର। ନଦୀପଠାରେ କେତୋଟି ମଇଁଷି ପାଣି ପିଉଥିବା ବେଳେ ପଛରେ ଥିବା ଏକ ମଇଁଷିକୁ କୁମ୍ଭୀର ନଦୀ ମଧ୍ୟକୁ ଟାଣି ନେଇଥିଲା। ନିକଟରେ ଥିବା ଲୋକେ ହୋହଲ୍ଲା କରିବାରୁ କିଛି ସମୟ ପରେ କୁମ୍ଭୀର ମଇଁଷିକୁ ଛାଡ଼ି ଦେଇଥିଲା। ଗାଁ ଲୋକ ଡଙ୍ଗା, ଭୁଟୁଭଟି ନେଇ ନଦୀ ମଧ୍ୟରେ କୁମ୍ଭୀରକୁ ଘଉଡ଼ାଇଥିଲେ। ନଦୀରେ ପ୍ରଖର ସ୍ରୋତରେ ମଇଁଷି ନଦୀରେ ବୁଡ଼ି ଯାଇଥିଲା। କିଛି ସମୟ ପରେ ମୃତ ମଇଁଷି ଭାସିବାରୁ ଲୋକେ ତାକୁ କୂଳକୁ ଟାଣି ଆଣିଥିଲେ। ପ୍ରକାଶଥାଉ କି, ୮ଦିନ ତଳେ ଷାଠିବାଙ୍କୁଡ଼ା ଗାଁର ସୁରେଶ ପାତ୍ର ଓ ସାଥୀମାନେ ଗାଈ ଚରାଉଥିବା ବେଳେ ନଦୀକୂଳରେ ଛକି ରହିଥିବା କୁମ୍ଭୀର ଏକ ଗାଈକୁ ଝାମ୍ପି ନେଇଥିଲା।

# ମଧ୍ୟାହ୍ନ ଭୋଜନ ରୋଷେଇ ବେଳେ ଗ୍ୟାସ୍ ଲିକ୍‌ରୁ ନିଆଁ

ଚାନ୍ଦବାଲି, ୬।୧୦ (କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପଞ୍ଚାୟତ ସାବିତ୍ରୀସରାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧ୍ୟାହ୍ନ ଭୋଜନ ରୋଷେଇ ଚାଲିଥିବା ବେଳେ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ଆଂଶିକ ଆସବାବପତ୍ରରେ ନିଆଁ ଲାଗିଯାଇଥିଲା। ଛାତ୍ରୀଛାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଧାମରା ଓ ଆଦାନୀ ପୋର୍ଟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED URGENTLY
Wanted Female Massage Therapist for Spa Center, Bhubaneswar.
Contact :
9861550765

ଏକ ସ୍ୱୀକୃତିପ୍ରାପ୍ତ ପଞ୍ଚକର୍ମ ମସାଜ୍ ଥେରାପିଷ୍ଟ ଆବଶ୍ୟକ
ଡ୍ୟୁଟି ସମୟ: ୧ରୁ ୨ ଘଣ୍ଟା।
ଦରମା: ମାସକୁ ୯୦୦୦ରୁ ୧୫୦୦୦।
ଚାକିରି ଅବସ୍ଥାନ: ପାତ୍ରପଡା, ଭୁବନେଶ୍ୱର
ଯୋଗାଯୋଗ ନଂ.
9337550748

BAJIROUT MEMORIAL COLLEGE
BHUBAN, DHENKANAL
WALK-IN-INTERVIEW
(ENGAGEMENT OF GUEST FACULTY)
Candidates having at least 55% of marks at P.G. Level may attend the Walk-in-Interview with all original & Xerox Certificates for the Post of Lecturers in Physics, Mathematics, Sanskrit, History & Pol. Science (One each) on Dt.19.10.2023 (Thursday) at 10.30 A.M. at the Principals Chamber. Salary is Negotiable. The undersigned reserve the right to reject or accept any or all applications of the candidates without assigning any reason thereof.
Sd./- Principal
B.R.M. College, Bhuban

ପ୍ରଶାସନ ଏବଂ ମାନବ ସମ୍ବଳ ନିର୍ଦ୍ଦେଶାଳୟ
ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ
ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମନ୍ତ୍ରାଳୟ, ଭାରତ ସରକାର
ଗ୍ରାମୋଦୟ, ୩, ଇର୍ଲା ରୋଡ୍, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ – ୪୦୦୦୫୬
Ministry of Micro, Small & Medium Enterprises, Government of India
ଟେଲି: ୦୨୨–୨୬୭୧୪୨୬୭, ଇ–ମେଲ୍: adm.kvic@gov.in, ୱେବ୍‌ସାଇଟ୍: www.kvic.gov.in
ଡେପୁଟେସନ୍ ଭିତ୍ତିରେ ଖାଲି ପଦବୀ
କେନ୍ଦ୍ର ସରକାରୀ ଏଜେନ୍ସିଗୁଡ଼ିକ ସମକକ୍ଷ ବେତନ ହାର ପାଉଥିବା କେନ୍ଦ୍ର ସରକାର/ରାଜ୍ୟ ସରକାର/ବୈଧାନିକ କର୍ତ୍ତୃପକ୍ଷ/ସ୍ୱୟଂଶାସିତ ସଂସ୍ଥା ଅଧୀନରେ କାର୍ଯ୍ୟରତ ଉପଯୁକ୍ତ ଅଧିକାରୀମାନଙ୍କଠାରୁ ପେ' ବ୍ୟାଣ୍ଡ–୩ ଟ.୧୫୬୦୦–୩୯୧୦୦ ସହିତ ଟ.୭୬୦୦/–ର ଗ୍ରେଡ୍ ପେ' (ପ୍ରାକ୍–ସଂଶୋଧିତ) (୭ମ ସିପିସି ପେ' ମାଟ୍ରିକ୍ସ ସ୍ତର ୧୨)ରେ ୧୦ (ଦଶ)ଟି ନିର୍ଦ୍ଦେଶକ (ଗ୍ରୁପ୍ "ଏ" ପଦବୀ) ପଦବୀ ପୂରଣ କରିବା ପାଇଁ ସ୍ୱଳ୍ପମିଆଦୀ ଚୁକ୍ତି ସମେତ ଡେପୁଟେସନ ଭିତ୍ତିରେ ନିର୍ଦ୍ଧାରିତ ଫର୍ମାଟ୍‌ରେ ଦରଖାସ୍ତ ଆହ୍ୱାନ କରାଯାଉଛି।
ଉପଯୁକ୍ତ ମାଧ୍ୟମ ଜରିଆରେ ଦରଖାସ୍ତ ଦାଖଲର ଶେଷ ତାରିଖ ହେଉଛି ୦୪।୧୧।୨୦୨୩। ଉପରୋକ୍ତ ପଦବୀଗୁଡ଼ିକ ନିମନ୍ତେ ଆବେଦନ କରିବା ଲାଗି ଫର୍ମ ଓ ଅନ୍ୟାନ୍ୟ ବିବରଣୀଗୁଡ଼ିକୁ ଆମ ୱେବ୍‌ସାଇଟ୍ ଅର୍ଥାତ୍ www.kvic.gov.inରୁ ଡାଉନ୍‌ଲୋଡ୍ କରାଯାଇପାରିବ।
ନିର୍ଦ୍ଦେଶକ (ପ୍ରଶାସନ ଏବଂ ମାନବ ସମ୍ବଳ)

PARADIP PORT AUTHORITY
MARINE DEPARTMENT
No.MD/ACCTS/WK/R-11/2023/1272
Date : 05/10/2023
e-TENDER CALL NOTICE (e-TCN) cum e-Auction
Name of the work : "Manning, Maintenance and commercial operation of Port Craft MPV Pushpagiri on payment of License fee for a period of 03 years (1096) Days. Estimated Cost put to tender: Approx.Rs.1,74,48,006/- plus GST as applicable for 03 years. Last Date & time of submission of tender through on-line bidding is 17:00 hours on Dt.26/10/2023. Technical Bids shall be opened at 15:30 hours on Dt.27/10/2023. For details, please log on to the Website: https://eprocure.gov.in/eprocure/app.
Deputy Conservator, PPA
PPA/PR/51/2023-24, Dt.06/10/2023

ଆଇଆରଇଏଲ୍ (ଇଣ୍ଡିଆ) ଲିମିଟେଡ୍ IREL (India) Limited
ପୂର୍ବରୁ ଇଣ୍ଡିଆନ୍ ରେଆର ଆର୍ଥସ୍ ଲିମିଟେଡ୍
(ଭାରତ ସରକାରଙ୍କ ଉପକ୍ରମ)
(A Government of India Undertaking)
ସିଆଇଏନ୍: ୟୁ୧୫୧୦୦ଏମ୍‌ଏଚ୍୧୯୫୦ଜିଓଆଇ୦୦୮୧୮୭ ୱେବ୍‌ସାଇଟ୍: www.irel.co.in
ଆଇଏସ୍‌ଓ ୯୦୦୧:୨୦୧୫, ଆଇଏସ୍‌ଓ ୧୪୦୦୧ : ୨୦୧୫ ଏବଂ ଆଇଏସ୍‌ଓ ୪୫୦୦୧ : ୨୦୧୮ କମ୍ପାନୀ
Unleashing Value
ଆଜାଦୀ କା ଅମୃତ ମହୋତ୍ସବ
ସନ୍ଦର୍ଭ: ଏଚିଭିଚି ନଂ. ୨୩-୨୪/୦୬
ଟେଣ୍ଡର ବିଜ୍ଞପ୍ତି
ତାରିଖ: ୦୬।୧୦।୨୦୨୩
ଆଇଆରଇଏଲ୍, ଓଏସ୍‌ସିଓଏମ୍ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ପ୍ରସ୍ତାବର ଅନୁରୋଧ ଆହ୍ୱାନ କରୁଛି।

| ବିଡ୍ ନଂ. | କାର୍ଯ୍ୟ / ସାମଗ୍ରୀର ବର୍ଣ୍ଣନା |
| --- | --- |
| ଜିଇଏମ୍/୨୦୨୩/ବି/୩୯୮୫୯୩୯ | ୮୦୦୦ ଏମ୍‌ଟି କୋଇଲାର ଯୋଗାଣ |
| ଜିଇଏମ୍/୨୦୨୩/ବି/୪୦୨୨୭୫୫ | ମାଇନିଂ ଅଞ୍ଚଳଗୁଡ଼ିକର ବିଭିନ୍ନ ସ୍ଥାନରୁ କଞ୍ଚା ବାଲିର ଖନନ, ବୋଝେଇ ଓ ପରିବହନ |
| ୨୦୨୩_ଆଇଆରଇଏଲ୍_୧୬୯୦୩୯_୧ | ଆରଇଇପିଠାରେ ବୈଦ୍ୟୁତିକ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଏଏମ୍‌ସି |

ବିବର http://irel.co.in, http://gem.gov.in କିମ୍ବା https://eprocure.gov.in/eprocure/appରୁ ଟେଣ୍ଡର କାଗଜପତ୍ର ଡାଉନଲୋଡ୍ କରିପାରିବେ। ଉପରୋକ୍ତ ଟେଣ୍ଡରଗୁଡ଼ିକ ସମ୍ବନ୍ଧୀୟ ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ।
CBC 48129/12/0028/2324
ସ୍ୱା./- ଜିଏମ୍ ଏବଂ ମୁଖ୍ୟ, ଏମ୍‌ଏମ୍‌ଡି, ଓଏସ୍‌ସିଓଏମ୍

ଏନ୍‌ବିସିସି (ଇଣ୍ଡିଆ) ଲିମିଟେଡ୍
NBCC A Navratna CPSE
ସିଆଇଏନ୍: ଏଲ୍୭୪୮୯୯ଡିଏଲ୍୧୯୬୦ଜିଓଆଇ୦୦୩୩୩୫
ଏନ୍‌ବିସିସି (ଆଇ) ଲିମିଟେଡ୍, ଏନ୍‌ବିସିସି ଇମ୍ପେରିଆ, ପ୍ରେସ୍ ଛକ, ମୌଜା: ଗାଡ଼କଣ, ଭୁବନେଶ୍ୱର–୭୫୧୦୧୭ (ଓଡ଼ିଶା)
ଇ–ସଂଗ୍ରହଣ ବିଜ୍ଞପ୍ତି
ଏନ୍‌ଆଇଟି ନଂ. ଏନ୍‌ବିସିସି/ଓଡ଼ିଶା/ପିଏମ୍‌ଜିଏସ୍‌ୱାଇ/୨୦୨୩-୨୪/୦୧ ତାରିଖ: ୦୬।୧୦।୨୦୨୩
ମହାପ୍ରବନ୍ଧକ (ଇଏନ୍‌ଜିଜି), ଏନ୍‌ବିସିସି ଇଣ୍ଡିଆ (ଆଇ) ଲିମିଟେଡ୍, ଭୁବନେଶ୍ୱର ପ୍ୟାକେଜ୍ ନଂ. ଓଆର୍୧୯ଏନ୍୧୯୫ ନିମନ୍ତେ ଅତିରିକ୍ତ ବଳକା ସଡ଼କ ନିର୍ମାଣ କାର୍ଯ୍ୟ ସହିତ ୫ (ପାଞ୍ଚ) ବର୍ଷ ପାଇଁ ତାହାର ନିୟମିତ ରକ୍ଷଣାବେକ୍ଷଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ପ୍ୟାକେଜ୍ ନଂ. ଓଆର୍୧୯ଏଲ୍‌ବିଏନ୍୫୧ଏ ନିମନ୍ତେ କୋରାପୁଟ ଜିଲ୍ଲାରେ ସେତୁର ଅତିରିକ୍ତ ବଳକା କାର୍ଯ୍ୟ, ଯାହାର ଅଟକଳ ମୋଟ ମୂଲ୍ୟ ଟ.୧୦୩୩.୯୬ ଲକ୍ଷ ଅଟେ, ଲାଗି ଇଲେକ୍ଟ୍ରୋନିକ୍ ଟେଣ୍ଡରିଂ ପ୍ରଣାଳୀରେ ରାଜ୍ୟ ପିଡବ୍ଲ୍ୟୁଡି/ସିପିଡବ୍ଲ୍ୟୁଡି/ଏମ୍‌ଇଏସ୍/ରେଳପଥ/ପିଏସ୍‌ୟୁଗୁଡ଼ିକ ସହିତ ପଞ୍ଜୀକୃତ ଯୋଗ୍ୟ ଠିକାଦାରମାନଙ୍କଠାରୁ ଶତକଡ଼ା ଦର ବିଡ୍ ଆହ୍ୱାନ କରୁଛି। ଓଡ଼ିଶା ବାହାରର ପଞ୍ଜୀକୃତ ବିଡରମାନେ ମଧ୍ୟ ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ, ହେଲେ ତାଙ୍କୁ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପଞ୍ଜୀକରଣ କରିବାକୁ ହେବ, ଯାହା ବିଡ୍ ଦାଖଲର ଶେଷ ତାରିଖର ଏକମାସ ମଧ୍ୟରେ କିନ୍ତୁ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ହେବା ବାଞ୍ଛନୀୟ। ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ଆହ୍ୱାନ ଜାରି ହେବା ତାରିଖ: ୦୬।୧୦।୨୦୨୩। ଇ-ସଂଗ୍ରହଣ ମାଧ୍ୟମରେ ବିଡ୍ ପ୍ରାପ୍ତିର ଶେଷ ତାରିଖ/ସମୟ: ୨୩।୧୦।୨୦୨୩ ପୂର୍ବାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଅଧିକ ବିବରଣୀ ପାଇଁ ଦୟାକରି www.pmgsytenders.gov.inରେ ଲଗ୍ ଅନ୍ କରନ୍ତୁ।
ଜିଏମ୍ (ଇଏନ୍‌ଜିଜି.), ଏସ୍‌ବିଜି-ମୁଖ୍ୟ (ପିଏମ୍‌ଜିଏସ୍‌ୱାଇ ଓଡ଼ିଶା ଏବଂ ଛତିଶଗଡ଼)
ଏନ୍‌ବିସିସି ଇଣ୍ଡିଆ ଲିମିଟେଡ୍, ଭୁବନେଶ୍ୱର

କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in
ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪
ପ୍ରେସ୍ ବିଜ୍ଞପ୍ତି
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୮)
ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
| --- | --- | --- | --- |
| ୧ | ସିଡବ୍ଲ୍ୟୁ ବଲଜିତପଡ଼ାଠାରେ ପାଚେରି କାନ୍ଥର ପୁନଃ–ନିର୍ମାଣ, ଶ୍ରମିକ ଶୌଚାଳୟର ନିର୍ମାଣ, ସଡ଼କ, ଗୋଦାମର ଉନ୍ନତୀକରଣ ତଥା ଅନ୍ୟାନ୍ୟ ସିଭିଲ କାର୍ଯ୍ୟ। | ୫୬.୭୪ | ୧୨।୧୦।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ। ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ।
ନିର୍ବାହୀ ଯନ୍ତ୍ରୀ

ଡାକ ବିଭାଗ (ସିଭିଲ ୱିଙ୍ଗ୍)
ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି
ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:
୧. ଏନ୍‌ଆଇଟି ନଂ.୩୮/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ସତ୍ୟନଗର, ଭୁବନେଶ୍ୱରଠାରେ ପୋଷ୍ଟାଲ୍ ଷ୍ଟୋର୍ସ ଡିପୋର ମରାମତି ଓ ରକ୍ଷଣାବେକ୍ଷଣ। ଅଟକଳ ମୂଲ୍ୟ: ଟ.୬୦,୨୫,୪୮୬.୦୦। ଅମାନତ ରାଶି: ଟ.୧,୨୦,୫୧୦.୦୦। ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ। ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ।
୨. ଏନ୍‌ଆଇଟି ନଂ.୩୯/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଟାଇପ୍–III କ୍ୱାର୍ଟର୍ସ, ବ୍ଲକ୍–I, ପୋଷ୍ଟାଲ କଲୋନୀ, ସିଡିଏ, କଟକର ମରାମତି ଓ ରକ୍ଷଣାବେକ୍ଷଣ। ଅଟକଳ ମୂଲ୍ୟ: ଟ.୨୬,୭୮,୮୭୨.୦୦। ଅମାନତ ରାଶି: ଟ.୫୩,୫୭୭.୦୦। ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ। ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ।
୩. ଏନ୍‌ଆଇଟି ନଂ.୪୦/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଟାଇପ୍–III କ୍ୱାର୍ଟର୍ସ, ବ୍ଲକ୍–II, ପୋଷ୍ଟାଲ କଲୋନୀ, ସିଡିଏ, କଟକର ମରାମତି ଓ ରକ୍ଷଣାବେକ୍ଷଣ। ଅଟକଳ ମୂଲ୍ୟ: ଟ.୨୯,୯୪,୪୪୩.୦୦। ଅମାନତ ରାଶି: ଟ.୫୯,୮୮୯.୦୦। ସମାପ୍ତି ଅବଧି: ୧୫୦ (ଏକଶହ ପଚାଶ) ଦିନ। ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୩।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ।
ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।
ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

## ସଂକ୍ଷେପରେ

### କର୍ଯ୍ୟାଁଗୋଲା ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ

ଝୁମ୍ପୁରୀ,୬।୧୦(ସରୋଜ ନାୟକ)

ଦଶରଥପୁର ବ୍ଲକ୍ କର୍ଯ୍ୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୁଳମଣି ମଲ୍ଲିକଙ୍କ ଆୟୋଜନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବୈକୁଣ୍ଠନାଥ ପରିଡ଼ା ଯୋଗଦେଇ ଚାରାରୋପଣ କରିବା ସହ ବୃକ୍ଷର ଉପକାରିତା ବିଷୟରେ ଛାତ୍ରୀଛାତ୍ରଙ୍କୁ ସମ୍ୟକ ଧାରଣା ଦେଇଥିଲେ। ପରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରକୁ ସ୍ୱଚ୍ଛତା ହିଁ ସେବା ଯୋଜନାରେ ସଫେଇ କରିଥିଲେ। ଶିକ୍ଷକ ସୌଭାଗ୍ୟ ରଞ୍ଜନ ଦାସ, ଅମରେନ୍ଦ୍ର କବି, ଗାୟତ୍ରୀ ମାଝି ଓ ଝରଣା ନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

### ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବ୍ଲକ କମିଟି ବୈଠକ

ରସୁଲପୁର,୬।୧୦(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ବାହାବଳପୁରଠାରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ରସୁଲପୁର ବ୍ଲକସ୍ତରୀୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କମିଟି ଆବାହକ ଧୀରେନ୍ଦ୍ର କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ଆଲୋଚନା କରାଯାଇଛି। ମଦ ବ୍ୟବସାୟର ପ୍ରଚାର ଓ ପ୍ରସାର ଯୋଗୁ ସାମାଜିକ ସ୍ଥିତି ବିଗୁଡୁଛି। ସମାଜରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ଗାଁରେ ମଦ୍ୟପ ସଂଖ୍ୟା ବଢ଼ିବା ଯୋଗୁ ଆର୍ଥିକ ସ୍ଥିତି ପ୍ରଭାବିତ ହେଉଛି। ପାରିବାରିକ ସୁଖ ସମୃଦ୍ଧି ଉପରେ କଳା ବାଦଲ ଘାଙ୍କି ହୋଇପଡୁଛି ବୋଲି ମତ ପ୍ରକାଶ ପାଇଛି। ବୈଠକରେ ଅଭିଯାନର ଯାଜପୁର ଜିଲା ସଭାପତି ଇଂ. ବିଶ୍ୱଜିତ୍ ମହାନ୍ତି, ସାମାଜିକକର୍ମୀ ଦୁର୍ଗା ପ୍ରସନ୍ନ ଦାଶ, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ଶିବନାରାୟଣ ଦେବତା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସରକାରଙ୍କ ନିଶା ନିବାରଣ ନୀତିକୁ ସମାଲୋଚନା କରିଥିଲେ। ନୀଳମଣି ନାୟକ, ସନାତନ ବେହେରା, ରବି ପଣ୍ଡା, ଚିନ୍ତାମଣି ରାଉତ, ମାନସ ମହାନ୍ତି, ପର୍ଶୁରାମ ରାଉତଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରସୁଲପୁର ବ୍ଲକ କମିଟିର ପୁନର୍ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଧୀରେନ୍ଦ୍ର କୁମାର ନାୟକ, ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି, କୋଷାଧ୍ୟକ୍ଷ ବିଦ୍ୟାଧର ମଲ୍ଲିକଙ୍କୁ ମନୋନୀତ କରାଯାଇଛି।

### କୁଆଖିଆ ବିଦ୍ୟୁତ୍ ବିଭାଗ ପକ୍ଷରୁ ସଫଳତା କର୍ମଶାଳା

ରସୁଲପୁର,୬।୧୦(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବିଦ୍ୟୁତ୍ ବିଭାଗ ତରଫରୁ ଏକ ସଫଳତା କର୍ମଶାଳା ବାରବାଟୀସ୍ଥିତ ଜଳସମ୍ପଦ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁଆଖିଆ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଆଲୋକ କୁମାର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୀତାଂଶୁ ଶେଖର ଶତପଥୀ, ବାଣିଜ୍ୟ ବିଭାଗ ମୁଖ୍ୟ ଚିତ୍ତରଞ୍ଜନ ଜେନା, ସନ୍ତୋଷ କୁମାର ଅଗସ୍ତି, ସହକାରୀ ପରିଚାଳକ ସୟଦ ଇବ୍ରାର ଅଲ୍ଲୀ, ଦଳୀୟ ପ୍ରମୁଖ ଯନ୍ତ୍ରୀ ଦିବାକର ବିଶ୍ୱାସ ଓ ସହକାରୀ ବାଣିଜ୍ୟ ଅଧିକାରୀ ଦେବନମୟ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମସ୍ତ କର୍ମଚାରୀମାନଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ଆଗକୁ ସମସ୍ତେ ଏକ ହୋଇ କାର୍ଯ୍ୟକଲେ କମ୍ପାନୀର ସମସ୍ତ ଟାର୍ଗେଟ କିଭଳି ସହଜରେ ପାରି କରିହେବ ତାହା ଉପରେ ମତ ରଖିଥିଲେ। ଏହିଅବସରରେ ସବୁ ବିଭାଗରେ ଭଲ କାମକରିଥିବା ମିଟରରିଡର ପ୍ରକାଶ ଚନ୍ଦ୍ର ସାହୁ, ଅର୍ଥଆଦାୟରେ କୈଳାଶ ସାହୁ ଓ ଅଶୋକ ନାୟକ, ଉତ୍ତମ ଲାଇନସେବା ଯୋଗାଣରେ ମଦନମୋହନ ପଣ୍ଡା, ସତେନ୍ଦ୍ର ସାହୁ ଏବଂ ଲାଇନମ୍ୟାନ ସୁବ୍ରତ କୁମାର ବିଶୋଇଙ୍କୁ ଅତିଥିମାନେ ମାନପତ୍ର ଏବଂ ଟ୍ରଫିଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରେଡ୍‌ୱାନ ଲାଇନମ୍ୟାନ ବିପଦ ଭଞ୍ଜନ ଦାସ, ନିରଞ୍ଜନ ବିଶ୍ୱାଳ, ସନତ ପାଣିଗ୍ରାହୀ, ସୁଶାନ୍ତ କୁମାର ସାହୁ, ସୁକାନ୍ତ ରାୟ, ବିଶ୍ୱଜିତ ନାୟକ, ପୂର୍ଣ୍ଣଚନ୍ଦ୍ର ରାଉତ, ସନ୍ତୋଷ ନାୟକ, ପ୍ରତାପ ବଳ, ଅଭୟ ରଣା, ପ୍ରଶାନ୍ତ ଜେନା, ଶତ୍ରୁଘନ ପାଣିଗ୍ରାହୀ, ମନୋଜ ସାହୁ, ସମ୍ବିଦ ନାୟକ, ଜ୍ଞାନେନ୍ଦ୍ର ମହାନ୍ତି, ମନୋଜ ସାହୁ, ବିଷ୍ଣୁ ପାତ୍ର ଓ ସୁଶୀଳ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ସୁପରଭାଇଜର ସତ୍ୟଜିତ ମହାପାତ୍ର ପରିଚାଳନା କରିଥିଲେ।

# ଟ୍ରାଫିକ ସମସ୍ୟାରେ ଲୋକେ ଅତିଷ୍ଠ

ଯାଜପୁର,୫।୧୦(ହର୍ଷବର୍ଦ୍ଧନ ବେହେରା)


ବ୍ୟାସନଗର ଚୋରଦାଛକ ନିକଟରେ ଟ୍ରାଫିକ୍ ଜାମ।

ଯାଜପୁର ଜିଲାର ଦୁଇ ପ୍ରମୁଖ ସହର ଯାଜପୁର ଟାଉନ୍ ଏବଂ ବ୍ୟାସନଗରରେ ରୂପରେଖ ବଦଳିବାରେ ଲାଗିଛି। କିନ୍ତୁ ଏହି ଦୁଇ ସହରରେ ଟ୍ରାଫିକ ସମସ୍ୟା କିଛି ନୂଆ କଥା ନୁହେଁ। ପୌର ପରିଷଦ, ପ୍ରଶାସନ ଓ ପୋଲିସର ଉଦାସୀନତାରୁ ସହରଦ୍ୱୟର ସମସ୍ତ ରାସ୍ତା କଡ଼କୁ ବଡ଼ ବଡ଼ ଦୋକାନ ଓ ବ୍ୟବସାୟୀ ପ୍ରତିଷ୍ଠାନ ଜବରଦଖଲ କରିଛନ୍ତି। ସହରର ଅଣଓସରିଆ ରାସ୍ତା ସହ ବାଲି, ମୋରମ ଆଦି ଭାରିଯାନ ଚଳାଚଳ ସହରବାସୀ ତଥା ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ହୋଇଛି। ଐତିହାସିକ ତଥା ଅତି ପୁରାତନ ସହରଦ୍ୱୟ ହୋଇଥିଲେ ହେଁ ପୌରସଂସ୍ଥା ପକ୍ଷରୁ ଆବଶ୍ୟକ ଯୋଜନା ହୋଇ ନ ଥିବାରୁ ଏହାର ପରିଣାମ ଉଭୟ ସହରବାସୀଙ୍କ ପାଇଁ କାଳ ହେଉଛି।
ଜିଲାର କଳିଙ୍ଗନଗରରେ ନବେ ଦଶକ ପରେ ଶିଳ୍ପ ପ୍ରତିଷ୍ଠା ଆରମ୍ଭ ହୋଇଥିଲା। ସେହିଦିନଠାରୁ ବ୍ୟାସନଗରର ଆୟତନ ଓ ଲୋକ ସଂଖ୍ୟା ହୁହୁ ହୋଇ ବଢୁଛି। ଏହାବାଦ ଏକାଧିକ ଖଣି କମ୍ପାନୀ ଜିଲାର କାଳିଆପାଣି ଅଞ୍ଚଳରେ କ୍ରୋମାଇଟ ଉତ୍ତୋଳନ କରୁଛି। ଏବେ ସହରର ଲୋକସଂଖ୍ୟା ପ୍ରାୟ ଦୁଇ ଲକ୍ଷ ପାଖାପାଖି ହେଲାଣି। କ୍ରମଶଃ ଶ୍ରମ ଉପନିର୍ଦ୍ଦେଶାଳୟ, ଷ୍ଟେଟବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ, ଜିଲା ଶ୍ରମ ଅଧିକାରୀ, ଖଣି ଉପନିର୍ଦ୍ଦେଶକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ଓଏମ୍‌ସି, ଇଡ୍‌କୋ, ଉଠାଜଳସେଚନ ପ୍ରକଳ୍ପ, ବାଣିଜ୍ୟ କର, ଆୟ କର ଆଦି କାର୍ଯ୍ୟାଳୟ ଖୋଲିଛି। ଏଥିସହ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ବହୁ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗଣେଶବଜାରଠାରୁ ବ୍ୟାସସରୋବର ଜଗନ୍ନାଥ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଏନ୍.ସି. ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ଶଶିଭୂଷଣ ନୋଡାଲ

**ଯାଜପୁର, ବ୍ୟାସନଗର ସହର**
- ନିୟମିତ ହେଉଛି ଦୁର୍ଘଟଣା
- ରାସ୍ତା ଉପରେ ପାର୍କିଂ ବଢୁଛି

ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଅରବିନ୍ଦ ଶିକ୍ଷା କେନ୍ଦ୍ର, ରିଟ ଇଣ୍ଟରନ୍ୟାଶନାଲ ସ୍କୁଲ ଆଦି ରହିଛି। ଏହି ରାସ୍ତାରେ ପୁଣି ଯାଜପୁର ରୋଡ୍ ସିଏଚ୍‌ସି ଓ ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଛି। ଏହି ରାସ୍ତା ଖରସ୍ରୋତା ଓ ବ୍ରାହ୍ମଣୀ ନଦୀକୁ ସଂଯୋଗ କରିଛି। ଫଳରେ ସେହି ନଦୀଗୁଡ଼ିକରୁ ଶତାଧିକ ଓଭରଲୋଡିଂ ବାଲି ବୋଝେଇ ଟ୍ରାକ୍ଟର ଓ ଟ୍ରକ ସ୍କୁଲ ଖୋଲିବା ଏବଂ ବନ୍ଦ ସମୟରେ ବି ଚଳାଚଳ କରୁଛି। ଏହି ସମୟରେ ଛାତ୍ରୀଛାତ୍ରଙ୍କ ଚଳାଚଳରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି। ପୂର୍ବରୁ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଏକାଧିକ ଛାତ୍ରୀଛାତ୍ର ମୃତାହତ ହୋଇଥିବା ନଜିର ରହିଛି। ଏହାବାଦ୍ ବ୍ୟାସନଗର ପୌର ପରିଷଦର ଚୋର୍ଦାଛକ ନିକଟରେ ରହିଥିବା ନାମୀଦାମୀ ଶପିଂ ମଲ୍ ଏବଂ ଗୋପବନ୍ଧୁ ଛକଠାରୁ ବାଇପାସ୍ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପାର୍କିଂ ହେଉଛି। ଖୋଦ୍ ପ୍ରଶାସନିକ ଓ ପୋଲିସ ଅଧିକାରୀମାନେ ସେହି ଦୋକାନଗୁଡ଼ିକୁ ଯାଉଛନ୍ତି, କିନ୍ତୁ କିଛି ପ୍ରତିକାର ନାହିଁ। ପରିସ୍ଥିତି ଏଭଳି ହେଲାଣି ଯେ, ଦଳା ଛକଠାରୁ ଗଣେଶ ବଜାର, ଚୋର୍ଦା ଛକ, ବାଇପାସ୍ ପ୍ରଭୃତି ମୁଖ୍ୟରାସ୍ତାରେ ସାମାନ୍ୟ କାରଣରୁ ଘଣ୍ଟା ଘଣ୍ଟା ଟ୍ରାଫିକ ଜାମ୍ ହେବା ସ୍ୱାଭାବିକ ହୋଇଯାଇଛି। ଏବେ ଦୁର୍ଗାପୂଜା ଆସୁଥିବାବେଳେ ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ।
ଜିଲା ସଦର ମହକୁମା ଯାଜପୁର ଟାଉନ୍ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଏଠାରେ ମେଡିକାଲ କଲେଜ ନିର୍ମାଣ ସହ ପ୍ରମୁଖ ରାସ୍ତାଗୁଡିକର ଓସାରିଆ କାମ ହେଉଛି। ହେଲେ କାର୍ଯ୍ୟରେ ମନ୍ଥରତା କାରଣରୁ ଟ୍ରାଫିକ ସମସ୍ୟା ସହରବାସୀଙ୍କୁ ଅତିଷ୍ଠ କରିଛି। ମେଡିକାଲ ଛକ, ବିରଜା ମନ୍ଦିର ରାସ୍ତା, ଗରିଆପୁର ଛକ, ବସଷ୍ଟାଣ୍ଡ ପ୍ରଭୃତି ସ୍ଥାନରେ ସାମାନ୍ୟ କାରଣରୁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖା ଦେଉଛି। ତେଣୁ ଦୁର୍ଗା ପୂଜା ପାଇଁ ଟ୍ରାଫିକ ସମସ୍ୟାର ସମାଧାନ କରିବାର ନିହାତି ଆବଶ୍ୟକ ହୋଇ ପଡିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଚାଷି ଜମିରେ ୧୩୨ କେଭି ବିଦ୍ୟୁତ୍ ତାରଟଣାକୁ ବିରୋଧ

ଧର୍ମଶାଳା,୬।୧୦(ବଟକୃଷ୍ଣ ପରିଡ଼ା)

ଡୁବୁରୀଠାରୁ ପାରାଦୀପକୁ ନୂତନ ଭାବେ ଟାୱାର ମାଧ୍ୟମରେ ୧୩୨ କେଭି ବିଦ୍ୟୁତ୍ ତାରଟଣାକୁ ବିରୋଧ କରାଯାଇଛି। ଶୁକ୍ରବାର ଧର୍ମଶାଳା ବ୍ଲକର ଥାନୁଆଳ, ଗୁଆରଙ୍ଗ, ଅର୍ଜୁନପୁର, ଯୋଗର୍ଡା, ବ୍ରହ୍ମଣଦା, ପଲ୍ଲାର, ବାଜବାଟୀ ମୌଜାର ଚାଷୀ ଓ ସାଧାରଣ ଲୋକେ ବିରୋଧ କରିବା ସହ କାମ ବନ୍ଦ କରାଇଛନ୍ତି। ଏହି ବିପଦପୂର୍ଣ୍ଣ ବିଦ୍ୟୁତ୍ ତାରକୁ ଗାଁ ମଧ୍ୟଦେଇ ଟଣା ନ ଯାଇ ଜାତୀୟ ରାଜପଥ ପାର୍ଶ୍ୱଦେଇ ଟଣାଯିବାକୁ ଲୋକେ ଦାବିକରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଓ ଜିଲାପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଏକ ଗଣ ଅନ୍ଦୋଳନ ମୁଣ୍ଡ ଟେକିବ ବୋଲି କ୍ଷତିଗ୍ରସ୍ତ ଜମି ମାଲିକମାନେ ଚେତାବନୀ ଦେଇଛନ୍ତି। ଓପିଟିସିଏଲ ପକ୍ଷରୁ ଜମି ମାଲିକଙ୍କ ବିନା ଅନୁମତିରେ ଚାଷ ଓ ଘରବାରି ଜମିରେ ଟାୱାର ପକାଇବା ସହିତ ତାର ଟଣାଯାଉଛି। ଏତେ ପାୱାର ବିଦ୍ୟୁତ୍ ତାରକୁ ଚାଷ ଓ ଘରବାରି ଉପରେ ଟଣାଯାଉଥିବାରୁ ସାଧାରଣ ଲୋକେ ଏବଂ ଚାଷୀମାନେ ଭୟଭିତ ହୋଇପଡ଼ିଛନ୍ତି। ନିୟମ ଅନୁସାରେ ଜମିମାଲିକଙ୍କ ସହିତ ଆଲୋଚନା କରାଯାଇ କ୍ଷତିପୂରଣ ପ୍ରଦାନ ପରେ ବିପଦସଙ୍କୁଳ ବିଦ୍ୟୁତ୍ ତାର ଟଣାଯିବା କଥା। ହେଲେ ଓପିଟିସିଏଲ ଜୋର ଜବରଦସ୍ତ ଚାଷୀ ଓ ସାଧାରଣ ଲୋକଙ୍କୁ ଭୟଭିତ କରାଇ ବିଦ୍ୟୁତ୍ ତାର ସଂଯୋଗ କରି ଚାଲିଛି ବୋଲି ଅଭିଯୋଗ ହୋଇଛି।

# ଅନାବନା ଘାସ କବଳରେ ୨୦ ନମ୍ବର ଏନ୍‌ଏଚ୍

ଝୁମ୍ପୁରୀ,୬।୧୦(ସରୋଜ ନାୟକ)


୨୦ ନଂ. ଏନ୍‌ଏଚ୍‌ର ଦୁଇକଡ଼ରେ ଅନାବନା ଗଛ ଉଠିଛି।

ସରକାର ରାସ୍ତାଘାଟର ଉନ୍ନତି କରିବା ନିମନ୍ତେ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତିଯୋଗୁ ଜାତୀୟ ରାଜପଥ(ଏନ୍‌ଏଚ୍)ର ଉଭୟ ପାର୍ଶ୍ୱରେ ଅନାବନା ଘାସ ଓ ବେଣାବୁଦା ହୋଇ ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି କୁଆଖିଆ-ସାତଭାୟା ଜାତୀୟ ରାଜପଥରେ। ପୂର୍ବରୁ ଏହି ରାସ୍ତାଟି ରାଜ୍ୟ ରାଜପଥ ୫୬ ଥିବାବେଳେ ଏବେ ଏହା ଜାତୀୟ ରାଜପଥ ୨୦ରେ ପରିଣତ ହୋଇଛି। ଏହି ରାସ୍ତା ମରାମତି ଓ ନିର୍ମାଣ କାର୍ଯ୍ୟ ଏବେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ହାତରେ ରହିଛି। ରାସ୍ତାର ପଞ୍ଜରା ସାହି ଛକଠାରୁ ଝୁମ୍ପୁରି ବଜାର ପେଟ୍ରୋଲ ପମ୍ପ ଓ ମଲ୍ଲିପୁର ନୂଆ ନଈ ପୋଲଠାରୁ କର୍ଯ୍ୟାଁ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଅନାବନା ଗଛ, ଘାସ ଓ ବେଣା ଏପରି ଭାବରେ ଉଠିଛି ଯେ, ଏହା ଛୋଟ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ପ୍ରତ୍ୟହ ଏହି ରାସ୍ତାଦେଇ ଆଖଣ୍ଡଳମଣିକୁ ବହୁ ସଂଖ୍ୟାରେ ଲୋକେ ବିଭିନ୍ନ ଯାନବାହନରେ ଯାତାୟାତ କରନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଏପରି ଅବସ୍ଥା ହୋଇଥିବାରୁ ବାଇକ୍‌ରେ ଯାଉଥିବା ଲୋକଙ୍କ ପାଇଁ ଏହା ବିପଦ ପାଲଟିଛି। ବିଭିନ୍ନ ଜୀବଜନ୍ତୁ ଏହି ବେଣାବୁଦା ମୂଳରେ ଛପି ରହିଥିବାବେଳେ ହଠାତ୍ ରାସ୍ତା ଉପରକୁ ଆସିଯାଉଥିବାରୁ ବାଇକ୍ ଓ ସାଇକେଲରେ ଯାଉଥିବା ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଏହି ରାସ୍ତା ପାର୍ଶ୍ୱରେ ଥିବା ଅନାବନା ଗଛସବୁକୁ ସଫା କରିବାକୁ ଦାବି ହୋଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବରୀ,୬।୧୦(ମହେନ୍ଦ୍ର ସ୍ୱାଇଁ)

ବରୀରାମଚନ୍ଦ୍ରପୁର ଥାନା ବାଲିବିଲ ପଞ୍ଚାୟତ ଢିଅସାହି ଗ୍ରାମର ଜଣେ ଯୁବକଙ୍କ ଶୁକ୍ରବାର ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ସେ ହେଲେ ପ୍ରମୋଦ ସାମଲ। ପ୍ରମୋଦ ଥାନା ଅଧୀନ ବାଲିଆପାଳ ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରେ ହଠାତ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବହୁ ବିଳମ୍ବରେ ଆମ୍ବୁଲାନ୍ସରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ଦିଲୀପ ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ସରପଞ୍ଚ ନବଘନ ପରିଡ଼ା ଓ ସାମାଜିକ କର୍ମୀ ବିଷ୍ଣୁପ୍ରସାଦ ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଅସହାୟ ପରିବାରକୁ ସହାୟତା


ବିଶ୍ୱନାଥ ଦେହୁରିଙ୍କ ପରିବାର ସହ ହେଲ୍‌ପିଂ ହ୍ୟାଣ୍ଡ୍ ଅନୁଷ୍ଠାନର ସଦସ୍ୟମାନେ।

କାଏମା,୬।୧୦(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତ ଛେଳିଆପଦା ଗ୍ରାମର ବିଶ୍ୱନାଥ ଦେହୁରିଙ୍କ ପରିବାର ଦୟନୀୟ ଅବସ୍ଥାରେ ରହୁଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ତାଙ୍କୁ ସହାୟତାର ହାତ ବଢ଼ାଇଛି ହେଲ୍‌ପିଂ ହ୍ୟାଣ୍ଡ୍ ଅନୁଷ୍ଠାନ। ଅନୁଷ୍ଠାନର ସଦସ୍ୟମାନେ ପହଞ୍ଚି ତାଙ୍କ ପରିବାର ଅବସ୍ଥା ବିଷୟରେ ବୁଝିଥିଲେ। ପରିବାରରେ ବୃଦ୍ଧ ବିଶ୍ୱନାଥ, ତାଙ୍କ ସ୍ତ୍ରୀ, ବୋହୂ, ଦୁଇ ନାତୁଣୀ ଓ ଜଣେ ନାତି ଥିବା ଜାଣିବାକୁ ପାଇଥିଲେ। ହେଲେ ଏମାନଙ୍କ ମଧ୍ୟରୁ କେହି ରୋଜଗାରକ୍ଷମ ନୁହନ୍ତି। ସେମାନେ ମାଗିଯାଚି ଖାଇ ଜୀବନ ବଞ୍ଚାଇଛନ୍ତି ଜାଣିବା ପରେ ସଦସ୍ୟମାନେ ରାଶନ ସାମଗ୍ରୀ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗକୁ ମଧ୍ୟ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଶ୍ୱନାଥଙ୍କ ପୁଅ ସୁଶାନ୍ତ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ୭ ବର୍ଷ ତଳେ କୌଣସି କାରଣରୁ ତାଙ୍କ ଗୋଡ଼ କଟିଯାଇଥିଲା। ପରେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ଶେଷରେ ଚିକିତ୍ସା ଅଭାବରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରଠୁ ଟଙ୍କା ଅଭାବରୁ ଘରେ କବାଟ, ଝରକା ଲାଗି ପାରିନାହିଁ। ଆଗାମୀ ଦିନରେ ଅନୁଷ୍ଠାନ ତରଫରୁ ତାଙ୍କ ଘରର କବାଟ ଏବଂ ଝରକା ଲଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ, ଅଶ୍ୱିନୀ ଦାସ, ଅନନ୍ତ ନାୟକ ଓ ସୁଶାନ୍ତ ସେନାପତି ଯୋଗ ଦେଇଥିଲେ। ଏନେଇ ଅନୁଷ୍ଠାନର ପ୍ରତିଷ୍ଠାତା କହିଛନ୍ତି, ୪ତାରିଖରେ ଧରିତ୍ରୀରେ ବିଶ୍ୱନାଥଙ୍କ ପରିବାର ସମ୍ପର୍କରେ ଖବର ପ୍ରକାଶ ପାଇବାରୁ ଆମେ ତାଙ୍କୁ ସହାୟତା ଯୋଗାଇ ଦେବାରେ ସକ୍ଷମ ହୋଇଛୁ।

# ୮ରୁ ଧର୍ମଶାଳା ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଧର୍ମଶାଳା,୬।୧୦(ବଟକୃଷ୍ଣ ପରିଡ଼ା)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତା।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଆସନ୍ତା ୮ ତାରିଖରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ହେବ। ୩୪ ନମ୍ବର ଜିଲା ପରିଷଦ ଜୋନର ବାରବାଟୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ପଦଯାତ୍ରା ଆରମ୍ଭ ହୋଇ କଲଣ ପଞ୍ଚାୟତରେ ଶେଷହେବ। ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ପଦଯାତ୍ରାକୁ ଶୁଭାରମ୍ଭ କରିବେ। ୧୧ ତାରିଖରେ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସମସ୍ତ ଜିଲା ପରିଷଦ ଜୋନରେ ସକାଳ ୮ଟା୩୦ରୁ ପୂର୍ବାହ୍ନ ୧୧ ପର୍ଯ୍ୟନ୍ତ ପଦଯାତ୍ରା ହେବ। ଏଥିରେ ପଞ୍ଚାୟତସ୍ତରୀୟ ନେତା ଓ କର୍ମୀ ଯୋଗଦେଇ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବେ। ଏନେଇ ଶୁକ୍ରବାର ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା ଓ ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆବାସରୁ ବଞ୍ଚିତ ଦିବ୍ୟାଙ୍ଗ ମହେଶ୍ୱର

ଝୁମ୍ପୁରୀ,୬।୧୦(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ବିରିପଟା ପଞ୍ଚାୟତ କେନ୍ଦୁଆକୁଳ ଗ୍ରାମର ଦିବ୍ୟାଙ୍ଗ ମହେଶ୍ୱର ପୁହାଣ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ମହେଶ୍ୱରଙ୍କ ସହିତ ତାଙ୍କ ସ୍ତ୍ରୀ ମଧ୍ୟ ଜଣେ ଦିବ୍ୟାଙ୍ଗ। ଏମାନେ ଅତି ଦୟନୀୟ ଅବସ୍ଥାରେ ଜରିପାଲ ତଳେ ଜୀବନ ବିତାଉଛନ୍ତି। ହେଲେ ଘର ଖଣ୍ଡିଏ ଦେବାକୁ ପ୍ରଶାସନର ଦୃଷ୍ଟି ପଡୁନାହିଁ। ମହେଶ୍ୱର ଚାଷକରି ୪ ପ୍ରାଣୀ କୁଟୁମ୍ବଙ୍କୁ ଚଳାନ୍ତି। ସେ ଘର ପାଇ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ମଧ କେହି ତାଙ୍କୁ ଘର ଖଣ୍ଡିଏ ଦେବା ପାଇଁ ଚେଷ୍ଟା କରିନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ବିଡିଓ ଏହାର ତଦନ୍ତ କରି ଏହି ପରିବାରକୁ ଏକ ଘର ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।


ଆବାସରୁ ବଞ୍ଚିତ ମହେଶ୍ୱରଙ୍କ ପରିବାର।

# ଜମିହରାଙ୍କୁ ସମାନ କ୍ଷତିପୂରଣ ଦାବିରେ ଧାରଣା

**୨୦ ନମ୍ବର ଜାତୀୟ ରାଜପଥ ପାଇଁ ଜମି ଅଧିଗ୍ରହଣ ମାମଲା**

ଯାଜପୁର ଟାଉନ,୬।୧୦(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲାର ୨୦ ନମ୍ବର ଜାତୀୟ ରାଜପଥ କୁଆଖିଆଠାରୁ କର୍ଯ୍ୟାଁଗୋଲା ପର୍ଯ୍ୟନ୍ତ ସମ୍ପ୍ରସାରଣ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ଯାଜପୁର ପୌରାଞ୍ଚଳର ୫ କି.ମି. ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳ ତଥା ଅବଦଲପୁରଠାରୁ ମିରଚାନ୍ଦପୁରର ଚାଷଜମିକୁ ଅଧିଗ୍ରହଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ତରଫରୁ ନୋଟିସ କରାଯାଇଛି। ତେବେ ଦର କମ ଥିବା ଜାଣିବା ପରେ ଚାଷୀମାନେ ବିରୋଧ କରିଛନ୍ତି। ତେଣୁ ପୌରାଞ୍ଚଳ ଓ ସହରାଞ୍ଚଳ ଅନ୍ୟୁନ ୫କି.ମି. ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳର ସମସ୍ତ ଚାଷଜମିର ଧାର୍ଯ୍ୟ ମୂଲ୍ୟକୁ ସମାନ ହିସାବରେ ସ୍ଥିର କରି କ୍ଷତିପୂରଣ ପ୍ରଦାନ ଦାବିରେ ଶୁକ୍ରବାର ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।



କ୍ଷତିପୂରଣ ଦାବିରେ ଧାରଣାରେ ବସିଥିବା ଚାଷୀମାନେ।

ଯାଜପୁର ପୌରାଞ୍ଚଳ ନିକଟବର୍ତ୍ତୀ କେତେକ ରାଜସ୍ୱ ଗ୍ରାମ ଜମିର ସରକାରୀ ମୂଲ୍ୟ କମ୍ ଥିବା ଚାଷୀମାନେ ଜାଣିବା ପରେ ୨୦୨୨ ଅଗଷ୍ଟ ୨୦ରେ ଜିଲାପାଳଙ୍କୁ ଭେଟି ଜମିର ପ୍ରକୃତ ବଜାର ମୂଲ୍ୟ ନିର୍ଦ୍ଧାରଣ କରି ଉଚିତ୍ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱିତୀୟ ନୋଟିସ୍ ତଥା ଜମିର କ୍ଷତିପୂରଣ ଅର୍ଥ ରାଶି ଧାର୍ଯ୍ୟ କରି ଜିଲା ପ୍ରଶାସନ ଚାଷୀମାନଙ୍କୁ ଅର୍ଥ ପ୍ରଦାନ ନିମନ୍ତେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ପାଇଁ ଆହ୍ୱାନ କରିଥିଲା। ଏହି ଅର୍ଥରାଶି ଯାଜପୁର ବ୍ଲକ୍‌ର ମଲ୍ଲିକାପୁର, ବିଚିତ୍ରପୁର, ନୂଆଗୋବିନ୍ଦପୁର, ବଖାଣପୁର, ଦକ୍ଷିଣବିଲ ଓ ବାଛିଆରି ଗ୍ରାମ ନିମନ୍ତେ ଉଦ୍ଦିଷ୍ଟ ଥିବାବେଳେ ଏହା ଅତି କମ୍ ଦର ଥିବା ଜଣାପଡ଼ିଥିଲା। ଗତ ଜୁଲାଇ ୫ ତାରିଖ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସାମୂହିକ ଭାବେ ଜମିର ପ୍ରକୃତ ବଜାର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ଚାଷୀମାନେ ଅଭିଯୋଗପତ୍ର ଦାଖଲ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଏହାର କୌଣସି ସୂଚନା ନ ମିଳିବାରୁ ଏହି ଧାରଣା ଦିଆଯାଇଥିଲା। ଏଥିରେ ମାନସ ପଣ୍ଡା, ପଙ୍କଜ ନନ୍ଦ, କୁଳମଣି ମହାନ୍ତି, ଭାଗ୍ୟଧର ରାଉଳ, ବାମନ ଚନ୍ଦ୍ର ସାହୁ ଓ ଗଙ୍ଗାଧର ସାହୁଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିରର ହେବ ସୌନ୍ଦର୍ଯ୍ୟକରଣ



ଆଲି,୬।୧୦(ବନମାଳୀ ସେନାପତି)

ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ଥିବା ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ଘୋଷଣା କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ଆଲି ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀଲକ୍ଷ୍ମୀବରାହ ମନ୍ଦିରର ସୌନ୍ଦର୍ଯ୍ୟକରଣ ଲାଗି ଅର୍ଥରାଶି ଘୋଷଣା କରିଥିଲେ। ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିରର ସୋନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର ୭ କୋଟି ୭୪ ଲକ୍ଷ ୧୩୭ ଟଙ୍କା ମଞ୍ଜୁର କରିଛନ୍ତି। ଏଥିପାଇଁ କଟକ ଆରଆଣ୍ଡବି ସର୍କଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଜାଣିବା ପରେ ଲକ୍ଷ୍ମୀବରାହ ଜୀଉ ମନ୍ଦିର ଟ୍ରଷ୍ଟ ଅଧ୍ୟକ୍ଷ ତଥା ଆଲି ରାଜା ବ୍ରଜ କେଶରୀ ଦେବ ଓ ଟ୍ରଷ୍ଟର ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଲି ବିଧାୟକ ତଥା ରାଜ୍ୟ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ସୁନାଦୋକାନରୁ ଚୋରି

ବାସୁଦେବପୁର, ୬।୧୦(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ମୁଖ୍ୟବଜାର ପରିବାହାଟ ନିକଟରେ ଥିବା ସାହୁ ଜୁଏଲେରୀ ଓ ୱାର୍କସପ୍‌ରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ଆଜବେଷ୍ଟସ୍ ତାଡ଼ି ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ୧୮ଟି ରୁପା ସିନ୍ଦୂର ଫରୁଆ, ୮୫ଟି ସୁନା ଟିକା, ୬ ରୁପା ମୁଦି, ୧ ହଳ ସୁନା କାନଫୁଲ, ୨ ରୁପା ଚେନ୍, ୨ ସୁନାମୁଦିସହ ଅନ୍ୟ କେତେକ ଅଳଙ୍କାର ମଧ୍ୟ ଚୋରି ହୋଇଛି। ଦୋକାନ ମାଲିକ ମଦନ ମୋହନ ସାହୁ ଶୁକ୍ରବାର ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି।

# ମରାମତି ଅଭାବ: କଚେରି ପୋଖରୀ କଚଡ଼ାପୂର୍ଣ୍ଣ

ପଟ୍ଟାମୁଣ୍ଡାଇ, ୬।୧୦ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇର ଐତିହାସିକ କଚେରି ପୋଖରୀ ପୁନର୍ନିର୍ମାଣ ଦାବିରେ ସହରବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ଏ ନେଇ ପଟ୍ଟାମୁଣ୍ଡାଇ ପୌର କର୍ତ୍ତୃପକ୍ଷ, ତହସିଲଦାର, ବିଡିଓ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିପରି ବ୍ରିଟିଶ ଅମଳରୁ ନିର୍ମିତ କଚେରି ପୋଖରୀ ଖନନ ହେଉ ନ ଥିଲା। ଏ ଦିଗରେ ପଦକ୍ଷେପ ନେବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିଲେ। ଫଳରେ କଚେରି ପୋଖରୀ ମରାମତି ଅଭାବରୁ ଏବେ କଚଡ଼ା ପୋଖରୀରେ ପରିଣତ ହୋଇଛି।

ଐତିହାସିକ କଚେରି ପୋଖରୀର କିସମ ପରିବର୍ତ୍ତନ, ସୀମା ନିର୍ଦ୍ଧାରଣ ଓ ଖନନ ପାଇଁ ସାମାଜିକ କର୍ମୀ ଅକ୍ଷୟ ବିଶ୍ୱାଳ କଟକ ଜିଲା ସ୍ଥାୟୀ ଲୋକ ଅଦାଲତରେ କେସ୍ ନଂ. ୧୧/୨୦୧୯ରେ ମାମଲା ରୁଜୁ କରିଥିଲେ। ପଟ୍ଟାମୁଣ୍ଡାଇ ତହସିଲଦାର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ଉପଜିଲାପାଳ ଓ ଜିଲାପାଳଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଏହାର ଜବାବରେ ପକ୍ଷମାନେ ଲୋକ ଅଦାଲତରେ ହାଜର ହୋଇ ପୋଖରୀର ପୁନର୍ନିର୍ମାଣ, ସୀମା ନିର୍ଦ୍ଧାରଣ ଓ କିସମ ପରିବର୍ତ୍ତନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତେବେ ପୋଖରୀର ମାପଚୁପ କରାଯାଇ ୧.୨୫ ଡିସିମିଲ ଜାଗା ଚିହ୍ନଟ କରାଯାଇ ବଗାୟତରୁ ପୋଖରୀ ଜଳାଶୟ କିସମ ପରିବର୍ତ୍ତନ କରାଯାଇଥିଲା। ଏହାର ଖନନ ପାଇଁ ରାଜ୍ୟ ସରକାର ୧ କୋଟି ୯୨ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ ଏହି କାମ ଠିକ୍ ଭାବେ କରା ନ ଯିବାରୁ ଏବେ କଚେରି ପୋଖରୀ ବିଭିନ୍ନ ଅଳିଆ, ଆର୍ବଜନା ପଡି କଚଡ଼ା ପୋଖରୀରେ ପରିଣତ ହୋଇଛି। ଅଳ୍ପ ପାଣି ଥିବାରୁ ପାଣି ପଚି ପୂତିଗନ୍ଧମୟ



ପଟ୍ଟାମୁଣ୍ଡାଇ କଚେରି ପୋଖରୀ କାର୍ଯ୍ୟ ସରି ନ ଥିବାରୁ ଏହା କଚଡାରେ ପରିପୂର୍ଣ୍ଣ ହୋଇଛି।

ପରିବେଶ ସୃଷ୍ଟି କରୁଛି। ନିକଟ ଅତୀତରେ ପ୍ରତି ସହରରେ ଜଳାଶୟ ରହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ପୌର ନିର୍ବାହୀ ଅଧିକାରୀ, ପଟ୍ଟାମୁଣ୍ଡାଇ ତହସିଲଦାର, ଜିଲା ପ୍ରଶାସନର ଏଥିପ୍ରତି ଭ୍ରୂକ୍ଷେପ ନାହିଁ, ଫଳରେ ପଟ୍ଟାମୁଣ୍ଡାଇ ସହରବାସୀ ନାନା ସମସ୍ୟା ଭୋଗୁଛନ୍ତି। କଚେରି ପୋଖରୀକୁ ଲାଗି ଶ୍ରୀରାମ ମନ୍ଦିର, ହନୁମାନ ମନ୍ଦିର, ତହସିଲ ଅଫିସ ଓ ହାଟ ଥିଲେ ମଧ୍ୟ ଦୈନନ୍ଦିନ ଆସୁଥିବା ଲୋକ ନାନା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ଅଳିଆ ପାଣିରେ କେହି ଗୋଡ଼ ବୁଡାଇବା ପାଇଁ ଉଚିତ ମନେକରୁ ନାହାନ୍ତି। କଚେରି ପୋଖରୀ ମଧ୍ୟରେ ଏକ ଗଭୀର କୂଅ ରହିଥିବା ବେଳେ ଏହି କୂଅଟି ପୋତି ହୋଇପଡିଲାଣି। ଫଳରେ ପାଣି ଝରି କଚେରି ପୋଖରୀଟି ପୂର୍ଣ୍ଣ ରହୁଥିବାବେଳେ କୂଅଟି ପୋତି ହୋଇପଡିଛି। ଫଳରେ ପୋଖରୀଟି ଶୁଖିଲା ପଡିଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପିଏଲ୍‌ଭି ପ୍ରଫୁଲ୍ଲ କୁମାର ଦାଶ, ଭବାନୀ ପଣ୍ଡା, ପ୍ରମୋଦ ସାହୁ, ଜିତେନ୍ଦ୍ର କୁମାର ନନ୍ଦୀ, ବିଜ୍ଞାନ ମିହିର ଜେନା, ପ୍ରବୀର କୁମାର ପାତ୍ର, ବିଦ୍ୟାଧର ଦାଶ, ସୁଶୀଲ କୁମାର ଦାଶ, ରୀତାଞ୍ଜଳି ଦାଶ, ସୌମ୍ୟରଞ୍ଜନ ଧଳ, ବିଜୟ ମହାନ୍ତି ଓ ରାଜେନ୍ଦ୍ର କୁମାର ଦାଶ ପ୍ରମୁଖ ଦୃଢ ଦାବି କରିଛନ୍ତି।

## ରାଜନଗରରେ ବୁଲିଲା ସାଇବର ସଚେତନତା ରଥ





ରାଜନଗରରେ ସାଇବର ସୁରକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଉଛି।

ରାଜନଗର, ୬।୧୦ (ଭାସ୍କର ରାଉତରାୟ)

ସତର୍କତା ହିଁ ସୁରକ୍ଷା। ସାଇବର ଅପରାଧ ପୁରା ବିଶ୍ୱବାସୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। କେବଳ ସତର୍କ ଓ ସଚେତନତା ଦ୍ୱାରା ହିଁ ଏହାର ମୁକାବିଲା କରାଯାଇପାରିବ। ଏହି ବାର୍ତ୍ତା ନେଇ କେନ୍ଦ୍ରାପଡ଼ା ଜିଲା ପୋଲିସ ଏବଂ ରାଜନଗର ପୋଲିସ ସହାୟତାରେ ଶୁକ୍ରବାର ସାଇବର ସଚେତନତା ରଥ ବୁଲିଛି। ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ମଧ୍ୟ ଇଂରାଜି ବିଦ୍ୟାଳୟ ପରିସରରେ ରଥ ପହଞ୍ଚିବା ପରେ ସେଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ଡିଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ ଯୋଗଦେଇ ସାଇବର ଅପରାଧର ଭୟାବହତା ଓ ଏଥିରୁ କିପରି ବର୍ତ୍ତି ପାରିବା, ସେ ସମ୍ପର୍କରେ ଉପସ୍ଥିତ ସାଧାରଣ ଲୋକ, ଛାତ୍ରୀଛାତ୍ର, ମହିଳା, ବୁଦ୍ଧିଜୀବୀ, ସରକାରୀ କର୍ମଚାରୀମାନଙ୍କୁ ସଚେତନତା କରାଇଥିଲେ। ପରେ ଏହି ରଥ ପେଣ୍ଠ, ଗୁପ୍ତି, ଚାନ୍ଦିବାଉଁଶମୂଳ, ଓକିଲପାଳ, ଖୋଲା, ଡାଙ୍ଗମାଳ, ତାଳଚୁଆ ପ୍ରଭୃତି ସ୍ଥାନରେ ପହଁଚି ଲୋକମାନଙ୍କୁ ସାଇବର ଠକେଇ ସମ୍ବନ୍ଧରେ ସଚେତନତା କରାଇଥିଲା। ତାଳଚୁଆଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସାମୁଦ୍ରିକ ଥାନା ଆଇଆଇସି ସସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ରାଜନଗର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ, ଅଧ୍ୟକ୍ଷ ଡ. ବିକ୍ରମାଦିତ୍ୟ ଦାସ, ଅଧ୍ୟାପିକା ଭଗବତୀ ରାଉତ, ଜୟଦୁର୍ଗା ବଣିକ ସଂଘ ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର, ସେବକ ଅଭୟ ବାବା, ଖବରଦାତା ଭାସ୍କର ରାଉତରାୟ, ଆଇନଜୀବୀ ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି ଦଶରଥ

ରାଜକନିକା,୬।୧୦ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକରେ ସାଧାରଣ ଲୋକଙ୍କ ସମସ୍ୟା ବୁଝିବାକୁ ବ୍ଲକ ପ୍ରଶାସନ ବିଭିନ୍ନ ପଞ୍ଚାୟତକୁ ଯାଇ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ପ୍ରଶାସନ ଗାଁରେ ପହଞ୍ଚି ଲୋକମାନଙ୍କ ସମସ୍ୟା ବୁଝିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିବା ବେଳେ ଏହା ଏବେ ପ୍ରହସନ ପାଲଟିଛି। ପ୍ରତ୍ୟେକ ପଞ୍ଚାୟତରେ ବହୁ ସମସ୍ୟାକୁ ନେଇ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଏହାର ସମାଧାନ ହେଉନାହିଁ। ଖାଇବା ବିନା କେହି ଉପବାସ ରହିବେ ନାହିଁ ଏବଂ ସମସ୍ତଙ୍କ ମୁଣ୍ଡ ଉପରେ ଛାତଘର ଥିବ ସରକାରଙ୍କ ଘୋଷଣାକୁ ପ୍ରଶାସନିକ ଅଧିକାରୀମାନେ ଠିକ୍‌ଭାବେ କାର୍ଯ୍ୟକାରୀ କରୁ ନ ଥିବା ଏଥିରୁ ପ୍ରତୀୟମାନ ହେଉଛି।

ସୂଚନା ଅନୁଯାୟୀ, ରାଜକନିକା ବ୍ଲକ ଅଧୀନ ସିହୋପଡ଼ା ପଞ୍ଚାୟତର ଆଗପଡ଼ା ଗ୍ରାମର ଦଶରଥ ମଳିକଙ୍କ ଅବସ୍ଥା ଯେ କେହି ଦେଖିବ ମନକୁ ପ୍ରଶ୍ନ ଉଙ୍କି ମାରିବ। ଝାଟିମାଟି ଘର ଛପର ନ ଥିବାରୁ ଦିନରେ ସୂର୍ଯ୍ୟ, ରାତିରେ ଚନ୍ଦ୍ରଙ୍କ କିରଣ ଆଉ ତାରାମାନେ ଜଳଜଳ ହୋଇ ଦିଶିଥାନ୍ତି। ମୁଣ୍ଡ ଉପରେ ନୁଆଣିଆ ଖୋଲାମେଲା ଚାଳଛପର ଫାଙ୍କ ଦେଇ ଆକାଶ ଦେଖାଯାଉଛି। ଏଥିରେ ଦଶରଥ ମଳିକ(୮୦)ଜୀବନ ବିତାଉଛନ୍ତି। ପରିବାର କହିଲେ ସେ ନିଜେ। ନା ଆଗକୁ କିଏ ଅଛି ନା ପଛକୁ। ମାଗି କରି ପେଟ ପୋଷୁଥିବା ଦଶରଥ ମୁଣ୍ଡଗୁଞ୍ଜିବାକୁ ବାସ ଖଣ୍ଡେ ନାହିଁ। ଲଘୁଚାପଜନିତ ଲଗାଣ ବର୍ଷାରେ ସେ ମୁଣ୍ଡ ଗୁଞ୍ଜିବାକୁ ବାର ଦୁଆର ଶୁଙ୍ଘିପିଣ୍ଡା ହୋଇଥିଲେ। ଆଜି ଯା ପିଣ୍ଡାରେ ତ କାଲି ତା' ପିଣ୍ଡାରେ ରାତି କଟୁଛି। ସେ ପୁଣି ଦୟନୀୟ ଅବସ୍ଥାରେ। ସରକାରୀ ସହାୟତା କହିଲେ କେବଳ ୫ କିଲୋ ଚାଉଳ ଓ ଭତ୍ତା ବାବଦକୁ ୫ଶହ ଟଙ୍କା ହିଁ ଭରସା। ଏହା ସରିଯିବା ପରେ ପର ହାତଟେକାକୁ ସେ ଅନାଇ ବସିଥାନ୍ତି। ଗାଁରେ ୬୦ ପରିବାର ଥିବା ବେଳେ କେବେ କେମିତି ତାଙ୍କୁ ଯାହା କିଛି ସାହାଯ୍ୟ କରନ୍ତି ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ଘର ଖଣ୍ଡେ ପାଇଁ ଅନେକଥର ପ୍ରଶାସନ ପାଖରେ ହାରିଗୁହାରି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଦଶରଥ ଅଭିଯୋଗ କରିଛନ୍ତି। ଏମିତିକି ମୋ ଭାଗ୍ୟରେ ଘର ନାହିଁ ବୋଲି ସେ କହିଛନ୍ତି। ଦୁଃଖେ କଷ୍ଟରେ ଚଳୁଥିବା ବେଳେ କେବେ ଖାଇବା ମିଳିଥାଏ ତ ଆଉ କେତେବେଳେ ଉପବାସ ରହିବାକୁ ପଡେ ବୋଲି ଦଶରଥ କହିଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦଶରଥ ଆକୁଳ ନିବେଦନ କରିଛନ୍ତି। ଏ ସମ୍ପର୍କରେ ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ ସେ ମାସକୁ ଭତ୍ତା ୫ଶହ ଓ ଚାଉଳ ୫ କିଲୋ ପାଉଛନ୍ତି। ଆଗାମୀ ଦିନରେ ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

### ମୁଣ୍ଡ ଗୁଞ୍ଜିବାକୁ ପକ୍କାଘର ଖଣ୍ଡେ ନାହିଁ



ଝାଟିମାଟି ଘରେ ଦଶରଥ ମଳିକ।

## ୨୫ ଅଙ୍ଗନୱାଡି କର୍ମୀ, ସହାୟିକାଙ୍କୁ ନିଯୁକ୍ତି ପ୍ରଦାନ

ରାଜନଗର, ୬।୧୦ (ଭାସ୍କର ରାଉତରାୟ)

ରାଜନଗର ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି କର୍ମୀ, ସହାୟିକା ମିଶାଇ ୨୫ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ନିଯୁକ୍ତି ମେଳାରେ ସମନ୍ୱିତ ଶିଶୁ ବିଭାଗର ଅଧିକାରିଣୀ ସୁଚିତ୍ରା ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ୨୫ଜଣ ନୂତନ ଅଙ୍ଗନୱାଡି କର୍ମୀ ଏବଂ ସହାୟିକାଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ସେମାନେ ସେମାନଙ୍କର ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ରହୁଥିବା କୋମଳମତି ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କର ଯତ୍ନ ନେବା ସହ ନିଷ୍ଠାର ସହିତ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଡେରା ସରପଞ୍ଚ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ନିଯୁକ୍ତି ପାଇଥିବା ନାଥପୁର ଅଙ୍ଗନୱାଡି କେନ୍ଦ୍ରରେ ସ୍ୱପ୍ନାରାଣୀ ସେଠୀ, ଭେକ୍ଟା କେନ୍ଦ୍ରରେ ସାମିନା ଖାତୁନ, ସାତଭାୟାରେ ବିଜୟଲକ୍ଷ୍ମୀ ଲେଙ୍କା, କୋଇଲିପୁର-୨ରେ ତରୁଲତା ମଲିକ, ମଧୁପୁର-୨ରେ କୁନି ମଲିକ, ଭଗବାନପୁର-୨ରେ ଉର୍ମିଳା ପଢିହାରୀ, ବନ୍ଧପୁରରେ ଅହଲ୍ୟା ରାଉତ, ପ୍ରଭାତିରେ ଶାନ୍ତିଲତା ପ୍ରଧାନ, ବୀରଭଞ୍ଜପୁରରେ ଅଇନା ପରବିନ, ନୋଧାବସନ୍ତରେ ସୌନନ୍ଦା ସାହୁ, ତିଅର ଡାଗୁଆରେ ଗୀତାଞ୍ଜଳି ଦାସ, ଜମ୍ବୁସାଗରରେ ରୋନାଲୀ ଦାସ, ସିଙ୍ଗଡାପାଳରେ ଲକ୍ଷ୍ମୀପ୍ରିୟା ରାଉତ, ଡିଆପାରିରେ ମୋନାଲିସା ସେଠୀ, ହଂସିଣାରେ ଶୁଭଶ୍ରୀ ସ୍ୱାଇଁ, କଇଥା-୨ରେ ବର୍ଷାରାଣୀ ସ୍ୱାଇଁ, ଉତ୍ତରଭେକ୍ଟାରେ ସଂଗୀତା ଦାସ, ଏସଟିହାବିଟେଶନରେ ସୁଲିଆ ଦଳାଇ, ଅମନାପରୀରେ ଜ୍ୟୋର୍ତିମୟୀ ସାହାଣୀ, ତାଳଚୁଆରେ ଇତିଶ୍ରୀ ମାନ୍ନା, ଚମ୍ପାଦିଆରେ ସଂଯୁକ୍ତା ସାହୁ, ଡାଙ୍ଗମାଳ-୧ ଅଙ୍ଗନୱାଡି କେନ୍ଦ୍ରରେ ପଦ୍ମାବତୀ ବେହେରାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

## ରାସ୍ତାରେ ବାଲି, ଗୋଡ଼ି ଗଦା: ଦୁର୍ଘଟଣା ବଢୁଛି

### ନାଉଗାଁ ବ୍ଲକ, ଶିଖରଘାଟ-ବାଲିଭଉଁରୀ ମୁଖ୍ୟ ରାସ୍ତା



ରାସ୍ତା କଡରେ ମେଟାଲ ଓ ବାଲି ଗଦା ହୋଇ ରହିଛି।

ନାଉଗାଁ,୬।୧୦(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖରଘାଟ-ବାଲିଭଉଁରୀ ମୁଖ୍ୟ ରାସ୍ତାରେ ଦୀର୍ଘଦିନ ହେବ ଗୋଡ଼ି, ବାଲି, ମେଟାଲ ଗଦା ହୋଇ ରହିଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହିତ ପ୍ରତ୍ୟହ ଦୁର୍ଘଟଣା ଘଟୁଛି। ଏହି ରାସ୍ତାଟି ବ୍ଲକର ମୁଖ୍ୟ ରାସ୍ତା ହୋଇଥିବା ବେଳେ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତା ଦେଇ ପୁରୀ, ପାରାଦୀପ, କଟକ, ଅସ୍ତରଙ୍ଗ, କାକଟପୁର ଆଦିକୁ ଯାତ୍ରୀବାହୀ, ମାଲବାହୀ ଗାଡି ଯିବାଆସିବା କରୁଛି। ଉକ୍ତ ରାସ୍ତାର ମୁଗେଇଛକଠାରେ ଜନୈକ ଠିକାଦାର ମନଇଚ୍ଛା ଅନାବଶ୍ୟକ ସ୍ଥଳେ ରାସ୍ତା ପାର୍ଶ୍ୱ ଖୋଳି ଦୀର୍ଘଦିନ ହେବ ପକାଇ ରଖିଛନ୍ତି। ବିନା ଏଗ୍ରିମେଣ୍ଟ ଓ ଏଷ୍ଟିମେଣ୍ଟରେ ଏହାକୁ ଖୋଳିଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପୂର୍ତ୍ତ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲା। ଫଳରେ କାମ ବନ୍ଦ ରହିଥିବା ବେଳେ ଜଣେ ଠିକାଦାର କାର୍ଯ୍ୟ କରିବା ପାଇଁ ରାସ୍ତା ଉପରେ ବାଲି, ଗୋଡ଼ି, ମେଟାଲ ଗଦା କରି ରଖିଛନ୍ତି। ଫଳରେ ଗାଡ଼ି, ମୋଟର ଯିବାଆସିବା କରିବା ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷକରି ବାଇକ୍ ଆରୋହୀମାନେ ଅଧିକ ଦୁର୍ଘଟଣାଗ୍ରସ୍ତ ହେଉଥିବା ଜଣାଯାଇଛି। ତେଣୁ ଉକ୍ତ ସ୍ଥାନରୁ ବାଲି, ମେଟାଲ ସଫା କରିବା ପାଇଁ ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗର ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରେ ଯେଉଁ ଠିକାଦାର ବାଲି, ମେଟାଲ ରାସ୍ତାରେ ପକାଇଛନ୍ତି ତାଙ୍କୁ ତୁରନ୍ତ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ଅମୃତ ବାଟିକା ପାଇଁ ଗାଁ ଅଗଣାରୁ ଗଲା ମାଟି

ମହାକାଳପଡ଼ା, ୬।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବିଜୟନଗର ଗାଁର ପୁରାତନ ଘାଟ କୂଳ କାଳୀ ଦେବୀ ମନ୍ଦିରଠାରୁ ଅମୃତ କଳସ ଯାତ୍ରା ଶୁକ୍ରବାର ଆରମ୍ଭ ହୋଇଥିଲା। ଦେଶର ମୁକ୍ତି ସଂଗ୍ରାମୀ ଯବାନମାନଙ୍କ ବଳିଦାନ ତ୍ୟାଗ ତପସ୍ୟା ଓ ସ୍ମୃତି ଉଦ୍ଦେଶ୍ୟରେ ଦିଲ୍ଲୀରେ ଅମୃତ ବାଟିକା ନିର୍ମାଣ ହେବା ପାଇଁ ଦେଶର କୋଣ ଅନୁକୋଣରୁ ପବିତ୍ର ମାଟିକୁ ସଂଗ୍ରହ କରାଯାଉଛି। ଏହି ଅବସରରେ ପୂର୍ବାହ୍ନରେ ଭାଜପା ପକ୍ଷରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅମୃତ କଳସକୁ ଧରି ପଡ଼ାକୁ ପଡ଼ା ବୁଲି ପବିତ୍ର ମାଟି ସଂଗ୍ରହ କରିଥିଲେ। ଗ୍ରାମର ମହିଳାମାନେ ଅମୃତ କଳସରେ ମାଟି ଭରୁଥିଲେ। ଏହି ଅମୃତ କଳସ ଗ୍ରାମ ପରିକ୍ରମା କରି ବଟ ମହାପୁରୁଷ ପୀଠରେ ପହଞ୍ଚି ଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ



ବିଜୟନଗର ଗାଁରେ ଲେଖାଶ୍ରୀ ସାମନ୍ତସିଂହାର ଅମୃତ କଳସ ଧରି ମାଟି ସଂଗ୍ରହ କରୁଛନ୍ତି।

ଦେଇଥିବା ମୁଖ୍ୟଅତିଥି ଲେଖାଶ୍ରୀ କହିଥିଲେ, ଦେଶକୁ ଯୋଡିବା ପାଇଁ ମୋଦିଜୀଙ୍କ ଏହା ଆହ୍ୱାନ। ବିଜୟନଗର ଗ୍ରାମ ନିଜ ଆଇଙ୍କ ଜନ୍ମଭୂମି ହୋଇଥିବାରୁ ଲେଖାଶ୍ରୀ ନିଜ ଜେଜେ ମା'ଙ୍କଠାରୁ ଶୁଣିଥିଲେ। ଜେଜେ ମା'ଙ୍କ ଜନ୍ମମାଟିକୁ ଉଠେଇ ପବିତ୍ର ଅମୃତ କଳସରେ ଭରି ଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ପ୍ରବକ୍ତା ସଞ୍ଜୟ କୁମାର ରଥ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, କେନ୍ଦ୍ରାପଡ଼ା ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଡ. ଦୁର୍ଗା ପ୍ରସନ୍ନ ନାୟକ, ଶ୍ରୀମନ୍ତ ଦାସ, ଗନ୍ଧର୍ବ ନାୟକ, ବିରଞ୍ଚି ନାରାୟଣ ଦାସ, ଲଳିତ ରାୟ, ଯୁବନେତା ରତନ କାଞ୍ଜିଲାଲଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରାସ୍ତାରେ ବର୍ଷାପାଣି: ଯାତାୟାତରେ ବାଧା

ପଟ୍ଟାମୁଣ୍ଡାଇ,୬।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ଗାଁ ବହୁଦିନ ଧରି ଅବହେଳିତ ହୋଇ ପଡିଥିବାବେଳେ ଯାତାୟାତ ଲାଗି ଏହି ଗାଁକୁ ସବୁଦିନିଆ ଭଲ ରାସ୍ତା ନାହିଁ। ମାତ୍ର ଗାଁ ଭିତର ରାସ୍ତା ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ବିନା ପ୍ଲାନିଂରେ ଯନ୍ତ୍ରୀ ରାସ୍ତା ଉପରେ ଫେବର ରାସ୍ତା କରୁଥିବା ବେଳେ ଗାଁ ଦାଣ୍ଡରେ କାଦୁଅ ସରସର ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ପ୍ରଶାସନ ପକ୍ଷରୁ ଦୃଷ୍ଟି ପଡୁ ନ ଥିବାରୁ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଗାଁର ନୃସିଂହ ଦାସ, ଅରୁଣ ସାହୁ, ତାରକେଶ୍ୱର ସାହୁ, ବାବୁ ସାମଲ, ବିଜୟ ସାମଲ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଖଡିଅଣ୍ଟା ଗ୍ରାମର ପ୍ରବେଶ ପଥରେ ଖଡିଅଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ସେଠାରୁ ଗ୍ରାମର ଶେଷ ମୁଣ୍ଡ ପଞ୍ଚମୁଠି ପର୍ଯ୍ୟନ୍ତ ପ୍ରାୟ ଦେଢ କିମି ରାସ୍ତା ଖାଲଖମା କାଦୁଅରେ ପରିପୂର୍ଣ୍ଣ ହୋଇଛି।

### ଅବହେଳିତ ଗାଁ ଖଡ଼ିଅଣ୍ଟା



ନିର୍ମାଣରେ ତ୍ରୁଟି ଯୋଗୁ ଗାଁ ରାସ୍ତାରେ ପାଣି ଜମି ରହୁଛି।

ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନ, ଜେଇ ଓ ସରପଞ୍ଚଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ଅନ୍ୟପକ୍ଷରେ ଖଡିଅଣ୍ଟା ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ବିନା କୌଣସି ପ୍ଲାନିଂରେ ବ୍ୟବହାର ଅନୁପଯୋଗୀ ରାସ୍ତା କରି ଚାଲୁଛନ୍ତି ବୋଲି ବୁଦ୍ଧିଜିବୀମାନେ କହିଛନ୍ତି। ବର୍ଷା ହେଲେ ଯାତାୟାତ କରିବାରେ ଲୋକେ ଅସୁବିଧା ଭୋଗୁଛନ୍ତି। ଗାଁରେ ୪୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ କେନାଲ ରାସ୍ତାରୁ ଏହି ଗ୍ରାମକୁ ଯାଇଥିବା ୨କି.ମି. ଅଣଓସାରିଆ ମାଟି, ମୋରମ ରାସ୍ତା ବର୍ଷା ସମୟରେ କାଦୁଅ ପାଣିରେ ଜମି ରହୁଥିବାରୁ ଯାତାୟାତରେ ସମସ୍ୟା ହୋଇଥାଏ। ଗାଁ ଭିତରେ କିଛି ରାସ୍ତା କଂକ୍ରିଟ ହୋଇଥିବା ବେଳେ ବାକି ରାସ୍ତାରେ ଗାଡ଼ି, ସାଇକେଲ ତ ଦୂରର କଥା ଜୋତା ହାତରେ ଧରି ଯାଉଥିବା ଦୁଃଖର ସହ ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହିପରି ଜରୁରୀ ସମୟରେ ଦମକଳ ଓ ଆମ୍ବୁଲାନ୍ସ ଗାଁକୁ ପଶିପାରୁ ନ ଥିବାରୁ ଗୁରୁତର ରୋଗୀଙ୍କୁ ଭାରରେ କେନାଲ ରାସ୍ତା ପର୍ଯ୍ୟନ୍ତ ବୋହି ନେବାକୁ ପଡ଼ିଥାଏ। ଲଗାଣ ବର୍ଷାରେ ପାଣି ନିଷ୍କାସନ ହୋଇ ନ ପାରି ଗାଁ ଜଳମଗ୍ନ ହୋଇଯାଇଥାଏ। ଗ୍ରାମରେ ଥିବା ଏକମାତ୍ର ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଏ ପିଣ୍ଡାରୁ ସେ ପିଣ୍ଡା ଡେଇଁ ଯିବାଆସିବା କରନ୍ତି। ଗାଁକୁ ଭଲ ରାସ୍ତାଟିଏ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ପଚାରିବାରୁ ଅଭିଯୋଗ ଆସିଛି ରାସ୍ତା ନିର୍ମାଣ ସକାଶେ ଚେଷ୍ଟା କରାଯାଉଛି ବୋଲଇ ସେ କହିଛନ୍ତି।

## ସଂକ୍ଷେପରେ

### ଆରପାରିରେ କନ୍ଧମାଳ ସାଂସଦଙ୍କ ନୂଆଗାଁ ବ୍ଲକ ପ୍ରତିନିଧି


ବିଜୟ କୁମାର ଶାସମଲ

**ନୂଆଗାଁ, ୬।୧୦ (ଧନେଶ୍ୱର ସାହୁ):** କନ୍ଧମାଳ ସାଂସଦଙ୍କ ନୂଆଗାଁ ବ୍ଲକ ପ୍ରତିନିଧି ବିଜୟ କୁମାର ଶାସମଲଙ୍କ (୪୭)ଙ୍କ ଗୁରବାର ସନ୍ଧ୍ୟା ୭ଟାରେ ପରଲୋକ ହୋଇଯାଇଛି। ଯାହାକୁ ନେଇ ନୂଆଗାଁ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ପୂର୍ବରୁ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ୩ ଦିନ ପୂର୍ବେ ଶାସମଲଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତାଙ୍କର ପରଲୋକ ହୋଇଛି। ଶୁକ୍ରବାର ସକାଳୁ ଶାସମଲଙ୍କ ମୃତଦେହକୁ ତାଙ୍କ ନୂଆଗାଁସ୍ଥିତ ବାସଭବନକୁ ଅଣାଯାଇଥିଲା। ତାଙ୍କର ଶେଷ ଦର୍ଶନ କରିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଗଣିଆ ବ୍ଲକ ଚେୟାରମ୍ୟାନ ଝୁନା ଜେନା ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ। ସାଂସଦଙ୍କ ପ୍ରତିନିଧି ଶାସମଲଙ୍କ ଏକ ମାତ୍ର ପୁଅ ନବୀନ ମୁଖାଗ୍ନି ଦେଇଥିଲେ। ବିଜୟ ଶାସମଲ ପୂର୍ବରୁ ନୁଆଗାଁ ବ୍ଲକ ଉପାଧ୍ୟକ୍ଷ, ଅଧ୍ୟକ୍ଷ ଏବଂ ବିଜେଡିର ବ୍ଲକ ସଭାପତି ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ବର୍ତ୍ତମାନ ସାଂସଦଙ୍କ ନୂଆଗାଁ ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ।

### ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରଲୋକ


ସଂସାରୀ ସାହୁ

**ଖଣ୍ଡପଡା,୬।୧୦(ଅଜୟ କୁମାର ମହାରଣା):** ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ଅଞ୍ଚଳର ଅବସରପ୍ରାପ୍ତ ଯନ୍ତ୍ରୀ ତଥା ସାମାଜିକ କର୍ମୀ ଇଂ. ସଂସାରୀ ସାହୁ(୭୯)ଙ୍କ ଶୁକ୍ରବାର ପୂର୍ବାହ୍ନରେ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାହୁ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠର ୧୯୬୪ ମାଟ୍ରିକ ବ୍ୟାଚ୍‌ର ଛାତ୍ର ଥିବା ବେଳେ ସେ ସହକାରୀ ଯନ୍ତ୍ରୀ ଭାବେ ଜଳ ସମ୍ପଦ ବିଭାଗରୁ ଅବସର ଗ୍ରହଣ କରିବା ପରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ। ୧୯୯୪ରେ ଭୁବନେଶ୍ୱରରେ ଗଠିତ କଂସାରୀ ସମାଜ ଉନ୍ନୟନ ପରିଷଦ ଓଡ଼ିଶାର ସେ ଥିଲେ ଜଣେ ପ୍ରତିଷ୍ଠାତା ସଦସ୍ୟ। ସେ ଆଜି ପର୍ଯ୍ୟନ୍ତ ଉକ୍ତ ଅନୁଷ୍ଠାନର ଉପସଭାପତି ଭାବେ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରି ଆସିଥିଲେ। ଏହାଛଡା କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ତାଙ୍କର ସମ୍ପୃକ୍ତି ରହିଥିଲା। ସେ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଏ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କଂସାରୀ ସମାଜ ଉନ୍ନୟନ ପରିଷଦର ବହୁ ସଦସ୍ୟ ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନରେ ଭିଡ ଜମାଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ ପୁଅ ସୁମନ୍ତ ମୁଖାଗ୍ନି ଦେଇଛନ୍ତି।

# ରାତିରେ ଶରଣକୁଳ ଥାନା ଘେରିଲେ ମହିଳା

- ପୋଲିସର ଏକତରଫା ଗିରଫଦାରିକୁ ନେଇ ପ୍ରତିବାଦ
- ବିପକ୍ଷ ଗୋଷ୍ଠୀର ୨ଜଣ ଗିରଫ ପରେ ଥମିଲା ଆନ୍ଦୋଳନ
- ୧୦ ଜଣଙ୍କ ନାଁରେ ମାମଲା, ୫ ଜେଲ ଗଲେ
- ଗାଁ ସଭାରେ ଜରିମାନା ବଢ଼ାଇ ଥିଲା ବିବାଦ
- ଫାସିପଲ୍ଲୀ ଅଶାନ୍ତ, ଗିରଫଦାରି ପରେ ବି ଥମିନି ଉତ୍ତେଜନା

**ନୟାଗଡ,୬।୧୦(ଲୋକନାଥ ମିଶ୍ର)**

ଗାଁ ସଭାରେ ଜରିମନାକୁ ନେଇ ଶରଣକୁଳ ଥାନା ମଗରବନ୍ଧ ପଞ୍ଚାୟତ ଫାସିପଲ୍ଲୀ ଗାଁରେ ୨ ଗୋଷ୍ଠୀ ମଧ୍ୟରେ କୁହୁଳୁଥିବା ବିବାଦ ଗୁରୁବାର ରାତିରେ ବିସ୍ଫୋରକ ରୂପ ନେଇଥିଲା। ପୋଲିସ ଏକ ପାଖିଆ ଭାବେ ଗୋଟିଏ ଗୋଷ୍ଠୀର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଦେବା ପରେ ମହିଳାମାନେ ଉତ୍ତେଜିତ ହୋଇ ଶରଣକୁଳ ଥାନା ସମ୍ମୁଖରେ ଗୁରୁବାର ରାତିରେ ଧାରଣା ଦେଇଥିଲେ। ପୋଲିସକୁ ସମାଲୋଚନା କରିବା ସହ ଆନ୍ଦୋଳନରୁ ହଟି ନ ଥିଲେ। ଆନ୍ଦୋଳନ ବଢ଼ିବାରୁ ପୋଲିସ ଅଡୁଆରେ ପଡିଥିଲା। ବେଳକୁବେଳ ଆନ୍ଦୋଳନ ବଢ଼ିବା ପରେ ୨ପ୍ଲାଟୁନ ଫୋସ ମୁତୟନ ହୋଇଥିଲେ। ଖବରପାଇ ନୟାଗଡ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ବିପକ୍ଷ ଗୋଷ୍ଠୀର ବ୍ୟକ୍ତିଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ଦେବା ପରେ ଗୁରୁବାର ରାତି ୯ଟା ଆରମ୍ଭ ହୋଇଥିବା ମହିଳାଙ୍କ ଥାନା ଘେରାଉ ରାତି ପ୍ରାୟ ୨ଟାରେ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ୨ଟି ମାମଲା ୧୦ଜଣଙ୍କ ନାଁରେ କରିଥିବାବେଳେ ୫ଜଣଙ୍କୁ ଗିରଫ କରିଛି। ତେବେ ଗାଁରେ ଦେଖା ଦେଇଥିବା କନ୍ଦଳ ନ ଥମି ପୁଣି ବିବାଦ କୁହୁଳିବାରେ ଲାଗିଛି।

ପ୍ରାପ୍ତ ସୂଚନା ଅନୁସାରେ ସେପ୍ଟେମ୍ବର ୧୧ରେ ଫାସିପଲ୍ଲି ଗାଁ ଦାଣ୍ଡରେ


ମହିଳାମାନେ ଶରଣକୁଳ ଥାନା ଘେରାଉ କରିଛନ୍ତି।

ପିଲାମାନେ ଖେଳୁଥିଲେ। ଏହି ସମୟରେ ଗାଁର ରଞ୍ଜନ ଗୁରୁଙ୍କ ପୁଅ କାହ୍ନା ଗୁରୁ ବାଇକ୍‌ରେ ଆସି ସେହି ଗାଁର ଗୋଲେଖ ନାୟକଙ୍କ ଛୋଟ ଝିଅକୁ ବାଇକ୍ ଧକ୍କା ଦେଇଥିଲେ। ବାଇକ୍ ଧକା ପରେ ଉତ୍ତେଜନା ଦେଖାଦେଇଥିଲା। ଏପରିକି ମାରପିଟ୍ ହୋଇଥିଲା। ଏହି ଘଟଣାକୁ ନେଇ ଗାଁରେ ସଭା ହୋଇ ଗୋଲେଖ ନାୟକଙ୍କୁ ଜରିମାନା କରାଯାଇଥିଲା। ଗୋଲେଖ ଜରିମାନାକୁ ବିରୋଧ କରିଥିଲେ। ଝିଅକୁ ବାଇକ୍ ଧକ୍କା କରିଥିବା ଯୁବକଙ୍କୁ କ୍ଲିନଚିଟ୍ ମିଳିଥିବାବେଳେ ମୋ ଝିଅ ଆହତ ହୋଇ ମୁଁ କାହିଁକି ଜରିମନା ଦେବି ବୋଲି ପ୍ରଶ୍ନ କରିଥିଲେ। ଗୋଲେଖଙ୍କ ଯୁକ୍ତି କେହି ଶୁଣି ନ ଥିଲେ। ଜରିମନା ନ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକ ମିଳିଥିଲା। ଏଭଳି ସମୟରେ ଗୋଲେଖକୁ ସମର୍ଥନ କରି ସୋମନାଥ ବାରିକ ଯୁକ୍ତତର୍କ କରିଥିଲେ। ଗାଁର ନ୍ୟାୟ ଉପରେ ପ୍ରଶ୍ନ ଉଠାଇ ଥିଲେ। ଗୋଲେଖଙ୍କୁ ସମର୍ଥନ କରିବା, ଗାଁର ନ୍ୟାୟ ଉପରେ ପ୍ରଶ୍ନ କରିବାକୁ ନେଇ ଗାଁର ମାନସ ସାହୁ ଓ ରଞ୍ଜନ ଗୁରୁ ମିଳିତ ହୋଇ ସୋମନାଥ ବାରିକଙ୍କୁ ମାଡ ମାରିଥିଲେ। ମାରପିଟ ସମୟରେ ସୋମନାଥଙ୍କ ପୁଅ ଲିଙ୍କୁନ ଆସି ବିବାଦର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ତେବେ ମାନସ ସାହୁ ଓ ରଞ୍ଜନ ଗୁରୁ ପୁଣି ମିଳିତ ହୋଇ ବାପା ସୋମନାଥ ଓ ପୁଅ ଲିଙ୍କୁନକୁ ମାରପିଟ୍ କଲେ। ସୋମନାଥଙ୍କ ସ୍ତ୍ରୀ ଓ ଭାଇ ବୋହୂ ଗଣ୍ଡଗୋଳକୁ ସମାଧାନ କରିବାକୁ ଆସି ମାଡ ଖାଇଥିଲେ। ବାପାପୁଅଙ୍କୁ ମାଡ ମାରି ପକାଇ ଘରେ ପଶି ପୁଣି ଆକ୍ରମଣ କରିଥିଲେ। ମାନସ ସାହୁ, ରଞ୍ଜନ ଗୁରୁ, ବବୁଲ ପ୍ରଧାନ, ରାଜା ପ୍ରଧାନ ଓ ମୁରଲୀ ପ୍ରଧାନ ପ୍ରମୁଖ ସୋମନାଥଙ୍କ ସ୍ତ୍ରୀଙ୍କୁ ଉଲଗ୍ନ କରିବାକୁ ଚେଷ୍ଟା କରିଥିଲେ। ସୋମନାଥଙ୍କ ପରିବାର ଗାଁର କିଛି ବ୍ୟକ୍ତିଙ୍କ ଦ୍ୱାରା ନିର୍ଯାତିତ ହୋଇ ମାଡ ଖାଇ ନ୍ୟାୟ ପାଇଁ ବାଟ ଖୋଜୁଥିବାବେଳେ ମାନସ ସାହୁଙ୍କ ସ୍ତ୍ରୀ ସୁକାନ୍ତି ଶରଣକୁଳ ଥାନାରେ ସୋମନାଥ ବାରିକ ଓ ବାବୁଲା ନାୟକଙ୍କ ପରିବାର ନାଁରେ ଅଭିଯୋଗ କରିଥିଲେ। ପୋଲିସ ସୁକାନ୍ତୀଙ୍କ ଅଭିଯୋଗକ୍ରମେ ନଂ.୧୬୧/୨୩ରେ ୫ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ସୋମନାଥ ବାରିକ(୪୭) ଓ ପୁଅ ଲିଙ୍କୁନ ବାରିକ(୨୧), ବାବୁଲା ନାୟକ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ୩ ଜଣ ନୟାଗଡ଼ ସବ୍‌ଜେଲ ଯାଇଥିଲେ। ସୋମନାଥ ଓ ବାବୁଲାଙ୍କ ପରିବାରର ୩ଜଣ ଗିରଫ ପରେ ଉତ୍ତେଜନା ବଢ଼ିଥିଲା। ଏହି ପରିବାରକୁ ସମର୍ଥନ କରୁଥିବା ମହିଳାମାନେ ଏକଜୁଟ ହୋଇ ପୋଲିସର ତଦନ୍ତ ବିହିନ ଗିରଫଦାରିକୁ ନେଇ ପ୍ରଶ୍ନ ଉଠାଇ ଗୁରୁବାର ରାତିରେ ଥାନା ଘେରାଉ କରିଥିଲେ। ଏ ସମ୍ପର୍କରେ ସୋମନାଥଙ୍କ ସ୍ତ୍ରୀ ଲକ୍ଷ୍ମୀ କୁହନ୍ତି, ଗାଁ ଲୋକ ନ୍ୟାୟ ଦେଲେନି। ପୋଲିସ ମଧ୍ୟ ଘଟଣାର ତଦନ୍ତ ନ କରି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଗିରଫ କରି ନେଲା। ପୋଲିସର ଏକତରଫା ନିଷ୍ପତ୍ତି ଓ ନ୍ୟାୟ ପାଇଁ ଆମେ ଥାନା ଘେରାଉ କରିଥିଲୁ। ଥାନା ଘେରାଉ ପରେ ମୋ ଯାଆ ମମତାଙ୍କ ଅଭିଯୋଗକୁ ଭିତ୍ତିକରି ୫ଜଣଙ୍କ ନାଁରେ ମାମଲା ହେଲା। ପୋଲିସ ନଂ.୧୬୨/୨୩ରେ ମାନସ ସାହୁ(୩୫) ଓ ରଞ୍ଜନ ଗୁରୁ(୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆମେ ନ୍ୟାୟ ତ ପାଇନୁ। ହେଲେ ଆନ୍ଦୋଳନ ପରେ କେବଳ ମାମଲା ହୋଇଛି। ଆମେ ନିର୍ଦ୍ଦୋଷ ଓ ଓ ଠିକ୍‌ରେ ଥିବାରୁ ନ୍ୟାୟ ପାଇବାକୁ ଆଶା ରଖିଛୁ ବୋଲି କହି କାନ୍ଦିଥିଲେ। ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରାଙ୍କୁ ପଚାରିବାରେ ଫାସିପଲ୍ଲୀ ଗାଁରେ ବିବାଦକୁ ନେଇ ୨ ମାମଲା କରାଯାଇ ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

# ଆର୍‌ଡି ରାସ୍ତା ପାଲଟିଛି ମରଣଯନ୍ତା


ରାସ୍ତାରେ ଖାଲ ଯୋଗୁ ପାଣି ଜମି ରହିଛି।

**ଭାପୁର,୬।୧୦**
**(ଭରତ କୁମାର ବେହେରା )**

### ବିଜିପୁର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ଚାରିଛକ ରାସ୍ତା

ରାସ୍ତା ସାରା ଖାଲଖମା। ସ୍ଥିତି ଏମିତି ହୋଇଛି ରାସ୍ତାରେ ଚାଲିକି ଯିବା ସମ୍ଭବପର ନୁହେଁ। ରାସ୍ତାରେ ଯିବା ପାଇଁ ଜନସାଧାରଣ ଭୟ କରୁଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସାମ୍ନା ଠାରୁ ଚାରିଛକ ରାସ୍ତା ପର୍ଯ୍ୟନ୍ତ। ସ୍ଥାନୀୟ ବାସିନ୍ଦାମାନଙ୍କ ସୂଚନା ଅନୁଯାୟୀ, ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟଠାରୁ ଚାରିଛକ ପ୍ରାୟ ଦେଢ଼ କିଲୋମିଟର ଆରଡ଼ି ରାସ୍ତା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ନିର୍ମାଣ ହୋଇଛି। ହେଲେ ରାସ୍ତାରେ ଯାନବାହନରେ ଯିବାର ଦୂରକଥା ଚାଲିକି ଯିବା ଅସମ୍ଭବପର ହେଉନି। ବର୍ଷା ହେଲେ ରାସ୍ତାରେ ଥିବା ଖାଲରେ ପାଣି ଜମି ରହୁଛି। ଉକ୍ତ ରାସ୍ତା ଦେଇ ଶହଶହ ବାଟୋଇ, ଛାତ୍ରୀଛାତ୍ର, ଅଙ୍ଗନବାଡି ଶିଶୁମାନେ, ଶିକ୍ଷୟିତ୍ରୀଶିକ୍ଷକ ଯାଇଥାନ୍ତି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଛାତ୍ରୀଛାତ୍ରମାନେ ଯିବାବେଳେ ଖାଲରେ ଜମି ରହିଥିବା ପାଣି ଛିଟିକି ପୋଷାକ ପତ୍ର ଅପଷ୍କାର ହୋଇଥାଏ। ପିଚୁ ଓ ସିମେଣ୍ଟ କଂକ୍ରିଟ ରାସ୍ତା ଉପରୁ ଗୋଡି ବାହାରି ରାସ୍ତା ଉପରେ ପଡ଼ି ରହିଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧିଙ୍କୁ ପଚାରିବାରୁ ଏ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବା ସେ ଦେଖିଛନ୍ତି। ଏହାର ନିର୍ମାଣ ହେବାର ୫ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି। ଏହି ରାସ୍ତାର ନିର୍ମାଣ ଲାଗି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଯାଇଛି। ମାସେ ଭିତରେ ଏହି ରାସ୍ତାର ମରାମତି କରାଯିବ। ଏହି ରାସ୍ତା ମେଗା ପ୍ରକଳ୍ପ ପାଇପ୍ ବିଛାଇବା ପାଇଁ ଖୋଳି ଦିଆଯାଇଥିବାରୁ ବେଶୀ ନଷ୍ଟ ହୋଇଛି। ଏ ସମ୍ପର୍କରେ ମେଗା ପ୍ରକଳ୍ପ ଠିକାଦାର ସଂସ୍ଥାକୁ ଅବଗତ କରାଯାଇଛି। ତୁରନ୍ତ ଏହି ରାସ୍ତାର ମରାମତି ନ କଲେ ରାକମା ପଞ୍ଚାୟତ ସମିତିସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ସରପଞ୍ଚ ସନ୍ତୋଷୀ ବେହେରା ଓ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ସୂଚନା ମିଳିଛି।

### ଖଣ୍ଡପଡ଼ା ବ୍ଲକର ୧୧ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

**ଖଣ୍ଡପଡା,୬।୧୦**
**(ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକ ଅଧୀନ ୨୨ଟି ପଞ୍ଚାୟତରେ ଥିବା ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ଟି ପର୍ଯ୍ୟାୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବମୋଟ ୧୧ ଟି କ୍ଲଷ୍ଟରରୁ ପ୍ରଥମ ପର୍ଯ୍ୟାୟରେ ଖଳିସାହି, ରାଣୀଛେଲ୍ଲୀ, କଣ୍ଟିଲୋ, ସିଂଘାପଡା, ବେଣାଗାଡିଆ ପ୍ରଭୃତି ୫ଟି ପଞ୍ଚାୟତର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜର ଦକ୍ଷତା ପ୍ରତିପାଦିତ କରିଥିଲେ। ୨ୟ ପର୍ଯ୍ୟାୟରେ ଅବଶିଷ୍ଟ ୬ଟି କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଶେଷ ହୋଇଥିବା ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି। ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ନାୟକ, ଏବିଡିଓ ନାରାୟଣ ଦାଶ, କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନେ ଯୋଗଦେଇଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାକୁ ମନୋନୀତ କରାଯିବା ସହ ପୁରସ୍କାର ବିତରଣ କରାଯାଇଥିଲା।

# ଖଣ୍ଡପଡ଼ାରେ ଉଦ୍ୟାନ କୃଷି କର୍ମଶାଳା

**ଖଣ୍ଡପଡ଼ା, ୬।୧୦ (ଅଜୟ କୁମାର ମହାରଣା)**

ରାଜ୍ୟ ସରକାର ବିଭିନ୍ନ ବର୍ଗର ଚାଷୀଙ୍କ ନିମନ୍ତେ ବହୁ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି। ଏହି ଅବସରରେ ଖଣ୍ଡପଡ଼ା ସହକାରୀ ଉଦ୍ୟାନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ତାଲିମ କେନ୍ଦ୍ର ପରିସରରେ ଉଦ୍ୟାନ କୃଷି କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ନୟାଗଡ଼ ଜିଲା ଉଦ୍ୟାନ କୃଷି ଅଧିକାରୀ ଲଳିତ କୁମାର ପଣ୍ଡା, ସହକାରୀ ଉଦ୍ୟାନ ଅଧିକାରୀ ଅଜିତ କୁମାର ନାୟକ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ମାନସୀ ନନ୍ଦ, ଜିଲା ଏପିକଲ ଅଧିକାରୀ ଅଭିନାଶ ଦାଶ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଗୀତାଞ୍ଜଳି ସୁବୁଦ୍ଧି, ବ୍ଲକ ପ୍ରକଳ୍ପ ସଂଯୋଜକ ସୌମ୍ୟ ଶାଶ୍ୱତ ମିଶ୍ର, ରଞ୍ଜିତାରାଣୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କର୍ମଶାଳା ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଖଣ୍ଡପଡ଼ା ସହକାରୀ ଉଦ୍ୟାନ ଅଧିକାରୀ କାଳନ୍ଦୀ ଚରଣ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମସ୍ତ ଲୋକହିତକର ଯୋଜନାର ସଫଳ ରୂପାୟନ ଦିଗରେ ଉଦ୍ୟାନ ବିଭାଗର ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିବା ସହ ଏହିସବୁ ଯୋଜନାରୁ ଚାଷୀମାନେ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଚାଷୀମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ସେହିପରି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡିକ ସମ୍ପର୍କରେ ଅଧିକାରୀମାନେ କହିଥିଲେ। ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ନାମ ପଞ୍ଜୀକରଣ କରିଥିବା ଖଣ୍ଡପଡ଼ା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।



କର୍ମଶାଳାରେ ଅଧିକାରୀମାନେ ଚାଷୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

# ସାକେରୀରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଓଡ଼ଗାଁ, ୬।୧୦**
**(ଆଦର୍ଶ କୁମାର ପଟ୍ଟନାୟକ )**

ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟ ନେଇ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସାକେରୀଠାରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପଦଯାତ୍ରାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲା ବିଜେଡି ମହିଳା ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ବିଜେଡି ଉପସଭାପତି ନିତ୍ୟାନନ୍ଦ ପ୍ରଧାନ, ବିଜେଡି ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ସାକେରୀ ସରପଞ୍ଚ ପାୟଲ କୁମାରୀ ପ୍ରଧାନ, କୋରପିଠା ସରପଞ୍ଚ ପବିତ୍ର କୁମାର ସାହୁ, ବ୍ଲକ ମହିଳା ସଭାନେତ୍ରୀ ନିବେଦିତା ଦାସ, ଯୁବ ବିଜେଡି ସଭାପତି ବିନାୟକ ପ୍ରଧାନଙ୍କ ସମେତ ଯୁବ, ଛାତ୍ର, ମହିଳା ଓ ଦଳୀୟ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ସାକେରୀ ଜଗନ୍ନାଥ ମନ୍ଦିରଠାରୁ କଣମରେଇ ସାହି ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇ ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏ ନେଇ କଣମରେଇ ସାହି ଠାରେ ଏକ ପଥପ୍ରାନ୍ତ ସଭାର ଆୟୋଜନ ହୋଇଥିଲା। ଏହି ଅବସରରେ ଜିଲା ବିଜେଡି ମହିଳା ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ ନବୀନ ପଟ୍ଟନାୟକ ହେଉଛନ୍ତି ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ନେତା, ସେଥିପାଇଁ ଲୋକେ ତାଙ୍କୁ ୫ ଥର ମୁଖ୍ୟମନ୍ତ୍ରୀ କଲେଣି। ଅନ୍ୟପକ୍ଷେ ବିଜେଡି ସରକାରର ରୂପାନ୍ତରଣ ବାର୍ତ୍ତା ଘରେ ଘରେ ପହଞ୍ଚାଇବା ସହ ବିରୋଧୀ ଦଳର ଷଡଯନ୍ତ୍ରର ମୁଖା ଖୋଲିବାକୁ ଯୁବ ବିଜେଡି ସଭାପତି କହିଥିଲେ। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ସୁବିଧା କରିଛନ୍ତ। ସେ ଯାହା କରନ୍ତି ତାହା କାମରେ କରି ଦେଖାନ୍ତି, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଓଡ଼ଗାଁ ଅଞ୍ଚଳରେ ବିକାଶ ହୋଇଛି ବୋଲି ଉପାଧ୍ୟକ୍ଷା ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକର ବିଜୁ ସ୍ୱାସ୍ଥ୍ୟ କାର୍ଡ, ମୋ ବସ୍ ଲକ୍ଷ୍ମୀ ଯୋଜନା, କାଳିଆ ଯୋଜନା ଏବଂ ଅନ୍ୟ ଯୋଜନା ସମ୍ପର୍କରେ ବକ୍ତାମାନେ ନିଜ ନିଜର ମନ୍ତବ୍ୟ ରଖି ରଖିଥଲେ।

# ଖଣ୍ଡପଡ଼ାର ଶ୍ରୀହନୁମାନ କାଠିପୂଜା

**ଖଣ୍ଡପଡା,୬।୧୦(ଅଜୟ କୁମାର ମହାରଣା)**

ଶ୍ରୀହନୁମାନ କାଠିପୂଜା ଖଣ୍ଡପଡା ଗଡ଼ଜାତ ଅଞ୍ଚଳର ଏକ ସ୍ୱତନ୍ତ୍ର ପରମ୍ପରା। ରାଜରାଜୁଡ଼ା ଅମଳରୁ ପାଳିତ ହୋଇ ଆସୁଥିବା ଏହି ପୂଜା ଉତ୍ସବ ପାଇଁ ଶୁକ୍ରବାର ଖଣ୍ଡପଡ଼ା ସହର ଉତ୍ସବ ମୁଖର ହୋଇ ଉଠିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉଜାଗର ରହି ହନୁମାନ କାଠି ଦର୍ଶନ ସହ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ଖଣ୍ଡପଡ଼ା ରାଜ ପରିବାରର ଦାୟାଦ ତଥା ପୂର୍ବତନ ଉପବାଚସ୍ପତି ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ ଏବଂ ପୁରୁଖା ଲୋକମାନଙ୍କ କହିବାନୁଯାୟୀ, ମୂଳାଷ୍ଟମୀ ତଥା ଦ୍ୱିତୀୟା ଓଷା ତିଥିରେ ଖଣ୍ଡପଡ଼ା ରାଜବାଟୀ ପରିସରରେ ଥିବା ପର୍ବ ଘରେ ଦୀର୍ଘ ୩ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ହନୁମାନ କାଠି ପୂଜା ଷୋଡଶ ଉପଚାରରେ ହୋଇ ଆସୁଛି। ୧୬ ଦିନ ବ୍ୟାପୀ ପୂଜାର୍ଚ୍ଚନାର ଏହା ହେଉଛି ଆଦି ପର୍ବ। ଖଣ୍ଡପଡା ସହରରେ ନିଶାର୍ଦ୍ଧରେ ପାଳିତ ହେଉଥିବା ଏହି ପର୍ବକୁ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳରୁ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ବିଶେଷକରି ଖଣ୍ଡପଡ଼ା ଓ ଖଳିସାହି ଅଞ୍ଚଳର ବାସିନ୍ଦାମାନେ ଏହି ପର୍ବକୁ ବେଶ ଉପଭୋଗ କରିଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ଘର ଆଗରେ ପୂର୍ଣ୍ଣକୁମ୍ଭ ଥୋଇ ପ୍ରଦୀପ ପ୍ରଜ୍ୱଳନ କରିଥାନ୍ତି। ପରିବାରର ମଙ୍ଗଳ କାମନା କରି କାଠି ଦିଅଁଙ୍କୁ ଦୁଆରେ ଭୋଗ ଲାଗି କରନ୍ତି।

ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ବର୍ଷତମାମ ପୂଜା ପାଉଥିବା ୧୬ ହାତ ଲମ୍ବର (ଯିଏ ରଜା ଥାନ୍ତି ତାଙ୍କ ହାତର ମାପ ଅନୁସାରେ ୧୬ ହାତ) ଏହି ହନୁମାନ କାଠିକୁ ନେଇ ସ୍ଥାନୀୟ ଗଡଭିତର ସାହିର ସେବାୟତମାନେ ଖଳିସାହିସ୍ଥିତ ତୋଟା ହନୁମାନଙ୍କ ପୀଠକୁ ସନ୍ଧ୍ୟା ସମୟରେ ନେଇଥାନ୍ତି। ତୋଟା ହନୁମାନଙ୍କ ପୀଠରେ ଷୋଡଶ ଉପଚାରରେ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ବିଗ୍ରହଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତି ହେବା ପରେ ସେବାୟତମାନେ ମନ୍ଦିର ପରିସରରୁ ଏକ ବିରାଟ ପାଟ ପାଟୁଆରରେ କାଠି ଦିଅଁଙ୍କୁ ଧରି ଖଳିସାହି, ଇଚ୍ଛାପୁର, ବରାଡାବାରୀ


ପର୍ବ ଘରୁ ୧୬ ହାତର କାଠି ନିଆ ଯାଉଛି।

### ୩ଶହ ବର୍ଷରୁ ଉର୍ଦ୍ଧ୍ୱ ନିଆରା ପରମ୍ପରା

ଗ୍ରାମ ଦେଇ ଖଣ୍ଡପଡ଼ା ସହରର ଜେଲ ଖାନା ଛକରେ ପହଞ୍ଚିବା ପରେ ସହର ପରିକ୍ରମା କରିଥାନ୍ତି। ପରେ ଖଣ୍ଡପଡ଼ା ରାଜବାଟୀ ପରିସରରେ କାଠି ଦିଅଁ ପହଞ୍ଚିବା ପରେ ରାଜ ପରିବାରର ଇଷ୍ଟ ଦେବୀ ମା' ବାଉରୀ ଠାକୁରାଣୀଙ୍କୁ ଏକ ସୁସଜ୍ଜିତ ବିମାନରେ ପର୍ବ ଘରକୁ ବିଜେ କରାଯାଇଥାଏ। ପର୍ବ ଘରେ ହନୁମାନ କାଠି ଦିଅଁ ଓ ମା' ବାଉରୀ ଠାକୁରାଣୀ ପବିତ୍ର ଦଶହରା ପର୍ଯ୍ୟନ୍ତ ଅବସ୍ଥାନ କରିଥାନ୍ତି। ପର୍ବ ଘରେ ଷୋଡଶ ଉପଚାରରେ କାଠିଦିଅଁ ଓ ବାଉରୀ ଠାକୁରାଣୀଙ୍କୁ ପୂଜା କରାଯାଇଥାଏ। ଦଶହରା ଦିନ ମା' ବାଉରୀ ଠାକୁରାଣୀ ପୂଜାସ୍ଥଳକୁ ବିଜେ ହୋଇଥାନ୍ତି। ସେହିଦିନ ପର୍ବ ଘରେ ବଳି ପଡ଼ିବାର ପରମ୍ପରା ରହିଛି। ହନୁମାନ କାଠି ପର୍ବର ପରମ୍ପରା ସମ୍ପର୍କରେ ଶୁଣିବାକୁ ମିଳେ ଏକଦା ପର୍ବ ମାସରେ କୋଟେଇଶୁଣୀ ବୋଲି ଜଣେ ଦୁଷ୍ଟ ଠାକୁରାଣୀ ଗ୍ରାମ ପରିକ୍ରମା କରି ଛୋଟ ଛୋଟ ପିଲାମାନଙ୍କୁ ମାରି ଦେଉଥିଲେ। ଅନେକ ପିଲା ମରିଯିବା ପରେ ତତ୍କାଳୀନ ରାଜାଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ପର୍ବ ମାସର ପ୍ରାରମ୍ଭରେ ହନୁମାନ କାଠି ଦିଅଁ ବିଜେ ହେଲେ ଦୁଷ୍ଟ ଠାକୁରାଣୀ କୋଟେଇଶୁଣୀ ଆଉ ତା'ର ଦୌରାତ୍ମ୍ୟ ଦେଖାଇ ପାରିବନାହିଁ, ଫଳରେ ଛୋଟ ପିଲା ଆଉ ମରିବେ ନାହିଁ। ସ୍ୱପ୍ନାଦେଶକୁ ଆଧାର କରି ଖଣ୍ଡପଡ଼ାର ତତ୍କାଳୀନ ରାଜା ସେହିଦିନଠାରୁ ହନୁମାନ କାଠି ଦିଅଁକୁ ବିଜେ କରିବା ପରଠାରୁ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀର ଦୌରାତ୍ମ୍ୟ ଶେଷ ହୋଇଥିଲା। ପରମ୍ପରା ଓ ଲୋକକଥାକୁ ଆଧାର କରି ସେହିଦିନଠାରୁ ଖଳିସାହି ତୋଟା ହନୁମାନଙ୍କ ପୀଠରୁ କାଠି ଦିଅଁ ବାହାରି ଗ୍ରାମ ପରିକ୍ରମା କରୁଥିବା ବେଳେ ଦୁଷ୍ଟ କୋଟେଇଶୁଣୀ ଠାକୁରାଣୀ ଖଳିସାହି ତୋଟା ହନୁମାନ ବିଗ୍ରହଙ୍କ ପାଦ ତଳେ ଏକ ଲୁହା ଶୃଙ୍ଖଳିରେ ବନ୍ଧା ହୋଇ ରହିଥିବା ଦୃଶ୍ୟ ଏବେ ବି ଦେଖିବାକୁ ମିଳେ। ସେହିଦିନଠାରୁ ଶ୍ରୀହନୁମାନ କାଠି ଦିଅଁ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଆସୁଛି।

## ସଂକ୍ଷେପରେ

### ମଧୁପୁରଗଡ଼ ଅଞ୍ଚଳରେ ମଦ କାରବାର ବଢୁଛି

କବାଟବନ୍ଧ,୬।୧୦ (ଦିଲ୍ଲୀପ କୁମାର ବିଶ୍ୱାଳ)

ଐତିହାସିକ ମଧୁପୁରଗଡ ଗାଁର ପରିବେଶ ମଦ ପାଇଁ ନଷ୍ଟ ହେଉଥିବା ମତପ୍ରକାଶ ପାଇଛି। ମଧୁପୁରଗଡ଼ରେ ପୂର୍ବରୁ ରାଜୁଡ଼ା ଶାସନ ରହିଥିବା କିମ୍ବଦନ୍ତୀ ରହିଛି। ଏବେ ଏହି ଅଞ୍ଚଳରେ ସନ୍ଧ୍ୟା ହେଲେ ମଦ ଆସର ଜମୁଛି। ମଧୁପୁରଗଡ଼ ପଞ୍ଚାୟତରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରିଥାଆନ୍ତି। ଗାଁ ମଧ ଭାଗରେ ବହୁ ପୁରାତନ ଐତିହାସିକ ଜଗନ୍ନାଥ ମନ୍ଦିର ଓ ବିଶାଳକାୟ ପୁରାତନ ରାଜପ୍ରାସାଦ ରହିଛି। ଏହାସହ ମଧୁପୁରଗଡ଼ ଓ ରଗଡ଼ିପଶି ଉଚ୍ଚ ବିଦ୍ୟାଳୟ, ୪ଟି ମଧ ଇଂରାଜୀ ବିଦ୍ୟାଳୟ ରହିଁଛି। ଚଢ଼େଇଧରା ଛକ ନିକଟରେ ଜଗନ୍ନାଥ ଜୀଉ ନାମକ ଗୋଟିଏ ମହାବିଦ୍ୟାଳୟ ମଧ ରହିଛି। ଚଢ଼େଇଧରା ତଳଛକରେ ଶିବମନ୍ଦିର, କୁକୁଡ଼ାଖାଳେଇ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର, ଭୁବନପୁରର ମା' କାଳିଆଶୁଣୀ ମନ୍ଦିର, ପନ୍ତୁରୀ ଗ୍ରାମର ପଞ୍ଚେଶ୍ୱରୀ ଓ ମୁନିବାବା ଆଶ୍ରମ ସମେତ ୧୫ରୁ ଊର୍ଦ୍ଧ୍ୱ ଦେବଦେବୀ ମନ୍ଦିର ରହିଛି। କୁକୁଡ଼ାଖାଳେଇ ଛକରେ ପ୍ରତି ବୁଧବାର ଓ ରବିବାର ହାଟ ବସୁଛି । ମାତ୍ର ପରିତାପର ବିଷୟ ଏହି ପଞ୍ଚାୟତରେ ୨ଟି ବିଦେଶୀ ମଦ ଦୋକାନ ଓ ଗୋଟିଏ ଦେଶୀ ମହୁଲି ମଦ ଦୋକାନ ଖୋଲାଯାଇଛି। ସନ୍ଧ୍ୟା ହେଲେ ମଦ ବେପାରୀମାନେ ଦେଶୀ ଓ ବିଦେଶୀ ଚୋରା ମଦ ଧରି ଗାଁଗହଳିରେ ଏବଂ ସାହି ମଧରେ ଖୁଲମ୍ ଖୁଲା ବିକ୍ରି କରୁଛନ୍ତି। ଦିନ ମଜୁରିଆମାନେ ନିଜ ପାରିଶ୍ରମିକ ଅର୍ଥ ଏଥିରେ ସାରି ଦେଉଛନ୍ତି। ଏହାଦ୍ୱାରା ସେମାନଙ୍କ ପରିବାରରେ ବିଶୃଙ୍ଖଳା ଘଟୁଛି। ଏହାସହ ଗାଁରେ ଚୋରି, ଡକାୟତି, ରାହାଜାନି ଆଦି ଅସାମାଜିକ କାର୍ଯ୍ୟକଳାପ ବଢୁଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କିଛି ସୁଫଳ ମିଳି ପାରିନାହିଁ। ତେଣୁ ତୁରନ୍ତ ଗ୍ରାମ ଭିତରେ ଚାଲିଥିବା ବେଆଇନ ମଦ ଦୋକାନଗୁଡ଼ିକୁ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଥାନାରୁ ମିଳୁନି ନ୍ୟାୟ, ଏସ୍‌ପିଙ୍କ ଦ୍ୱାରସ୍ଥ ଅଭିଯୋଗକାରୀ

ପାଣିକୋଇଲି,୬।୧୦(ବିକାଶ ମଲ୍ଲିକ)

କୋରେଇ ଥାନା ପଛିକୋଟ ପଞ୍ଚାୟତ ଜଇଁତିରା ଗ୍ରାମର ବିଜୟ ବେହେରା ଥାନାରୁ ନ୍ୟାୟ ନ ପାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଜୟ ଏହି ଥାନା ଅନ୍ତର୍ଗତ ଧନେଶ୍ୱର ଛକଠାରୁ କିଛି ଦୂରରେ ଏକ ଘର ଭଡ଼ା ନେଇ ଚା'ପାନ ଦୋକାନ କରିଛନ୍ତି। ଉକ୍ତ ଘରର ମାଲିକ ସମ୍ବିତ ମହାନ୍ତି ବିଜୟଙ୍କଠାରୁ ଘର ଭଡ଼ା ଅଗ୍ରିମ ବାବଦରେ ୧୫ ହଜାର ଟଙ୍କା ନେବା ସହିତ ମାସିକ ଘର ଭଡ଼ା ନେଇ ଜୁଲମ କରୁଛନ୍ତି। ଏଥିସହିତ ବିଜୟଙ୍କ ବାକି ଥିବା ଟଙ୍କା ଦେଉନାହାନ୍ତି। ବିଜୟ ସମ୍ବିତଙ୍କୁ ବାକି ଟଙ୍କା ମାଗିବାରୁ ସମ୍ବିତ ବିଜୟଙ୍କ ଉପରେ ଟ୍ରକ ଚଢାଇ ମାରିଦେବେ ବୋଲି ଧମକ ଦେବା ସହିତ ଦୋକାନ ଘରେ ତାଲା ପକାଇ ଦେଇଛନ୍ତି ଓ ବିଦ୍ୟୁତ୍ ସଂଯୋଗ କାଟି ଦେଇଛନ୍ତି। ଫଳରେ ବିଜୟ ଦୋକାନ ଖୋଲି ପାରୁନାହାନ୍ତି। ଏନେଇ ବିଜୟ ଗତ ଏକ ମାସ ହେବ କୋରେଇ ଥାନାରେ ଅଭିଯୋଗ କଲା ପରେ ମଧ୍ୟ ଥାନା ପକ୍ଷରୁ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉନାହିଁ। ତେଣୁ ବାଧ୍ୟହୋଇ ବିଜୟ ସପରିବାରେ ଆସି ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ ତାଙ୍କୁ ନ୍ୟାୟ ପ୍ରଦାନ ଲାଗି କୋରେଇ ପୋଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# କାର୍ଯ୍ୟାଦେଶ ଅଛି, ସହାୟତା ନାହିଁ

## ଆବାସ ଯୋଜନାରୁ ହିତାଧିକାରୀ ବଞ୍ଚିତ

ଯାଜପୁର,୬।୧୦(ହର୍ଷବର୍ଦ୍ଧନ ବେହେରା)



ଭଙ୍ଗାଚାଳ ଘରେ ବେଣୁଧର ପଣ୍ଡା।

ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସର୍ବହରାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଆବାସ, ମୋ କୁଡିଆ ଓ ବିଜୁ ପକ୍କାଘର ଯୋଜନା ପ୍ରଣୀତ ହୋଇଛି। ହେଲେ ୧୭ ବର୍ଷ ହେଲା କାର୍ଯ୍ୟାଦେଶ ପାଇ ଜଣେ ହିତାଧିକାରୀ ପକ୍କା ଘରକୁ ଚାହିଁ ରହିଛନ୍ତି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ପୁରୁଣା ବଉଳମାଳ ପଞ୍ଚାୟତ ଶୁକୁଟୀଝର ଗ୍ରାମର ହିତାଧିକାରୀ ବେଣୁଧର ପଣ୍ଡାଙ୍କ କ୍ଷେତ୍ରରେ ଏଭଳି ଘଟିଛି। ଏହିକ୍ରମରେ ପଣ୍ଡାଙ୍କ ପରିବାରବର୍ଗଙ୍କ ଜୀବନ ଖଟିମାଟି ଘରେ ବିତୁଛି। ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ପୂର୍ବରୁ ଆବାସ ଗୃହ କେଲେଙ୍କାରୀକୁ ନେଇ ଲୋକାଯୁକ୍ତ ପର୍ଯ୍ୟନ୍ତ ମାମଲା ରହିଛି। ତରଞ୍ଜିଆ ଗ୍ରାମରେ ଏକ ପରିବାରକୁ ଏକାଧିକ ପକ୍କା ଘର ମିଳିଥିବା ନଜିର ରହିଛି। କିନ୍ତୁ ଆବାସ କାର୍ଯ୍ୟାଦେଶ ଦେବା ପରେ ବି ଟଙ୍କା ନଦେଇ ହିତାଧିକାରୀଙ୍କୁ ଭଣ୍ଡାଇବା ଘଟଣା ଏବେ ଧର୍ମଶାଳା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏପରିକି ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ବ୍ଲକ ପ୍ରଶାସନ ଖାତିର କରିନାହାନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ପଣ୍ଡା ଓ ତାଙ୍କ ସ୍ତ୍ରୀ ପ୍ରମିଳା ପ୍ରାୟ ୩୦ ବର୍ଷ ହେବ ସରକାରୀ ଆବାସ ପାଇଁ ନିବେଦନ କରି ଥକି ଯାଇଛନ୍ତି। ୨୦୦୭-୦୮ରେ ଧର୍ମଶାଳା ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ବେଣୁଧର ପଣ୍ଡାଙ୍କୁ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ ୪୪୪୫/୨୨।୧୨।୨୦୦୭ ନମ୍ବରରେ କାର୍ଯ୍ୟଦେଶ ମିଳିଥିଲା। ସେତେବେଳେ ଏଥିପାଇଁ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଥିଲା। ହେଲେ ବେଣୁଧରଙ୍କୁ ଘର ନିର୍ମାଣ ବାବଦକୁ କୌଣସି ସହାୟତା ଦିଆଗଲା ନାହିଁ। କିଛି ମାସ ଅପେକ୍ଷା କରି ସେ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଫେରିଲେ। ଶେଷରେ ୨୦୧୪ରେ ସେ ଓଡିଶା ପଞ୍ଚାୟତିରାଜ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ମନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୪୧୫/୨୦।୧।୨୦୧୪ରେ ଧର୍ମଶାଳା ବିଡିଓଙ୍କୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦ୍ୟାବଧି ତାଙ୍କୁ ଘର ଖଣ୍ଡେ ଦିଆଗଲା ନାହିଁ। ଫଳରେ ଆଜି ପର୍ଯ୍ୟନ୍ତ ବେଣୁଧର ଭଙ୍ଗା ଚାଳଘରେ ଜୀବନ ବିତାଉଛନ୍ତି। ପୁନଃ ବେଣୁଧର ୧୯।୧।୨୦୨୩ରେ ଧର୍ମଶାଳା ବିଡିଓଙ୍କୁ ଘର ଖଣ୍ଡେ ଦେବା ପାଇଁ ଆବେଦନ କରିବା ସହ ବିଧାୟକଙ୍କୁ ମଧ ଦରଖାସ୍ତ ପ୍ରଦାନ କରିଛନ୍ତି। ହେଲେ ଅଦ୍ୟାବଧି କିଛି ସୁଫଳ ମିଳିପାରିନାହିଁ। ତେବେ ଏଠାରେ କାହିଁକି ବେଣୁଧରଙ୍କ ପ୍ରତି ବ୍ଲକ ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହାନ୍ତି ତାହା ସାଧାରଣରେ ପ୍ରଶ୍ନ ଉଠିଛି। ଧର୍ମଶାଳା ବ୍ଲକରେ ଏଭଳି ଶତାଧିକ ଗରିବ ପରିବାର ଆବାସ ଯୋଜନାରେ ସାମିଲ ହେବାକୁ ଚାହିଁ ରହିଥିବାବେଳେ କେତେକ କ୍ଷେତ୍ରରେ ଥିଲାବାଲା ଲୋକେ ଘର ପାଇ ଆରାମରେ ଦିନ କାଟୁଥିବା ଚର୍ଚ୍ଚା ହେଉଛି।

## ବାବା ଭୈରବା ନନ୍ଦ ମହାବିଦ୍ୟାଳୟରେ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଚଣ୍ଡିଖୋଲ,୬।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି)

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ 'ଭାରତର ସ୍ୱାଧୀନତା ସଂଗ୍ରାମରେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରବର୍ତ୍ତୀ ସମୟରେ ଗତିଧାରା'ଶୀର୍ଷକ ଆଲୋଚନାଚକ୍ର ନବମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ସୁସ୍ମିତ ପାଣି ଆଲୋଚକ ଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନର ଶ୍ରେୟ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀକୁ ଦିଆଯାଇ ପାରିବନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ବହୁଧାରାର ସଂଗ୍ରାମୀମାନଙ୍କ ଚାପ ଓ ଉଦ୍ୟମ ତାହା ଯୋଗୁ ସମ୍ଭବ ହୋଇପାରିଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ନିରାକାର ପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀମାନଙ୍କ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ସାଇବର ସୁରକ୍ଷା ସଚେତନତା



ଏକ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କରାଯାଉଛି।

ବାଲିଚନ୍ଦ୍ରପୁର,୬।୧୦(ଗିରିଜା ପ୍ରସାଦ ସାହୁ)

ବାଲିଚନ୍ଦ୍ରପୁର ଥାନା ପୋଲିସ ପକ୍ଷରୁ ଶୁକ୍ରବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ସଚେତନତା ଗାଡ଼ି ମାସକର୍ଟ୍ ସହ ବିଭିନ୍ନ ସ୍ଥାନ ଭ୍ରମଣ କରି ଡାକବାଜି ଯନ୍ତ୍ର ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଛି। ଉକ୍ତ କାର୍ଯ୍ୟକ୍ରମ ବାଲିଚନ୍ଦ୍ରପୁର ସାହାସପୁର ମହାବିଦ୍ୟାଳୟ, ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଚନ୍ଦ୍ରପୁର ବଜାର ମଧ ଭାଗ ଓ ୫୩ ନଂ. ଜାତୀୟ ରାଜପଥର କୃଷ୍ଣଦାସପୁର ଛକ ଆଦିରେ କରାଯାଇଛି। କିଭଳି ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି, ବ୍ୟାଙ୍କ ଓ ଏଟିଏମ୍‌ରେ ବୟସ୍କଙ୍କୁ କିପରି ଠକାଯାଉଛି ସେ ସମ୍ପର୍କରେ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯିବା ସହ ଏସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ଥାନା ଅଧିକାରୀ ପ୍ରମୋଦିନୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପୋଲିସ ମୁଖ୍ୟାଳୟରୁ ସଂଯୋଜକଭାବେ ପ୍ରିୟଦର୍ଶନ ସେଠୀ ଯୋଗ ଦେଇଥିବାବେଳେ ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ଏସ୍‌ଆଇ ଶଶିଭୂଷଣ ପରିଡ଼ା, ବିନତି ଦାସ, ଏଏସ୍‌ଆଇ ଗଣେଶ ଚନ୍ଦ୍ର ଘଡ଼ାଇ, ମୁକୁନ୍ଦ ଚରଣ ମୋଦି, ସତ୍ୟରଞ୍ଜନ ସାହୁ ଓ ହାବିଲଦାର ରାଜକିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ

# ଅଣଛାତ୍ରଙ୍କ ପ୍ରବେଶ ଉପରେ ରୋକ୍

ଯାଜପୁରରୋଡ୍,୬।୧୦(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଣଛାତ୍ରମାନଙ୍କ ଅବାଧ ପ୍ରବେଶ ଉପରେ ରୋକ୍ ଲଗାଯାଇଛି। ଯେଉଁ ଅଣଛାତ୍ର ବିନା କୌଣସି କାର୍ଯ୍ୟରେ କଲେଜକୁ ପ୍ରତିଦିନ ଆସୁଛନ୍ତି ସେମାନଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମହାବିଦ୍ୟାଳୟ ଅଧକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି। ଫଳରେ ମହାବିଦ୍ୟାଳୟରେ ଅବାଧ ପ୍ରବେଶ କରୁଥିବା ଅଣଛାତ୍ରଙ୍କ ମଧରେ ଛନକା ପଶିଛି। ମହାବିଦ୍ୟାଳୟ ପରିସରରେ ୨ ପୋଲିସ କର୍ମଚାରୀଙ୍କୁ ଅଣଛାତ୍ରଙ୍କ ଉପରେ ନଜର ରଖିବା ସହ ତୁରନ୍ତ ପିସିଆରକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଦିନରେ ଦୁଇଥର ୧୧୨ ଭ୍ୟାନ କଲେଜ ପରିସରରେ ପଇଁତରା ମାରିବାକୁ ମଧ ନିର୍ଦ୍ଦେଶ ରହିଛି ବୋଲି ଯାଜପୁର ରୋଡ୍ ଆଦର୍ଶ ଥାନାଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ କହିଛନ୍ତି। ଗୁରୁବାର କଲେଜ ପ୍ରଶାସନ ଜଣେ ଅଣଛାତ୍ର ସହ ଗୋଟିଏ ବାଇକ ଜବତ କରି ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏଠାରେ ଅନେକ ସମୟରେ ଶିକ୍ଷାରତ ଛାତ୍ର ଓ ଅଣଛାତ୍ରଙ୍କ ମଧରେ ଗଣ୍ଡଗୋଳର ସୂତ୍ରପାତ ହେବାସହ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଥିବାର ଦେଖିବାକୁ ମିଳୁଛି। ଏପରିକି ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ପାଉଛି। କିଛିଦିନ ତଳେ କଲେଜ ଛାତ୍ରାବାସରେ କେତେଜଣ ଅଣଛାତ୍ର ଅନ୍ତେବାସୀଙ୍କୁ ମାରପିଟ କରିଥିବାର ଘଟଣା ଘଟିଥିଲା। ଯାହାକୁ ନେଇ କଲେଜ ଅଧକ୍ଷ ଅଡୁଆରେ ପଡ଼ିଥିଲେ ଏବଂ ଏନେଇ ଥାନାରେ ଅଭିଯୋଗ ମଧ ହୋଇଥିଲା। ଏହାଦ୍ୱାରା ବାହାରୁ ପାଠ ପଢିବାକୁ ଆସୁଥିବା ଛାତ୍ରୀଛାତ୍ର ଭୟଭିତ ହେବା ସହ ନିଜକୁ ସୁରକ୍ଷିତ ମଣୁନାହାନ୍ତି ଓ ଅଭିଭାବକ ଏଠାରେ ପିଲାମାନଙ୍କୁ ପାଠ ପଢ଼ାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଅନେକ ସମୟରେ ମହାବିଦ୍ୟାଳୟ ପରିସରରେ ଏକାଧିକ ଅଣଛାତ୍ର ପଶି ଅରାଜକତା ସୃଷ୍ଟି କରୁଛନ୍ତି। ଯଦ୍ୱାରା ଶିକ୍ଷାର୍ଥୀ ମାନଙ୍କ ପାଠ ପାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାର ମୁକାବିଲା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ଭରତପୁର ଗ୍ରାମ, ଜିଏ କଲୋନୀ, ଇନ୍‌ଫୋସିଟି ଅଞ୍ଚଳରେ ପ୍ରୋଜେକ୍ଟ କାମ ପାଇଁ ଆଜି ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

# ବିହାରରେ ହଜିଥିବା ବ୍ୟକ୍ତିଙ୍କୁ ଆଣିଲେ ସ୍ୱେଚ୍ଛାସେବୀ

ବାଲିଚନ୍ଦ୍ରପୁର,୬।୧୦(ଗିରିଜା ପ୍ରସାଦ ସାହୁ)



ବିହାରରୁ ପୋଲିସ ସହାୟତାରେ ଉଦ୍ଧାର ହୋଇଥିବା ବୃଦ୍ଧା ଓ ସ୍ୱେଚ୍ଛାସେବୀମାନେ।

ବିହାର ରାଜ୍ୟରେ ହଜିଥିବା ବଡ଼ଚଣା ବ୍ଲକ ପତରାଜପୁର ଗ୍ରାମର ସନ୍ତୋଷ କୁମାର ସିଂହ(ସେତ)ଙ୍କୁ ସ୍ୱେଚ୍ଛାସେବୀ ଉଦ୍ଧାର କରି ତାଙ୍କ ଘରକୁ ଆଣିଛନ୍ତି। ବଡ଼ଚଣା ବ୍ଲକରୁ ଏକ ବସ୍‌ରେ ଅନେକ ଲୋକ ଉତ୍ତର ଭାରତ ତୀର୍ଥ ଭ୍ରମଣରେ ଯାଇଥିଲେ। ଗତ ମାସ ୨୯ ତାରିଖରେ ଏକ ସ୍ଥାନରେ ଭ୍ରମଣକାରୀ ଚା' ପିଇବାକୁ ବସରୁ ଓହ୍ଲାଇଥିଲେ। ଏହି ସମୟରେ ପୋଲିସ ପକ୍ଷରୁ ବସକୁ ଆଗକୁ ନେବା ପାଇଁ କୁହାଯାଇଥିଲା। ବସ ଆଗକୁ ପଳାଇଯିବା ଫଳରେ ସନ୍ତୋଷ ବସକୁ ପାଇ ନ ଥିଲେ। ସମସ୍ତେ ଖୋଜାଖୋଜି କରିବା ପରେ ତାଙ୍କୁ ନ ପାଇ ଚାଲିଆସିଥିଲେ। ସନ୍ତୋଷ ମୋବାଇଲ ବ୍ୟବହାର କରୁ ନ ଥିବାରୁ ତାଙ୍କ ପରିବାର ଲୋକେ ଚିନ୍ତାରେ ପଡ଼ିଯାଇଥିଲେ। ତୀର୍ଥ ଗାଡ଼ି ପକ୍ଷରୁ ତାଙ୍କ ଘରକୁ ଖବର ଆସିଥିଲା। ଏହାପରେ ମହାବାହୁ ଗ୍ରୁପ୍ ଓଡ଼ିଶା ସମାଜସେବା ସଂଗଠନର ପ୍ରତିଷ୍ଠାତା ଶିବପ୍ରସାଦ ସାମଲ ତାଙ୍କ ପରିବାର ସହ ଯୋଗାଯୋଗ କରି ସାଥୀରେ କେତେଜଣ ଲୋକଙ୍କୁ ନେଇ ବିହାର ଯାତ୍ରା କରିଥିଲେ। ସେମାନେ ସେଠାରେ ପହଞ୍ଚିବା ପରେ ସ୍ଥାନୀୟ ପୋଲିସ ସହାୟତାରେ ସନ୍ତୋଷଙ୍କ ଫଟୋ ବିଭିନ୍ନ ସ୍ଥାନରେ ମରାଯିବା ସହ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରାଯାଇଥିଲା। ସେଠାରେ ୩ ଦିନ ଖୋଜାଖୋଜି ପରେ ଅକ୍ଟୋବର ୧ରେ ତାଙ୍କୁ ମୁଫାସିଲା ଥାନା ଅନ୍ତର୍ଗତ ସୀତାକୁଣ୍ଡଠାରୁ ଉଦ୍ଧାର କରାଯାଇଥିଲା। ସନ୍ତୋଷ ନିଜ ଗ୍ରାମରେ ପହଞ୍ଚିବା ପରେ ପରିବାର ସମେତ ଗ୍ରାମରେ ଖୁସିର ଲହରି ଖେଳିଯାଇଛି।

# ଯାଜପୁରରୋଡ୍ ମୁଖ୍ୟରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ ଦାବି

ଯାଜପୁରରୋଡ୍,୬।୧୦(ପବିତ୍ର ରଞ୍ଜନ ମହାନ୍ତି)



ସିଭିଲ ସୋସାଇଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ସହରର ପ୍ରବେଶ ଦ୍ୱାର ଚୋରଦା ଛକଠାରୁ ଚୋରଦା ବାଇପାସ ଛକ ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ତେଣୁ ତୁରନ୍ତ ଏହାର ମରାମତି ଆରମ୍ଭ କରିବାକୁ ସିଭିଲ ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି, ଶ୍ରମିକନେତା ବିଦ୍ୟାଧର ମହାନ୍ତି, ଚଣ୍ଡୀକ୍ଲବ ସମ୍ପାଦକ ଶିଶିର କୁମାର ରାଉତ, ଯୁବ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ବୋଇତାଇ ଓ ପବିତ୍ର ରଞ୍ଜନ ମହାନ୍ତି ପାଣିକୋଇଲିସ୍ଥିତ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୮ତାରିଖ ମଧ୍ୟରେ ରାସ୍ତାକାର୍ଯ୍ୟକୁ ନେଇ ବିଭାଗୀୟ ପ୍ରତିଶ୍ରୁତି ନ ମିଳିଲେ ସୋସାଇଟି ପକ୍ଷରୁ ଆନ୍ଦୋଳନ କରାଯିବା ବୋଲି ଚେତାବନୀ ଦିଆଯାଇଛି।

ଏହି ରାସ୍ତା ସମସ୍ୟାକୁ ନେଇ ଅଗଷ୍ଟ ୭ରେ ସିଭିଲ ସୋସାଇଟି ପକ୍ଷରୁ ଯାଜପୁର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ମଧ ହୋଇଥିଲା। ହେଲେ ଇତିମଧ୍ୟରେ ଦୀର୍ଘ ୨ ମାସ ବିତିଯାଇଥିଲେ ମଧ ସମସ୍ୟାର କୌଣସି ସମାଧାନ ହୋଇପାରିନାହିଁ। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ୪୨୦ ମିଟର (ଡେଲଇ) ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୧ କୋଟି ୩୭ ଲକ୍ଷଟଙ୍କା ବ୍ୟୟ ଅଟକଳ କରାଯାଇ ଟେଣ୍ଡର ସରିଥିଲେ ସୁଧା କାର୍ଯ୍ୟାଦେଶ ପାଇଥିବା ଠିକାଦାର କାର୍ଯ୍ୟ ଆରମ୍ଭରେ ବିଳମ୍ବ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏନେଇ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ଷା ଲାଗିରହିଥିବାରୁ ରାସ୍ତାକାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଉଛି।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮, ଇ-ମେଲ୍: bom1182@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ସାଙ୍କେତିକ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
| --- | --- | --- | --- |
| ୧) **ଋଣଗ୍ରହୀତା: ମେସର୍ସ କ୍ଲାରିଅନ୍ ଇ ସର୍ଭିସ ପ୍ରା. ଲିଃ., ଠିକଣା:** ପ୍ଲଟ୍ ନଂ.: ୫୫୧/୨୧୭୨, ସାମନ୍ତରାପୁର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨ / **ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: କ) ଶ୍ରୀ ଦୀପକ କୁମାର ଜେନା,** ପିତା: ଶ୍ରୀ ଶତ୍ରୁଘନ ଜେନା, **ଠିକଣା:**ସା/ପୋ: ତଳଜଙ୍ଗ, ପୁରୀ, ଓଡ଼ିଶା-୭୫୨୦୦୨, **ଖ) ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, **୨) ଋଣଗ୍ରହୀତା: ମେସର୍ସ ବିବିପି ଆଣ୍ଡ୍ ଅସୋସିଏଟ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, **୩) ଋଣଗ୍ରହୀତା: ଶ୍ରୀମତୀ ପ୍ରାଞ୍ଜଳି କିରଣ ଛୋଟରାୟ,** ସ୍ୱାମୀ: ଶ୍ରୀ କିଶୋର କୁମାର ଛୋଟରାୟ / **ସହ-ଋଣଗ୍ରହୀତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, ଉଭୟଙ୍କ **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ | **ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓରକୋଲ, ସର୍ଭେ/ଖାତା ନଂ.: ୧୮୩/୩୯, ପ୍ଲଟ୍ ନଂ.: ୩୧୦/୪୯୬, ଜିଲ୍ଲା: ପୁରୀ, ଜମିର କ୍ଷେତ୍ର: ୨୯୮୨ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୯୯୪ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୨୯୮୨ ବର୍ଗଫୁଟ (ବିଲ୍ଟ ଅପ), ଜି+୨ ଫ୍ଲୋର୍‌ରେ ଥିବା ୯ଟି ରୁମ୍ (କୋଠରୀ) ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗୁରୁବାରି ସେଠୀଙ୍କ ସମ୍ପତ୍ତି, ଉତ୍ତର: ଶରତ ଗୁରୁ ଏବଂ ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଶ୍ରୀଧର ନାଏକଙ୍କ ସମ୍ପତ୍ତି | ତା.୧୬.୦୬.୨୦୨୩ରିଖ ସୁଦ୍ଧା ଟ.୧,୩୨,୨୨,୯୨୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୦୬.୨୦୨୩ / ୦୩.୧୦.୨୦୨୩ |
| **ଋଣଗ୍ରହୀତା: ଶ୍ରୀ ବିଶ୍ୱରଞ୍ଜନ ମହାରଣା,** ପିତା: କୃତିବାସ ମହାରଣା / **ସହ-ଋଣଗ୍ରହୀତା: ଶ୍ରୀମତୀ ରଶ୍ମିତା ମହାରଣା,** ସ୍ୱାମୀ: ଶ୍ରୀ ବିଶ୍ୱରଞ୍ଜନ ମହାରଣା, ଉଭୟଙ୍କ **ଠିକଣା-** ଦେକୁରି, ବେଣିପୁର, ବାଲିଚନ୍ଦ୍ରପୁର, ଯାଜପୁର, ଓଡ଼ିଶା, ପିନ୍-୭୫୪୨୯୨ | **ଶ୍ରୀ ବିଶ୍ୱରଞ୍ଜନ ମହାରଣା ଏବଂ ଶ୍ରୀମତୀ ରଶ୍ମିତା ମହାରଣା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୧/ଏ, ତଳ ମହଲା, ସାଇ ବିଜୟା ପ୍ୟାଲେସ୍, ୟୁନିଟ୍ ନଂ.: ୩୩, ଖାତା ନଂ.: ୯୨୮/୧୦୧୫, ପ୍ଲଟ୍ ନଂ.: ୧୧୭/୨୯୭୮/୩୬୦୫, କ୍ଷେତ୍ର: ଏକର ୦.୦୫୪ ଡିସିମିଲି ଏବଂ ଖାତା ନଂ.: ୯୨୮/୯୭୬, ପ୍ଲଟ୍ ନଂ.: ୧୧୮/୩୫୭୧, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୮୯ ଡ଼ିସିମିଲି,** ମୌଜା: ଝାରପଡା, ଭୁବନେଶ୍ୱର (ଏକ ବାସୋପଯୋଗୀ ଫ୍ଲାଟ୍/ଆପାର୍ଟମେଣ୍ଟ ଯାହାକି ୨ଟି ରୁମ୍ (କୋଠରୀ)କୁ ନେଇ ଗଠିତ ଯାହାର ପରିମିତ କ୍ଷେତ୍ର: ୯୭୫ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୧୦୫୦ ବର୍ଗଫୁଟ(ବିଲ୍ଟ ଅପ)), ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ପ୍ଲଟ୍, ପଶ୍ଚିମ: ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୨୦୧/ବି, ଦକ୍ଷିଣ: ଖୋଲା ସ୍ଥାନ | ତା.୨୦.୦୪.୨୦୨୩ରିଖ ସୁଦ୍ଧା ଟ.୨୦,୮୧,୩୫୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୦.୦୪.୨୦୨୩ / ୦୩.୧୦.୨୦୨୩ |
| **ଋଣଗ୍ରହୀତା: ମେସର୍ସ ସୁହାଗନ (ସ୍ୱତ୍ୱାଧିକାରୀ ଫାର୍ମ), ଠିକଣା-** ସପ୍ ନଂ.: ୨୨, ସବ୍‌ୱେ, ମାର୍କେଟ ବିଲ୍ଡିଂ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୯, **ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ସ୍ୱାଇଁ,** ସ୍ୱାମୀ: ଶ୍ରୀ ଅମିତ୍ କୁମାର ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସ୍ୱାଇଁ,** ପିତା: ଅରକ୍ଷିତ ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ | **ଶ୍ରୀ ଅମିତ୍ କୁମାର ସ୍ୱାଇଁ**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୨୧୦୫, ପ୍ଲଟ୍ ନଂ.: ୧୮୦/୩୭୧୩ ଏବଂ ପ୍ଲଟ୍ ନଂ.: ୧୮୬/୩୭୫୧, ଲେଆଉଟ୍ ପ୍ଲଟ୍ ନଂ.: ୧୧/୨୮, ଲିଙ୍ଗିପୁର, ଇନ୍ଦିରା ହାଉସିଂ କଲୋନୀ, ଭୁବନେଶ୍ୱର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା, ସବ୍-ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ପରିମିତ କ୍ଷେତ୍ର: ୧୪୮୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୧/୨୭, ପଶ୍ଚିମ: ପ୍ଲଟ୍ ନଂ.: ୧୧/୨୯, ଉତ୍ତର: ୨୦ ଫୁଟିଆ ରାସ୍ତା, ଦକ୍ଷିଣ: ଡେକ ନାଳ | ତା.୦୬.୦୬.୨୦୨୩ରିଖ ସୁଦ୍ଧା ଟ.୪୧,୫୭,୬୦୮/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୨୩ / ୦୩.୧୦.୨୦୨୩ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୩.୧୦.୨୦୨୩

ମୁଖ୍ୟ ପ୍ରବନ୍ଧକ/ସହାୟକ ମହାପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## ସଂକ୍ଷେପରେ

### ୧୪ ଶହ ଗ୍ରାମ୍ ଗଞ୍ଜେଇ ଜବତ: ମହିଳା ଗିରଫ

ବାଲିଗୁଡା, ୬।୧୦ (ତାପସ ସ୍ୱାଇଁ)

ବାଲିଗୁଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସକାଳେ ବାଲିଗୁଡାସ୍ଥିତ ବାଲିସାହି ଗାଁରେ ଚଢ଼ାଉ କରାଯାଇ ୧ କିଲୋ, ୪ ଶହ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ବାଲିଗୁଡା ବାଲିସାହି ଗାଁର ମିର୍ଜା ଆଇଲୁମ୍ ବେଗ୍‌ଙ୍କ ସ୍ତ୍ରୀ ହସିନା ବିବି (୪୩)। ଆଇଲୁମ୍ ଜଣେ ଦୃଷ୍ଟିହୀନ। ସେ ବାଲିଗୁଡା କାଠଗୋଲା ଛକରେ ଏକ ଛୋଟ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ସେ ଉକ୍ତ ଦୋକାନରେ ଗଞ୍ଜେଇ ରଖି ବ୍ୟବସାୟ କରୁଥିବା ଅଭିଯୋଗ ହୋଇଥିଲା। ଜିଲା ଅବକାରୀ ଅଧୀକ୍ଷକ ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡା ଅବକାରୀ ଓଆଇସି ସସ୍ମିତା ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରଥମେ ଆଇଲୁମଙ୍କ ଦୋକାନ ଉପରେ ଚଢ଼ାଉ କରିଥିଲା। ସେଠାରୁ ଖୁବ୍ କମ୍ ପରିମାଣର ଗଞ୍ଜେଇ ଚଢ଼ାଉ ଟିମ୍‌କୁ ମିଳିଥିଲା। ପରେ ହସିନାଙ୍କ ଘରେ ଚଢ଼ାଉ କରିବା ପରେ ଉପରୋକ୍ତ ଗଞ୍ଜେଇ ମିଳିଥିଲା। ଏହି ଚଢ଼ାଉରେ ଏଏସ୍‌ଆଇ ପଦ୍ମଲୋଚନ ଗୁଡ୍ଡୁ, କନ୍‌ଷ୍ଟେବଳ ଦିନବନ୍ଧୁ ସେଠୀ, ମନୋରଞ୍ଜନ ଦାସ, ସନ୍ତୋଷୀ ସାହୁ, ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ। ଏନେଇ ଏକ ଅବକାରୀ ମାମଲା (ନଂ. ୬୩/୨୩-୨୪) ରୁଜୁ କରାଯାଇଛି ବୋଲି ଓଆଇସି ମଲ୍ଲିକଙ୍କ ଠାରୁ ସୂଚନା ମିଳିଛି।

### ଡିକି ଭାଙ୍ଗି ଚୋରି ଘଟଣା: ୨ ଅଭିଯୁକ୍ତ ଗିରଫ

ଜଗତ୍‌ସିଂହପୁର, ୬।୧୦ (ପ୍ରମୋଦ କୁମାର ନାୟକ)

ସ୍ଥାନୀୟ ଦେଉଳି ଗ୍ରାମେଶ୍ୱର ଛକ ନିକଟ ଏକ ହୋଟେଲ ସମ୍ମୁଖରେ ଗତ ୩ ତାରିଖରେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କାନପୁର ଗ୍ରାମର ଦିଲୀପ କୁମାର ଦାସ ତାଙ୍କ ମୋଟରସାଇକେଲ ଗାଡି ରଖିଥିଲେ। କେହି ଦୁର୍ବୃତ୍ତ ଉକ୍ତ ଗାଡ଼ିର ଡିକି ଭାଙ୍ଗି ସେଥିରେ ଥିବା ଆବଶ୍ୟକ କାଗଜପତ୍ର ଚୋରିକରି ନେଇଥିଲେ। ଦାସଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ପୋଲିସ ମାମଲା (ନଂ.୬୪୮/୨୩) ରୁଜୁ କରିଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିବାକୁ ସମର୍ଥ ହୋଇଛି। ସେମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ଏହି ଗାଁର ପି. ଶିବ (୩୩) ଓ ଆସ୍କା ଠେଙ୍ଗାପଲ୍ଲୀ ଗ୍ରାମର ପି. ମହେଶୁ (୨୧)। ସେମାନଙ୍କ ନିକଟରୁ ୩୦ ହଜାର ଟଙ୍କା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, କାନାଡ଼ା ବ୍ୟାଙ୍କ ପାସ ବୁକ୍, ଆଧାର କାର୍ଡ, ଭୋଟର କାର୍ଡ ଓ ହାତତିଆରି ଚାବି ଜବତ କରାଯାଇଥିବା ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବରୀ, ୬।୧୦ (ମହେନ୍ଦ୍ର ସ୍ୱାଇଁ)

ବରୀ-ରାମଚନ୍ଦ୍ରପୁର ଥାନା ବାଲିବିଲ ପଞ୍ଚାୟତ ଜିଅସାହି ଗ୍ରାମର ଜଣେ ଯୁବକଙ୍କ ଶୁକ୍ରବାର ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ସେ ହେଲେ ପ୍ରମୋଦ ସାମଲ। ପ୍ରମୋଦ ଥାନା ଅଧୀନ ବାଲିଆପାଳ ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରେ ହଠାତ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବହୁ ବିଳମ୍ବରେ ଆମ୍ବୁଲାନ୍ସରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ, ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ଦିଲୀପ ମହାନ୍ତି, ପ୍ରାକ୍ତନ ସମିତିସଭ୍ୟ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ସରପଞ୍ଚ ନବଘନ ପରିଡ଼ା ଓ ସାମାଜିକ କର୍ମୀ ବିଷ୍ଣୁପ୍ରସାଦ ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଭସାଣିରେ ପରିବେଷଣ ହେବନି ମେଲୋଡି



ବୈଠକରେ ଜିଲାପାଳ ପାରୁଲ ପଟାୱାରି ଓ ପ୍ରଶାସନିକ ଅଧିକାରୀମାନେ।

ଜଗତ୍‌ସିଂହପୁର, ୬।୧୦ (ପ୍ରମୋଦ କୁମାର ନାୟକ)

ଜିଲା ସଦର ମହକୁମା ଜଗତ୍‌ସିଂହପୁରଠାରେ ଭସାଣି ଓ ରାବଣପୋଡ଼ି ଉତ୍ସବ ନିରାଡ଼ମ୍ବରପୂର୍ଣ୍ଣ ହେବ। ଭସାଣିରେ ମେଲୋଡି ପରିବେଷଣ ହେବ ନାହିଁ। ସେହିପରି ରାବଣପୋଡି ଉତ୍ସବ ମଧ ବିନା ଆତସବାଜିରେ ସମ୍ପନ୍ନ ହେବ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଦଶହରା ପର୍ବ, ରାବଣ ପୋଡି ଓ ଭସାଣି ଉତ୍ସବ ପାଳନ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଜିଲାପାଳ ପାରୁଲ ପଟାୱାରି ପୌରୋହିତ୍ୟ କରି କହିଥିଲେ, ଆସନ୍ତା ୨୧ରୁ ୨୫ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ପୌରାଞ୍ଚଳରେ ହେବାକୁ ଥିବା ଦୁର୍ଗାପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ପାଳନ ପାଇଁ ପ୍ରତ୍ୟେକଙ୍କ ସହଯୋଗ ଆବଶ୍ୟକ। ବିଭାଗୀୟ ଅଧିକାରୀ, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ମେଢ କମିଟିର କର୍ମକର୍ତ୍ତାମାନେ ସହଯୋଗ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ବୈଠକର ନିଷ୍ପତ୍ତି ଅନୁଯାୟୀ, ବିଜୟା ଦଶମୀ ଅର୍ଥାତ୍ ଅକ୍ଟୋବର ୨୪ରେ ରାବଣ ପୋଡି ଉତ୍ସବ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ହେବ। କିନ୍ତୁ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିବା ଆତସବାଜି ପ୍ରଦର୍ଶନ ହୋଇପାରିବ ନାହିଁ। ସେହିପରି ୨୫ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହିଦିନ ସହରର ସମସ୍ତ ମେଢ଼ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପହଞ୍ଚିଥାନ୍ତି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉକ୍ତ ଦିନ କୌଣସି ମେଲୋଡି ପରିବେଷଣ କରାଯିବ ନାହିଁ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ରାବଣ ପୋଡି ଓ ସାଧାରଣ ସଭା ନିମନ୍ତେ ଶ୍ରୀରାମ କ୍ଲବ ଏବଂ ଭସାଣି ଉତ୍ସବ ପାଇଁ ସମସ୍ତ କାର୍ଯ୍ୟ ଥାନପତି କ୍ଲବ ସମ୍ପାଦନ କରିବେ। ମୂର୍ତ୍ତି ବିସର୍ଜନ ନିମନ୍ତେ ଗାଲୁପଡ଼ା, ପୁରୋହିତପୁର ଏବଂ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡ଼ରେ ଅସ୍ଥାୟୀ ପୋଖରୀ ଖନନ ହେବ। ଏହି ଦାୟିତ୍ୱ ଜଳ ସମ୍ପଦ, ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ଏବଂ ଡ୍ରେନେଜ୍ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଟ୍ରାଫିକ ନିୟନ୍ତ୍ରଣ ଓ ପୋଲିସ ଶିବିର ଦାୟିତ୍ୱ ଏସ୍‌ପି ସମ୍ପାଦନ କରିବେ। ଟାଉନ୍ ହଲଠାରୁ ୧୦ ନମ୍ବର, ପୁରୋହିତପୁରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଅତାମଲାଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳ କଟା କାମ ପୂର୍ତ୍ତ ବିଭାଗ ସମ୍ପାଦନ କରିବ। ଅକ୍ଟୋବର ୨୦ ସୁଦ୍ଧା ସମସ୍ତ ରାସ୍ତାର ମରାମତି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି) ଏବଂ କଟକ ଜାତୀୟ ରାଜପଥ ଡିଭିଜନକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଲିପିଙ୍ଗଳଠାରୁ ପୋଷ୍ଟ ଅଫିସ ରାସ୍ତା ପୂର୍ତ୍ତ ବିଭାଗ, ୧୦ ନମ୍ବରଠାରୁ ଚାଟରା ପୋଲ କେନାଲ ବନ୍ଧ ରାସ୍ତା ଜଳସମ୍ପଦ, ଜିରାଠାରୁ ଟର୍ଚ୍ଚିକା ବଜାର ରାସ୍ତା ଗ୍ରାମ ଉନ୍ନୟନ ବିଭାଗ ଓ ଓହଳରୁ କୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ କରିବେ। ଅସ୍ଥାୟୀ ପୋଖରୀରୁ ବିସର୍ଜନ ସାମଗ୍ରୀ ବାହାର କରିବା, ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ କରିବା, ପୋଖରୀ ନିକଟରେ ଡଷ୍ଟବିନ୍ ରଖିବା, ବିସର୍ଜନସ୍ଥଳ ଓ ମେଳଣ ପଡ଼ିଆରେ ଆଲୋକ ବ୍ୟବସ୍ଥା କରିବା ସହ ୪ଟି ଜେନେରେଟର ରଖିବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାବଣ ପୋଡି ଓ ଭସାଣି ଉତ୍ସବ ଦିନ ମେଳଣ ପଡ଼ିଆ ଓ ଅସ୍ଥାୟୀ ପୋଖରୀ ନିକଟରେ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟ ଜଳର ବ୍ୟବସ୍ଥା କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହାଛଡ଼ା ରାବଣ ପୋଡ଼ି ଓ ଭସାଣି ଦିନ ସମସ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ରହିବ। ଦୁର୍ଗାପୂଜା ସମୟରେ ଯେପରି ଡିଜେ ସାଉଣ୍ଡ ବ୍ୟବହାର ନ ହେବ ସେଥିପ୍ରତି ସମସ୍ତ ମଣ୍ଡପ ଦାୟିତ୍ୱବାନ ହେବାକୁ ପଡ଼ିବ। ମେଳଣ ପଡ଼ିଆ ଓ ବିସର୍ଜନ ସ୍ଥଳରେ ଦମକଳ ଗାଡି ରଖିବା ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେନ୍ଦ୍ର ପଣ୍ଡା, ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ମେଢର କର୍ମକର୍ତ୍ତା, ଶାନ୍ତି କମିଟିର ସଦସ୍ୟ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ବିବରଣୀ ପାଠ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

## ୬ ମାସରେ ରେକର୍ଡ ପଣ୍ୟକାରବାର

### ପାରାଦୀପ ବନ୍ଦର

ପାରାଦୀପ, ୬।୧୦ (ଶରତ ରାଉତ)

ସମଗ୍ର ଦେଶରେ ଥିବା ୧୨ଟି ବୃହତ୍‌ବନ୍ଦର ମଧ୍ୟରେ ପାରାଦୀପ ୬ ମାସର ପଣ୍ୟ କାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହା ସମସ୍ତ ବନ୍ଦର ମଧ୍ୟରେ ସର୍ବାଧିକ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ୨୦୨୩-୨୪ ଆର୍ଥିକ ବର୍ଷର ୬ ମାସରେ ୬୯.୧୩୭ ମିଲିୟନ ମେଟ୍ରିକଟନ (ଏମ୍‌ଏମ୍‌ଟି)ପଣ୍ୟ କାରବାର କରିଛି। ପୂର୍ବ ବର୍ଷ ତୁଳନାରେ ୮.୫ ପ୍ରତିଶତ ଅଭିବୃଦ୍ଧି ହୋଇଛି ବୋଲି ଦର୍ଶାଯାଇଛି। ଅପରପକ୍ଷେ ୧୨ ବୃହତ୍‌ବନ୍ଦର ୬ ମାସରେ ୩୯୩.୭୩୨ ଏମ୍‌ଏମ୍‌ଟି କାରବାର କରିଛି। ଏହାର ସାମଗ୍ରିକ ଅଭିବୃଦ୍ଧି ହାର ୨.୩୫ ପ୍ରତିଶତ। ପାରାଦୀପ ବନ୍ଦର ଏପରି ଆଶାଠାରୁ ଅଧିକ ସଫଳତା ହାସଲ କରିବା ଗୌରବର ବିଷୟ ବୋଲି ଅଧକ୍ଷ ପି.ଏଲ୍.ହାରାନ୍ଧ ସୂଚନା ଦେଇଛନ୍ତି। ଏଥିପାଇଁ ସେ ସମସ୍ତ ବ୍ୟବହାରକାରୀ ସଂସ୍ଥା ଓ ପୋର୍ଟ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ନାଉଗାଁ, ୬।୧୦ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର କ୍ଲଷ୍ଟରସ୍ତରୀୟ ସୁରଭି-୨୦୨୩ ଏବଂ ଓଡିଶା ମିଲେଟସ୍ ପ୍ରତିଯୋଗିତା ଚାନ୍ଦଖାଁପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସାରଦା ପ୍ରସନ୍ନ ଓଝାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ସ୍ୱାଇଁ, ସମ୍ମାନିତ ଅତିଥି ଶିକ୍ଷକ ହିମାଂଶୁ କୁମାର ମହାନ୍ତି, ଚିନ୍ତାମଣି ରାଉଳ, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ରେଶ୍ମାରାଣୀ ପ୍ରଧାନ, ମନୋସ୍ୱିନୀ ମିଶ୍ର, ସ୍ୱାଗତିକା ମୁଦୁଲି, ବନ୍ଦିତା ଦାସ, ସୁଚିସ୍ମିତା ମହାନ୍ତି, ସଂଯୁକ୍ତା ଦାସ, ପ୍ରଭାମୟୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ଲଷ୍ଟରରେ ଥିବା ୯ଟି ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବର୍ଗରେ ୯୦ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ସହ ମିଲେଟସ୍ କୁଇଜ୍, ବକ୍ତୃତା ଓ ପ୍ରବନ୍ଧ ଆଦିପ୍ରତିଯୋଗିତା ହୋଇଥିଲା। ସେହିପରି ଅଲଣାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରର କ୍ଲଷ୍ଟରସ୍ତରୀୟ ସୁରଭି-୨୦୨୩ ଏବଂ ଓଡିଶା ମିଲେଟସ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ କମଳଲୋଚନ ନାୟକଙ୍କ ତତ୍ତ୍ୱାବଧାନରେ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହା ଅନୁଷ୍ଠିତ ହୋଇଯାଇଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ଭରତପୁର ଗ୍ରାମ, ଜିଏ କଲୋନୀ, ଇନ୍‌ଫୋସିଟି ଅଞ୍ଚଳରେ ପ୍ରୋଜେକ୍ଟ କାମ ପାଇଁ ଆଜି ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

# ସାମୁଦ୍ରିକ ମାଛ ବିଦେଶକୁ ରପ୍ତାନି ଉପରେ ଗୁରୁତ୍ୱ

ପାରାଦୀପ, ୬।୧୦ (ଶରତ ରାଉତ)



ବୈଠକରେ ଯୋଗଦେଇଥିବା ରପ୍ତାନି ସଂସ୍ଥାର ପ୍ରତିନିଧି, ବ୍ୟବସାୟୀ ଓ ଅନ୍ୟମାନେ।

### ପାରାଦୀପ ମାଛଧରାବନ୍ଦର ପରିସରରେ ରପ୍ତାନିକାରୀ ସମୂହ ବୈଠକ

ପାରାଦୀପ ମାଛଧରା ବନ୍ଦର ପରିସରରେ ଥିବା ପରିଚାଳନା ସମିତି ସଭାଗୃହରେ ଶୁକ୍ରବାର ରପ୍ତାନିକାରୀ ସମୂହଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୨୩ ଜଣ ଆଗଧାଡ଼ିର ରପ୍ତାନିକାରୀ ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଏହାବାଦ ମାଛ କ୍ରୟ କରୁଥିବା ୨୦ ବ୍ୟବସାୟୀ ମଧ ଉପସ୍ଥିତ ଥିଲେ। ଏମପିଇଡିଏ(ମେରାଇନ ପ୍ରଡକ୍ଟ ଏକ୍ସପୋର୍ଟ ଡେଭଲେପମେଣ୍ଟ ଅଥରିଟି),ନେଟଫିଶ, ଓ ଓମ୍ପା (ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ) ମିଳିତ ଉଦ୍ୟମରେ ପ୍ରଥମକରି ଏଭଳି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମପିଇଡିଏ ଡେପୁଟି ଡାଇରେକ୍ଟର ଅର୍ଚ୍ଚିମାନ ଲାହିରି, ସି ଫୁଡ ଏକ୍ସପୋର୍ଟ ଆସୋସିଏଶନ ଇଣ୍ଡିଆର ସଭାପତି ଡା.କମଳେଶ ମିଶ୍ର, ମତ୍ସ୍ୟ ବିଭାଗ ବରିଷ୍ଠ ଅଧିକାରୀ ଶଶୀକାନ୍ତ ଆଚାର୍ଯ୍ୟ, ଓମ୍ପା ସଭାପତି ଶ୍ରୀକାନ୍ତ ପରିଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରପ୍ତାନିକାରୀ ସଂସ୍ଥାଗୁଡ଼ିକ ଯେତେ ମାଛ ଏବେ ବିଦେଶକୁ ରପ୍ତାନୀ କରୁଛନ୍ତି ସେଥିରେ ଭେନାମି ଚିଙ୍ଗୁଡ଼ି ପ୍ରାୟ ୯୦ ପ୍ରତିଶତ ରହୁଛି। ସେଥିରେ ୟୁରୋପ ଦେଶର ଖାଦ୍ୟମାନ ଅନୁସାରେ ହେଉନାହିଁ। ଏହାଦ୍ୱାରା ତା'ର ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ୨୦୧୪ ରେ ମାଛ କିଲୋଗ୍ରାମ ୧୨ ରୁ ୧୪ ଡଲାର ଥିବାବେଳେ ଏବେ ୮ ରୁ ୯ ଡଲାର ହେଲାଣି।କିନ୍ତୁ ସାମୁଦ୍ରିକ ମାଛର ଚାହିଦା ଜାପାନରେ ଅଧିକ ରହିଛି। ଓଡ଼ିଶାର ପ୍ରମୁଖ ମାଛ ଉତ୍ପାଦନ ସ୍ଥାନ ପାରାଦୀପ। ଏହି ମାଛ କିପରି ଆଗକୁ ଅଧିକ ବିଦେଶ ରପ୍ତାନି ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଖୋଲା ବଜାରରେ ମାଛ କିଣିବା ପାଇଁ ପାରାଦୀପ ମାଛଧରା ବନ୍ଦରକୁ ଏବେ ମାତ୍ର ୫-୬ଟି ସଂସ୍ଥା ଆସୁଛନ୍ତି। ଆଗକୁ ଅଧିକ ରପ୍ତାନିକାରୀ ସଂସ୍ଥା ଆସିବା ପାଇଁ ଓମ୍ପା ସଭାପତି ପରିଡା ପ୍ରସ୍ତାବ ଦେଇଥିଲେ। ମାଛର ମାନ ଗୁଣବତ୍ତା ଓ ସ୍ୱଚ୍ଛତା ରଖିବା ଭଳି ପରିବେଶ ରଖିବା ପାଇଁ ଏମ୍‌ପିଇଡିଏ ଅଧିକାରୀ ଲାହିରି ପରାମର୍ଶ ଦେଇଥିଲେ। ଶେଷରେ ଓମ୍ପାର ସମ୍ପାଦକ ଅରବିନ୍ଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଥାନାରୁ ମିଳୁନି ନ୍ୟାୟ: ଏସ୍‌ପିଙ୍କ ଦ୍ୱାରସ୍ଥ ଅଭିଯୋଗକାରୀ

ପାଣିକୋଇଲି, ୬।୧୦ (ବିକାଶ ମଲ୍ଲିକ)

କୋରେଇ ଥାନା ପଛିକୋଟ ପଞ୍ଚାୟତ ଜଇଁତିରା ଗ୍ରାମର ବିଜୟ ବେହେରା ଥାନାରୁ ନ୍ୟାୟ ନ ପାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଜୟ ଏହି ଥାନା ଅନ୍ତର୍ଗତ ଧନେଶ୍ୱର ଛକଠାରୁ କିଛି ଦୂରରେ ୨ ବର୍ଷ ହେବ ଏକ ଘର ଭଡ଼ା ନେଇ ଚା'ପାନ ଦୋକାନ କରିଛନ୍ତି। ଉକ୍ତ ଘରର ମାଲିକ ସମ୍ପିତ ମହାନ୍ତି ବିଜୟଙ୍କଠାରୁ ଘର ଭଡ଼ା ଅଗ୍ରିମ ବାବଦରେ ୧୫ ହଜାର ଟଙ୍କା ନେବା ସହିତ ମାସିକ ଘର ଭଡ଼ା ନେଇ ଜୁଲମ କରୁଛନ୍ତି। ଏଥିସହିତ ବିଜୟଙ୍କ ବାକି ଥିବା ଟଙ୍କା ଦେଉନାହାନ୍ତି। ବିଜୟ ସମ୍ପିତଙ୍କୁ ବାକି ଟଙ୍କା ମାଗିବାରୁ ସମ୍ପିତ ବିଜୟଙ୍କୁ ହତ୍ୟା ଧମକ ଦେବା ସହିତ ଦୋକାନ ଘରେ ତାଲା ପକାଇ ଦେଇଛନ୍ତି ଓ ବିଦ୍ୟୁତ୍ ସଂଯୋଗ କାଟି ଦେଇଛନ୍ତି। ଫଳରେ ବିଜୟ ଦୋକାନ ଖୋଲି ପାରୁନାହାନ୍ତି। ବିଜୟ ଘରର ଏକମାତ୍ର ରୋଜଗାରିଆ। ତାଙ୍କ ଉପରେ ବୃଦ୍ଧା ମାଆ ଓ ଦୁଇ ପିଲାଙ୍କ ସମେତ ସ୍ତ୍ରୀ ନିର୍ଭରଶୀଳ। ହେଲେ ଦୋକାନ ନ ଖୋଲିପାରିବା ଯୋଗୁ ମହାଜନମାନେ ପ୍ରଦୀପଙ୍କୁ ଟଙ୍କା ଦେବା ଲାଗି ଚାପ ପକାଉଛନ୍ତି। ଏନେଇ ବିଜୟ ଗତ ଏକ ମାସ ହେବ କୋରେଇ ଥାନାରେ ଅଭିଯୋଗ କଲା ପରେ ମଧ୍ୟ ଥାନା ପକ୍ଷରୁ ତାଙ୍କୁ ବାରମ୍ବାର ଦୌଡ଼ାଯିବା ସହିତ ନ୍ୟାୟ ପ୍ରଦାନ କରାଯାଉନାହିଁ। ତେଣୁ ବାଧହୋଇ ବିଜୟ ସପରିବାରେ ଆସି ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ ପ୍ରଦୀପଙ୍କ ଅଭିଯୋଗର ଶୁଣାଣି କରି ତାଙ୍କୁ ନ୍ୟାୟ ପ୍ରଦାନ ଲାଗି କୋରେଇ ପୋଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଇଲିଶି ସାତସପନ

- ସମୟ ଅନୁସାରେ ମିଳୁ ନ ଥିବାରୁ ଦାମ୍ ବଢୁଛି
- ଶିଳ୍ପ ହେବାଠାରୁ ଉତ୍ପାଦନ ହ୍ରାସ ପାଇଛି

ପାରାଦୀପ, ୬।୧୦ (ଶରତ ରାଉତ)



ଓଡ଼ିଆ ଲୋକକଥାରେ କୁହନ୍ତି, ମାଛ ଖାଇବ ଇଲିଶି ଚାକିରି କରିବ ପୋଲିସ। ଯେଉଁ ଇଲିଶି ମାଛର ସର୍ବାଧିକ ଚାହିଦା ଆମିଷାଷୀଙ୍କ ପାଖରେ ଥାଏ ତାହା ଆଉ ସମୟାନୁସାରେ ମିଳୁନାହିଁ। ଏଥିଯୋଗୁ ଏହି ମାଛର ଦାମ ଦିନକୁ ଦିନ ବଢ଼ିବାକୁ ଲାଗିଛି। ୨୦୦ରୁ ୩୦୦ ଗ୍ରାମ୍ ଓଜନ ବିଶିଷ୍ଟ ମାଛ କିଲୋ ପିଛା ପାରାଦୀପସ୍ଥିତ ଅଠରବାଙ୍କି ମାଛବଜାର ବାଲିଫ୍ଲଟରେ ଶୁକ୍ରବାର ୮୦୦ରୁ ୯୦୦ ଟଙ୍କାରେ ବିକ୍ରି ହୋଇଛି। ସେହିପରି ୧ କିଲୋରୁ ଅଧିକ ଓଜନ ବିଶିଷ୍ଟ ମାଛର ମୂଲ୍ୟ କିଲୋ ପିଛା ୨ ହଜାର ଟଙ୍କାରେ ବିକ୍ରି ହେଉଛି। ଏପରି ଅବସ୍ଥା ଗତ ଶ୍ରାବଣ, ଭାଦ୍ରବ ଏବେ ଆଶ୍ୱିନ ମାସରେ ହୋଇଛି। ସାଧାରଣତଃ ଇଲିଶି ମାଛ ଏହି ଋତୁରେ ଅଧିକ ମାତ୍ରାରେ ଧରାଯାଉଥିଲା। ଲୋକେ ଶସ୍ତାରେ କିଣି ଖାଉଥିଲେ। ଯେଉଁଦିନ ବଜାରରେ ବରଫ ଅଭାବ ଥାଏ ସେତେବେଳେ ମାଛ ଯୋଡ଼ା ହିସାବରେ ବିକ୍ରି ହୁଏ। ପାରାଦୀପ ବାଲିଫ୍ଲଟରେ ଏମିତି ଘଟଣା ୨୦୧୨ ପୂର୍ବରୁ ପ୍ରାୟତଃ ହେଉଥିଲା। ତା'ପରଠାରୁ ସେଭଳି ମାଛ ଉତ୍ପାଦନ ହେଉନାହିଁ। କେବଳ ୨୦୧୮ରେ ଦୁଇଦିନ ଅଧିକ ମାଛ ବଜାରକୁ ଆସିଥିଲା ବୋଲି ବ୍ୟବସାୟୀ ପରେଶ ମଣ୍ଡଳ କୁହନ୍ତି। ଇଲିଶି ମାଛର ଜୀବନଚକ୍ର ଅନ୍ୟ ମାଛ ଠାରୁ ଭିନ୍ନ ବୋଲି ପାରମ୍ପରିକ ମତ୍ସ୍ୟଜୀବୀ ସୁବା ରାଓ କୁହନ୍ତି। ଏହି ମାଛ ଗଭୀର ଜଳରେ ରହିଥାନ୍ତି। ପ୍ରଜନନ ପାଇଁ ମଧୁର ଜଳକୁ ଆସିଥାନ୍ତି। ନଦୀ ମୁହାଣ ଅଞ୍ଚଳରେ ଅଧିକ ବର୍ଷା କିମ୍ବା ବନ୍ୟା ସମୟରେ ଆସି ପଶି ଯାଆନ୍ତି। ଯେତେବେଳେ ଯାତାୟାତ କରନ୍ତି ପଲ ହୋଇ ଯାଇଥାନ୍ତି। ସେହି ସମୟରେ ମତ୍ସ୍ୟଜୀବୀ ଜାଲ ବିଛାଇ ବହୁଳ ପରିମାଣରେ ମାଛ ଧରିଥାନ୍ତି। ତେବେ ଇଲିଶି ମାଛ ସାମାନ୍ୟ ଗନ୍ଧ ହେଲେ ଦୂରେଇ ଯାଆନ୍ତି। ପାରାଦୀପରେ ଶିଳ୍ପ ହେବା ପରଠାରୁ ଏହି ମାଛର ଉତ୍ପାଦନ ହ୍ରାସ ପାଇଛି ବୋଲି ରାଓ କୁହନ୍ତି। ସେଥିପାଇଁ ଏହି ମାଛ କିଣି ଖାଇବା ସାଧାରଣ ଲୋକଙ୍କ ପାଇଁ ସାତସପନ ପାଲଟିଛି ବୋଲି ସେ କହିଛନ୍ତି।

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮, ଇ-ମେଲ୍: bom1182@mahabank.co.in

ଦଖଲ ନୋଟିସ୍
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ ସାଙ୍କେତିକ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| ୧) **ଋଣଗ୍ରହୀତା: ମେସର୍ସ କ୍ଲାରିଅନ୍ ଇ ସର୍ଭିସ ପ୍ରା. ଲିଃ., ଠିକଣା:** ପ୍ଲଟ୍ ନଂ.: ୫୫୧/୨୧୭୨, ସାମନ୍ତରାପୁର, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨ / **ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: କ) ଶ୍ରୀ ଦୀପକ କୁମାର ଜେନା,** ପିତା: ଶ୍ରୀ ଶତ୍ରୁଘନ ଜେନା, **ଠିକଣା:** ସା/ପୋ: ତଳଜଙ୍ଗ, ପୁରୀ, ଓଡ଼ିଶା-୭୫୨୦୦୨, **ଖ) ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, **୨) ଋଣଗ୍ରହୀତା: ମେସର୍ସ ବିବିପି ଆଣ୍ଡ୍ ଅସୋସିଏଟ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪, **୩) ଋଣଗ୍ରହୀତା: ଶ୍ରୀମତୀ ପ୍ରାଞ୍ଜଳି କିରଣ ଛୋଟରାୟ,** ସ୍ୱାମୀ: ଶ୍ରୀ କିଶୋର କୁମାର ଛୋଟରାୟ / **ସହ-ଋଣଗ୍ରହୀତା: ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟ, ଉଭୟଙ୍କ **ଠିକଣା:** ସା/ପୋ: ଓରକୋଲ, ପିପିଲି, ପୁରୀ, ଓଡ଼ିଶା-୭୫୨୧୦୪ / **ଗ୍ୟାରେଣ୍ଟିଦାତା: ଶ୍ରୀ ବିଭୂତି ଭୂଷଣ ପ୍ରଧାନ,** ପିତା: ଶ୍ରୀ ବ୍ରଜବନ୍ଧୁ ପ୍ରଧାନ, **ଠିକଣା:** ସା/ପୋ: ଓଲ, ପୁରୀ, ଓଡ଼ିଶା-୭୫୨୦୧୪ | **ଶ୍ରୀ କିଶୋର କୁମାର ଛୋଟରାୟ,** ପିତା: ଶ୍ରୀ ଗୋଲଖ ବିହାରୀ ଛୋଟରାୟଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓରକୋଲ, ସର୍ଭେ/ଖାତା ନଂ.: ୧୮୩/୩୯, ପ୍ଲଟ୍ ନଂ.: ୩୧୦/୪୯୬, ଜିଲ୍ଲା: ପୁରୀ, ଜମିର କ୍ଷେତ୍ର: ୨୯୮୨ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୯୯୪ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୨୯୮୨ ବର୍ଗଫୁଟ (ବିଲ୍ଟ ଅପ), ଜି+୨ ଫ୍ଲୋର୍‌ରେ ଥିବା ୯ଟି ରୁମ୍ (କୋଠରୀ) ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଗୁରୁବାରି ସେଠୀଙ୍କ ସମ୍ପତ୍ତି, ଉତ୍ତର: ଶରତ ଗୁରୁ ଏବଂ ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଶ୍ରୀଧର ନାଏକଙ୍କ ସମ୍ପତ୍ତି | ତା.୧୬.୦୬.୨୦୨୩ରିଖ ସୁଦ୍ଧା ଟ.୧,୩୨,୨୨,୯୨୧/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୧୬.୦୬.୨୦୨୩ / ୦୩.୧୦.୨୦୨୩ |
| **ଋଣଗ୍ରହୀତା: ଶ୍ରୀ ବିଶ୍ୱରଞ୍ଜନ ମହାରଣା,** ପିତା: କୃତିବାସ ମହାରଣା / **ସହ-ଋଣଗ୍ରହୀତା: ଶ୍ରୀମତୀ ରଶ୍ମିତା ମହାରଣା,** ସ୍ୱାମୀ: ଶ୍ରୀ ବିଶ୍ୱରଞ୍ଜନ ମହାରଣା, ଉଭୟଙ୍କ **ଠିକଣା-** ଦେକୁରି, ବେଣିପୁର, ବାଲିଚନ୍ଦ୍ରପୁର, ଯାଜପୁର, ଓଡ଼ିଶା, ପିନ୍-୭୫୪୨୯୨ | **ଶ୍ରୀ ବିଶ୍ୱରଞ୍ଜନ ମହାରଣା ଏବଂ ଶ୍ରୀମତୀ ରଶ୍ମିତା ମହାରଣା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୧/ଏ, ତଳ ମହଲା, ସାଇ ବିଜୟା ପ୍ୟାଲେସ୍, ୟୁନିଟ୍ ନଂ.: ୩୩, ଖାତା ନଂ.: ୯୨୮/୧୦୧୫, ପ୍ଲଟ୍ ନଂ.: ୧୧୭/୨୯୬୮/୩୬୦୫, କ୍ଷେତ୍ର: ଏକର ୦.୦୫୪ ଡିସିମିଲି ଏବଂ ଖାତା ନଂ.: ୯୨୮/୯୭୬, ପ୍ଲଟ୍ ନଂ.: ୧୧୮/୩୫୭୧, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୮୯ ଡ଼ିସିମିଲି,** ମୌଜା: ଝାରପଡା, ଭୁବନେଶ୍ୱର (ଏକ ବାସୋପଯୋଗୀ ଫ୍ଲାଟ/ଆପାର୍ଟମେଣ୍ଟ ଯାହାକି ୨ଟି ରୁମ୍ (କୋଠରୀ)କୁ ନେଇ ଗଠିତ ଯାହାର ପରିମିତ କ୍ଷେତ୍ର: ୯୭୫ ବର୍ଗଫୁଟ (କାର୍ପେଟ) ଅର୍ଥାତ୍ ୧୦୫୦ ବର୍ଗଫୁଟ(ବିଲ୍ଟ ଅପ)), ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ପ୍ଲଟ୍, ପଶ୍ଚିମ: ରାସ୍ତା, ଉତ୍ତର: ଫ୍ଲାଟ୍ ନଂ.: ୨୦୧/ବି, ଦକ୍ଷିଣ: ଖୋଲା ସ୍ଥାନ | ତା.୨୦.୦୪.୨୦୨୩ରିଖ ସୁଦ୍ଧା ଟ.୨୦,୮୧,୩୫୬/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୦.୦୪.୨୦୨୩ / ୦୩.୧୦.୨୦୨୩ |
| **ଋଣଗ୍ରହୀତା: ମେସର୍ସ ସୁହାଗନ (ସ୍ୱତ୍ୱାଧିକାରୀ ଫାର୍ମ), ଠିକଣା-** ସପ୍ ନଂ.: ୨୨, ସବ୍‌ୱେ, ମାର୍କେଟ ବିଲ୍ଡିଂ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୯, **ସ୍ୱତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ସ୍ୱାଇଁ,** ସ୍ୱାମୀ: ଶ୍ରୀ ଅମିତ୍ କୁମାର ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅମିତ୍ କୁମାର ସ୍ୱାଇଁ,** ପିତା: ଅରକ୍ଷିତ ସ୍ୱାଇଁ, ସା: ପ୍ଲଟ୍ ନଂ.: ଏ୧୧/୨୮, ଇନ୍ଦିରା ହାଉସିଂ କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୦୨ | **ଶ୍ରୀ ଅମିତ୍ କୁମାର ସ୍ୱାଇଁ**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୧/୨୧୦୫, ପ୍ଲଟ୍ ନଂ.: ୧୮୦/୩୭୧୩ ଏବଂ ପ୍ଲଟ୍ ନଂ.: ୧୮୬/୩୭୫୧, ଲେଆଉଟ୍ ପ୍ଲଟ୍ ନଂ.: ୧୧/୨୮, ଲିଙ୍ଗିପୁର, ଇନ୍ଦିରା ହାଉସିଂ କଲୋନୀ, ଭୁବନେଶ୍ୱର, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ଖୋର୍ଦ୍ଧା, ସବ୍-ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ପରିମିତ କ୍ଷେତ୍ର: ୧୪୮୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୧୧/୨୭, ପଶ୍ଚିମ: ପ୍ଲଟ୍ ନଂ.: ୧୧/୨୯, ଉତ୍ତର: ୨୦ ଫୁଟିଆ ରାସ୍ତା, ଦକ୍ଷିଣ: ଚେକ ନାଳ | ତା.୦୬.୦୬.୨୦୨୩ରିଖ ସୁଦ୍ଧା ଟ.୪୧,୫୭,୬୦୮/- + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୨୩ / ୦୩.୧୦.୨୦୨୩ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୩.୧୦.୨୦୨୩

ମୁଖ୍ୟ ପ୍ରବନ୍ଧକ/ସହାୟକ ମହାପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ଦୋଛକିରେ ବାଣ ନିର୍ମାଣକାରୀଙ୍କ ଜୀବିକା

କେନ୍ଦ୍ରାପଡ଼ା, ୬।୧୦(ଜଗନ୍ନାଥ ଧଳ)



■ ବାଣ ବିସ୍ଫୋରଣରେ ଡାକ୍ତର ଗୁରୁତର ଘଟଣା
■ ସହଯୋଗରେ ଅଛନ୍ତି ପରିବାରର ଶିଶୁ ସଦସ୍ୟ
■ ଗତବର୍ଷ ବାଲିଆରେ ମୃତାହତଙ୍କ ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ଭରତପୁର ପଞ୍ଚାୟତସ୍ଥ ଖଣ୍ଡିଆବନ୍ଧ ଗ୍ରାମରେ ଗୁରୁବାର ବାଣ ବିସ୍ଫୋରଣ ହୋଇଥିଲା। ଏଥିରେ ଏହି ଗ୍ରାମର ଡା. ସୁଜିତ କୁମାର ସାମଲ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଏବେବି ଚିକିତ୍ସିତ ହେଉଛନ୍ତି। ରାସ୍ତା ପାର୍ଶ୍ୱରେ ଶୁଖା ଯାଇଥିବା ବାଣ ଉପରେ ତାଙ୍କ କାର ଚଢ଼ିଯିବାରୁ ଏହି ବିସ୍ଫୋରଣ ହୋଇଥିଲା। ସେହିପରି ୨୦୨୨ ନଭେମ୍ବର ୨୩ରେ ବାଣୁଆର ଅସାବଧାନତାରୁ ଏହି ଥାନା ଅନ୍ତର୍ଗତ ବାଲିଆ ବଜାରର କାର୍ତ୍ତିକେଶ୍ୱର ଭସାଣିରେ ବଡ଼ଧରଣର ବାଣ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ମୃତାହତଙ୍କ ସଂଖ୍ୟା ୪୦ରୁ ଅଧିକ ଥିଲା। ଏହି ୨ ଘଟଣା ଏବେ ବାଣ ନିର୍ମାଣକାରୀଙ୍କ ଜୀବିକାକୁ ଦୋଛକିରେ ପହଞ୍ଚାଇ ଦେଇଛି। ପାର୍ବଣ ଋତୁ ଓ ବିବାହ ବ୍ରତରେ ବାଣ ଉପଯୋଗ ପ୍ରତି ଅଧିକ କଟକଣା ହେବା ଆଶଙ୍କା କରାଯାଉଛି। ଅପରପକ୍ଷରେ ବେଆଇନ ଭାବେ ବାଣ ନିର୍ମାଣ ହେଉଥିବା ସ୍ଥାନରେ ପରିବାରର ଶିଶୁ ସଦସ୍ୟ ସାମିଲ ନେଇ ଅଭିଯୋଗ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଜିଲା ପୋଲିସ ଏ ସମ୍ପର୍କରେ ସଚେତନତା ସୃଷ୍ଟି ସହ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ମତ ମିଳିଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ନିହାର କୁମାର ପ୍ରଧାନ କହିଛନ୍ତି, ସାମାନ୍ୟ ଅସାବଧନତା ଯୋଗୁ ବାଣ ବିସ୍ଫୋରଣରେ ଜୀବନ ଯିବା ଘଟଣା ଗତବର୍ଷ ବାଲିଆଠାରେ ଦେଖିବାକୁ ମିଳିଥିଲା। ସେହିପରି ଗୁରୁବାର ଖଣ୍ଡିଆବନ୍ଧ ଗ୍ରାମର ବାଣ ନିର୍ମାଣକାରୀ ରମାକାନ୍ତ ମଲ୍ଲିକଙ୍କ ଅସାବଧାନତା ପାଇଁ କାର ସମେତ କେତେକ ଘର ନଷ୍ଟ ହୋଇଛି। ଏଥିସହ ଡା. ସାମଲ ଗୁରୁତର ହୋଇଛନ୍ତି। ଏହି ୨ ଘଟଣାକୁ ତର୍ଜମା କଲେ ବାଣ ପ୍ରତି ଅସବଧାନତା ଘଟଣା ପଦାକୁ ଆସିଛି। ବାଲିଆଠାରେ ବାଣ ଥିବା ସ୍ଥାନରେ ଚକ୍ରିବାଣ ଚଳାଇବା ସମୟରେ ନିଆଁ ଝୁଲ ପଡ଼ି ବିସ୍ଫୋରଣ ହୋଇଥିଲା। ସେହିପରି ଖଣ୍ଡିଆବନ୍ଧ ଗ୍ରାମରେ ରାସ୍ତା ପାର୍ଶ୍ୱରେ ବାଣ ଶୁଖା ଯାଉଥିଲା। ପ୍ରଥମ କଥା ଯେ, ଏହି ବାଣ ନିର୍ମାଣ ପାଇଁ ଜିଲାରେ କାହାକୁ ଅନୁମତି ନ ଥିବା ତଦନ୍ତ ସମୟରେ ଜଣାପଡ଼ିଛି। ତେବେ ନିର୍ମାଣ ସମୟରେ ପରିବାରର ଶିଶୁ ସଦସ୍ୟଙ୍କୁ ସାମିଲ କରାଯାଉଥିବା ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତ, ଜିଲାରେ ପୁଟିଗାଁ, କେରୁଆଁ, ଗରାପୁର, ଖଣ୍ଡିଆବନ୍ଧ, କପାଳେଶ୍ୱର, ସୁଜାନଗର ପରି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବାଣ ନିର୍ମାଣ କାର୍ଯ୍ୟ ଅବାଧରେ ଚାଲିଛି। ବାଣ ପ୍ରସ୍ତୁତ ସ୍ଥାନରେ ଅଗ୍ନି ନିରୋଧକ ବ୍ୟବସ୍ଥା ନାହିଁ। ସେହିପରି ପିଲାମାନେ ଏହି କାର୍ଯ୍ୟରେ ନିଯୁକ୍ତ ହେଉଥିବାରୁ ଅଗ୍ନି ନିରାପତ୍ତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ପାର୍ବଣ ଋତୁ ଚାଲିଛି। ଭସାଣି, ବିବାହ, ବ୍ରତ ଆଦି ସହିତ ଆଗାମୀ ଦିପାବଳୀ ପାଇଁ ବାଣ ପ୍ରସ୍ତୁତ ହେଉଛି। ଏହି ସମୟରେ ଜିଲା ପୋଲିସ ପକ୍ଷରୁ ସଚେତନତା ସୃଷ୍ଟି କରାଯିବା କଥା। ଯାହା ସମ୍ଭାବ୍ୟ ବିପଦକୁ ଏଡ଼ାଇ ଦିଆଯାଇପାରିବ। ତେବେ ଏ ନେଇ କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଜଣେ ବାଣ ନିର୍ମାଣକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏହା ପୁରୁଷାନୁକ୍ରମେ ବୃତ୍ତି ଭାବେ ଚଳି ଆସିଛି। ଜୀବିକା ପାଇଁ ଜୀବନକୁ ବାଜି ଲଗାଇ ଦିଆଯାଇଛି। ପରିବାରର ଶିଶୁ ସଦସ୍ୟ ସାମିଲକୁ ନେଇ ସେ କହିଛନ୍ତି ଯେ, ତାଳ ଫୋଟକା, ଧପଧପି, ରଙ୍ଗିନ ଝରଝରି ଆଦି ନିର୍ମାଣ କ୍ଷେତ୍ରରେ ପିଲାମାନେ ସାହାଯ୍ୟ କରିଥାନ୍ତି। ସବୁଥିରେ ସାବଧାନତା ହିଁ ମୁଖ୍ୟ ଲକ୍ଷ୍ୟ ରହିଥାଏ। ୨ଟି ବାଣ ବିସ୍ଫୋରଣ ଘଟଣାରେ ଅସାବଧାନତାକୁ ସେ କାରଣ ବୋଲି କହିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ କାହାରିକୁ ବେଆଇନ ଭାବେ ବାଣ ନିର୍ମାଣ ପାଇଁ ଅନୁମତି ଦିଆଯାଇନାହିଁ। ବାଣ ନିର୍ମାଣ ହେଉଥିବା ଅଥବା ବାଣ ନିର୍ମାଣ କାର୍ଯ୍ୟରେ ଶିଶୁ ସଦସ୍ୟ ସାମିଲ ହେଉଥିବା ସୂଚନା ମିଳିଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସୋନୁ



@ ସୁମନ୍ତ



@ ତୁଷାର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅବସରପ୍ରାପ୍ତଙ୍କୁ ଏଜେନ୍ସି ଦେବାକୁ ବିରୋଧ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘର ଶୋଭାଯାତ୍ରା ।

ଯାଜପୁର ଟାଉନ,୬।୧୦
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

## ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ

ରାଷ୍ଟ୍ରୀୟ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସଂଘ ପକ୍ଷରୁ ଶୁକ୍ରବାର ଯାଜପୁର ଜିଲା ସଦର ମହକୁମାରେ ଏକ ଶୋଭାଯାତ୍ରା କରାଯିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲାପାଳଙ୍କୁ ୨୧ଦଫା ଦାବିପ୍ରଦାନ କରାଯାଇଛି। ଯାଜପୁର ଅତିରିକ୍ତ ଜିଲାପାଳ ଏହି ଦାବିପତ୍ରକୁ ଗ୍ରହଣ କରିଛନ୍ତି। ସଂଘ ଜିଲା ସଭାପତି ଆନନ୍ଦ କୁମାର ସାହୁ, ସମ୍ପାଦକ ନରହରି ଦାଶଙ୍କ ନେତୃତ୍ୱରେ ଶୋଭାଯାତ୍ରା ମୁଖ୍ୟ ଡାକ କାର୍ଯ୍ୟାଳୟ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଦାବିପତ୍ରରେ ଅବସରପ୍ରାପ୍ତ ଡାକ କର୍ମଚାରୀଙ୍କୁ ଏଜେନ୍ସି ଦେବା ଉପରେ ପ୍ରତିବନ୍ଧକ ଲଗାଯିବା, ମହିଳା ପ୍ରଧାନ ଅଭିକର୍ତ୍ତାଙ୍କୁ ୫ ପ୍ରତିଶତ କମିଶନ୍ ବ୍ୟବସ୍ଥା, ଏଜେନ୍ସି ନବୀକରଣ ସମୟରେ ହେଉଥିବା ପୋଲିସ୍ ଯାଞ୍ଚ ବନ୍ଦ କରାଯିବା, ମହିଳା ଅଭିକର୍ତ୍ତାଙ୍କୁ ଡିଓପି ପୋର୍ଟାଲ ମାଧ୍ୟମରେ ଆର୍‌ଡି ସିଡ୍ୟୁଲ ଜମା ସୁବିଧା, ଏଜେନ୍ସି ନବୀକରଣ ଲାଇଫ୍ ଟାଇମ୍ କରାଯିବା, ସମସ୍ତ ଡାକଘରେ ଅଭିକର୍ତ୍ତାଙ୍କ ବସିବା ଏବଂ ଫର୍ମପୂରଣ ପାଇଁ ସ୍ଥାନ ନିର୍ଘଣ୍ଟ, ଅର୍ଥମନ୍ତ୍ରଣାଳୟରୁ କିମ୍ବା ଡାକ ବିଭାଗରୁ ଆସୁଥିବା ସୂଚନାକୁ ପ୍ରତ୍ୟେକ ଆଞ୍ଚଳିକ ଭାଷାରେ ଦିଆଯିବା, ଅର୍ଥ ମନ୍ତ୍ରଣାଳୟରୁ ଅଭିକର୍ତ୍ତାଙ୍କୁ ଫଟୋ ପରିଚୟ ପତ୍ର ଉପଲବ୍ଧ କରାଇବା, ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କକୁ ଅଭିକର୍ତ୍ତାଙ୍କ ମାଧ୍ୟମରେ ଯୋଡ଼ାଯିବା, ୨୦ବର୍ଷରୁ ଅଧିକ ସମୟ କାର୍ଯ୍ୟ କରୁଥିବା ଅଭିକର୍ତ୍ତା ୬୦ବର୍ଷ ବୟସ୍କଙ୍କୁ ପେନ୍‌ସନ୍ ଯୋଜନାରେ ସାମିଲ କରିବା, ଦେଶରେ କୌଣସି ଡାକଘରେ ଅଭିକର୍ତ୍ତା ବ୍ୟବସାୟ କରି କମିଶନ୍ ପ୍ରାପ୍ତ କରିବା ଓ ଅଭିକର୍ତ୍ତାଙ୍କ କମିଶନ୍ ୧ ଡିସେମ୍ବର ୨୦୧୧ ଭଳି କରାଯିବାକୁ ଉଲ୍ଲେଖ କରାଯାଇଛି।

ଶୋଭଯାତ୍ରାରେ ଯାଜପୁର ମୁଖ୍ୟ ଡାକଘରର ଅଭିକର୍ତ୍ତାଙ୍କ ସହିତ ଜିଲାର ସମସ୍ତ ଡାକଘରର ଅଭିକର୍ତ୍ତା ଯୋଗ ଦେଇଥିଲେ। ସଂଘ ପକ୍ଷରୁ ଅକ୍ଟୋବର ୨ରୁ୬ ପର୍ଯ୍ୟନ୍ତ ୨୧ଦଫା ଦାବିପୂରଣ ପାଇଁ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ଧାରଣା ଦିଆଯିବା ସହ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଛି।

# ଚାଷ ଜମି ହିଡରେ ବିଦ୍ୟାଳୟ ଯାଉଛନ୍ତି ଛାତ୍ରୀଛାତ୍ର

ମହାକାଳପଡ଼ା, ୬।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ଗୋଟେ ପଟେ ପାଠ ପଢ଼ିବା ଇଚ୍ଛା ଅନ୍ୟପଟେ ସରୀସୃପ ଭୟ
■ ରାସ୍ତା ପାଇଁ ଜମି ମାଲିକ ଜାଗା ଛାଡ଼ୁ ନାହାନ୍ତି

ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ ସର୍ବଶିକ୍ଷା ଅଭିଯାନର ନାରା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବଶିକ୍ଷା ଅଭିଯାନର ବିକାଶ ପାଇଁ ଯୋଜନା କାର୍ଯ୍ୟକାରୀ ହେଉଛି।ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଆଦିବାସୀ ଅଧୂଷିତ ବଉଲକଣି ପଞ୍ଚାୟତ ବାଘୁଆମେଦି (ଅଁଳା ପାହି) ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ବିଲ ହିଡରେ ୩ ଶହ ମିଟର ପର୍ଯ୍ୟନ୍ତ ପାରି ହୋଇ ମୁଖ୍ୟ ରାସ୍ତାକୁ ଉଠିଥାନ୍ତି। ପିଲାମାନଙ୍କ କହିବା କଥା ବର୍ଷାଦିନ ଆସିଲେ ଆମେ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛୁ। ଶେଷରେ ବାଧ୍ୟ ହୋଇ ଚାଷ ଜମି ହିଡ ଆଣ୍ଠୁଏ ପାଣିରେ ପଶି ବିଦ୍ୟାଳୟକୁ ଯାଉଛୁ। ଯେଉଁଦିନ ବର୍ଷା ଲାଗି ରହେ ସେଦିନ ଆମେ ଲୁଣାଘେରୀ ପ୍ରକଳ୍ପ ବିଦ୍ୟାଳୟକୁ ଯାଇ ପାରୁନାହୁଁ। ବିଲ ହିଡ ପାଣିରେ ପଶି ବିଦ୍ୟାଳୟକୁ ଯିବା ସମୟରେ ସରୀସୃପ ତଥା ସାପ, ଗୋଧି ଆଦି ଚଳପ୍ରଚଳ ହେଉଥିବା ଯୋଗୁ ମନରେ ଭୟ ରହିଥିଏ ବୋଲି ଦ୍ୱିତୀୟ ଶ୍ରେଣୀର ସ୍ୱପ୍ନା ମଲିକ, ତୃତୀୟ ଶ୍ରେଣୀରେ ପଢୁଥିବା ଅନ୍ନପୂର୍ଣ୍ଣା ମଲିକଙ୍କ ସମେତ କେତେଜଣ ପିଲା କହିଛନ୍ତି। ଆମ ଗ୍ରାମକୁ ସରକାର ସବୁଦିନିଆ ଖଣ୍ଡେ ରାସ୍ତା ନିର୍ମାଣ କରି ଦେଲେ ବିଦ୍ୟାଳୟକୁ ଯାତାୟତ ପାଇଁ ସୁବିଧା ହେବ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ବଉଲକଣି ପଞ୍ଚାୟତ ସରପଞ୍ଚ ସାଲବେଗ ମାହାଳିଙ୍କୁ ପଚାରବାରେ ଘରୋଇ ଜମି ଥିବାରୁ ଜମି ମାଲିକମାନେ ରାସ୍ତା ନିର୍ମାଣ ପାଇଁ ସ୍ଥାନ ଛାଡ଼ୁ ନାହାନ୍ତି। ଅନେକ ସମୟରେ ଜମି ମାଲିକମାନଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ଶୁଣୁ ନ ଥିବା ସେ କହିଛନ୍ତି।



ବାଘୁଆମେଦିପଡ଼ାର ପିଲାମାନେ ବିଲ ହିଡରେ ଲୁଣାଘେରି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଯାଉଛନ୍ତି।

# ଆକ୍ରମଣ ଘଟଣାରେ ଯୁବକ କୋର୍ଟଚାଲାଣ

ପାଣିକୋଇଲି,୬।୧୦(ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତ ବଣହରା ଗ୍ରାମରେ ବୁଧବାର ରାତିରେ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଣହରା ଗ୍ରାମର ମଣିଭଦ୍ର ସାହୁ। ଅମୃତିଆ ଗ୍ରାମର ସାଇଶ୍ୱର ମାଝି ଓ ତାଙ୍କ ସାଙ୍ଗ ତଥା ଅଭିଯୁକ୍ତ ମଣିଭଦ୍ର ଅନ୍ୟ ସାଙ୍ଗମାନଙ୍କ ସହିତ ସ୍ଥାନୀୟ ଏକ ହେଟେଲରେ ରାତ୍ରୀ ଭୋଜନ କରୁଥିଲେ। ମଣିଭଦ୍ର ନିଜର ସାର୍ଟ ଭିତରେ ଲୁଚାଇ ରଖିଥିବା ଏକ ଖଣ୍ଡାକୁ ଦେଖି ସାଇଶ୍ୱର ପାଟି କରିଥିଲେ। ଏହାକୁ ନେଇ ନିଶାସକ୍ତ ଥିବା ମଣିଭଦ୍ର ସାଇଶ୍ୱରଙ୍କୁ ଜାତିଆଣ ମନ୍ତବ୍ୟ ଦେଇ ଗାଳି କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ମଣିଭଦ୍ର ଧରିଥିବା ଖଣ୍ଡାରେ ସାଇଶ୍ୱରଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ରାତି ଅଧିଆ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏନେଇ ସାଇଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୨୭୮/୨୩ ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ଯାଜପୁର ରୋଡ୍ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ଥାନା ଏସ୍ଆଇ ପ୍ରକାଶ କୁମାର ପ୍ରଧାନ ପ୍ରମୁଖ ସାଇଣ୍ଟିଫିକ ଟିମ ମାଧ୍ୟମରେ ତଦନ୍ତ କରିବା ସହ ଘଟଣାସ୍ଥଳକୁ ଅଭିଯୁକ୍ତଙ୍କୁ ନେଇ କ୍ରାଇମ ସିନ୍ ରି କ୍ରିଏଶନ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ଲୁଚାଇ ରଖିଥିବା ଖଣ୍ଡାକୁ ଜବତ କରିଥିଲେ।

# ଓଏମ୍‌ସି ପକ୍ଷରୁ ସ୍କୁଲ୍ ପିଲାଙ୍କୁ ବସ୍ ସେବା ଶୁଭାରମ୍ଭ




ସ୍କୁଲ ପିଲାମାନେ ବସ୍‌ରେ ଯିବା ପାଇଁ ଧାଡ଼ିରେ ଠିଆ ହୋଇଛନ୍ତି।

କାଳିଆପାଣି,୬।୧୦(ଅସିତ ମହାନ୍ତ)

କାଳିଆପାଣି ହନୁମାନ ମନ୍ଦିରଠାରେ ଶୁକ୍ରବାର ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପକ୍ଷରୁ ସ୍କୁଲ ପିଲାଙ୍କ ଯାତାୟାତ ପାଇଁ ଏକ ବସ୍‌ସେବାର ଶୁଭାରମ୍ଭ କରାଯାଇଛି। ଏହିବସ୍‌ରେ କଳିଆପାଣି ହନୁମାନ ମନ୍ଦିରଠାରୁ ଟାଟାଷ୍ଟିଲ କଲୋନୀ ଭିତରେ ଥିବା ଶିଶୁ ମନ୍ଦିର, ଷ୍ଟିୱାଟ୍ ସ୍କୁଲ ଓ ଶ୍ରମଶକ୍ତି ହାଇସ୍କୁଲକୁ ଛାତ୍ରୀଛାତ୍ର ଯିବା ଆସିବା କରି ପାରିବେ। ବସ୍‌ଟି ଆଗାମୀ ଦିନରେ ସକାଳୁ କୁସୁମୁଡ଼ିଆଠାରୁ ବାହାରି ମହୁଲଖାଲ, ରାସୋଳ, କଲରଙ୍ଗି ଆଡ଼ା ଦେଇ ସ୍କୁଲରେ ପିଲାଙ୍କୁ ଛାଡିବା ପରେ ୯ଟାରେ କଳିଆପାଣି ହନୁମାନ ମନ୍ଦିରଠାରୁ ଛାତ୍ରୀଛାତ୍ରଙ୍କୁ ଆଣିବ ବୋଲି ଓଏମ୍‌ସିର ଯାଜପୁର ଆଞ୍ଚଳିକ କାର୍ଯ୍ୟାଳୟ ପ୍ରଶାସନିକ ଅଧିକାରୀ ସୁମିତ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଶ୍ରମିକ ସଂଘ ନେତା ନାରାୟଣ ଚନ୍ଦ୍ର ଧୀର ମୁଖ୍ୟଅତିଥି ଓ ଓଏମ୍‌ସିର ଆଞ୍ଚଳିକ କାର୍ଯ୍ୟାଳୟ ପ୍ରଶାସନିକ ଅଧିକାରୀ ପାଢ଼ୀ, ୩୭ ନମ୍ବର ଜିଲା ପରିଷଦ ସଭ୍ୟା ଜେମା ଚାଖି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ବସ୍‌ସେବାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମାଣ ବିଭାଗ ମୁଖ୍ୟ ଇଂ. ଅଭିମନ୍ୟୁ ପାତ୍ର, ସିଏସ୍ଆର୍ ଅଧିକାରୀ ମଧୁସ୍ମିତା ଦାସ, କଳିଆପାଣି ସରପଞ୍ଚ ବିକାଶ ପାତ୍ର ପ୍ରମୁଖ ଯୋଗଦେଇ ଖଣି ନିଗମର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ।

# ମିଶନ ଶକ୍ତି ନୂଆ ଓଡ଼ିଶା ଗଠନର ସ୍ଥପତି

ପଟ୍ଟାମୁଣ୍ଡାଇ,୬।୧୦(କଳ୍ପତରୁ ନାୟକ)




ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ କୈଳାସ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭା।

ମିଶନଶକ୍ତି ନୂଆ ଓଡ଼ିଶା ଗଠନର ସ୍ଥପତି ବୋଲି ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ମିଶନ ଶକ୍ତି ମହିଳାମାନଙ୍କ ମହାସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ମହିଳା କମିଶନ ପୂର୍ବତନ ଅଧକ୍ଷା ତଥା ମିଶନଶକ୍ତି ଉପଦେଷ୍ଟା ଡ. ଲୋପାମୁଦ୍ରା ବକ୍ସିପାତ୍ର ପ୍ରକାଶ କରିଛନ୍ତି। ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ କୈଳାସ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଭାଷଣ ଦେଇ ମିଶନ ଶକ୍ତି ଉପଦେଷ୍ଟା ଡ. ବକ୍ସିପାତ୍ର କହିଲେ ଯେ, ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ୨୦୦୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିବା ମିଶନ ଶକ୍ତି ବସ୍ତୁତଃ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏଥିରେ ପ୍ରାୟ ୭୦ଲକ୍ଷ ମହିଳା ସାମିଲ ହୋଇ ନିଜକୁ ଉପାର୍ଜନକ୍ଷମ କରି ସଶକ୍ତ ହେବା ସହିତ ନୂଆ ଓଡ଼ିଶା ଗଠନର ସାରଥୀ ହୋଇପାରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏସ୍‌ଏଚଜି ମହିଳାଙ୍କ ବିକାଶ ପାଇଁ ଅନେକ ଯୋଜନା କରାଯାଇଛି। ଧାନମଣ୍ଡି, ବିଦ୍ୟୁତ ବିଲ ଆଦାୟ, ସ୍ୱଚ୍ଛ ସାଥୀ, ବ୍ୟାଙ୍କ ମିତ୍ର, ଗୋ ମିତ୍ର, ମଧ୍ୟାହ୍ନଭୋଜନ, ଆହାର କେନ୍ଦ୍ର ପରିଚାଳନା, ସ୍କୁଲ ୟୁନିଫର୍ମ ପ୍ରସ୍ତୁତି, ସାଧାରଣ ବଣ୍ଟନ ବ୍ୟବସ୍ଥା ପରିଚାଳନା ଆଦି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ଆଚାର, ମହମବତି, ଧୂପ, ବିୟୁଟି ପାର୍ଲର, ମାଛ, କୁକୁଡା ଚାଷ ଆଦି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହ ୬୦ଭାଗ ସବ୍‌ସିଡି ଯୋଗାଇ ଦେଇ ମହିଳା ସଶକ୍ତିକରଣ ପାଇଁ ପଥ ପରିଷ୍କାର କରିଛନ୍ତି। ସମ୍ପ୍ରତି ମିଶନ ଶକ୍ତି ଗୃହ, ଅଡ଼ିଟୋରିୟମ ଓ ମାର୍କେଟ କମ୍ପ୍ଲେକ୍ସ ଗୃହ ପାଇଁ ପ୍ରତି ପଞ୍ଚାୟତକୁ ୨୫ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ଶା ଯୋଜନାରେ ପ୍ରତି ପଞ୍ଚାୟତକୁ ଦିଆଯାଉଥିବା ୫୦ଲକ୍ଷ ଟଙ୍କା ଅନୁଦାନ ରାଶି ମଧ୍ୟରେ ୬ ଲକ୍ଷ ଟଙ୍କା ମିଶନ ଶକ୍ତି ଗୃହ ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି। ସେହିପରି ପୌରାଞ୍ଚଳରେ ମିଶନ ଶକ୍ତି ମହିଳା ପାଇଁ ବିଭିନ୍ନ ସରକାରୀ ଯୋଜନା ସହ ମୁକ୍ତା ଯୋଜନାରେ ୧୦ ଲକ୍ଷ ଟଙ୍କା ଅନୁଦାନରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମା' ଓ ଭଉଣୀମାନଙ୍କୁ ଉଦ୍ୟୋଗୀ ଭାବେ ଦେଖିବାକୁ ଚାହୁଁଥିବାରୁ ସେମାନେ ତାଙ୍କ ସ୍ୱପ୍ନ ସାକାର କରି ନିଜକୁ ସଶକ୍ତ କରିବାକୁ ପରାମର୍ଶ ଦେଇଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମିଶନ ଶକ୍ତି ଜରିଆରେ କରିଥିବା ମହିଳା ସଶକ୍ତିକରଣ ସାରା ଭାରତରେ ଅନନ୍ୟ ଉଦାହରଣ ସୃଷ୍ଟି କରିବା ସହିତ ବସ୍ତୁତଃ ଇତିହାସ ସୃଷ୍ଟି କରିଛି। ମିଶନ ଶକ୍ତି ଓଡ଼ଶାର ପ୍ରକୃତ ଶକ୍ତି ହୋଇଥିବାରୁ ମା' ଭଉଣୀମାନେ ବିଭିନ୍ନ ସରକାରୀ ଯୋଜନାର ଫାଇଦା ନେଇ ନିଜକୁ ସଶକ୍ତ କରିବାକୁ ନିବେଦନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବିଡିଓ ଶୁଭ୍ରାଂଶୁ ସାହୁ, ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ମିଶନ ଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଓସିଡିପିଓ ମନୋରମା ସ୍ୱାଇଁ ସ୍ୱାଗତ ଭାଷଣ, ଜୀବିକା ମିଶନ ସଂଯୋଜିକା ସୁଶ୍ରୀ ସଂଗୀତା ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବନଜାନନ୍ଦିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଜୀବିକା ମିଶନ ସଂଯୋଜିକା ସୁମିତ୍ରା ବିଶ୍ୱାଳ, ସସ୍ମିତା ରାଉତ, ମିଶନ ଶକ୍ତି ମହାସଂଘ ସଭାପତି ସୁପ୍ରଭା ଦାସଙ୍କ ସଂଯୋଜନାରେ ମିଶନ ଶକ୍ତି ଉପଦେଷ୍ଟା ମା' ଭଉଣୀଙ୍କ ସହ ବିଭିନ୍ନ ବିଷୟରେ ସିଧାସଳଖ ଆଲୋଚନା କରି ପରାମର୍ଶ ଦେଇଥିଲେ। ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଡ. ପାତ୍ର ପଟ୍ଟାମୁଣ୍ଡାଇ ଗସ୍ତରେ ଆସି ବଡ଼ମୂଳବସନ୍ତ, ବାଲିପାଟଣା ଓ ବାଛରା ଆଦି ପଞ୍ଚାୟତକୁ ଯାଇ ମିଶନ ଶକ୍ତି ମହିଳା ଗୋଷ୍ଠୀର ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିବା ସହିତ ସ୍ଥିତି ଅନୁଧ୍ୟାନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ମିଶନ ଶକ୍ତି ଜିଏଲ୍ଏଫ୍ ଓ ବିଏଲ୍ଏଫ୍ ଲିଡର ଗୋଷ୍ଠୀର ମହାସମ୍ମିଳନୀରେ ବ୍ଲକର ୩୧ପଞ୍ଚାୟତ ଓ ପୌର ପରିଷଦର ୨୦ ୱାର୍ଡର ମିଶନ ଶକ୍ତି ମହିଳାମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଚିକିତ୍ସା ଅବହେଳା ନେଲା ମହିଳାଙ୍କ ଜୀବନ

ନୟାଗଡ଼,୬।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ଡାକ୍ତରଙ୍କ ଅବହେଳା ଯୋଗୁ ଜଣେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ଶୁକ୍ରବାର ପୂର୍ବାହ୍ନରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଶରଣକୁଳ ଥାନାର ଗୋଡିସାହି ଗାଁରେ ସାଗେରୀ ମହାପାତ୍ର(୫୫)। ସାଗେରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ଡାକ୍ତର ରୋଗୀଙ୍କୁ ସେବା ନ ଯୋଗାଇ ଠିକ୍ଠାକ ଅଛି ଦର୍ଶାଇ ଘରକୁ ନେଇ ଯାଅ କହିଥିଲେ। ଜଣେ ଗୁରୁତର ରୋଗୀଙ୍କୁ ଡାକ୍ତର ସ୍ୱାସ୍ଥ୍ୟସେବା ନ ଦେଇ ରେଫର ନ କରି ଘରକୁ ପଠାଇବା ଘଟଣା ପରିବାର ଲୋକେ ଶୁଣି ଉତ୍ତେଜିତ ହୋଇଥିଲେ। ଡାକ୍ତର ଚିକିତ୍ସା ନ କରିବାରୁ ରୋଗୀଙ୍କୁ ନେଇ ପରିବାର ଲୋକେ ଅନ୍ୟତ୍ର ନେବାକୁ ଉଦ୍ୟମ କରିଥିଲେ। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ଭିତରେ ରୋଗୀଙ୍କ ଅବସ୍ଥା ଗୁରୁତର ହେବାରୁ ପୁଣି ଡାକ୍ତରଙ୍କ ପାଖକୁ ନେଇଥିଲେ। ଡାକ୍ତର ମୃତ ଘୋଷଣା କରିବା ପରେ ହୋହଲ୍ଲା ପାଟିତୁଣ୍ଡ ହୋଇଥିଲା। ଖବରପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଡାକ୍ତର ଚିକିତ୍ସାରେ ଅବହେଳା କରିବା ବେଳେ ପୋଲିସର ଅସହଯୋଗକୁ ବିରୋଧ କରି ବିନା ବ୍ୟବଚ୍ଛେଦରେ ମୃତଦେହ ନେଇଯିବେ ବୋଲି ପରିବାର ସଦସ୍ୟ ଓ ଆତ୍ମୀୟ ଜିଦ୍ ଧରିଥିଲେ। ତେବେ କିଛି ସମୟ ପରେ ପୋଲିସ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇଛି।

ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

ଶୁକ୍ରବାର ଭୋରୁ ଗୋଡିସାହିର ସାଗେରୀ ଫୁଲ ତୋଳି ଘରକୁ ଫେରୁଥିଲେ। ଫେରିବା ସମୟରେ ୨୧ ନଂ. ରାଜ୍ୟ ରାଜପଥ ନୟାଗଡ଼-ଶରଣକୁଳ ରାସ୍ତାରେ ସେ ପଡି ରହିଥିଲେ। ଖବରପାଇ ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଅବଗତ କରାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରେଣୁବାଳା ମହାପାତ୍ର କୁହନ୍ତି, ମୋ ଶାଶୁ ଦୁର୍ଘଟଣାରେ ଗୁରୁତର ହେବା ପରେ ପରିବାର ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲୁ। ଡାକ୍ତର ରୋଗୀଙ୍କୁ ଦେଖି କିଛି ହୋଇନି, ଘରକୁ ନେଇଯାଅ କହିଥିଲେ। ଡାକ୍ତର ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅଣଦେଖା କରିବାରୁ ମୋ ଶାଶୁ ଚିକିତ୍ସାଳୟରେ ପ୍ରାଣ ହରାଇଲେ। ଏହାର ତଦନ୍ତ କରାଯାଇ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରମାକାନ୍ତ ପଣ୍ଡାଙ୍କୁ ପଚାରିବାରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଡାକ୍ତର ସେବା ଯୋଗାଇବାରେ ଅଣଦେଖା କରିନାହାନ୍ତି। ଯାହା ପ୍ରାଥମିକ ସେବା ଯୋଗାଇବା କଥା ଯୋଗାଇଛନ୍ତି। କିନ୍ତୁ ଡାକ୍ତର ସନ୍ଦେହ କରି ରୋଗୀଙ୍କୁ ରେଫର କରିବାର ଥିଲା। ମହିଳାଙ୍କର ସକାଳ ସାଢ଼େ ୫ଟାରେ ଦୁର୍ଘଟଣା ହୋଇଥିଲା ବେଳେ ସାଢ଼େ ୮ଟାରେ ମୃତ୍ୟୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଅବହେଳା ନୁହେଁ ଅପରାଧ

ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ଦୁର୍ଘଟଣାଗ୍ରସ୍ତ ମହିଳାଙ୍କ ମୃତ୍ୟୁ ନେଇ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କହିଛନ୍ତି, ମୋତେ ଯେଉଁ ଅଭିଯୋଗ ମିଳିଛି ତାହା ସତ୍ୟ ହୋଇଥିଲେ ସାଂଘାତିକ। ଦୁର୍ଘଟଣାଗ୍ରସ୍ତ ମହିଳାଙ୍କୁ ସାଲାଇନ୍ କି ଅକ୍ସିଜେନ ଦିଆଯାଇ ନ ଥିଲା। ଏପରିକି ସିଟି ସ୍କାନ କରି ରେଫର ବି କରାଗଲାନି। ଏଣୁ ଘଟଣାର ତୁରନ୍ତ ତଦନ୍ତ କରାଇ ରିପୋର୍ଟ ଦେବାକୁ ସିଡିଏମ୍ଓଙ୍କୁ କୁହାଯାଇଛି। ଏଭଳି ଘଟଣାକୁ ଅବହେଳା ନୁହେଁ ଅପରାଧ କୁହାଯିବ। ଜୀବନ ସହ ଖେଳ ଖେଳିବାକୁ କାହାକୁ ସୁଯୋଗ ଦିଆଯିବନି। ରୋଗୀଙ୍କ ସେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସବୁପ୍ରକାର ସୁବିଧା ଅଛି। ତେବେ ରୋଗୀଙ୍କୁ କାହିଁକି ରେଫର କରାଯାଉନି ବୁଝିପାରୁନି। ଏ ନେଇ ଜିଲା ପରିଷଦ ବୈଠକରେ ଆଲୋଚନା କରାଯାଇ ସ୍ୱାସ୍ଥ୍ୟସେବାକୁ ସୁଧାରିବାକୁ ଗୁରୁତ୍ୱ ଦିଆଯିବ।

- ସ୍ୱାସ୍ଥ୍ୟସେବା ଦେଲେନି କି ରେଫର କଲେନି
- କିଛି ହୋଇନି ଦର୍ଶାଇ ଘରକୁ ପଠାଇ ଦେଲେ
- ଦୁର୍ଘଟଣାରେ ଗୁରୁତର ରୋଗୀ ପ୍ରାଣ ହରାଇଲେ
- ଡିଏଚ୍ଏଚ୍‌ରେ ପାଟିତୁଣ୍ଡ, ହୋହଲ୍ଲା
- ପୋଲିସର ହସ୍ତକ୍ଷେପ ପରେ ଉତ୍ତେଜନା ଥମିଲା

### ଷ୍ଟାଣ୍ଡାର୍ଡ ଅପରେଶନ ନିୟମ ବାଟବଣା

ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଣ୍ଡାର୍ଡ ଅପରେଶନ ନିୟମ ବାଟବଣା ହୋଇଛି ବୋଲି ଅଭିଯୋଗ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସଡ଼କ ଦୁର୍ଘଟଣାରେ ଶୁକ୍ରବାର ଜଣେ ମହିଳାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହେବା ପରେ ଷ୍ଟାଣ୍ଡାର୍ଡ ଅପରେଶନ ନିୟମର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି। ସଡ଼କ ଦୁର୍ଘଟଣାରେ ଜଣେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେଲେ ତ୍ୱରିତ ସେବା ମିଳୁନି। ରେଫର କରାଗଲେ ବି ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପଡ଼ିବ। ହେଲେ ଏହାକୁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୋନୁ


@ ସୁମନ୍ତ


@ ତୁଷାର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଟସାହିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କରେ ପଦଯାତ୍ରା ଲାଗି ବିଜେଡି ପକ୍ଷରୁ ଅନୁଷ୍ଠିତ ସଭା।

ନୟାଗଡ଼,୬।୧୦(ଲୋକନାଥ ମିଶ୍ର)

ନୟାଗଡ଼ ନିର୍ବାଚନମଣ୍ଡଳୀର ନୟାଗଡ଼ ବ୍ଲକ ଅନ୍ତର୍ଗତ ଭାଟସାହିରେ ବିଜେଡି ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିବସ୍ତ ଗାଁରୁ ପଦଯାତ୍ରା ବାହାରି ଭାଟସାହିରେ ପହଞ୍ଚି ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିରଠାରେ ସଭା ହୋଇଥିଲା। ନୟାଗଡ଼ ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ପଦଯାତ୍ରା ଓ ସଭାକୁ ଉଦ୍‌ଘାଟନ କରିଥିଲେ। ନୟାଗଡ଼ ବିଧାୟକ କାର୍ଯ୍ୟକ୍ରମରେ ଯୋଗଦେବାର ରହିଥିଲେ ହେଁ ଅନୁପସ୍ଥିତ ଥିଲେ। ଏଥିରେ ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଯ୍ୟୋଧନ ବେହେରା, ନିର୍ବାଚନମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ଜିଲା ପରିଷଦ ସଦସ୍ୟ ସରୋଜ ରଣସିଂହ ଓ ସୁବାସ ଚନ୍ଦ୍ର କଅଁର, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ମନୋଜ କୁମାର ନାୟକ, ବିଜେଡି ବ୍ଲକ ସଭାପତି ଅଜିତ ପ୍ରସାଦ ସାହୁ, ଛାତ୍ର ବିଜେଡି ଜିଲା ସଭାପତି ନୀଳମାଧବ ପଣ୍ଡା, ସରପଞ୍ଚ, ସମିତିସଭ୍ୟ ଯୋଗଦେଇ ନବୀନ ସରକାରଙ୍କର ବିଭିନ୍ନ ଯୋଜନା ଉପରେ ବଖାଣିଥିଲେ। ଖାଉଟି ସାମଗ୍ରୀ ମହଙ୍ଗା, ତୈଳ ଓ ଗ୍ୟାସ ଦରବୃଦ୍ଧି, ଜାତୀୟ ରାଜପଥର ଅବସ୍ଥା ଖରାପ ପରି ବିଭିନ୍ନ ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବକ୍ତାମାନେ ବର୍ଷି ଥିଲେ। ଦଳର ସଙ୍ଗଠନକୁ ମଜବୁତ୍ କରିବାକୁ ମତପ୍ରକାଶ ପାଇଥିଲା। ମୁଥାଗାଡିଆ ପଞ୍ଚାୟତ ସୁବର୍ଣ୍ଣଦଇପୁର ଗାଁର ଭାଜପା କର୍ମୀ ବିଜେଡ଼ିରେ ମିଶିଥିଲେ।

# ବାଳିକା ହଷ୍ଟେଲ ଗେଟ୍ ଭଙ୍ଗା ଦେଖି କ୍ଷୋଭ

ନୂଆଗାଁ, ୬।୧୦ (ଧନେଶ୍ୱର ସାହୁ)

### ଡିମିରିପଲ୍ଲୀ ହାଇସ୍କୁଲ ପରିଦର୍ଶନ କଲେ ବିଡିଓ

ନୟାଗଡ଼ ଜିଲା ନୂଆଗାଁ ବିଡିଓ ଶୁକ୍ରବାର ଗୁମୀ ପଞ୍ଚାୟତସ୍ଥିତ ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସ୍କୁଲ ପରିବେଶକୁ ଦେଖି ଖୁସି ଅନୁଭବ କରିବା ସହ ବାଳିକା ହଷ୍ଟେଲର ଗେଟ ଭାଙ୍ଗି ପଡ଼ିଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ।

ବିଡିଓ ବାସୁଦେବ ନାୟକ ପ୍ରଥମେ ବିଭିନ୍ନ ମାଧ୍ୟମରୁ ପଞ୍ଚାୟତଗୁଡିକର ସମସ୍ୟା ବିଷୟରେ ତଥ୍ୟ ଆଣି ଅଚାନକ ଭାବେ ପରିଦର୍ଶନରେ ଯାଉଛନ୍ତି। ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ସମସ୍ୟାକୁ ଦୂର କରିବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ ପ୍ରତି ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ବିଡିଓ ନାୟକଙ୍କ ସହ ଯନ୍ତ୍ରୀ ନେତ୍ରାରଞ୍ଜନ ମିଶ୍ର, ଯନ୍ତ୍ରୀ ଦୀପକ ରଞ୍ଜନ ରାଉତ, ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ୫-ଟି ଯୋଜନାରେ ହୋଇଥିବା କାର୍ଯ୍ୟ ବୁଲି ଦେଖିଥିଲେ। ସ୍କୁଲର ପରିବେଶ ଏବଂ ସ୍କୁଲ ପରିସରର ଆକାର ଦେଖି ଖୁସି ବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଅତ୍ୟାଧୁନିକ ଜ୍ଞାନ କୌଶଳରେ ଶିକ୍ଷା ଦେବା ପାଇଁ ୫-ଟି ଯୋଜନାରେ ରୂପାନ୍ତରିତ ସ୍କୁଲକୁ କମ୍ପ୍ୟୁଟର, ବିଜ୍ଞାନ, ଖେଳ ସାମଗ୍ରୀ ଆଦି ଯୋଗାଇ ଦିଆଯାଇଥିଲେ ମଧ୍ୟ ସେଗୁଡିକୁ ବ୍ୟବହାର କରାଯାଉ ନାହିଁ। ଏସବୁକୁ ବ୍ୟବହାର କରିବାକୁ ପ୍ରଧାନ ଶିକ୍ଷକ ମୁକେଶ ଦୁଗାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡାଇନିଂ ହଲ ବୁଲି ଦେଖିବା ସହ ଓ ବାଳିକା ହଷ୍ଟେଲ ବାହାରୁ ଦେଖିଥିଲେ। ଛାତ୍ରୀମାନଙ୍କ ନିରାପତ୍ତା ଦୃଷ୍ଟିରୁ ଫାଟକରେ ଏକ ଗେଟ ଲଗାଯାଇଥିଲେ ମଧ୍ୟ ହଷ୍ଟେଲ କାର୍ଯ୍ୟକ୍ଷମ ହେବା ଆଗରୁ ଗେଟ୍ ଭାଙ୍ଗି ପଡ଼ିଥିବା ଅଭିଯୋଗ ହୋଇଥିଲା। ଏହା ଦେଖି କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ଗେଟ ଲଗାଇବା ବ୍ୟବସ୍ଥା କରିବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ବାଳିକା ହଷ୍ଟେଲ ଭଙ୍ଗା ଗେଟ ଦେଖୁଛନ୍ତି ବିଡିଓ ଓ ଯନ୍ତ୍ରୀ।

# ବିଦ୍ୟୁତ ଆଘାତରେ ବଢେଇଙ୍କ ମୃତ୍ୟୁ

ଓଡ଼ଗାଁ, ୬।୧୦(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ରାବେରା ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ବଢେଇଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ଶରଣକୁଳ ଥାନା ପଞ୍ଚିରିଡ଼ା ଗ୍ରାମର ପଞ୍ଚୁ ମହାରଣା (୪୫)। ସୂଚନା ଅନୁସାରେ ପଞ୍ଚୁ ପୂର୍ବାହ୍ନ ୯ଟାରେ ରାବେରା ଦୋଳ ମଣ୍ଡପ ସାହିରେ ଜଣେ ଲୋକଙ୍କ ଘରେ କାଠ କାମ କରୁଥିବା ବେଳେ ଡ୍ରିଲ ମେଶିନରେ ତାର ସଂଯୋଗ କରିବା ସମୟରେ ଗୋଟିଏ ତାର ତାଙ୍କ ହାତରେ ବାଜିବାରୁ ସେ ଚିଟିକି ପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଓଡ଼ଗାଁ ଡାକ୍ତରଖାନା ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସରେ ଏ ନେଇ ଅଭିଯୋଗ ହେବାରେ ନଂ. ୧୬/୨୩ରେ ଏକ ଅପମୃତ୍ୟ ମାମଲା ରୁଜୁ ହୋଇଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ଶ୍ୱଶୁର ଘର ରାବେରା ଗ୍ରାମରେ ହୋଇଥିବାରୁ ରାବେରା ଓ ପଞ୍ଚିରିଡ଼ା ଉଭୟ ଗ୍ରାମରେ ଶୋକାକୁଳ ପରିସ୍ଥିତି ଦେଖାଦେଇଥିଲା।

# ରେଲୱେ ସମୟ ସାରଣୀରେ ଦଶପଲ୍ଲା ଷ୍ଟେଶନ

ନୟାଗଡ,୬।୧୦(ଲୋକନାଥ ମିଶ୍ର)

ରେଳବାଇ ସମୟ ସାରଣୀରେ ଦଶପଲ୍ଲା ଷ୍ଟେଶନ ସ୍ଥାନ ପାଇଛି। ଦଶପଲ୍ଲା ଷ୍ଟେଶନ ଉଦ୍ଘାଟନ ହୋଇ ନଥିଲେ ହେଁ ସମୟସାରଣୀରେ ସ୍ଥାନ ପାଇବା ଷ୍ଟେଶନ ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବାକୁ ଯାଉଛି ବୋଲି ଜଣାପଡିଛି। ତେବେ ନୟାଗଡ଼ ଜିଲାର ଦଶପଲ୍ଲା ଷ୍ଟେଶନକୁ ରେଳ ଚଳାଚଳର ସମୟ ଦର୍ଶାଯାଇ ନାହିଁ। ପ୍ରକାଶଥାଉକି ଅକ୍ଟୋବର ୧ରୁ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ ବଲାଙ୍ଗୀର ରୁଟ ପାଇଁ ହୋଇଥିବା ସମୟସାରଣୀରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ଜଣାପଡିଛି।

# ସ୍କୁଲରେ ଦଳୀୟ ଭୋଜିକୁ ନେଇ ଜିଲାପାଳଙ୍କୁ ଭାଜପାର ଫେରାଦ୍

ନୟାଗଡ଼,୬।୧୦(ଲୋକନାଥ ମିଶ୍ର)

ପାଠପଢ଼ା ଚାଲୁଥିବାବେଳେ ଏକ ରାଜନୈତିକ ଦଳ ପକ୍ଷରୁ ଭୋଜି ଭାଟସାହି ୟୁଜିଏମଇ ବିଦ୍ୟାଳୟ ପଡିଆରେ କରାଯାଇଥିବାରୁ ଭାଜପା ପକ୍ଷରୁ ଜିଲାପାଳଙ୍କୁ ଫେରାଦ୍ ହୋଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରାଯାଇଛି। ସ୍କୁଲ ପରି ଏକ ଶିକ୍ଷାନୁଷ୍ଠାନରେ ଭୋଜିକୁ ନିନ୍ଦା କରାଯାଇଛି। ଭାଜପା ନେତା ନସିର ଅହମ୍ମଦ, ପୂର୍ବତନ ନୟାଗଡ଼ ବ୍ଲକ ଚେୟାରମ୍ୟାନ ପ୍ରହଲ୍ଲାଦ ବରାଡ ଜିଲାପାଳଙ୍କୁ ଭେଟିଥିଲେ।

# ଗଣମାଧ୍ୟମ ଉପରେ ଆକ୍ରମଣର ପ୍ରତିବାଦ

ନୟାଗଡ,୬।୧୦(ଲୋକନାଥ ମିଶ୍ର)

ଚତୁର୍ଥ ସ୍ତମ୍ଭ ଉପରେ କେନ୍ଦ୍ର ସରକାରଙ୍କ ଇଡି ଦ୍ୱାରା ଦମନମୂଳକ ଆକ୍ରମଣର ପ୍ରତିବାଦ କରି ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ବିକ୍ଷୋଭ କରାଯାଇଛି। ଅନ୍ୟପକ୍ଷେ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ବରିଷ୍ଠ ନାଗରିକ ମଞ୍ଚର ସଭାପତି ତଥା ଖବରଦାତା ପ୍ରମୋଦ ପଟ୍ଟନାୟକ, ଆଇନଜୀବୀ ଅମିୟ ପଟ୍ଟନାୟକ, କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ, ସିପିଆଇ(ଏମ୍) ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଶ୍ରମିକ ସଙ୍ଗଠକ ପବିତ୍ର ଇନ୍ଦ୍ରଜିତ, ଏସ୍. କରିମ୍, ଯୁବନେତା ସରୋଜ ନାୟକ, ନାରୀ ନେତ୍ରୀ ଜ୍ୟୋତିପ୍ରଭା ଜେନା ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଇଡି ମାଧ୍ୟମରେ ଦିଲ୍ଲୀଠାରେ ନିଉଜ୍ କ୍ଲିପ୍‌ର ମୁଖ୍ୟ ପ୍ରବୀର ପୁରକାୟସ୍ଥଙ୍କୁ ବିନା ନୋଟିସରେ ଗିରଫ କରି ନ୍ୟୁଜ ଅଫିସରେ ତାଲା ପକାଇ ଦେବାକୁ ନେଇ ବକ୍ତାମାନେ ପ୍ରତିବାଦ କରିଥିଲେ। ଏଭଳି ଘଟଣା ଗଣତନ୍ତ୍ର, ଗଣମାଧ୍ୟମ ପ୍ରତି ଚରମ ବିଶ୍ୱାସଘାତକତା ବୋଲି କ୍ଷୋଭ ପ୍ରକାଶ କରି ନାରାବାଜି କରିଥିଲେ। ସରକାରଙ୍କ ଦୋଷ ତ୍ରୁଟିକୁ ଦର୍ଶାଉଥିବା ଗଣମାଧ୍ୟମକୁ ଦେଶଦ୍ରୋହୀ ମୋହର ମାରି ଦମନ କରିବାର ଚକ୍ରାନ୍ତକୁ ବରଦାସ୍ତ କରାଯିବ ନାହିଁ ବୋଲି ବକ୍ତାମାନେ ଦୃଢୋକ୍ତି କରିଛନ୍ତି।


ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପରମ୍ପରା : ସନ୍ତାନଙ୍କ ସୁଖ କାମନାରେ ଦ୍ୱିତୀୟା ଓଷା

ଖଣ୍ଡପଡା,୬।୧୦(ଅଜୟ କୁମାର ମହାରଣା)

ଓଡ଼ିଆ ସଂସ୍କୃତିରେ ଦ୍ୱିତୀୟା ଓଷା ବା ଦ୍ୱିତୀବାହନ ଓଷାର ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି। ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ସମସ୍ତଙ୍କ ଘରେ ଏହି ଓଷା ପାଳିତ ହୋଇଥାଏ। ପ୍ରତି ଓଡ଼ିଆଙ୍କ ପାଇଁ ଏହି ଓଷା ଏକ ବିଶେଷ ମହତ୍ତ୍ୱ ରଖିଥାଏ। ଏହି ଓଷାର ଦେବତା ହେଉଛନ୍ତି ଦ୍ୱିତୀବାହନ। ଦ୍ୱିତୀବାହନ ହେଉଛନ୍ତି ବିଷ୍ଣୁଙ୍କ ସ୍ୱରୂପ। ବିଧବା ବ୍ରାହ୍ମଣୀ ଗର୍ଭରୁ ଜନ୍ମିତ ସୂର୍ଯ୍ୟ ଦେବତାଙ୍କ ପୁତ୍ର ହେଉଛନ୍ତି ଦ୍ୱିତୀବାହନ। ସୂର୍ଯ୍ୟ ଦେବତାଙ୍କ ଆଶୀର୍ବାଦରେ ଏହିଦିନ ଦ୍ୱିତୀବାହନ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଦ୍ୱିତୀବାହନଙ୍କୁ ଏହିଦିନ ପୂଜା କଲେ ଅପୁତ୍ରିକ ସନ୍ତାନପ୍ରାପ୍ତି ହୁଅନ୍ତି ବୋଲି କଥିତ ଅଛି। ପୌରାଣିକ କଥାବସ୍ତୁ ଅନୁଯାୟୀ, ଆଶ୍ୱିନ କୃଷ୍ଣପକ୍ଷ ସପ୍ତମୀ ଓ ଅଷ୍ଟମୀ ତିଥି ଦୁଇଦିନ ବ୍ୟାପୀ ଏହି ଓଷା ପାଳିତ ହୋଇଥାଏ। ଓଡ଼ିଆମାନଙ୍କର ପର୍ବପର୍ବାଣି ପାଳନରେ କିଛି ନା କିଛି କାହାଣୀ ରହିଛି। ଦ୍ୱିତୀୟା ଓଷା ମୁଖ୍ୟତଃ ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହିଳାମାନେ ପାଳନ କରିଥାନ୍ତି। ସନ୍ତାନଙ୍କ ଶୁଭ ମନାସୀ ଖଣ୍ଡପଡା ଅଞ୍ଚଳର ମହିଳାମାନେ ସୂର୍ଯ୍ୟ ଦେବତାଙ୍କୁ ପୂଜା କରି ଏହି ଓଷା ୨ ଦିନ ବ୍ୟାପୀ ପାଳନ କରିଛନ୍ତି।

ହିନ୍ଦୁ ବ୍ରତ ବିଧାନ ଅନୁଯାୟୀ, ସଧବା ସ୍ତ୍ରୀ ଲୋକମାନେ ଏହି ତିଥିରେ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରି ସନ୍ତାନମାନଙ୍କର ସର୍ବସୁଖ କାମନା କରିଥାନ୍ତି। ତଦନୁଯାୟୀ ଶୁକ୍ରବାର କଣ୍ଟିଲୋ, ଖଣ୍ଡପଡ଼ା, ଖଳିସାହି, ବେଣାଗାଡିଆ, ବାଣପୁର, ସିଧାମୂଳା, ପଥରଚକଡା, ଧାନଚେଙ୍ଗଡା, ଜଗନ୍ନାଥପ୍ରସାଦ, କୋସକା, ମର୍ଦ୍ଦରାଜପୁର ଆଦି ଅଞ୍ଚଳର ମହିଳାମାନେ ନିଷ୍ଠାର ସହିତ ନିର୍ଜଳା ଉପବାସ କରି ଦ୍ୱିତୀୟା ଓଷା ପାଳନ କରିଛନ୍ତି। ସୂର୍ଯ୍ୟାସ୍ତ ପରେ ଗ୍ରାମ ନିକଟସ୍ଥ ନଦୀ, ପୋଖରୀରେ ସ୍ନାନ କରି ଗଙ୍ଗାମାତାଙ୍କୁ ପୂଜା କରିଥିଲେ। ପୂଜାର୍ଚ୍ଚନା ପରେ ସମ୍ପୃକ୍ତ ମହିଳାମାନେ ୭ ମୁଠା ଲେଖାଏ ବାଲି ଆଣି ଏକ ବାଲୁକା ଲିଙ୍ଗ ସ୍ଥାପନା କରିଥିଲେ। ଏହା ବାଲୁକା ପୂଜା ନାମରେ ପରିଚିତ। ବାଲୁକା ଲିଙ୍ଗର ଚାରିପାଖରେ ୭ଟି ଅପମାରଙ୍ଗ କାଠି ପୋତି ତା' ଉପରେ କାକୁଡି ଓ ହଳଦି ଲଗା ଅରୁଆ ଚାଉଳରେ ସଜାଇ ସ୍ନାନ ସମାପନ କରି ଘରକୁ ଫେରିଥିଲେ। ଫେରିବା ସମୟରେ ଗ୍ରାମର ଶେଷ ମୁଣ୍ଡରୁ ନିର୍ଦ୍ଧାରିତ ହୋଇଥିବା ପୂଜା ବେଦି ପର୍ଯ୍ୟନ୍ତ ନୂତନ ଲୁଗା ପାହୁଡ(ଲୁଗାକୁ ଲମ୍ବାଇ ରାସ୍ତା ଉପରେ ବିଛାଇବା) କରି ବିଛାଯାଇଥାଏ। ସ୍ନାନ ସମାପନ କରି ଫେରୁଥିବା ବ୍ରତଧାରିଣୀମାନେ ଏହି ନୂତନ ବସ୍ତ୍ର ଉପରେ ଚାଲି ଚାଲି ଆସି ପୂଜା ମଣ୍ଡପରେ ପହଞ୍ଚି ବନ୍ଦାପନା କରିଥିଲେ। ପରେ ବ୍ରତଧାରିଣୀମାନେ ନିଜ ନିଜର ନୂତନ ବସ୍ତ୍ର ପରିଧାନ କରି ଘରେ ଭୋଗ ଡାଲାରେ ପୂଜା ପାଇଁ ରଖିଥିବା କଦଳୀ, ନଡ଼ିଆ, କମଳା, କରମଙ୍ଗା, ପିଜୁଳି, କାକୁଡି, ବୁଟ, ମୁଗ, ଓଉ, ଜହ୍ନି, କଖାରୁ, ଲେମ୍ବୁ, ଗୁଆ ଆଦି ୨୧ପ୍ରକାର ଭୋଗ ସାମଗ୍ରୀ ଏବଂ ୧୦୮ ଦୁବ ଅରୁଆ ଚାଉଳ, ଫୁଲ ଧରି ପୂଜାସ୍ଥଳକୁ ଆସିଥିଲେ। ବିଧି ପୂର୍ବକ ବ୍ରତଧାରିଣୀମାନେ ସେଠାରେ ୨ ହାତ ଲମ୍ବର ଏକ କୋଠି ପ୍ରସ୍ତୁତ କରି କଦଳୀ ଗଛ ପୋତି ମୁରୁଜ ଦେଇ ବାଲୁକାରେ ସୂର୍ଯ୍ୟ ଦେବତାଙ୍କୁ ସ୍ଥାପନା କରିଥିଲେ। ପରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପୁରୋହିତଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଓଷା ବହି ପଠନ ହୋଇଥିଲା। ପୁରୋହିତ ପଢୁଥିବା ଦୁତିବାହନ ଉପାଖ୍ୟାନକୁ ବ୍ରତ ଧାରିଣୀମାନେ ଶ୍ରବଣ କରିବା ପରେ ପୂଜା ବେଦିରେ ରଖାଯାଇଥିବା ଏକ ପାଣି କଖାରୁକୁ ବଳି ଦିଆଯାଇଥିଲା। ପୂଜା ହୋଇଥିବା ପନିପରିବାରେ ପରଦିନ ଅର୍ଥାତ୍ ଶନିବାର ସକାଳୁ ତରକାରି ପ୍ରସ୍ତୁତ କରାଯାଏ। ଏହା ଦୁତିଆ ଘାଣ୍ଟ ତରକାରି ଭାବେ ଓଡ଼ିଆଙ୍କ ପାଖେ ବେଶ୍ ପରିଚିତ। ଏହି ତରକାରିକୁ ସାହି ପଡ଼ିଶାଙ୍କ ମଧ୍ୟରେ ମଧ୍ୟ ବଣ୍ଟା ଯିବାର ପରମ୍ପରା ରହିଛି। ସମ୍ପ୍ରତି ସାଧାରଣ ଜନ ଜୀବନରେ ବିଭିନ୍ନ ଓଷା ବ୍ରତର ପରମ୍ପରା ବଦଳି ଆସୁଥିବା ବେଳେ ଦ୍ୱିତୀୟା ଓଷା କିନ୍ତୁ ତା'ର ସ୍ୱତନ୍ତ୍ରତା ବଜାୟ ରଖିପାରିଛି।


କଣ୍ଟିଲୋ ଅଞ୍ଚଳରେ ଦୁତିଆ ଓଷା ପାଇଁ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## ବିଜେଡି ସମ୍ବଲପୁର ଜିଲା କମିଟିରେ ୫ ଉପଦେଷ୍ଟା ନିଯୁକ୍ତ

ଭୁବନେଶ୍ୱର,(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ସମ୍ବଲପୁର ଜିଲା କମିଟିରେ ୫ଜଣ ଉପଦେଷ୍ଟା ନିଯୁକ୍ତ କରିଛନ୍ତି। ଶୁକ୍ରବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ପ୍ରମିଳା ବହିଦାର, ବିଜୟ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର, ପ୍ରମୋଦ ରଥ ଏବଂ ରାଜକିଶୋର ଦାସଙ୍କୁ ସମ୍ବଲପୁର ଜିଲା କମିଟିର ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି।

### ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଡିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାହୁଲ ଗାନ୍ଧୀଙ୍କ ବିକୃତଚିତ୍ର ପ୍ରଦର୍ଶନ ବିରୋଧରେ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୬।୧୦(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଶୁକ୍ରବାର ମୋଦି ସରକାରଙ୍କ ଘୃଣା ଓ ହିଂସା ରାଜନୀତି ପ୍ରତିବାଦରେ ବିକ୍ଷୋଭ କରାଯାଇଛି। ଭାଜପା ଓ ମୋଦି ସରକାରଙ୍କ ପକ୍ଷରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଛବିକୁ ମଳିନ କରିବା ପାଇଁ ସାମାଜିକ ଗଣମାଧ୍ୟମରେ ଯେଉଁ ହୀନ ଉଦ୍ୟମ କରାଯାଇଛି ତାକୁ ଭୁବନେଶ୍ୱର ଜିଲା କଂଗ୍ରେସ ଦୃଢ଼ ନିନ୍ଦା କରିଛି। ରାହୁଲ ଗାନ୍ଧୀଙ୍କୁ ରାବଣ ରୂପେ ଚିତ୍ରଣ କରିବା ଘୃଣା, ହିଂସା ଓ ଈର୍ଷା ରାଜନୀତିର ଉଦାହରଣ ବୋଲି ବିଶ୍ୱଜିତ କହିଛନ୍ତି। ଭାରତକୁ ଯୋଡ଼ିବା, ଭାରତର ବିଭିନ୍ନ ଧର୍ମ, ବର୍ଣ୍ଣ, ଭାଷା, ଜାତି ଓ ଅଞ୍ଚଳର ଲୋକଙ୍କୁ ଭାରତୀୟତା ସମ୍ପର୍କରେ ଯୋଡ଼ି ରଖିବା ପାଇଁ ରାହୁଲ ଯେଉଁ ଭାରତ ଯୋଡ଼ୋ ଯାତ୍ରା କରିଥିଲେ ତାହା ଐତିହାସିକ ଏବଂ ଭାରତର ଏକତା ଓ ଅଖଣ୍ଡତା ପାଇଁ ଅଭିପ୍ରେତ। ରାହୁଲଙ୍କ ଜନପ୍ରିୟତା ଏବଂ ସାଧାରଣ ଲୋକଙ୍କୁ ଦେଉଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେମ ଉପରେ ଈର୍ଷାନ୍ୱିତ ହୋଇ ଭାଜପା ପକ୍ଷରୁ ଏଭଳି ହୀନ ଉଦ୍ୟମ କରାଯାଇଥିବା ସେ କହିଛନ୍ତି। ଜିଲା କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରା ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଦୀର୍ଘ ସମୟ ରାସ୍ତା ଅବରୋଧକରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ସହଯୋଗୀ ଅମିତ ଶାହା, ରାଜନାଥ ସିଂ, ନିର୍ମଳା ସୀତାରମନ, ସ୍ମୃତି ଇରାନୀ, ପ୍ରଜ୍ଞା ଠାକୁର, ସାକ୍ଷୀ ମହାରାଜ, ଅନୁରାଗ ଠାକୁର ପ୍ରମୁଖ ୧୦ ଜଣଙ୍କ ମୁଣ୍ଡର ଚିତ୍ର ସହ କୁଶପୁତ୍ତଳିକା ଦାହ କରାଯାଇଥିଲା।

# ଔପଦାରେ ଅସନ୍ତୁଷ୍ଟଙ୍କ ମେଳି

ଔପଦା,୬।୧୦(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଅସନ୍ତୁଷ୍ଟ ଶତାଧିକ ବିଜେଡି ନେତା ଓ କର୍ମୀ ମେଳି କରି ନେତୃତ୍ୱ ପରିବର୍ତ୍ତନ ପାଇଁ ନାରା ଦେଇଛନ୍ତି। ଏହି ମେଳିରେ ଏମାନେ କହିଛନ୍ତି, ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଦୀର୍ଘ ୨୩ବର୍ଷ ଧରି ସଂଗ୍ରାମ କରିଚାଲିଥିବା ବେଳେ ଏଠାକାର ବିଜେଡି ନେତାମାନେ ବିକାଶ ପରିବର୍ତ୍ତେ ବିନାଶ କରୁଛନ୍ତି। ବିଜେଡିର ପୁରୁଣା ନେତାଙ୍କଠାରୁ ଆରମ୍ଭ କରି ମହିଳା, ଯୁବକ ଓ ବିଜୁ ପ୍ରେମୀଙ୍କୁ ଏଠାରେ ଅଣଦେଖା କରାଯାଉଥିବା ଓ ଅଞ୍ଚଳର ସମସ୍ୟା ସମ୍ପର୍କରେ କର୍ମୀମାନେ ବଖାଣିଥିଲେ। ଆଗାମୀ ନିର୍ବାଚନରେ ବିଜେଡି ସୁପ୍ରିମୋ ନୀଳଗିରି ପାଇଁ ଯାହାକୁ ପ୍ରାର୍ଥୀ କରିବେ ତାଙ୍କୁ ନେତା ଭାବେ ସମର୍ଥନ କରିବେ ବୋଲି ଏମାନେ କହିଥିଲେ। ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଜିଲାପରିଷଦ ସଭ୍ୟ ଅନିରୁଦ୍ଧ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳିରେ ପୂର୍ବତନ ସମିତିସଭ୍ୟ ଗୟାଧର ସେଠୀ, ଶୁଭେନ୍ଦୁ ପଣ୍ଡା, ଯୁବନେତା କପିଳ ସାମଲ, ରମାକାନ୍ତ ନାୟକ, ପୂର୍ବତନ ବ୍ଲକ ବିଜେଡି ମହିଳା ସଭାପତି ସୁମତି ମହାନ୍ତି, ବ୍ଲକ ବିଜେଡି ଯୁବ ସଭାପତି ଆଦିତ୍ୟ ନାରାୟଣ ବେହେରା, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଦେବେନ୍ଦ୍ର ଦାଶ, ଯୁବନେତା ରତିକାନ୍ତ ନାୟକ ଏକାଠି ହୋଇଥିଲେ। ତେବେ ଏହି ସମ୍ମିଳନୀକୁ ଭଣ୍ଡୁର କରିବା ପାଇଁ କେତେକ ନେତା ହୀନଚକ୍ରାନ୍ତ କରୁଥିବା କହି ଉପସ୍ଥିତ ନେତା ଓ କର୍ମୀମାନେ ନୀଳଗିରିରୁ ବିଦେଶୀ ହଟାଅ ବୋଲି ନାରା ଦେଇଥିଲେ।


## CLASSIFIED DISPLAY

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



**୰ବିରଞ୍ଚି ନାରାୟଣ ଦାସ**

ବମିଖାଲ, ଭୁବନେଶ୍ୱର

ତୁମେ ମୋ' ଜୀବନ କୋଟି ଦୁର୍ଲଭ ରତ୍ନ
ସାଇତି ରଖିଛି ତୁମ ସ୍ମୃତିକୁ କରି ଯେ ଯତ୍ନ।
ବିରହ ପରେ ଜାଣିଲି ମୂଲ୍ୟ ମୁଁ
ସାଥି ହୋଇ ଚାଲିବାର।
ତୁମେ ପାଖେ ନାହିଁ ଖୋଜୁଛି ତୁମକୁ
ଅମାନିଆ ମନ ମୋର।

ତୁମର ପତ୍ନୀ, କନ୍ୟା, ବନ୍ଧୁ ଓ ପରିବାରବର୍ଗ ।

ଧ-୭୫୦୪୭

### ତୃତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**୰ମାଳତୀ ଲତା ପଣ୍ଡା**

N6-505, JAYDEV VIHAR

ତିରୋଧାନ: ୧୧।୧୦।୨୦୨୦

ମା, ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

:ଶୋକସନ୍ତପ୍ତ:

ଝିଅ: ଜ୍ୟୋତ୍ସ୍ନା, ମିଟୁ, ଟୁଟୁ ଓ ଟିଳି, ଜ୍ୱାଇଁ: ଦିଗମ୍ବର, ବିଭୂତି, ସୌମେନ୍ଦ୍ର ଓ ଅମ୍ଲାନ, ପୁଅ ଓ ବୋହୂ: କୁନା ଓ ଝିଲି, ନାତି, ନାତୁଣୀ ଓ ନାତୁଣୀବୋହୂ

ଧ-୧୪୯୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଲକ୍ଷ୍ମୀପ୍ରିୟା ଘଡ଼ାଇ**

ପଥରେ ପଥିକ ପାଦ ଥାପୁ ଥାପୁ
ସରି ସରି ଯାଏ ଦିନ
ପଥ ଖୋଜେ ଯେଉଁ ପଥିକ ପାଦକୁ
ସେ ଏକା ସଂସାରେ ଧନ୍ୟ

ଶୋକାତୁର ବୃନ୍ଦ: ଜ୍ୟୋତିରଞ୍ଜନ, ତପନ, କ୍ଷୀତିନ୍ଦ୍ର, ପୁତ୍ରବଧୂ: ଅମଲତା, ମାମିନା, ସବିତା, ଝିଅ: ଅଙ୍କିତା, ବର୍ଷା, ଜ୍ୱାଇଁ: ବିଶ୍ୱଜିତ୍, ନାତି/ନାତୁଣୀ: ଆୟୁଷ୍ମାନ, ଦିବ୍ୟାଂଶି, ଇପ୍ସିତା, ବନ୍ଧୁ ଓ ପରିବାରବର୍ଗ ।

ଧ-୧୫୧୧

# Classified Everyday

**0674-2580101, 2549949**



REAL ESTATE

## SALE

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233

Duplex sale at Bhubaneswar @ 57 lakhs only. Contact: 9777433701. D-75232

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

ପୁରୀ ସାକ୍ଷୀଗୋପାଳରେ 34000 ବର୍ଗଫୁଟ ଫାର୍ମହାଉସ୍ 40ଟି ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକିବାକୁ ଚାହୁଁଛି। 7008833643. D-75228

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ସ୍ଥିତିବାନ ବାସୋପଯୋଗୀ ପ୍ଲଟ୍ ସୁଲଭ ମୂଲ୍ୟରେ ବିକ୍ରିହେବ। (General/ SC) plot available. Contact: 9938066403/ 9438315973. D-1457

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

Commercial 3600Sqft. @5400 Pandara and 40,000sqft. @500 Balijatrapadia, 7008711445, 6372801963. D-1488

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar, NH16 ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ- 9658562429. D-75224

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

3212sqft.Gharabadi residential plot with boundary wall sale nearby "PHULNAKHARA CHHAKA". 9438279244. D-1464

3 stored Villa with terrace garden, Penthouse 2 parking 8000 sqft. super buildup 6.5 cr. Palasuni close to national Highway. Contact No.- 9437922289. D-1456

Khurda-Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



CONSTRUCTION

Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring- SNV Construction- 9439295469. D-75226





Office Space available at Esplanade Mall, Rasulgarh (1432sqft.). Contact: 9776505301. D-1498





Newly open Spa positively Health benefit with expert. Contact: 7749976301. D-1469

Full body massage by expert therapist positively health benefits. 9938843929. D-75153

Spa Kerala body Massage only best Therapist @699/- Bhubaneswar. 9337672475. D-1438

Relax, Refresh your body, Mind at Saikrupa Spa with best therapies. 8984068077. D-1502

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75046

## AFFIDAVIT



By an affidavit before Notary Public, BBSR, I, Sri Manas Ranjan Pattnaik, S/o- Late Rama Chandra Pattnaik, Resident of Pujariput, Dist.- Koraput- 764020, Odisha to State that, my actual name is Manas Ranjan Pattnaik which is mentioned in my Aadhaar Card bearing No. xxxx xxxx 7100 and other valuable documents. But in my Matriculation Certificate bearing Sl. No.-E8911013508 and Roll No.- 09E158, my name is inadvertently mentioned as Manasa Ranjan Patnaik. That I do declare that Manas Ranjan Pattnaik and Manasa Ranjan Patnaik is one and same person i.e. myself.

Sd/-Deponent D-1510

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

(I, Sarita Panda, W/o. Soumya Ranjan Panda, Plot No.89/20A, At: Bank Colony, near Jagannath Ashram, Tankapani Road, PS: Badagada, Bhubaneswar- 751018, Odisha declare that, by this affidavit vide No. 58 AA 119381, Dtd. 12.07.2022 that now onwards, I shall be known as SARITA SAMANTARAY for all future purpose). D-1496

I, Litton Behra, Vill- Niranjanpur, Dist.- Khorda, Jatni, Odisha-752050 declare by this affidavit No.- 13AA977655, date- 30.09.23 that now onwards I shall be known as Litton Behera for all future purposes. D-1491

I, Muralidhar Behra, Vill- Niranjanpur, Dist.- Khorda, Jatni, Odisha-752050 declare by this affidavit No.- 13AA977655, date 30.09.23 that now onwards I shall be known as Muralidhar Behera for all future purposes. D-1492

I, Sarojini Behra, Vill- Niranjanpur, Dist.- Khorda, Jatni, Odisha-752050, declare by this affidavit No.- 13AA977655, date 30.09.2023 that now onwards I shall be known as Sarojini Behera for all future purposes. D-1493

**I, Lopamudra Das, W/o-Jitendra Kumar Mohanty, resident of Ward No-39, Nuasahi, Plot No-438/2, PO/PS-Nayapalli, Dist.- Khordha, Pin-751012, Odisha declare by this Affidavit No.43 dated- 06.10.2023 that now onwards I shall be known as LOPAMUDRA DAS for all future purposes.** D-75155





**Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819.** D-75154

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

IN THE COURT OF CIVIL JUDGE JUNIOR DIVISION, BHUBANESWAR
C. S.No.80/2009
Suresh Chandra Mishra ....Plaintiff
-Vrs -
Gagan Bihari Pradhan & Others. ....Defendants.

NOTICE U/O 5 RULE 20 OF CPC

To
Sudhanshu Bala Swain, aged about-73 years, W/o. Late-Prafulla Kumar Swain, At-Vill-Kota Pokhari, P.O.- Khalisahi, P.S.- Khandapada Gada, Dist.-Nayagarh, Ph-9338216737.

It is noticed to you that the above mentioned Civil Suit bearing CS No.80/2009 has been filed by the Plaintiff for mandatory injunction and permanent injunction in which you are avoiding to receive summons and attend the court. Take notice that the above mentioned case is posted on 17.10.2023 at 10.30 AM for your appearance in person or through pleader duly instructed and you are directed to produce all the relevant documents upon which you intend to support your defense. Take notice that in default of your appearance on the date fixed before this Court, the suit will be heard and determined in your absence in accordance with law.

Give under my hand and the seal of the Court of this 23rd day of August, 2023.

Sd.- CIVIL JUDGE JUNIOR DIVISION, BHUBANESWAR. D-1504

### ରୁପାଲି ମଧୁସ୍ମିତା ମଲ୍ଲିକ୍‌ଙ୍କ ପିଏଚ୍.ଡି. ଲାଭ



ଅଧ୍ୟାପିକା ରୁପାଲି ମଧୁସ୍ମିତା ମଲ୍ଲିକ୍ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ନିଜର ଗବେଷଣାତ୍ମକ ସନ୍ଦର୍ଭ ''ସାମ୍ପ୍ରତିକ ଓଡ଼ିଆ କବିତା ଓ କବି ରଞ୍ଜିତା ନାୟକ'' ବିଷୟରେ ଗବେଷଣା କରି ସମ୍ମାନ ସୂଚକ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ସମାଲୋଚକ ଓ ସାହିତ୍ୟିକ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ କୁଳପତି ରୂପେ କାର୍ଯ୍ୟରତ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଥିଲେ ତାଙ୍କ ମାର୍ଗ ଦର୍ଶକ। ତାଙ୍କ ଗବେଷଣା ନିବନ୍ଧଟି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ରୁପାଲି ମଧୁସ୍ମିତା ମଲ୍ଲିକ୍ ବର୍ତ୍ତମାନ କଟକ ଜିଲ୍ଲାର କଟକ କଲେଜରେ ଅଧ୍ୟାପିକା ରୂପେ କାର୍ଯ୍ୟରତ। ଡକ୍ଟର ମଲ୍ଲିକ୍ ଜଗତ୍‌ସିଂହପୁର ଜିଲ୍ଲା ବଡ଼ଗାଁ ପଞ୍ଚାୟତର ନାରଦିଆ ଗ୍ରାମର ଅବସରପ୍ରାପ୍ତ ପଞ୍ଚାୟତିରାଜ ପାନୀୟ ଜଳ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀ ଶ୍ରୀଯୁକ୍ତ ରାମଚନ୍ଦ୍ର ମଲ୍ଲିକ୍ ଓ ଶ୍ରୀମତୀ କାନନବାଳା ମଲ୍ଲିକ୍‌ଙ୍କ ଜ୍ୟେଷ୍ଠ କନ୍ୟା ଓ ଯାଜପୁର ଜିଲ୍ଲାର କୋଟପୁର ପଞ୍ଚାୟତର ମମଦାବାଦ ଗ୍ରାମର ନିବାସୀ ଶ୍ରୀଯୁକ୍ତ ଦୁଃଖୀଶ୍ୟାମ ମଲ୍ଲିକ୍ ଓ କମଳା ମଲ୍ଲିକ୍‌ଙ୍କ କନିଷ୍ଠ ପୁତ୍ରବଧୂ ଅଟନ୍ତି। ଡକ୍ଟର ମଲ୍ଲିକ୍‌ଙ୍କ ସ୍ୱାମୀ ମନୋଜ କୁମାର ମଲ୍ଲିକ୍ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀରେ ସହକାରୀ ପ୍ରଫେସର ଭାବରେ କାର୍ଯ୍ୟ କରନ୍ତି। ଏହି ସଫଳତାର ସମସ୍ତ ଶ୍ରେୟ ଡକ୍ଟର ମଲ୍ଲିକ୍ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଅର୍ପଣ କରିଛନ୍ତି। ତାଙ୍କର ପିତା, ମାତା, ଗୁରୁଜନ, ଭାଇ, ଭଉଣୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସମସ୍ତ ଅଧ୍ୟାପକ ଏବଂ ସମ୍ମାନସ୍ପଦ ଅଧିକାରୀ ତଥା ନିଜର ଶୁଭେଚ୍ଛୁ କର୍ମୀଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୫୦୬

### ପିଏଚ୍.ଡି. ଲାଭ



ଅଧ୍ୟାପକ ବାଗ୍ମୀ ରଞ୍ଜନ ଷାଣ୍ଢ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ନିଜର ଗବେଷଣାତ୍ମକ ନିବନ୍ଧ ''ଗୋପୀନାଥଙ୍କ କଥା ସାହିତ୍ୟରେ ଅନୁନ୍ନତ ସମ୍ପ୍ରଦାୟ'' ବିଷୟରେ ଗବେଷଣା କରି ସମ୍ମାନସୂଚକ ପିଏଚ୍.ଡି. ଡିଗ୍ରୀ ଲାଭ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ସମାଲୋଚକ ଓ ସାହିତ୍ୟିକ ଏବଂ ସମ୍ପ୍ରତି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ କୁଳପତି ରୂପେ କାର୍ଯ୍ୟରତ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଥିଲେ ତାଙ୍କ ମାର୍ଗ ଦର୍ଶକ। ଗବେଷକ ଏହି ସନ୍ଦର୍ଭରେ କଥାକାର ଗୋପୀନାଥ ମହାନ୍ତିଙ୍କ ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି। ଏହି ସନ୍ଦର୍ଭର ପରୀକ୍ଷକ ଥିଲେ ବିଶିଷ୍ଟ ନାଟ୍ୟକାର ଏବଂ ସମାଲୋଚକ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ନାରାୟଣ ସାହୁ ପରୀକ୍ଷକ ପ୍ରଫେସର ସାହୁଙ୍କ ଦ୍ୱାରା ସନ୍ଦର୍ଭଟି ଉଚ୍ଚ ପ୍ରଶଂସିତ ହୋଇଛି। ଡକ୍ଟର ବାଗ୍ମୀ ରଞ୍ଜନ ଷାଣ୍ଢ ବଲାଙ୍ଗୀର ଜିଲ୍ଲାର ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଉପରଝର ଗ୍ରାମର ଶ୍ରୀ ନାୟକ ଷାଣ୍ଢ ଏବଂ ସ୍ୱର୍ଗତା ଶ୍ରୀମତୀ ଫୁଲ ଷାଣ୍ଢଙ୍କ କନିଷ୍ଠ ପୁତ୍ର। ସେ ବର୍ତ୍ତମାନ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ରୂପେ କାର୍ଯ୍ୟରତ। ଗବେଷକ ୟୁ.ଜି.ସି. ଦ୍ୱାରା ପରିଚାଳିତ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ଜେ.ଆର୍.ଏଫ୍. ପାଇଁ ମଧ୍ୟ ମନୋନୀତ ହୋଇଛନ୍ତି। ଏହି ସଫଳତାର ସବୁ ଶ୍ରେୟ ସେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଅର୍ପଣ କରିଛନ୍ତି। ତାଙ୍କର ପିତା, ମାତା, ଗୁରୁଜନ, ଭାଇ, ଭଉଣୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସମସ୍ତ ଅଧ୍ୟାପକ ଏବଂ ସମ୍ମାନସ୍ପଦ ଅଧିକାରୀ ତଥା ନିଜର ଶୁଭେଚ୍ଛୁ କର୍ମୀଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୫୦୭

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



# ବିଶ୍ୱକପ୍‌ରେ ପିତା-ପୁତ୍ର

ଅନେକ ଖେଳାଳିଙ୍କ ପାଇଁ କେବଳ ବିଶ୍ୱକପ୍ ଖେଳିବା ସ୍ୱପ୍ନ ହୋଇଥାଏ। ତେବେ କ୍ରିକେଟରେ ଏକାଧିକ ପିତା-ପୁତ୍ର ଯୋଡି ବିଶ୍ୱକପ୍ ଖେଳିଛନ୍ତି। ଭାରତରେ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଆରମ୍ଭ ହୋଇଥିବା ବେଳେ ଏମିତି କିଛି ପିତା-ପୁତ୍ର ଯୋଡିଙ୍କ ଉପରେ ଆଲୋଚନା। ଚଳିତ ବିଶ୍ୱକପ୍‌ରେ ୩ ଜଣ ଖେଳାଳି ଏମିତି ଅଛନ୍ତି ଯେଉଁମାନେ ନିଜ ପିତାଙ୍କ ସାମ୍ରାଜ୍ୟ ଆଗକୁ ବଢାଇଛନ୍ତି। ଟମ୍ ଲଥାମ, ସାମ୍ କୁରାନ ଓ ମିଚେଲ୍ ମାର୍ଶ ଚଳିତ ବର୍ଷର ବିଶ୍ୱକପ୍ ଦଳରେ ସାମିଲ ଅଛନ୍ତି। ଅନେକ ପୂର୍ବତନ ଖେଳାଳିଙ୍କ ପୁତ୍ରମାନେ କ୍ରିକେଟ ତ ଖେଳିଛନ୍ତି ତେବେ ବିଶ୍ୱକପ୍ ଖେଳିବାର ସୁଯୋଗ ପାଇନାହାନ୍ତି। ତେବେ ପିତା-ପୁତ୍ର ଭାବେ ଏଭଳି ବିରଳ କ୍ଲବରେ ସାମିଲଥିବା କେତେକ ଖେଳାଳିଙ୍କୁ ନେଇ ଏକ ଆଲେଖ୍ୟ...




## ରୋଜର ବିନ୍ନି-ଷ୍ଟୁଆର୍ଟ ବିନ୍ନି

ଭାରତର ପ୍ରଥମ ବିଶ୍ୱକପ୍ ବିଜେତା ଦଳରେ ହାଇଏଷ୍ଟ ଉଇକେଟ ଟେକର ତଥା ବର୍ତ୍ତମାନ ଭାରତୀୟ କ୍ରିକେଟ ବୋର୍ଡର ସଭାପତି ରୋଜର ବିନ୍ନି ଓ ତାଙ୍କ ପୁଅ ଷ୍ଟୁଆର୍ଟ ବିନ୍ନି ଭାରତ ପାଇଁ ବିଶ୍ୱକପ୍ ଖେଳିଛନ୍ତି। ରୋଜର ୧୯୮୩ ବିଶ୍ୱକପ୍‌ରେ ୧୮ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟପକ୍ଷରେ ୨୦୧୪ରେ ଭାରତୀୟ ଦଳ ପାଇଁ ପଦାର୍ପଣ କରିଥିଲେ ଷ୍ଟୁଆର୍ଟ ବିନ୍ନି। ୨୦୧୫ ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ ମଧ୍ୟ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ୨୦୧୬ରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ ବିନ୍ନି।

## ଜିଓଫ୍ ମାର୍ଶ-ଶନ୍ ମାର୍ଶ-ମିଚେଲ ମାର୍ଶ

ଅଷ୍ଟ୍ରେଲିଆର ଏହି ପିତା-ପୁତ୍ର ଯୋଡିରେ ୩ ଜଣ ଯାକ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ବେଳେ ବିଶ୍ୱକପ୍ ମଧ୍ୟ ଖେଳିଛନ୍ତି। ଜିଓଫ୍ ମାର୍ଶ ୧୯୮୭ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିଲେ। ଦୁଇଟି ଶତକ ସହ ସେ ୮ ମ୍ୟାଚ୍‌ରୁ ସ୍କୋର କରିଥିଲେ ୪୨୮ ରନ୍। ୨୦୧୫ରେ ବିଶ୍ୱବିଜେତା ରହିଥିବା ଅଷ୍ଟ୍ରେଲିଆ ଦଳର ସଦସ୍ୟ ରହିଥିଲେ ମିଚେଲ୍ ମାର୍ଶ। ଉକ୍ତ ସଂସ୍କରଣରେ ସେ ୩ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ସେହିପରି ୨୦୦୮ରେ ପଦାର୍ପଣ କରିଥିବା ଶନ୍ ମାର୍ଶ ୨୦୧୯ ଦିନିକିଆ ବିଶ୍ୱକପ ଦଳରେ ସାମିଲ ଥିଲେ। ଶନ୍ ଏହା ପରଠାରୁ ଦିନିକିଆ କ୍ରିକେଟ ଖେଳି ନ ଥିବା ବେଳେ ମିଚେଲ ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳର ଅଂଶ ରହିଛନ୍ତି।

## କେଭିନ୍ କୁରାନ୍-ଟମ୍ କୁରାନ୍- ସାମ୍ କୁରାନ

ଇଂଲଣ୍ଡର ଏହି ପିତା-ପୁତ୍ର ଯୋଡିରେ ୩ ଜଣ ଯାକ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ବେଳେ ବିଶ୍ୱକପ୍ ମଧ୍ୟ ଖେଳିଛନ୍ତି। ତେବେ କେଭିନ୍ କୁରାନ୍ ଜିମ୍ବାୱେ ପାଇଁ ଖେଳିଥିବା ବେଳେ ଟମ୍ ଓ ସାମ୍ ଇଂଲଣ୍ଡ ପାଇଁ ବିଶ୍ୱକପ୍ ଖେଳିଛନ୍ତି। କେଭିନ୍ ୧୯୮୩ ଓ ୮୭ ବିଶ୍ୱକପ୍‌ରେ ଜିମ୍ବାୱେ ପାଇଁ ଖେଳିଥିବା ବେଳେ ଉଭୟ ଟମ୍ କୁରାନ ଓ ସାମ୍ କୁରାନ ୨୦୧୯ ବିଶ୍ୱକପ୍‌ରେ ଖେଳିଥିଲେ। ସାମ୍ କୁରାନ ଇଂଲଣ୍ଡର ଚଳିତ ବିଶ୍ୱକପ୍ ଦଳରେ ମଧ୍ୟ ସାମିଲ ଅଛନ୍ତି।

## କ୍ରିସ୍ ବ୍ରଡ୍-ଷ୍ଟୁଆର୍ଟ ବ୍ରଡ୍

ବର୍ତ୍ତମାନ ମ୍ୟାଚ୍ ରେଫରି ରହିଥିବା କ୍ରିସ୍ ବ୍ରଡ୍ ୧୯୮୭ରେ ଇଂଲଣ୍ଡ ପାଇଁ ଦିନିକିଆ ବିଶ୍ୱକପ ଖେଳିଥିଲେ। ଇଂଲଣ୍ଡ ଅଷ୍ଟ୍ରେଲିଆଠାରୁ ହାରି ରନରଅପ୍ ରହିଥିବା ବେଳେ ଷ୍ଟୁଆର୍ଟ ବ୍ରଡ୍ ୨୦୦୭, ୨୦୧୧ ଓ ୨୦୧୫ ବିଶ୍ୱକପ୍‌ରେ ଇଂଲଣ୍ଡ ପକ୍ଷରୁ ଖେଳିଥିଲେ। ୨୦୧୬ରେ ବ୍ରଡ୍ ଶେଷଥର ପାଇଁ ଦିନିକିଆ କ୍ରିକେଟ ଖେଳିଥିବା ବେଳେ ଚଳିତ ବର୍ଷ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି।

## ରଡ୍ ଲଥାମ୍-ଟମ୍ ଲଥାମ୍

ନ୍ୟୁଜିଲାଣ୍ଡର ପିତା-ପୁତ୍ର ଯୋଡି ଭାବରେ ବିଶ୍ୱକପ୍ ଖେଳିଛନ୍ତି ରଡ୍ ଲଥାମ ଓ ଟମ୍ ଲଥାମ୍। ୧୯୯୨ ବିଶ୍ୱକପ୍‌ରେ ରଡ୍ ନ୍ୟୁଜିଲାଣ୍ଡ ଦଳ ପକ୍ଷରୁ ଖେଳିଥିବା ବେଳେ ଟମ୍ ୨୦୧୫ ଓ ୨୦୧୯ ବିଶ୍ୱକପ୍ ଖେଳିଛନ୍ତି। ସେହିପରି ଚଳିତ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ କେନ୍ ୱିଲିୟମସନ୍‌ଙ୍କ ଅନୁପସ୍ଥିତିରେ ସେ ନ୍ୟୁଜିଲାଣ୍ଡର ନେତୃତ୍ୱ ମଧ୍ୟ ନେଇଛନ୍ତି।


କେଭିନ୍ କୁରାନ୍, ଟମ୍ କୁରାନ୍, ସାମ୍ କୁରାନ୍


ଜିଓଫ୍ ମାର୍ଶ, ଶନ୍ ମାର୍ଶ, ମିଚେଲ ମାର୍ଶ

# ଏସିଆଡ୍ ସ୍ୱର୍ଣ୍ଣ ଜିତିବାରେ ଅମିତ୍ ୫ମ ଓଡ଼ିଆ

ଭୁବନେଶ୍ୱର, ୬।୧୦ (ତପନ ସ୍ୱାଇଁ)

ଚାଇନାର ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସର ପୁରୁଷ ହକିରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଫଳରେ ଭାରତୀୟ ଦଳକୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ମିଳିଯାଇଛି। ଭାରତୀୟ ଦଳର ସଦସ୍ୟଭାବେ ଅମିତ ରୋହିଦାସ ସ୍ୱର୍ଣ୍ଣିମ ସଫଳତାରେ ଭାଗୀଦାର ହୋଇଛନ୍ତି। ଓଡ଼ିଶାର ଚତୁର୍ଥ ପୁରୁଷ ହକି ଖେଳାଳିଭାବେ ଅମିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ପାଇଛନ୍ତି। ଓଭରଅଲ୍ ଓଡ଼ିଶାର ୫ମ ଖେଳାଳିଭାବେ ସେ ଏସିଆଡ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପୂର୍ବରୁ ୧୯୯୮ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ଦିଲୀପ ତିର୍କୀ ଓ ଲାଜରୁସ ବାର୍ଲା। ସେତେବେଳେ ଦକ୍ଷିଣ କୋରିଆ ବିପକ୍ଷ ଫାଇନାଲ ୧-୧ ଗୋଲରେ ବରାବର ରହିବାରୁ ଶୁଟ୍ ଆଉଟରେ ଭାରତ ୪-୨ ଗୋଲରେ ବିଜୟୀ ହୋଇଥିଲା। ଏହାପରେ ୨୦୧୪ରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଏହି ସଫଳତାର ସାଥି ରହିଥିଲେ। ଏହି ସଂସ୍କରଣରେ ମଧ୍ୟ ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିବାରୁ ଶୁଟ୍‌ଆଉଟରେ ଭାରତ ୪-୨ ଗୋଲରେ ପାକିସ୍ତାନକୁ ହରାଇ ଚାମ୍ପିୟନ ହୋଇଥିଲା। ହକିକୁ ବାଦ୍ ଦେଲେ ୧୯୫୧ ଏସିଆନ ଗେମ୍ସରେ ଭାରତୀୟ ଫୁଟବଲ ଦଳର ସଦସ୍ୟଭାବେ ସେକ୍ ଅବଦୁଲ ମଜିଦ ବଚନ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏସିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ସର୍ବପ୍ରଥମ ଓଡ଼ିଆ ଖେଳାଳି। ହାଙ୍ଗଝୋ ଏସିଆନ ଗେମ୍ସର ହକି ଫାଇନାଲ ଏକପାଖିଆ ହୋଇ ଯାଇଥିବାବେଳେ ଭାରତର ୫-୧ ବିଜୟରେ ଅମିତ ରୋହିଦାସ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଏସିଆନ ଗେମ୍ସରେ ଏହାକୁ ମିଶାଇ ଓଡ଼ିଶାର ୨୩ ପ୍ରତିଯୋଗୀ ମୋଟ ୩୧ ପଦକ ହାସଲ କରିଛନ୍ତି। ଏହା ମଧ୍ୟରୁ ମହିଳା ଓ ପୁରୁଷ ହକିରୁ ସର୍ବାଧିକ ୨୨ଟି ପଦକ ଆସିଛି।

## ଅଲିମ୍ପିକ୍ସ ହକିରେ ଭାରତ ଜିତିଛି ୮ ସ୍ୱର୍ଣ୍ଣ

ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳର ରେକର୍ଡ ଖୁବ୍ ଭଲ। ଏହି କ୍ରୀଡ଼ା ମହାକୁମ୍ଭରେ ଭାରତ ସର୍ବାଧିକ ୮ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ୧୯୨୮, ୧୯୩୨, ୧୯୩୬, ୧୯୪୮, ୧୯୫୨, ୧୯୫୬, ୧୯୬୪ ଓ ୧୯୮୦ରେ ଭାରତୀୟ ଦଳ ସ୍ୱର୍ଣ୍ଣ ଜିତିବାର ଇତିହାସ ରହିଛି। ସେହିପରି ୧୯୬୦ରେ ରୌପ୍ୟ, ୧୯୬୮, ୧୯୭୨ ଓ ୨୦୨୦ରେ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଅଲିମ୍ପିକ୍ସର ଗତ ସଂସ୍କରଣରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତି ଦୀର୍ଘ ୪୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଥିଲା। ଏହି ଦଳର ସଦସ୍ୟଥିଲେ ଅମିତ ରୋହିଦାସ ଓ ବୀରେନ୍ଦ୍ର ଲାକ୍ରା। ଭାରତ ଆଗାମୀ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇ ସାରିଥିବାରୁ ଅମିତଙ୍କ ପାଇଁ ସ୍ୱର୍ଣ୍ଣ ପଦକ ଜିତିବାର ଆଶା ଉଜ୍ଜୀବିତ ହୋଇଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ଅଲିମ୍ପିକ୍ସ ଇତିହାସରେ ଭାରତୀୟ ପୁରୁଷ ହକି ଦଳ କେବଳ ୨୦୦୮ ବେଜିଂ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା।


ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସହ ଅମିତ୍ ରୋହିଦାସ।

**ଏସିଆନ ଗେମ୍ସ କ୍ରିକେଟ**

# ଫାଇନାଲରେ ଭାରତ-ଆଫଗାନିସ୍ତାନ

ହାଙ୍ଗ୍‌ଝୋ, ୬।୧୦ (ପି.ଟି.): ବାଂଲାଦେଶକୁ ୯ ଉଇକେଟରେ ହରାଇ ଭାରତ ଏସିଆନ ଗେମ୍ସ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯିବାକୁଥିବା ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦଳ ଆଫଗାନିସ୍ତାନକୁ ଭେଟିବ। ଆଫଗାନିସ୍ତାନ ଅନ୍ୟ ସେମିଫାଇନାଲରେ ୪ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ଟାଇଟଲ ଫେଭରାଇଟ୍ ଭାରତର ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଟସ୍ ଜିତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଭାରତୀୟ ବୋଲରମାନେ ଶୃଙ୍ଖଳିତ ବୋଲିଂ କରି ବାଂଲାଦେଶକୁ ୯୬/୯ ସ୍କୋରରେ ସୀମିତ କରିଦେଇଥିଲେ। ସହଜ ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୯.୨ ଓଭରରେ ହାସଲ କରିନେଇଥିଲା। ପ୍ରତିଭାସମ୍ପନ୍ନ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଓଭରରେ କୌଣସି ରନ ନ କରି ଆଉଟ ହୋଇଯାଇଥିଲେ। ଏହି ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଅଧିନାୟକ ଗାଏକ୍ୱାଡ (୨୬ ବଲ୍‌ରୁ ୪୦*ରନ; ୪x୪, ୩x୬) ଏବଂ ତିଳକ ବର୍ମା (୨୬ବଲ୍‌ରୁ ୫୫* ରନ; ୨x୪, ୬x୬) ୬୪ ବଲ୍‌ବାକି ଥାଇ ଭାରତକୁ ବିଜୟୀ କରାଇଥିଲେ। ଉଦୀୟମାନ ଅଲରାଉଣ୍ଡର ବର୍ମା ୨୫ ବଲ୍‌ରୁ ତାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶର ଇନିଂସରେ ପରଭେଜ ହୋସେନ ଇମନ ୨୩, ଜାକର ଅଲି ୨୪* ଏବଂ ରକିବୁଲ ହସନ ୧୪ ରନ କରିପାରିଥିଲେ। ଭାରତର ସବୁଠାରୁ ସଫଳ ବୋଲର ଭାବେ ସାଇ କିଶୋର ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୨ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ।

# ପାକିସ୍ତାନର ସହଜ ବିଜୟ

ହାଇଦ୍ରାବାଦ, ୬।୧୦

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୮୧ ରନରେ ନେଦରଲାଣ୍ଡ୍ସକୁ ହରାଇ ଅଭିଯାନ ଆରମ୍ଭ କରିଛି। ପାକିସ୍ତାନ ୪୯ ଓଭରରେ ୨୮୬ ରନକରି ଅଲ୍‌ଆଉଟ ହୋଇ ଯାଇଥିବାବେଳେ ନେଦରଲାଣ୍ଡ୍ସ ଇନିଂସ ୪୧ ଓଭରରେ ୨୦୫ରେ ସୀମିତ ରହିଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ଓପନର ବିକ୍ରମଜିତ ସିଂ (୫୨ ରନ, ୪ ଚୌକା, ୧ ଛକା) ଓ ମିଡିଲ ଅର୍ଡର ବ୍ୟାଟର ବାସ୍ ଡି ଲିଡ୍ (୬୭ ରନ, ୬ ଚୌକା, ୨ ଛକା)ଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରମାନେ ପାକିସ୍ତାନ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଶେଷ ଭାଗରେ ଲୋଗାନ ଭାନ୍ ବିକ୍ ୨୮ ରନକରି ଅପରାଜିତ ରହିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ହାରିସ ରୌଫ ସର୍ବାଧିକ ୩ଟି ଓ ହାସନ ଅଲୀ ୨ଟି ଉଇକେଟ ନେଇଥିଲେ।

ଟସ୍ ଜିତି ନେଦରଲାଣ୍ଡ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ୩୮ ରନ ମଧ୍ୟରେ ୩ଟି ଉଇକେଟ ହରାଇ ଶକ୍ତ ଝଟ୍‌କା ଖାଇଥିଲା। ମାତ୍ର ମହମ୍ମଦ ରିଜୱାନ ଓ ସୌଦ ଶକିଲ ୪ର୍ଥ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ୧୨୦ ରନ ଯୋଗ କରିବାପରେ ଶକିଲ ୬୮ ରନକରି ଆଉଟ ହୋଇଥିଲେ। ରିଜୱାନ ମଧ୍ୟ ସେହି ୬୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ ମହମ୍ମଦ ନୱାଜ ୩୯, ଶଦାବ ଖାଁ ୩୨ ରନ କରିବାରୁ ପାକିସ୍ତାନ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ନେଦରଲାଣ୍ଡ୍ସ ପକ୍ଷରୁ ବାସ୍ ଡି ଲିଡ୍ ସର୍ବାଧିକ ୪ଟି, କଲିନ ଆକରମାନ ୨ଟି ଏବଂ ଆର୍ଯ୍ୟନ ଦତ୍ତ, ଲୋଗାନ ଭାନ୍ ବେକ୍ ଓ ପଲ୍ ଭାନ୍ ମିକେରେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ପାକିସ୍ତାନ ୪୯ ଓଭରରେ ୨୮୬/ଅଲ୍‌ଆଉଟ (ମହମ୍ମଦ ରିଜୱାନ-୬୮, ସୌଦ ଶକିଲ-୬୮, ବାସ୍ ଡି ଲିଡ୍-୪/୬୨, କଲିନ ଆକରମାନ-୨/୩୯, ଆର୍ଯ୍ୟନ ଦତ୍ତ-୧/୪୮, ଲୋଗାନ ଭାନ୍ ବେକ୍-୧/୩୦, ପଲ୍ ଭାନ୍ ମିକେରେନ-୧/୪୦)। ନେଦରଲାଣ୍ଡ୍ସ ୪୧ ଓଭରରେ ୨୦୫/ଅଲ୍‌ଆଉଟ (ବାସ୍ ଡି ଲିଡ୍-୬୭, ବିକ୍ରମଜିତ ସିଂ-୫୨, ହାରିସ ରୌଫ-୩/୪୩, ହାସନ ଅଲୀ-୨/୩୩, ଶାହିନ ଶାହା ଆଫ୍ରିଦି-୧/୩୭, ଇଫତିକାର ଅହମଦ-୧/୧୬, ମହମ୍ମଦ ନୱାଜ-୧/୩୧, ଶଦାବ ଖାଁ-୧/୪୫)।


ଶତକୀୟ ଭାଗୀଦାରି ଅବସରରେ ସୌଦ ଶକିଲ ଓ ମହମ୍ମଦ ରିଜୱାନ।

# ମୁଖା ତଳ ମୁହଁ

## ଗଳ୍ପ

ସୁଦର୍ଶନ ମହାପାତ୍ର

ମୁଁ ଅସହ୍ୟ ପୀଡ଼ାରେ ଛଟପଟ ହେଉଥିଲି।

ମୋର ଅବସ୍ଥା ଦେଖି ପାଞ୍ଚ ବର୍ଷର ପୁଅ ବିଭୁ, ତା' ବାବାଙ୍କୁ ଯାଇଁ ମାମାର ଦେହ ଖରାପ ବିଷୟରେ କହିବାକୁ ଲାଗିଲା। ସୁବ୍ରତ କ୍ରିକେଟ୍ ମ୍ୟାଚ ଦେଖୁଥିଲେ। ସେ ଶୁଣି ବି ଅଶୁଣା ହୋଇ ସେମିତି ଖେଳ ଦେଖିବାରେ ମଗ୍ନ ରହିଲେ। କେତେ ସମୟ ସେମିତି ଠିଆ ହୋଇ ରହିଲା ପୁଅ। ଶେଷକୁ ଝିଅ ଲୁଚିକରି ତାକୁ ସେଠାରୁ ଫେରିଆସିବାକୁ ଇଙ୍ଗିତ କଲା। ବିଭୁ ମୁହଁ ଶୁଖେଇ ଫେରିଲା। ଆମ କଥାବାର୍ତ୍ତା ଶୁଣି କେତେ ସମୟ ପରେ, ବ୍ରେକ୍ ସମୟରେ ସେ ଉଠିଆସିଲେ ଟିଭି ସାମ୍ନାରୁ।

– ଓଃ.... ମରିଯାଉଛି ଯେମିତି...! ସେ ସୁଆଙ୍ଗଗୁଡ଼ା ଦେଖାନା। କାମ ଦାମ ବନ୍ଦ କରି ଶୋଇପଡ଼ିବାକୁ ଇଚ୍ଛା ଯଦି ଶୁଅ। ହେଲା!

ଶଳା ପେଖନା ବାହାର କରୁଛି ଗୋଟେ। ସୁବ୍ରତଙ୍କ ଚିକ୍ରାରରେ ଧଡ଼ପଡ଼ ହୋଇ ଉଠି ବସିଲି। ରାତି ପାଇଁ ରୋଷେଇ କାମ ସାରିବାକୁ ତ ହେବ!

ପେଟରେ ଅସହ୍ୟ ଯନ୍ତ୍ରଣା। କାଲି ସାବିତ୍ରୀ ବ୍ରତ ପାଇଁ ଉପବାସ ରଖିଥିଲି। ପେଟରେ ଗ୍ୟାସ ହୋଇଯାଇଛି ଭାବି ପାଣ୍ଟାପାଜୋଲ କ୍ୟାପ୍‌ସୁଲଟିଏ ବି ଖାଇ ସାରିଥିଲି। ତଥାପି ଯନ୍ତ୍ରଣା କମୁ ନଥିଲା। କଷ୍ଟ ସହି ହେଉନଥାଏ। ଅଜାଣତରେ ଆଖିରୁ ଲୁହ ଦୁଇଟୋପା ଖସିପଡ଼ିଲା।

ମୋ ଅଜାଣତରେ ପୁଅ ଆଉଥରେ ତା' ବାବାଙ୍କ ପାଖକୁ ଯାଇ ସାରିଥିଲା। ବାଜେ କଥା କହି ତାଙ୍କୁ ଡିଷ୍ଟର୍ବ କରୁଛି ବୋଲି ଖୁବ୍ ଉତ୍ତେଜିତ ହୋଇପଡ଼ିଲେ ବୋଧହୁଏ ସେ! ନଚେତ୍ ପୁଅ ଗାଲରେ ଚାପୁଡ଼ାଟିଏ ବସେଇ ନଥା'ନ୍ତେ। ସେଠୁ ଚୁପ୍‌ଚାପ୍ ଫେରିଆସି ପୁଅ ବେଡ୍‌ରୁମରେ କାନ୍ଦୁଛି ବୋଲି ମୁଁ ଜାଣିଲି। ତା' ପାଖରେ ମୁଁ ପହଞ୍ଚିବା ଆଗରୁ ଝିଅ ତା' ପାଖରେ ପହଞ୍ଚି ଯାଇଥିଲା।

– "ବିଭୁ! କାନ୍ଦୁଛୁ କାହିଁକି? ବାବା ମାରିଲେ କାନ୍ଦନ୍ତି ନାହିଁ ପରା।" ଭାଇକୁ ବୁଝେଇବାକୁ ଚେଷ୍ଟା କରୁଥିଲା ବିଥି।

–"ହଁ...! ତୁ ମିଛ କହୁଚୁ...। ମାମା ମାରିଲେ କାନ୍ଦନ୍ତି ନାହିଁ।" କାନ୍ଦ ବନ୍ଦ କରି କହିଲା ପୁଅ।

ମୁଁ ଦୁହିଁଙ୍କୁ ଜାବୁଡ଼ି ଧରିଲି। କେଜାଣି କାହିଁକି କ୍ଷଣିକ ପାଇଁ ମୋ କଷ୍ଟ କୁଆଡ଼େ ଉଭେଇ ଯାଇଥିଲା। ତଥାପି ମୋ' ଆଖିରୁ ଲୁହଧାର ବହି ଯାଉଥିଲା।

– "ଛୁଆ ଡରୁଛନ୍ତି। ବୁଝିଲୁ। ଡ୍ରାମା କରନି। ନିଜକୁ ଟିକେ କଣ୍ଟ୍ରୋଲ କରିବା ଶିଖ। ବୁଢ଼ୀଟେ ହେଲୁଣି। ଶଃ... ତୋ' ବୋପାକୁ ଫୋନ୍ କରି କହ ଆସି ନେଇଯିବ। ଛୁକେଇ ଦେଇଛି ଆଣି ମାଗଣା ମାଗଣା। ମରିବୁନି କି ରହ। ସେତେବେଳେ ଜାଣିବୁ। ମୋଫତରେ ଚାରିବେଳା ଠୁଙ୍କି ଆହୁରି ମୋର ଖର୍ଚ୍ଚ କରିବାରେ ଇଚ୍ଛା। ଡାକ ତୋ ବିକିଳିଆ ବୋପାକୁ।" ପୁଣି ଥରେ ସୁବ୍ରତ ଟିଭି ସାମ୍ନାରୁ ଉଠିଆସି ବିରକ୍ତ ପ୍ରକାଶ କରିଥିଲେ।

ପେଟ ମାରିବା କଷ୍ଟ ଯେତିକି ହେଉନଥିଲା ଏସବୁ କଥାର ଆଘାତ ତାଠୁଁ ଅଧିକ ଯନ୍ତ୍ରଣାଦାୟକ ମନେହେଉଥିଲା। ପୁଅ କାନ୍ଦି କାନ୍ଦି ମୋତେ ଜାବୁଡ଼ି ଧରିଥାଏ। ବାବା କ୍ରିକେଟ୍ ଖେଳ ଦେଖିବାକୁ କେମିତି ତାକୁ ଡାକୁଛନ୍ତି ଭାବି ସେ ଆଶ୍ଚର୍ଯ୍ୟ ହେଉଥିଲା ବୋଧେ। ଏପଟେ ମାମା କାନ୍ଦୁଚି, କଷ୍ଟପାଉଛି! ଝିଅ ସବୁ ବୁଝି ଚୁପ୍‌ଚାପ୍ ଥାଏ। ମୁହଁ ଶୁଖେଇ ଝରକା ଦେଇ ବାହାରକୁ ଚାହୁଁଥିଲା ଆଉ ଅପେକ୍ଷା କରୁଥିଲା ଝଡ଼ ଥମିବାକୁ..!

ତଥାପି ସୁବ୍ରତଙ୍କ ଗର୍ଜନ କମୁ ନ ଥିଲା।

ରାକ୍ଷସ ନା କ'ଣ ଇଏ! ସବୁତକ ରାଗ ଏତିକିବେଳେ ଶୁଝାଇ ଦେବେ ନା କ'ଣ? ସବୁବେଳେ ତ ଦୋଷ ଦେଇ ଆସିଛନ୍ତି। ଆଜି କୋଉ ବଡ଼କଥା କି?

ସେ ଜାଣିବାକୁ ଥରେ ଚେଷ୍ଟା ବି କରିନାହାନ୍ତି କ'ଣ ହେଉଛି ବୋଲି। ଘଣ୍ଟା ଘଣ୍ଟା ଧରି କ୍ରିକେଟ୍ ଦେଖୁଥିଲେ ସେମିତି। ଥରେ ଆସି ମୁହଁ ଚାହିଁଲେ କି ପଚାରିଲେ ମହାଭାରତ ଅଶୁଦ୍ଧ ହୋଇଯିବ ଯେମିତି! ହେଲେ ମୁଁ ଭୁଲିଯାଇଥିଲି ଇଏ ସେଇ ଲୋକ, ଯିଏ ମୋର ପ୍ରେଗ୍ନାନ୍ସି ସମୟରେ ବାନ୍ତି ହେବା ଦେଖି ପାଟିତୁଣ୍ଡ ଆରମ୍ଭ କରିଦେଇଥିଲେ।

– "ଏମିତି ରଡ଼ି କରି ବାନ୍ତିକରନି। ସମସ୍ତଙ୍କୁ ଜଣେଇବାକୁ ଇଚ୍ଛା ତ ବାପଘରକୁ ପଳା।" ସ୍ତ୍ରୀର ଭେଳିକି ଦେଖି ମୁହଁ ମୋଡ଼ି ହେଇଯାଉଥିଲା ଯେମିତି! କେତେ ଅସହ୍ୟ ତାଙ୍କ କଥା!

ଝିଅକୁ କହି ସାଙ୍ଗ ଡାକ୍ତର ଦୀପାଠୁ ପରାମର୍ଶ ନେଲି। ଆଣ୍ଟିସ୍ପାଜମୋଟିକ ଟାବଲେଟ୍ ଖାଇଲି। କିଛି ସମୟ ପରେ ଟିକିଏ ଆରାମ ଲାଗିଲା।





ସାମାନ୍ୟ ଥଣ୍ଡା ହେଲେ ବି ମୁହଁ ଶୁଖେଇ ଦେଉଥିବା ବାପାଙ୍କ କଥା ମନେପଡ଼ୁଥିଲା। ହାତରେ ଖୁଆଇ ନ ଦେଲାଯାଏଁ ନିଜେ ପାଟିକୁ ଭାତ ନେଉ ନଥିଲା ବୋଉ। ଆଜି ସେ ଘରକୁ ଫେରିଯିବାର ରାସ୍ତା ବନ୍ଦ ହୋଇଯାଇଛି ପ୍ରାୟ! ବୋଉ ତ ନାହିଁ। ବାପା ଖୁବ୍ ହିନସ୍ତାରେ ଚଳୁଛନ୍ତି ଯାହା। କାହାକୁ କହିବି ଦୁଃଖ ଏବେ?

ଅପେକ୍ଷାକୃତ ଊଣା ରଙ୍ଗ ଓ ରୂପର ପୁଅ ପାଇଁ ଶାଶୁ ଶ୍ୱଶୁର ଖୋଜୁଥିଲେ ସୁନ୍ଦର ବୋହୂ। ତାଙ୍କୁ ମିଳିଗଲା। ବିନା ଯୌତୁକ ଓ ରୋଜଗାରିଆ ପାତ୍ର ଖୋଜୁଥିବା ବାପାଙ୍କୁ ମିଳିଗଲା ଉପଯୁକ୍ତ ଜ୍ୱାଇଁ। ସେ ବି ଖୁସି। ମୁଁ ସମସ୍ତଙ୍କୁ ଖୁସି ଦେଖିବାକୁ ଚାହୁଁଥିବା ରକ୍ତମାଂସଧାରୀ କଣ୍ଢେଇଟିଏ ପରା!

ମନରେ ଶ୍ରଦ୍ଧା ନଥିଲେ ସ୍ୱାମୀ–ସ୍ତ୍ରୀର ସମ୍ପର୍କ ସମ୍ପୂର୍ଣ୍ଣ ମିଛ। ଦୁନିଆର କପଟତାପୂର୍ଣ୍ଣ କଳଙ୍କମୟ ଇତିହାସର ବହି ଛପା ହୋଇ ରହିଯାଏ, ଯାହାର ପ୍ରତିଟି ଫର୍ଦ୍ଦ ଘୃଣା, ଅଭିଯୋଗରେ ଭରା ଥାଏ। ଉପରେ କେବଳ ହସର ମଲାଟ ମଡ଼ା ହୋଇଥାଏ। ବାସ୍! ଏମିତି ବଞ୍ଚିଲେ ଯାଇ ଦୁନିଆକୁ ସୁନ୍ଦର। ବାପା କହନ୍ତି, ଯାହା ଦୁନିଆକୁ ସୁନ୍ଦର, ତାହା ହିଁ କର।

ଫୋନ୍ ରିଂ ହେଉଛି। ସୁବ୍ରତ ଅଫିସ ବାହାରିଗଲେ ଯାଇ ଫୋନ୍ କରନ୍ତି ବାପା। ସିଏ ହିଁ ହୋଇଥିବେ। ପ୍ରକୃତରେ ସୁବ୍ରତଙ୍କ ଉପସ୍ଥିତିରେ ବାପାଙ୍କ ସହିତ କଥା ହେବାକୁ ଡର ମାଡ଼େ ମୋତେ। ସେଥିପାଇଁ ସକାଳ ଦଶଟା ଭିତରେ ବ୍ୟସ୍ତଥିବାର ଆଳଦେଖାଏ।

ଫୋନ୍ ରିସିଭ୍ କଲି ତ ଶୁଭିଲା– "କେମିତି ଅଛୁରେ ମା'!" ଇଚ୍ଛା ହେଉଥିଲା ରଡ଼ି ଛାଡ଼ି କାନ୍ଦି କାନ୍ଦି ବାପାଙ୍କୁ ଦୁଃଖ କଷ୍ଟ କଥା ସବୁ ଜଣେଇବାକୁ, ଯେମିତି ପିଲାବେଳେ କ'ଣ ଟିକେ ହେଲେ କାନ୍ଦି ଫଟଉଥିଲି। ଛାତିରୁ କୋହ ଉଠୁଥିଲା। କ୍ଷଣିକରେ ପ୍ରକୃତିସ୍ଥ ହେଲି। ନିଜକୁ ଦୃଢ଼ କଲି।

– "ତୁମ କଥା କୁହ ବାପା। ମୁଁ ତ ଖୁବ୍ ଭଲରେ ଅଛି। ତୁମେ ପଠେଇଥିବା ଶାଢ଼ି କାଲି ସାବିତ୍ରୀରେ ପିନ୍ଧିଥିଲି। ଶାଢ଼ି ଖୁବ୍ ସୁନ୍ଦର ଦିଶୁଛି ବୋଲି ପିଲାମାନେ ଆଉ ତୁମ ଜ୍ୱାଇଁ କହିଲେ।"

ବାପା ଫୋନ୍ ରଖିବା ପରେ ନିଜ ମୁହଁରୁ ଖୁସିର ମୁଖାଟିକୁ ଖୋଲି ଝର ଝର ହୋଇ କାନ୍ଦିବାକୁ ଲାଗିଲି। ମୁଁ ଜାଣେ ମନଇଚ୍ଛା କାନ୍ଦି ସାରିଲେ ଯାଇଁ ମୋତେ ଟିକେ ଭଲ ଲାଗିବ...!

ମୋ: ୯୪୩୮୧୭୫୫୪୨

## କବିତା

### କାହାର ଆଙ୍ଗାରେ

ପ୍ରତିଭା ପରିଡ଼ା

ପାପ କ'ଣ?
ପୁଣ୍ୟ କ'ଣ?
ଜୀବନ ଏ ସବୁକୁ ଯୋଡ଼ିହୋଇ
ଗଛ ଡାଳରେ ଝୁଲୁଥାଏ...
କାହାର ଆଜ୍ଞାରେ
ଡାଳରୁ ପତ୍ର ଖସୁ ନ ଥାଏ–

ଭାଗ୍ୟ କ'ଣ?
ଦୁର୍ଭୋଗ ବା କ'ଣ?
ସମୟ ନିଜମତେ ଗଡ଼ିଚାଲିଥାଏ...
କାହାର ଆଜ୍ଞାରେ
କଳିଟିଏ ମୁକୁଳୁ ନ ଥାଏ–

ଦୁଃଖ କ'ଣ?
ସୁଖ କ'ଣ?
ଜୀବନର କେଉଁ ରଙ୍ଗ ଇଏ?
କାହାର ଆଜ୍ଞାରେ
ବାଟ ହୁଡ଼ି ହୋଇଯାଏ–

ଇଚ୍ଛା କ'ଣ?
ପୁଣି ଅନିଚ୍ଛା ବା କ'ଣ?
ଇଏ କାଠଗଡ଼ାର ଜୀବନ
ନା କାଠ ପଥରର ଜୀବନ!
କାହାର ଆଜ୍ଞାରେ
ନିକିତିରେ ଜୀବନ ତଉଲ ହେଉଥାଏ–

ଈଶ୍ୱର ନା ଅଣଈଶ୍ୱର
କିଏ ସମ୍ଭାଳିଥା'ନ୍ତି ସୂତାଖିଅର ଡୋର?
କାହାର ଆଜ୍ଞାରେ
ଅଧା ଅନ୍ଧାର ଅଧା ଆଲୁଅରେ
ଛାଇ ଲିଭିଯାଏ–

ଜୀବନଟା ଜଉଘର
ନା ମଧୁର ଓଁକାର?
କିଏ ଜାଣେ
କାହାର ଆଜ୍ଞାରେ
କାହାର ହସ୍ତାକ୍ଷରରେ
ପୃଷ୍ଠା ଆଉ ପ୍ରଚ୍ଛଦର
ବର୍ଣ୍ଣମାଳା ଲେଖାହେଉଥାଏ?

ମୋ: ୮୯୧୭୬୦୩୪୪୨

### ପାଟବସ୍ତ୍ର

ନୃସିଂହ ତରାଇ

କେବେକେବେ
ଠିଆଠିଆ
ନିଃଶେଷ ହେଇଯାଉଥା'ନ୍ତି
ସବୁ ମାନବିକତା।

ଡର ନ ଥାଏ
ନା, ଡରିବା ନ ଥାଏ
ତଉଲିବାକୁ ନିଜ ନିଜକୁ।

ଲୁହମାନେ
ପାଲଟି ଯାଉଥା'ନ୍ତି ରକ୍ତ
ରକ୍ତମାନେ ଖୁବ୍ ଅସହାୟ,
ଓଃ...
ମୋ' ଉପରେ
ମାଡ଼ିଯାଉଥାଏ ସମୁଦ୍ର ପରି
ଗୋଟେ ଭୟର କୋଲାଜ।

କାଲିର ସକାଳ ହୁଏତ
ଆସି ନପାରେ
ଠିକ୍ ସକାଳଟେ ହୋଇ
ମୋ' ଦାଣ୍ଡ ଅଗଣାକୁ,
ମୋ' ପରିଚିତ ଇଲାକାମାନଙ୍କୁ।

ଅନେକ ପ୍ରଶ୍ନ
ଅନେକ ଆଶଙ୍କା
ଅନେକ ଅସ୍ଥିରତା...।

ଆଜିଠୁ ସମର୍ପିଦେଲି
ମୋ' ହାଡ଼ ମାଂସ ରକ୍ତର
କଞ୍ଚା କାଦୁଅ
ଯା...
ବନେଇ ନିଅ
ମେଞ୍ଚାଏ ମାନବିକତା
ଓ ପିନ୍ଧେଇଦିଅ ପାଟବସ୍ତ୍ର କରି
ସବୁ ଅନ୍ଧାରମାନଙ୍କୁ।

ମୋ: ୭୯୭୮୩୮୧୨୧୩

#### ଗୀତି–କବିତା

### ଯେବେ ଆସି ନାଚକରେ ନିଦାଘ ଏଠି

ହଂସନାଥ ମୁଦୁଲି

ଯେବେ ଆସି ନାଚକରେ ନିଦାଘ ଏଠି
ବରଷା ତ ଆଉ ଜମା ପଡ଼ିବନି ଝୁଣ୍ଟି।

ଶୀତ ଯେବେ ଆସେ ଚାଲି
ବସନ୍ତ ରହେନା ଜମା ଦୂରେ
ଜୀବନର ନିୟମ ଏ
ଆଲୋକ ଅନ୍ଧାର ଦୂର କରେ
ନିଦାଘକୁ କାହିଁ ଡର ସେ ଯେ ଆପଣାର
ତା' ପଛେ ବରଷା ତ ଆସିଯିବ ଛୁଟି।

ନିୟତି ଯେ ତା' ବାଟରେ ଚାଲେ ନିୟମରେ
କେବେ ଅବା କେମିତି ସେ ବିଚ୍ୟୁତି ବା କରେ
ବିପଦକୁ ଜମା ନାହିଁ ଡରିବାର ଏଠି
ପରଖେ ତ ସେ ତୁମକୁ ଏଠି ଦିନରାତି।

ମୋ: ୯୭୭୭୯୬୮୭୧୯

## ପୁସ୍ତକ ପରିଚୟ

### ତାରାର ଆକାଶ ତଳେ



**କବି:** ସ୍ୱରୂପ ମହାପାତ୍ର
**ପ୍ରକାଶକ:** ସରସ୍ୱତୀ ପବ୍ଲିକେଶନ୍ସ, ରାଉରକେଲା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୨୦/–

ମୋଟ ୪୫ଟି କବିତାକୁ ନେଇ ଆଲୋଚ୍ୟ କବିତା ବହିଟି ସମୃଦ୍ଧ। ଅନେକ ରକମର ବିଷୟ, ଦେଖା, ଶୁଣା, ଅଙ୍ଗେନିଭା ନାନା ବିଷୟକୁ ନେଇ କବିତାଗୁଡ଼ିକର କଳେବର ସଂରଚିତ। ଆରମ୍ଭରେ ରହିଛି ଛୋଟ ଏକ ଗଦ୍ୟଲେଖ 'କବିତା ଆହୁରି ଶକ୍ତି ଦେଉ ମଣିଷକୁ'। ପୃଥିବୀ ପୁରୁଣା, କିନ୍ତୁ ଏଇ ପୁରୁଣା ପୃଥିବୀରେ ନିତିପ୍ରତି ନୂଆନୂଆ କବିତା ଲେଖାଚାଲିଛି। କବି କାନ୍ଦକାନ୍ଦ ମଣିଷ, ଆତ୍ମହତ୍ୟା କରୁଥିବା କୃଷକ, ସ୍ତ୍ରୀର ଶବକୁ କାନ୍ଧରେ ବୋହି ଘରମୁହାଁ ହେଉଥିବା ଦୁଃଖୀ ଲୋକକୁ ଦେଖି ପ୍ରଶ୍ନ କରୁଛନ୍ତି– 'କିଏ ଉଦ୍ଧାର କରିବ ଏ ଅସରନ୍ତି ଦୁଃଖରୁ ମଣିଷଜାତିକୁ?' ଉତ୍ତର ବି ଦେଇଛନ୍ତି– ମଣିଷର ମହାଦୁର୍ଦ୍ଦଶା ସମୟରେ କବିତା ହିଁ ଠିଆହେବ ବନ୍ଧୁପରି, ଶକ୍ତିଦେବ ମଣିଷକୁ। କବିତା ପାଖରୁ ସ୍ୱରୂପଙ୍କର ଏହି ପ୍ରତ୍ୟାଶା ଭିତରେ ସମାଜ ଓ ମଣିଷ ପାଇଁ କବିତାର ପ୍ରାସଙ୍ଗିକତା ସ୍ପଷ୍ଟହୁଏ। ଏକ କବିତାରେ ସେ କହନ୍ତି– "ଯିଏ ଖାଇବା ଥାଳିରୁ ଟିକିଏ ମାତ୍ର ଉଠେଇ ନେଇ/ ବାକି ସବୁ ଆବର୍ଜନାରେ ଫିଙ୍ଗିଦିଏ/ ସିଏ ହିଁ ଚୋରେଇ ନେଉଛି/ ବାତ୍ୟା ପାଇଁ ଆସିଥିବା ଚାଉଳ ବୋରା।" କବିତାର ପକ୍ଷନେଇ ତାଙ୍କର ସଂକଳ୍ପ– କବିତାକୁ ଉତ୍ତରଦାୟୀ ହେବାକୁ ପଡ଼ିବ। ଦୀର୍ଘଶ୍ୱାସଟିଏ ପକାଇଲା ପରି ସେ କହିବସନ୍ତି– "ସେଇ ଛୁଆ ବିକ୍ରିର ଗାଁରୁ/ ଗୋଟେ ରାସ୍ତା ପଡ଼ିଛି ଯାହା/ ଆମ ଦାଣ୍ଡ ଦୁଆରେ ଆସି ସରେ/ ହେଲେ ଆମେ ଜାଣି ନ ଜାଣିଲା ପରି/ ଆଡ଼େଇ ଦେଉ/ ଆଖି ବୁଜିଦେଉ ଜୀବନର/ ଏଇ କଠୋର ସତ୍ୟକୁ।" ('ଛୁଆ ବିକ୍ରିର ଗାଁରୁ ଆମ ଘର ଯାଏଁ'– ପୃ: ୧୨)। ବହିଟିର ପ୍ରାୟ କବିତାରେ ଅନୁଭୂତିର ଯେଉଁ ଆପଣାପଣ ତାକୁ ଆଡ଼େଇ ଯାଇ ହୁଏନି ସହଜରେ।

### ଚଉପଦୀ ଚନ୍ଦ୍ରମୁଖୀ



**ଲେଖକ:** ଇଂ ଲଡ଼ୁକିଶୋର ପଡ଼ିଆରୀ
**ପ୍ରକାଶକ:** ମଧୁର ଝଙ୍କାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୦୦/–

ଆଲୋଚ୍ୟ ଗ୍ରନ୍ଥ 'ଚଉପଦୀ ଚନ୍ଦ୍ରମୁଖୀ'ରେ ମୋଟ ୬୪ଟି 'ଚଉପଦୀ' ସ୍ଥାନିତ। 'ନିଜକଥା'ରେ ଲେଖକ ଲେଖିଛନ୍ତି: "ମୋର 'ଚଉପଦୀ ଚନ୍ଦ୍ରମୁଖୀ' ସଂକଳନରେ ମୁଁ ଭକ୍ତି ସଂଗୀତ, ପ୍ରେମମୂଳକ ସଂଗୀତ ସହ ସମସାମୟିକ ସମସ୍ୟା ଏବଂ ଦେଶାତ୍ମବୋଧ ସଂଗୀତ ସ୍ଥାନିତ କରିଛି। x x ମୋ' କବିତାର ନାୟକ ନାୟିକା ଆଦର୍ଶବାଦୀ ତଥା ସୁସ୍ଥ ସମାଜ ଗଠନ କରିବା ନିମନ୍ତେ ଅଙ୍ଗୀକାରବଦ୍ଧ।" ହିନ୍ଦୁଶାସ୍ତ୍ର ଅନୁସରଣରେ ସେ ଗ୍ରନ୍ଥାରମ୍ଭରେ ପଞ୍ଚଦେବତା ଗଣ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କରଙ୍କୁ ସ୍ମରଣ କରି ତାଙ୍କର ଗ୍ରନ୍ଥାରମ୍ଭ କରିଛନ୍ତି। ତାଙ୍କ ଚଉପଦୀର ବିଶେଷତ୍ୱ ଏହି ଯେ କବିତାର ଶୀର୍ଷକରେ ଥିବା ଅକ୍ଷରକୁ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପଦର ଆଦ୍ୟରେ କ୍ରମାନ୍ୱୟରେ ରଖି ସେ ତାଙ୍କର 'ଚଉପଦୀ' ରଚନା କରିଛନ୍ତି। ଯଥା: କବିତାର ଶୀର୍ଷକ ଯଦି 'ବିନାୟକ', ତେବେ କ୍ରମାନ୍ୱୟରେ ବି, ନା, ଯ(ୟ) ଓ କ, ଅକ୍ଷର ଆଦ୍ୟରେ ରହି ରଚନାକାର୍ଯ୍ୟ ସମ୍ପନ୍ନ ହୋଇଛି। ବିଭିନ୍ନ ରାଗରାଗିଣୀରେ ଚଉପଦୀଗୁଡ଼ିକ ରସନିଷ୍ଠ ଓ ଭାବଗର୍ଭୀ ହୋଇପାରିଛି। ଗ୍ରନ୍ଥରେ 'ଅଭିମତ' ଦେଇ ପ୍ରଫେସର ରଘୁନାଥ ପଣ୍ଡା କହିଛନ୍ତି– "ବିଷୟ ବୈଚିତ୍ର୍ୟ ସହିତ କଲ୍ୟାଣ ଆହାରୀ, ରାମକେରୀ ପ୍ରଭୃତି ରାଗର ପ୍ରୟୋଗ ଏହାର ପରିବେଷଣକୁ ମଧୁମୟ କରିବ।" ଗ୍ରନ୍ଥଟି ପ୍ରାଚୀନ ଓ ଆଧୁନିକପନ୍ଥୀ– ଉଭୟ ଶ୍ରେଣୀର ପାଠକଙ୍କ ପାଇଁ ଆଦରଣୀୟ ହେବ ବୋଲି ଆଶା।

## ସୁଅମୁହଁରେ ପତର

ସୁନନ୍ଦା ମହାନ୍ତି

ଲଘୁଗଳ୍ପ

ବର୍ଷା ଲାଗି ରହିଛି। ବେଳ ବି ଆସି ଦଶଟା ଉପରେ ହେବାକୁ ବସିଲାଣି। ବୁଢ଼ୀ ଆଜି ଆସିବନି ଭାବି ବାସନକୁସନ ମଜାମଜି କରୁ କରୁ ଭାବୁଥିଲେ ଶ୍ରେୟା, ବୁଢ଼ୀ ମଣିଷଟା। କେହି ବୋଲି କେହି ନାହିଁ ପାଖରେ। ଅଜଣା ରୋଗରେ ସ୍ୱାମୀ ମରିଗଲା ପରେ ସମ୍ପୂର୍ଣ୍ଣ ଏକେଲା। ନୂଆ ଭୁଆସୁଣୀ ବେଳେ ଶାଶୁ ବାଞ୍ଝ ବୋଲି କହିଲେ ରାତିସାରା କାନ୍ଦେ। ସ୍ୱାମୀ ବୁଝେଇଦିଏ ତୋଠି ଦୋଷ କି ମୋଠି ଦୋଷ ଜାଣିବା ତାକତ ଆମର ନାହିଁ। ଶାଶୁ ବୁଢ଼ୀ କହୁଛି ତ ସହିଯା। ବୁଢ଼ୀ ମଣିଷ, ଆଉ କେତେଦିନ? ସହିବା ଲୋକ ବଡ଼ ନା କହିବା ଲୋକ ବଡ଼ କହିଲୁ? ସହଜେ ନିଅଣ୍ଟିଆ ସଂସାର ଚଳେଇ ହେଉନି। ପିଲା କବିଲା ନ ହେଲା ନାହିଁ। ବୁଝିଯାଇଥିଲା ବୁଢ଼ୀ, ହେଲେ ପିଲାଟିଏ ପାଇଁ ମନ ହାଇଁପାଇଁ ହୁଏତ ଛେଳି ରଖିଲା। ତାକୁ ଘାଗୁଡ଼ି ପିନ୍ଧେଇ, କଅଁଳ ଛନଛନ ପତ୍ର ଖୁଆଇ ଖୁଆଇ ଡଉଲଡାଉଲ ହେଲା। କୋଉଠୁ ବୋଦାଟାଏ ଆସି ଗର୍ଭିଣୀ କଲା ବେଳକୁ ବୁଢ଼ା ଚାଲିଗଲା ଜୁଆନ ବୟସରେ ତ ସେଇ ଛେଳିର ସେବା ଯତ୍ନ କରୁକରୁ ଏକରୁ ଦୁଇ ହେଉ ହେଉ ଆଜି ପନ୍ଦରଟି ଛେଳି ବୁଢ଼ୀର। କିଏ କୁଆଡ଼େ ମରିହଜି ଗଲେଣି। ଛେଳିମାନେ ହିଁ ବୁଢ଼ୀର ସଂସାର। ତାଙ୍କ ବ୍ୟବସ୍ଥା, ଚରାବୁଲା, ଘାସକଟା ଭିତରେ କେବେବି କାମ ବନ୍ଦ କରେନି ଶ୍ରେୟାଙ୍କର।

ଶ୍ରେୟା ମଧ ମନକଥା ବୁଝନ୍ତି ବୁଢ଼ୀର।

ପଖାଳ ଗଣ୍ଡାକ ସାଇତି ରଖିଥା'ନ୍ତି ତା' ପାଇଁ। ଭଲ ମନ୍ଦ ଖୋଜେନି, ଟଙ୍କ ତୋରାଣିରେ ତା'ର ଆଶା। ପାଇଟି ସାରି ଖାଇଦେଇ ଗଲେ ଛେଳି ଜଗେ। ରୋଷେଇ ଝାମେଲାରୁ ମୁକ୍ତି ପାଏ। ନଈକୂଳିଆ ଘର ବୁଢ଼ୀର। ଏବେ ଏବେ କୁମ୍ଭୀର ମାତିଛି। କାଳେ ଛେଳି ଖାଇଦେବ ବୋଲି ଘୋର ଚିନ୍ତା ବୁଢ଼ୀର। ଆଜି ପାଗ ମଧ ମେଘୁଆ ଅଛି। ବର୍ଷା ଟୋପି ଟୋପି ପକାଇ ଚାଲିଛି ଆକାଶ। ଶ୍ରେୟା ଭାବୁଛନ୍ତି ବୁଢ଼ୀ କଥା। ଛେଳିପଲ ନ ଛାଡ଼ି ବୋଧେ ଘରେ ଘାସ ଇତ୍ୟାଦି ଖୁଆଇ ରଖିବାରୁ ଆସିପାରିନି, ହେଲେ ମନ ବୁଝୁନି, ପଖାଳ ସାଙ୍ଗକୁ ଯାହା ଟିକେ ଶାଗ ମୁଗ ହେଲେ ବୁଢ଼ୀ ଖୁସି। ଆଜି ବଘରା ଚକୁଳି ଦି'ଟା ତୁଣ୍ଡକୁ ଯାଉନି ଶ୍ରେୟାଙ୍କର। ବୁଢ଼ୀ ପାଇଁ ଟିଫିନ ସଜାଡ଼ି ଚାଲିଲେ ତଳି ଅଞ୍ଚଳକୁ।



ଦୂରରୁ ଦେଖିଲେ ବୁଢ଼ୀ ଘର ପାଖ ଲୋକାରଣ୍ୟ। ବୁଢ଼ୀ ନାହିଁ କି ଛେଳିପଲ ନାହାନ୍ତି। ବାରି କବାଟ କିନ୍ତୁ ଖୋଲା ଅଛି। ସମସ୍ତେ କହୁଥିଲେ କୁମ୍ଭୀର ଭିଡ଼ି ନେଇଛି ବୁଢ଼ୀକୁ। ହେଲେ ଛେଳିସବୁ ଗଲେ କୁଆଡ଼େ? ପୋଲିସ ବାବୁ ଅନୁସନ୍ଧାନ ଚଳେଇ ପଚରା ଉଚରା ଚଳେଇଥିବା ବେଳେ ଧୁମ୍ କରି ଟିଫିନ୍‌ଟା ଖସିପଡ଼ିଥିଲା ଶ୍ରେୟାଙ୍କ ହାତରୁ। ପୁଅ ବାହାଘରରେ ଛେଳିସବୁ କିଣିନେବେ ବୋଲି କଥା ଦେଇଥିଲେ ବୁଢ଼ୀକୁ। ଆଉ ସବୁ ପଇସା ବ୍ୟାଙ୍କରେ ଥୋଇ ବୁଢ଼ୀକୁ ସବୁଦିନ ପାଖରେ ରଖିବାର ଭରସା ଦେଇଥିଲେ। ଅତି ଦୁଃଖରେ ଘରେ ପହଞ୍ଚି କହିଥିଲେ ବୁଢ଼ୀ ଆଉ ଜମା ଆସିବନି। ଆଖି ଓଦା ହୋଇ ଲୁହ ସବୁ ଝରିପଡୁଥିଲା ଭୂମିରେ। ପିଲାମାନେ ଘରେ ନ ଥିଲେ। ସ୍ୱାମୀ ସାନ୍ତ୍ୱନା ଦେଉଥିଲେ ହଉ ହଉ ମୁଁ ଯାଇ ଦେଖୁଛି। ଶ୍ରେୟା କହୁଥିଲେ କିଛି ଲାଭ ନାହିଁ।

ମୋ: ୯୦୪୦୯୭୭୩୨୭

## କାଳକାଳକୁ



"ଲେଖିବା ଏକ ପ୍ରକାରର ଚିକିତ୍ସା–ବିଧି। ଯେଉଁମାନେ ଲେଖନ୍ତି ନାହିଁ ବା ଚିତ୍ର କରନ୍ତି ନାହିଁ, ସେମାନେ କିପରି ପାଗଳାମି, ନିଃସଙ୍ଗତା, ଦୁଃଖ ଓ ଭୟ ଆଦି ବିଷୟା–ପ୍ରକୋପରୁ ନିଜକୁ ମୁକୁଳାନ୍ତି; ତାହା ଭାବିଲେ ମୁଁ ବିସ୍ମିତ ହୁଏ।"

–ହେନ୍‌ରୀ ଗ୍ରାହାମ୍ ଗ୍ରୀନ୍

**ହେନ୍‌ରୀ ଗ୍ରାହାମ୍ ଗ୍ରୀନ୍‌ଙ୍କ** ଜନ୍ମ ୨ ଅକ୍ଟୋବର ୧୯୦୪ରେ, ଇଂଲଣ୍ଡର ବର୍କହାମ୍‌ଷ୍ଟେଡ୍‌ରେ ଓ ପରଲୋକ ୩ ଏପ୍ରିଲ ୧୯୯୧ରେ ସୁଇଜରଲ୍ୟାଣ୍ଡର୍ ଭେଭେରେ। 'ଦ ପାୱାର୍ ଆଣ୍ଡ୍ ଦ ଗ୍ଲୋରି', 'ଦ ହାର୍ଟ ଅଫ୍ ଦ ମ୍ୟାଟର୍', 'ଦ ଏଣ୍ଡ ଅଫ୍ ଦ ଆଫାୟାର', 'ଦ କ୍ୱାଇଟ୍ ଆମେରିକାନ୍' ଓ 'ଆୱାର୍ ମ୍ୟାନ୍ ଇନ୍ ହାଭାନା' ହେଉଛି ତାଙ୍କ ପ୍ରସିଦ୍ଧ ଉପନ୍ୟାସ ମଧ୍ୟରୁ କତିପୟ। ବିଂଶ ଶତାବ୍ଦୀର ଅଗ୍ରଣୀ ଔପନ୍ୟାସିକଙ୍କ ମଧ୍ୟରେ ତାଙ୍କୁ ଜଣେ ବୋଲି ଗଣାଯାଏ। ସାହିତ୍ୟରେ ଅନନ୍ୟତା ପାଇଁ ତାଙ୍କୁ ୧୯୬୮ରେ ମିଳିଛି 'ସେକ୍ସପିୟର ପୁରସ୍କାର' ଓ ୧୯୮୧ରେ 'ଜେରୁଜେଲମ୍ ପୁରସ୍କାର'। ନୋବେଲ ପୁରସ୍କାରର ସଂକ୍ଷିପ୍ତ ତାଲିକାରେ ତାଙ୍କ ନାମ ଏକାଧିକବାର ସ୍ଥାନିତ ହୋଇଛି।

## ମନସ୍କାମନା

### ଅନୁବାଦଗଳ୍ପ

ମୂଳ ହିନ୍ଦୀ– ମୀରା ଜୈନ
ଅନୁସୃଜନ– ମନୋଜ କୁମାର ବେହେରା

ସ୍ମିତାର ଆଗ୍ରହଭରା ସ୍ୱର ଶୁଭିଲା, "ଆରେ କମଳୀ! କାମ ପଛରେ କରିବୁ। ନବରାତ୍ରିର ସମୟ ଚାଲିଛି, ତୁ ମୋ' ସହିତ ଚାଲ୍ ମନ୍ଦିରକୁ, ସେଠି ଚିଠା ପକେଇବା ପେଟି ରଖାଯାଇଛି। ଏହି ନବରାତ୍ରି ସମୟରେ ଭକ୍ତମାନେ ପୂରା ଶ୍ରଦ୍ଧାରେ ନିଜର ମନସ୍କାମନା ଲେଖି ସେହି ପେଟି ଭିତରେ ନିଜର ଚିଠାକୁ ପକାନ୍ତି ଆଉ ସେମାନଙ୍କର ମନୋରଥ ପୂର୍ଣ୍ଣହେବାର ସମ୍ଭାବନା ଅଧିକ ଥାଏ। କାରଣ ମନ୍ଦିରକୁ ଏମିତି ବହୁତ ଦାନବୀର ଆସନ୍ତି, ଯେଉଁମାନେ ବାଛିବାଛି ଗରିବ ବ୍ୟକ୍ତିଙ୍କର ନାମର ଚିଠାକୁ ଉଠାନ୍ତି ଆଉ ସେଥିରେ ଲେଖା ହୋଇଥିବା ମନସ୍କାମନାକୁ ପୂରା କରିବାରେ ଲାଗିପଡ଼ନ୍ତି। ଯାହାକୁ ଯାହା ଦରକାର ସେମାନେ ସେହି ସହାୟତା ଯୋଗେଇଥା'ନ୍ତି। ଆରେ ଏତେ କ'ଣ ଭାବୁଛୁ.. ଚାଲ୍‌ଚାଲ୍.. ଜଲ୍‌ଦି ଚାଲ୍, ତୋର ତ ଶାଶୁ ଅସୁସ୍ଥ ଅଛନ୍ତି, ସ୍ୱାମୀ ଆକ୍ସିଡେଣ୍ଟ ଯୋଗୁଁ ଖଟରେ ପଡ଼ିଛନ୍ତି। ଛୁଆ ବି ତ ବହୁତ ଛୋଟ ଅଛି ତୋର।"

ତା'ପରେ ସେ କମଳୀକୁ ଗୋଟିଏ ସାଦା କାଗଜ ଆଉ ପେନ୍ ଦେଇ ନିଜର ମନସ୍କାମନା ଲେଖିବାକୁ କହିଲେ ଆଉ ନିଜେ ମଧ୍ୟ ନିଜର ମନସ୍କାମନା ଲେଖିବା ପାଇଁ ବସିପଡ଼ିଲେ। କିଛି ସମୟ ପରେ ଦୁହେଁ ମନ୍ଦିରରେ ଦେବୀଙ୍କର ପୂଜା–ଅର୍ଚ୍ଚନା କରି ନିଜର ଚିଠାକୁ ପେଟିରେ ପକେଇ ଦେଇ ଆସିଲେ।

ରାସ୍ତାରେ ସ୍ମିତା କମଳୀକୁ ସାନ୍ତ୍ୱନା ଦେଇ କହିଲେ, "ଦେଖିବୁ କମଳୀ! କାଲି ହିଁ ତୋର ମନୋରଥ ପୂର୍ଣ୍ଣ ହେଇଯିବ। କେହି ନା କେହି ଦାନବୀର ତୋ ମନସ୍କାମନାକୁ ନିଶ୍ଚୟ ପୂରଣ କରିଦେବ। ତୁ ସେ ଚିଠା କାଗଜରେ ନିଜର ମୋବାଇଲ୍ ନମ୍ବର ଲେଖିଚୁ ତ?"



: ହଁ ମ୍ୟାଡାମ୍, ଆପଣଙ୍କ କହିବା ଅନୁସାରେ ମୁଁ ସବୁକିଛି ଲେଖିଦେଇଥିଲି ସେହି କାଗଜରେ। ଆପଣ ବହୁତ ଭଲ! ମୋର କେତେ ଯତ୍ନ ନେଉଛନ୍ତି।

ଦୁଇ–ତିନି–ଚାରି ଦିନ, ଏମିତିକି ନବରାତ୍ରି ମଧ୍ୟ ସମାପ୍ତ ହେଇଗଲା ; କିନ୍ତୁ କମଳୀ ପାଖକୁ ସହାୟତା ପାଇଁ କୌଣସି ଫୋନ୍ ଆସିଲା ନାହିଁ। ସ୍ମିତାକୁ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଥିଲା କି କାହିଁକି କମଳୀର ମନୋରଥ ପୂର୍ଣ୍ଣ ହେଲା ନାହିଁ।

"କମଳୀ! ତୁ ନିଶ୍ଚୟ ନିଜର ମୋବାଇଲ୍ ନମ୍ବର ଭୁଲ୍ ଲେଖିଥିବୁ।"

କମଳୀ ଦୀର୍ଘଶ୍ୱାସ ପକାଇ ବହୁତ ସହଜ ଭାବରେ ଉତ୍ତର ଦେଲା, "ମ୍ୟାଡାମ୍! ଆପଣଙ୍କ କହିବା ଅନୁସାରେ ମୁଁ ମୋର ମନସ୍କାମନା ଲେଖିଦେଇଥିଲି। ହେଲେ ତାହା ହେଉଛି ଏମିତି ଏକ ମନସ୍କାମନା, ଯାହାକୁ କେହିବି ପୂରା କରିପାରିବେନି।"

କମଳୀ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ସ୍ମିତା ପଚାରିଲେ, "ଏମିତିତୁ କ'ଣ ମାଗିଥିଲୁ ଦେବୀମା'ଙ୍କ ପାଖରେ ଟିକିଏ ଶୁଣେ।"

ମ୍ୟାଡାମ୍! ମୁଁ ସେହି କାଗଜରେ ଲେଖିଥିଲି କି, "ହେ ଦେବୀମା'! ମୋତେ ଏତେ ଶକ୍ତି ଦିଅ କି ଜୀବନରେ କେବେ ଅନ୍ୟମାନଙ୍କ ଆଗରେ ମୋତେ ହାତ ପତେଇବାକୁ ଯେମିତି ନ ପଡ଼ୁ।"

ମୋ: ୭୯୭୮୮୩୦୬୧୧




**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ବାଂଲାଦେଶ ବନାମ ଆଫଗାନିସ୍ତାନ**

ସ୍ଥାନ: ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା ୩୦

**ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା**

ସ୍ଥାନ: ନୂଆଦିଲ୍ଲୀ, ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଶୁବମନ ଗିଲ୍‌ଙ୍କୁ ଡେଙ୍ଗୁ ସନ୍ଦେହ

**ଚେନ୍ନାଇ, ୬।୧୦ (ପି.ଟି.):** ଶୁବମନ ଗିଲ୍ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଅଷ୍ଟ୍ରେଲିଆ ବିପକ୍ଷ ଓପନିଂ ମ୍ୟାଚ ପୂର୍ବରୁ ଏହି ଖବର ଭାରତୀୟ ଦଳକୁ ଶକ୍ତ ଧକ୍କା ଦେଇଛି। ଗିଲ୍ ଯଦି ନ ଖେଳନ୍ତି ତେବେ ତାଙ୍କ ସ୍ଥାନରେ ଇଶାନ କିଶନ ଇନିଂସ ଓପନ କରିପାରନ୍ତି। ଗିଲ୍‌ଙ୍କ ଅସୁସ୍ଥତାର କାରଣ ସମ୍ପର୍କରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ କରାଯାଇ ନାହିଁ। ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛି। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ଫେରିବେ ବୋଲି ଆଶା କରାଯାଉଛି। ଖବର ଅନୁସାରେ ଗିଲ୍ ଚେନ୍ନାଇରେ ପହଞ୍ଚିବା ପରଠାରୁ ଜ୍ୱରରେ ପୀଡ଼ିତ ଅଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ